R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୩
ତିଥି: ଏକାଦଶୀ
୦୭ ସେପ୍ଟେମ୍ବର ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 333
07 September 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଦିଲ୍ଲୀରେ କୋଠା ଭୁଶୁଡ଼ି ୩ ଛାତ୍ର ମୃତ, ଅନେକ ଆହତ

ନୂଆଦିଲ୍ଲୀ, ୬।୯ : ଦକ୍ଷିଣପଶ୍ଚିମ ଦିଲ୍ଲୀର ସତ୍ୟ ନିକେତନରେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ୧୧ଟା ବେଳେ ଏକ ୬ ମହଲା କୋଠା ଭୁଶୁଡ଼ି ପଡ଼ିଛି। ଧ୍ୱସ୍ତ କୋଠାରେ ବହୁ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଏଥିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି।

ସୂଚନା ଅନୁଯାୟୀ ଏହି କୋଠାଟି ପେଇଂ ଗେଷ୍ଟ ବାସସ୍ଥାନ ଭାବେ ଚାଲିଥିଲା। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ୪୦ ରୁ ୫୦ ବର୍ଷର କୋଠାଟି ଭୁଶୁଡ଼ିବା ବେଳେ ସେଠାରେ ପ୍ରାୟ ୫୦ ଜଣ ଛାତ୍ର ଥିଲେ। ରବିବାର ହୋଇଥିବାରୁ ପ୍ରାୟ ସମସ୍ତେ ଏହି କୋଠାରେ ଥିଲେ ବୋଲି ସେ କହିଛନ୍ତି।



ଅନ୍ୟପକ୍ଷରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ପୋଲିସ, ଦମକଳ ବାହିନୀ, ଆମ୍ବୁଲାନ୍ସ ଓ ଜରୁରୀକାଳୀନ ସେବା ପ୍ରଦାନକାରୀ ଅନ୍ୟାନ୍ୟ ସଂସ୍ଥାର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

କୋଠା ଭୁଶୁଡ଼ିବା ପରେ ପରେ ପୋଲିସ୍ ଓ ଅଗ୍ନିଶମ ବାହିନୀକୁ ଅପେକ୍ଷା ନ କରି ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ଏନେଇ କିଛି ଭିଡିଓ ସାମ୍ନାକୁ ଆସିଛି। ଏଥିରୁ ଗୋଟିଏ ଭିଡିଓରେ ଦେଖିବାକୁ ମିଳିଛି ଯେ କୋଠାର ଧ୍ୱଂସାବଶେଷ ମଧ୍ୟରୁ ସ୍ଥାନୀୟ ଲୋକେ ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରୁଥିଲେ। ଏହି ଘଟଣା ସଂପର୍କରେ (୯ ପୃଷ୍ଠାରେ)

- ◇ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ନିୟୋଜିତ
- ◇ ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା
- ◇ ଭଗ୍ନାବଶେଷ ତଳେ ୫୦ ଛାତ୍ର ଫସିଥିବା ଆଶଙ୍କା

## ଇରାନ ଆକ୍ରମଣରେ ଆମେରିକାର ୩ ତୈଳ ଜାହାଜ ଧ୍ୱଂସ

ନୂଆଦିଲ୍ଲୀ, ୬।୯ : ଆହୁରି ତୀବ୍ର ହେଲା ଇରାନ୍-ଆମେରିକା ଯୁଦ୍ଧ । ଏକ ମାସର ଶାନ୍ତି ପରେ ଗତ ସପ୍ତାହରେ ପୁଣିଥରେ ସଂଘର୍ଷ ଆରମ୍ଭ ହୋଇଥିଲା। ଶନିବାର ଦିନ ଆମେରିକା ଓ ଇରାନ ମଧ୍ୟରେ ଜାହାଜଗୁଡ଼ିକ ଉପରେ ପାଲଟା ଆକ୍ରମଣ ହୋଇଛି। ଆମେରିକୀୟ ସେନା କହିଛି ଯେ ସେମାନେ ଇରାନର ଦୁଇଟି ତୈଳ ବୋଝେଇ ଜାହାଜକୁ (ଟ୍ୟାଙ୍କର) ଅଚଳ କରିଦେଇଛନ୍ତି । ଓମାନ ଉପସାଗରରେ ତୃତୀୟ ଜାହାଜଟିକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଛନ୍ତି। ଇରାନର ସରକାରୀ ଗଣମାଧ୍ୟମ ଏହି ଆକ୍ରମଣକୁ ନିଶ୍ଚିତ କରିଛି ଏବଂ କହିଛି ଯେ ଆମେରିକାର ତିନୋଟି ଜାହାଜ ଅନୁମୋଦିତ ନଥିବା ପଥ ଦେଇ ହରମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଅନ୍ୟ ତିନୋଟି ତୈଳ ବୋଝେଇ ଜାହାଜ ଉପରେ ଆକ୍ରମଣ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସଂଘର୍ଷକୁ ସାମାନ୍ୟ ଘଟଣା କହିବାର ଗୋଟିଏ ଦିନ ପରେ ଏହି ଆକ୍ରମଣ ହୋଇଛି ।

ଇରାନର ଏହି ପାଲଟା ଆକ୍ରମଣର ଖବର ଆସିବାର କିଛି ଘଣ୍ଟା ପୂର୍ବରୁ ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ସୋସିଆଲ ମିଡିଆରେ ଲେଖିଥିଲେ, 'ଏହା ସରଳ କଥା, ଯଦି ଇରାନ ଆମେରିକୀୟ ଜାହାଜ ଉପରେ ଗୁଳି ଚଳାଏ, ତେବେ ଆମେ ସେମାନଙ୍କ ତୈଳ ବୋଝେଇ (୯ ପୃଷ୍ଠାରେ)

### ବିଜେପିର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ସାଙ୍ଗଠନିକ ଦୃଷ୍ଟିରୁ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ କରିବାକୁ ଆହ୍ୱାନ

କଟକ/ଭୁବନେଶ୍ୱର, ୬।୯ (ସବ୍ୟୁ) : ସାଙ୍ଗଠନିକ ଦୃଷ୍ଟିରୁ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଛନ୍ତି ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ଓଡ଼ିଶାର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ। କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଯୋଗୁଁ ରାଜ୍ୟରେ ଦଳ ସରକାର ଗଠନ କରିଥିବାରୁ ଏବେ ସଂଗଠନକୁ ଆହୁରି ସୁଦୃଢ଼ କରିବା ଏବଂ ତୃଣମୂଳ ସ୍ତରରେ ନେତୃତ୍ୱର ବିକାଶ କରିବା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। କଟକରେ ଆୟୋଜିତ ଦୁଇଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ପ୍ରଥମ ଦିନରେ ଉଦ୍‌ଘାଟନୀ ଅଭିଭାଷଣ ଦେଇ ଶ୍ରୀ ବଂଶଲ




କହିଥିଲେ, ଦୀର୍ଘ ବର୍ଷର ସଂଘର୍ଷ ପରେ ରାଜ୍ୟରେ ବିଜେପି ସରକାର ଗଠନ କରିଛି। ଏହା ପରେ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ବଢ଼ିଛି। ସଂଗଠନ ଦୁର୍ବଳ ଥିବା ପ୍ରତ୍ୟେକ ବିଧାନସଭା, ମଣ୍ଡଳ ଓ ବୁଥ୍‌ରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ବଡ଼ ଆହ୍ୱାନ। ସମାଜର ସବୁ ବର୍ଗର ଲୋକଙ୍କୁ ଦଳ ସହ ଯୋଡ଼ିବା ସହ ବୁଥ୍‌ରୁ ଆରମ୍ଭ କରି ବିଧାନସଭା ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ସଂଗଠନକୁ ସକ୍ରିୟ ଓ ସକ୍ଷମ କରିବାକୁ ସେ ଆହ୍ୱାନ ଦେଇଥିଲେ।

ନିର୍ବାଚିତ ଜନପ୍ରତିନିଧିମାନେ ଜନସମ୍ପର୍କ ସୁଦୃଢ଼ କରି (୯ ପୃଷ୍ଠାରେ)

### ଫୁଟବଲ ପଡ଼ିଆରେ ବଜ୍ରପାତ

## ନାବାଳକ ମୃତ, ୨ ଗୁରୁତର

ସୁନ୍ଦରଗଡ଼, ୬।୯ (ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା ଅଞ୍ଚଳରେ ରବିବାର ବଜ୍ରପାତ ଘଟି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି। କାଲୋଷିହିରିଆ ଗେଲ ଇଣ୍ଡିଆ ଫୁଟବଲ ପଡ଼ିଆରେ ରବିବାର ଫୁଟବଲ ଖେଳ ଚାଲୁଥିଲାୟ।

ଅପରାହ୍ନ ପ୍ରାୟ ସାଢ଼େ ୨ଟା ବେଳେ ହଠାତ୍ ବିଜୁଳି ସହ ଘଡ଼ଘଡ଼ି ଓ ବର୍ଷା ହୋଇଥିଲା। ଖେଳ ଦେଖୁଥିବା କାଲୋଷିହିରିଆ ମିଞ୍ଜ ବସ୍ତିର ସୁନୀଲ ମିଞ୍ଜଙ୍କ ପୁଅ ଅମିତ ମିଞ୍ଜ (୧୫) ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ନିକଟରେ ଥିବା କାଲୋଷିହିରିଆ ସାଧୋବସ୍ତିର ସମୀର ତିର୍କି (୧୬) ଓ ସାନ କାଲୋଷିହିରିଆ ଗ୍ରାମର କୃଷ୍ଣ ଗଞ୍ଜୁ (୧୫) ଆହତ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ କୁଆରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ (୯ ପୃଷ୍ଠାରେ)


## ବିଷାକ୍ତ ମଦ ପିଇ ୧୨ ମୃତ, ୩୦ ଗୁରୁତର

ଭୋପାଳ, ୬।୯ : ମଧ୍ୟପ୍ରଦେଶର ସାଗର ଜିଲ୍ଲାରେ ବିଷାକ୍ତ ମଦ ପିଇବା ଯୋଗୁଁ ୧୨ ଜଣଙ୍କର ମୃତ୍ୟୁ ଘଟିଥିବାର ଅଭିଯୋଗ ହୋଇଛି । ଆଉ ୩୦ରୁ ଅଧିକ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହା ପରେ କର୍ତ୍ତୃପକ୍ଷ ଘଟଣାର ତଦନ୍ତ ଆରମ୍ଭ କରିବା ସହ ପ୍ରଭାବିତ ଗ୍ରାମଗୁଡ଼ିକରେ ଡାକ୍ତରୀ ଯାଞ୍ଚ ଆରମ୍ଭ କରିଛନ୍ତି । ଆଉ ମଦ ଦୋକାନଗୁଡ଼ିକୁ ସିଲ୍ କରିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଏପର୍ଯ୍ୟନ୍ତ ମିଳିନାହିଁ।

ଅଧିକାରୀମାନେ କହିଛନ୍ତି ଯେ ଶବ ବ୍ୟବଚ୍ଛେଦ ଏବଂ ଫୋରେନସିକ୍ ରିପୋର୍ଟ ମିଳିବା ପରେ ହିଁ ସମ୍ପୂର୍ଣ୍ଣ ଘଟଣା ସ୍ପଷ୍ଟ ହେବ।ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବ ବିଷାକ୍ତ ମଦ ଯୋଗୁଁ ହୋଇଥିବା ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏବଂ କହିଛନ୍ତି ଯେ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସେ କହିଛନ୍ତି ଯେ ମନ୍ତ୍ରୀ ଓ ଅଧିକାରୀମାନଙ୍କୁ ତୁରନ୍ତ (୯ ପୃଷ୍ଠାରେ)



ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ
୨୩ତମ ଶ୍ରାଦ୍ଧବାର୍ଷିକୀ ସମାରୋହ
କାର୍ଯ୍ୟକ୍ରମ
ସକାଳ ୭ ଘଟିକା
ସମୟ କାର୍ଯ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାସୁମନ
ସକାଳ ୯.୩୦ ଘଟିକା
କଟକ ବାରବାଟୀ ଷ୍ଟାଡିୟମ୍ ନିକଟ, ଦୟାଶ୍ରମ ରୋଡ୍,
ତୁଳସୀପୁରସ୍ଥ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ
ସନ୍ଧ୍ୟା ୬ ଘଟିକା
ରାଜ୍ୟସ୍ତରୀୟ ସ୍ମୃତିସଭା, ଜୟଦେବ ଭବନ, ଭୁବନେଶ୍ୱର
ସମ୍ମାନନୀୟ ଅତିଥି
ଶ୍ରୀମତୀ ତନୟା ପଟ୍ଟନାୟକ
(ସମ୍ପାଦକ, ସମ୍ବାଦ)
ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ
(ସଭାପତି, ବିଜେପି ମହିଳାମୋର୍ଚ୍ଚା, ଓଡ଼ିଶା)
ଶ୍ରୀମତୀ ଇପ୍‌ସିତା ସାହୁ
(ରାଜ୍ୟ ସଭାପତି, ବିଜୁ ଛାତ୍ର ଜନତା ଦଳ)
ଶ୍ରୀମତୀ ସଂଘମିତ୍ରା ଜେନା
(ରାଜ୍ୟ ସଭାପତି, ଏଆଇଏସ୍‌ଏଫ୍)
ଡ. ମନୀଶା ତ୍ରିପାଠୀ
(ଏଆଇସିସି ମେମ୍ବର)
ଅଧକ୍ଷତା କରିବେ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର
(ସଭାପତି, ରାଜ୍ୟସ୍ତରୀୟ କର୍ମବୀର ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟି)
ତାରିଖ : ୭ ସେପ୍ଟେମ୍ବର ୨୦୨୬



# କର୍ମଯୋଗୀ ବସନ୍ତ ବିଶ୍ୱାଳ

## ମାନସସନ୍ତାନ 'ସମୟ' ଖବର କାଗଜ

କେବଳ ରାଜନୀତି ନୁହେଁ ଦେଶର ଚତୁର୍ଥସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମ କ୍ଷେତ୍ରରେ ମଧ୍ୟ ତାଙ୍କର ରହିଛି ଅତୁଳନୀୟ ଅବଦାନ । ଲୋକଙ୍କ ସମସ୍ୟାକୁ ସମାଧାନ କରିବାର ଏକ ନୂଆ ଉପାୟ ଭାବେ ସେ ଗଣମାଧ୍ୟମକୁ ପାଥେୟ କରିଥିଲେ । ତାଙ୍କ ମାନସସନ୍ତାନ ଭାବେ ୧୯୯୬ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଜନ୍ମ ନେଇଥିଲା ଓଡ଼ିଶାର ପ୍ରଥମ ରଙ୍ଗୀନ ଦୈନିକ ସମ୍ବାଦପତ୍ର "ସମୟ" । ରାଜଧାନୀ ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ପ୍ରକାଶ ପାଇବା ଆରମ୍ଭ କରିଥିଲା । ସେତେବେଳେ ତାହାର ସବୁ ପୃଷ୍ଠା ଥିଲା ରଙ୍ଗୀନ । ଯାହା ଥିଲା ଏକ ଅଭିନବ ପ୍ରଚେଷ୍ଟା । ସେତେବେଳେ ଏହି ଖବର କାଗଜ ଓଡ଼ିଶାର ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ କରିବାରେ ବେଶ୍ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା । ଶ୍ରୀ ବିଶ୍ୱାଳ ସେତେବେଳେ ନିଜେ ଏହାର ମଙ୍ଗ ସମ୍ଭାଳି ଏହାକୁ ଓଡ଼ିଶାବାସୀଙ୍କ ସେବାରେ ଉତ୍ସର୍ଗୀକୃତ କରିଥିଲେ । ବିଗତ ୩୦ ବର୍ଷ ଧରି ବସନ୍ତ ବିଶ୍ୱାଳଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି 'ସମୟ' ଖବରକାଗଜ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଆଗକୁ ଚାଲିଛି ।



ଧର୍ମପତ୍ନୀ ମୀରା ବିଶ୍ୱାଳଙ୍କ ସହିତ


ଓଡ଼ିଶା ରାଜନୀତିର ଅନ୍ୟତମ ବରିଷ୍ଠ ରାଜନୀତିଜ୍ଞ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ନିର୍ଭୀକ ଜନନେତା ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କର ଆଜି ପୁଣ୍ୟ ଶ୍ରାଦ୍ଧ ବାର୍ଷିକ । ୧୯୩୬ ମସିହା ଜୁଲାଇ ୨୩ ତାରିଖରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଅଞ୍ଚଳ ତୁଳଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଏହି ମହାନ କର୍ମଯୋଗୀ ନିଜର ସାଙ୍ଗଠନିକ ଦକ୍ଷତା, ଦୂରଦୃଷ୍ଟି ବଳରେ ଜାତୀୟ କଂଗ୍ରେସ ଦଳ ମାଧ୍ୟମରେ ରାଜ୍ୟ ରାଜନୀତିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ନଗର ଉନ୍ନୟନ, ପୂର୍ତ୍ତ ଓ ଜଳସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଭାବେ ନିଜର କାର୍ଯ୍ୟକାଳ ମଧ୍ୟରେ ସେ କଟକ ଓ ଭୁବନେଶ୍ୱରରେ ଅନେକ ବିକାଶ ମୂଳକ ଉନ୍ନୟନ କାର୍ଯ୍ୟ କରିଥିଲେ । କେବଳ କଟକ ଭୁବନେଶ୍ୱର ନୁହେଁ, ରାଜ୍ୟସାରା ବହୁ ଗୁରୁତ୍ୱପୂର୍ଣ୍ଣ ପୋଲ ଓ ଜଳସେଚନ ପ୍ରକଳ୍ପର ସେ ନିର୍ମାଣ କରି ଓଡ଼ିଶା ନିର୍ମାଣରେ ସ୍ରଷ୍ଟା ଭାବେ ସେ ପ୍ରତିଷ୍ଠା ଲାଭ କରିଥିଲେ । ୨୦୦୩ ମସିହା ସେପ୍ଟେମ୍ବର ୭ ତାରିଖରେ ତାଙ୍କର ଦେହାବସାନ ଘଟିଥିଲା । ତାଙ୍କର ଅବର୍ତ୍ତମାନ ଓଡ଼ିଶାର ପ୍ରଶାସନିକ ଓ ରାଜନୀତିକ ଆକାଶରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା । ନିଜର ନୀତି ଓ ଆଦର୍ଶ ପାଇଁ ସେ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ସଦା ସ୍ମରଣୀୟ ହୋଇ ରହିବେ ।





## ବଦଳାଇଥିଲେ ଭୁବନେଶ୍ୱର ନକ୍ସା

କେବଳ କଟକ ନୁହେଁ ରାଜଧାନୀ ଭୁବନେଶ୍ୱରର ରୂପରେଖ ମଧ୍ୟ ବଦଳାଇବାରେ ମଧ୍ୟ ତାଙ୍କର ଅବଦାନ ଅତୁଳନୀୟ । ୧୯୮୦ ବେଳକୁ ରାଜଧାନୀ ଭୁବନେଶ୍ୱରର ରାସ୍ତାଘାଟ ଅତି ଦୟନୀୟ ଅବସ୍ଥାରେ ଥାଏ । ସେତେବେଳେ ବସନ୍ତ ବିଶ୍ୱାଳ ପୂର୍ତ୍ତ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀଭାବେ ଏହାକୁ ସୁଧାରିବାକୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ । ସେହିଭଳି ଭୁବନେଶ୍ୱରରେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରି ରାଜଧାନୀ ଓ ତାର ଆଖପାଖ ଅଞ୍ଚଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବଡବଡ ଆପାର୍ଟମେଣ୍ଟ ନିର୍ମାଣ କରିବା ଆରମ୍ଭ ମଧ୍ୟ କରିଥିଲେ । ଭୁବନେଶ୍ୱରକୁ ଏକ ସୁନ୍ଦର ସହର ଭାବେ ନିର୍ମାଣ କରିବାରେ ତାଙ୍କର ଥିଲା ଖୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା । ଭୁବନେଶ୍ୱରରେ ତାଙ୍କ ଉଦ୍ୟମରେ ଆୟୋଜିତ ହୋଇଥିଲା ଭାରତୀୟ ସଡ଼କ କଂଗ୍ରେସ (ଆଇଆର୍‌ସି)ର ସର୍ବଭାରତୀୟ ସମ୍ମିଳନୀ । ଏଥିରେ ଅନେକ ବଡ ବଡ ନେତା ଓ ବୈଷୟିକ ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଏତେ ବଡ଼ ସମ୍ମିଳନୀରେ ଯୋଗ ଦେବାକୁ ଆସିଥିବା ଲୋକଙ୍କ ରହଣୀ ଲାଗି ସେ ସମୟରେ ଭୁବନେଶ୍ୱରରେ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିଲା । ଏହାକୁ ଆଖିଆଗରେ ରଖି ନୂଆପଲ୍ଲୀ ଅଞ୍ଚଳରେ ସେ ନିର୍ମାଣ କରାଇଲେ ଆଇଆରସି ଭିଲେଜ୍ । ଏହି ଅଞ୍ଚଳ ଏବେ ବିକଶିତ ଭୁବନେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇ ରହିଛି । ଏହାଛଡ଼ା ରାଜଧାନୀର ଇନ୍ଦ୍ରଧନୁ ମାର୍କେଟ୍, ଅଶୋକା ମାର୍କେଟ୍, ରୁଚିକା ମାର୍କେଟ୍ ଆଦି ତାଙ୍କ ଉଦ୍ୟମରେ ପ୍ରତିଷ୍ଠା କରାଯାଇଥିଲା ।





## ଯୁବ ନେତୃତ୍ୱଙ୍କ ପ୍ରେରଣା

ଯୁବ ନେତୃତ୍ୱଙ୍କ ପାଇଁ ସେ ଆଜି ବି ପ୍ରେରଣା । ତାଙ୍କର ଯୁବକ ସମୟର ରାଜନୀତି ସବୁବେଳେ ସମସ୍ତଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟ ହୋଇ ରହିବ । ୧୯୭୭ର ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ସାରା ଦେଶରେ ବିପର୍ଯ୍ୟୟ ଦେଖୁଥାଏ । ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଏହି ନିର୍ବାଚନରେ କ୍ଷମତା ହରାଇଥାଆନ୍ତି । ସେହି ସମୟରେ ନୂଆନୂଆ ଗଢ଼ା ଯାଇଥାଏ ଜନତା ପାର୍ଟିର ସରକାର । ତେବେ ଏହି ବିପର୍ଯ୍ୟୟ ପରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହୋଇଥାଏ । ହେଲେ ସେହି ସମୟରେ ବସନ୍ତବାବୁ ସାଜନ୍ତି ଓଡ଼ିଶା କଂଗ୍ରେସର ମେରୁଦଣ୍ଡ । ସେ ସମୟର ଯୁବନେତା ଭାବେ ଆଗକୁ ବାହାରି ଅନ୍ୟମାନଙ୍କ ପାଇଁ ସାଜନ୍ତି ପ୍ରେରଣାର ଉତ୍ସ । ସେ ସମୟର ପ୍ରତିକୂଳ ସ୍ରୋତରେ କଂଗ୍ରେସର ଯାତ୍ରା ସଫଳ କରିବା ପାଇଁ ଅଣ୍ଟା ଭିଡ଼ନ୍ତି କର୍ମଯୋଗୀ ବସନ୍ତ ବିଶ୍ୱାଳ । ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ, ଉପସଭାପତି ଆଦି ଦାୟିତ୍ୱ ଗ୍ରହଣ କରି ସେ ଦଳର କର୍ମୀମାନଙ୍କୁ ଦିଅନ୍ତି ପ୍ରେରଣା । ଗୋଷ୍ଠୀ କନ୍ଦଳରୁ ଊର୍ଦ୍ଧ୍ୱରେ ରହି ଦୁର୍ବଳ କଂଗ୍ରେସ ସଂଗଠନକୁ ସବଳ କରିବା ପାଇଁ ସେ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖନ୍ତି ଏବଂ ସଫଳ ମଧ୍ୟ ହୁଅନ୍ତି । ସମସ୍ତଙ୍କୁ ଏକାଠି କରି ଲଢ଼ିବା ଫଳରେ ୧୯୮୦ର ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଅଭୂତପୂର୍ବ ବିଜୟ ହାସଲ କରିଥିଲା । ଏହି ନିର୍ବାଚନରେ ପ୍ରାୟ ସାରା ଦେଶରେ କଂଗ୍ରେସକୁ ଜିତାଇ ପୁଣି ଶ୍ରୀମତୀ ଇନ୍ଦିରା ଗାନ୍ଧି ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ନିଅନ୍ତି । ତେଣୁ ସେତେବେଳେ ଶ୍ରୀ ବିଶ୍ୱାଳଙ୍କ ରାଜନୀତି ଜୀବନ ଯୁବ ନେତୃତ୍ୱଙ୍କ ପାଇଁ ପ୍ରେରଣା ପାଲଟିଥିଲା ।

## ଓଡ଼ିଶା ନିର୍ମାଣର ସ୍ରଷ୍ଟା

ଓଡ଼ିଶାର ସେ ହେଉଛନ୍ତି ନିର୍ମାଣର ସ୍ରଷ୍ଟା । ସାରା ରାଜ୍ୟରେ ତାଙ୍କ ଉଦ୍ୟମ କ୍ରମେ ଶତାଧିକ ରାସ୍ତା, ପୋଲ ଆଦି ନିର୍ମାଣ ହୋଇଥିଲା । ଓଡ଼ିଶା ଇତିହାସରେ ସେ ସମୟରେ ଆରମ୍ଭ ହୋଇଥିଲା ନିର୍ମାଣର ଯୁଗ । କଟକର ରିଙ୍ଗ ରୋଡ୍ ଓ ସିଡିଏ ଥିଲା ତାଙ୍କର ପରିକଳ୍ପନା, ଯାହା ପାଇଁ ଆଜି ବି କଟକ ବାସୀଙ୍କ ସ୍ମୃତିରେ ସେ ଜୀବନ୍ତ । ମହାନଦୀ ଓ କାଠଯୋଡ଼ି ନଦୀ କୂଳେ କୂଳେ ରିଙ୍ଗ ରୋଡ୍ ନିର୍ମାଣ କରାଯିବା ଫଳରେ ଗମନାଗମନରେ ସୁବିଧା ହେବା ସହିତ ବନ୍ୟା ଦାଉରୁ ହଜାର ବର୍ଷର ମହାନଗର କଟକ ସୁରକ୍ଷିତ ହୋଇପାରିଲା । ଏହି ଅବସରରେ ନଦୀ କୂଳରେ ଅବ୍ୟବହୃତ ହୋଇ ପଡ଼ିଥିବା ବିସ୍ତୀର୍ଣ୍ଣ ଜମିରେ ସିଡିଏ ସହର ଗଢ଼ି ଉଠିଲା । ଯାହା ଅଞ୍ଚଳବାସୀଙ୍କୁ ଦେଇଥିବା ସମସ୍ତ ସୁବିଧା ।





## ୧୯୮୦ରୁ ଆରମ୍ଭ ରାଜନୀତିକ ଯାତ୍ରା

୧୯୮୦ ନିର୍ବାଚନରେ ବସନ୍ତ କୁମାର ବିଶ୍ୱାଳ ତିର୍ତ୍ତୋଲ ବିଧାନସଭା ଆସନରୁ ଆରମ୍ଭ କରିଥିଲେ ନିଜର ରାଜନୀତିକ ଯାତ୍ରା । ଏହି ନିର୍ବାଚନ ଥିଲା ତାଙ୍କ ପ୍ରଥମ ରାଜନୈତିକ ପରୀକ୍ଷା, ଯେଉଁଥିରେ ସେ ସଫଳ ମଧ୍ୟ ହୋଇଥିଲା । ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱଙ୍କ ଆଗ୍ରହକ୍ରମେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାରରେ ବସନ୍ତବାବୁଙ୍କୁ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମିଳିଥିଲା । ୧୯୮୦ରୁ ୧୯୮୫ ପର୍ଯ୍ୟନ୍ତ ସେ ପୂର୍ତ୍ତ, ନଗର ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ । ତାଙ୍କ ଉଦ୍ୟମରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ ଜୀବନ୍ୟାସ ପାଇଲା । ସେତେବେଳେ ସେ ଓଡ଼ିଶା ବିକାଶ ଦିଗରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ, ଯାହା ଆଜି ବି ତାଙ୍କୁ ସମସ୍ତଙ୍କ ସ୍ମୃତିରେ ଜୀବନ୍ତ କରି ରଖିଛି । ତାଙ୍କ କର୍ମପାଇଁ ତାଙ୍କୁ ମିଳିଥିଲା କର୍ମଯୋଗୀର ଉପାଧି ।



ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ସହ





'ସମୟ'ର ଉନ୍ମୋଚନ ଉତ୍ସବ



ଜାନକୀବାବୁଙ୍କୁ ସ୍ୱାଗତ

### ଶିଶୁ ସୁରକ୍ଷା, ଥଇଥାନ ଓ ନିବାରଣ ଉପରେ ଆଲୋଚନାଚକ୍ର

# କିଶୋର ନ୍ୟାୟର କେନ୍ଦ୍ରବିନ୍ଦୁରେ ନିବାରଣ ରହିବା ଆବଶ୍ୟକ

ଭୁବନେଶ୍ୱର (ସବ୍ୟୁ): କିଶୋର ନ୍ୟାୟର କେନ୍ଦ୍ରବିନ୍ଦୁରେ ନିବାରଣ ରହିବା ଆବଶ୍ୟକ । ଆମେ ତୃଣମୂଳସ୍ତରରେ ଥିବା ଦୁର୍ବଳତାଗୁଡ଼ିକର ସମାଧାନ କରିବା ଉଚିତ । ଯାହାଦ୍ୱାରା ପିଲାମାନେ ଆଇନ ସହ ସଂଘର୍ଷରେ ନଆସନ୍ତି କିମ୍ବା ଆନୁଷ୍ଠାନିକ ଯତ୍ନର ପରିସରଭୁକ୍ତ ନହୁଅନ୍ତି । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ କିଶୋର ନ୍ୟାୟ ପ୍ରକ୍ରିୟାରେ ନିବାରଣ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରି ଏହା କହିଛନ୍ତି ।

ଭୁବନେଶ୍ୱରରେ ଜୁଭେନାଇଲ୍ ଜଷ୍ଟିସ୍ (ପିଲାମାନଙ୍କର ଯତ୍ନ ଓ ସୁରକ୍ଷା) ବା ଜେଜେ ଆଇନ ୨୦୧୫ କାର୍ଯ୍ୟକାରିତାର ଏକ ଦଶନ୍ଧି ଏବଂ ଆଗାମୀ ପନ୍ଥା ଶୀର୍ଷକ ଏକ ରାଜ୍ୟସ୍ତରୀୟ ଅଂଶୀଦାରମାନଙ୍କ ଦ୍ୱାରା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଅଧିବେଶନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଜୁଭେନାଇଲ୍ ଜଷ୍ଟିସ୍ କମିଟିର ଅଧ୍ୟକ୍ଷା ମାନନୀୟା ବିଚାରପତି ସାବିତ୍ରୀ ରଥୋ, ମହିଳା




ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ସ୍‌ଓ୍ୱାଲଙ୍କ ଦ୍ୱାରା ଜେଜେ ଆଇନ ଏବଂ ଓଡ଼ିଶାରେ ଏହାର କାର୍ଯ୍ୟକାରିତା ଉପରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରାଯାଇଥିଲା । ଏଥିସହ ୟୁନିସେଫ୍ ଓଡ଼ିଶାର ମୁଖ୍ୟ ଫିଲ୍ଡ ଅଫିସର ପ୍ରଶାନ୍ତ ଦାଶ ଦଶ ବର୍ଷର କାର୍ଯ୍ୟକାରିତା ଏବଂ ନିବାରଣମୂଳକ ଆଭିମୁଖ୍ୟ ଉପରେ ନିଜର ମତ ରଖିଥିଲେ ।

ଶିଶୁ କଲ୍ୟାଣ ସମିତି ଏବଂ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡଗୁଡିକୁ ମଜବୁତ କରିବା ସହ ମିଶନ୍ ବାତ୍ସଲ୍ୟ ଅଧୀନରେ ସମସ୍ତ ସେବାକୁ ଏକାଠି କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଆଜିକାଲି ଦେଖାଦେଉଥିବା ନୂତନ ବିପଦ ଯଥା-ସାଇବର ଅପରାଧ, ଅନଲାଇନ୍ ଶୋଷଣ, ମାନବ ଚାଲାଣ ଏବଂ ନିଶାଦ୍ରବ୍ୟ ସେବନରୁ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ୟବସ୍ଥାର ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ କର୍ମଚାରୀମାନଙ୍କର ଦକ୍ଷତା ବିକାଶ ଆବଶ୍ୟକ ବୋଲି ଉପସ୍ଥିତ ପ୍ରତିନିଧିମାନେ ମତବ୍ୟକ୍ତ କରିଛନ୍ତି ।

ବୈଷୟିକ ଆଲୋଚନାଗୁଡ଼ିକ ଚାରୋଟି ପ୍ୟାନେଲ୍ ଆଲୋଚନା ମାଧ୍ୟମରେ ଆୟୋଜିତ ହୋଇଥିଲା । ଯେଉଁଥିରେ ଶିଶୁ ସୁରକ୍ଷା ଏବଂ କିଶୋର ନ୍ୟାୟର ପ୍ରମୁଖ ଦିଗଗୁଡ଼ିକୁ ସାମିଲ କରାଯାଇଥିଲା । ପ୍ରଥମ ପ୍ୟାନେଲ୍ ଆଇନ ସହ ସଂଘର୍ଷରେ ଥିବା ଶିଶୁମାନଙ୍କର ଅଧିକାର ଉପରେ ଆଲୋକପାତ କରିଥିଲା, ଯେଉଁଥିରେ ଜଘନ୍ୟ ଅପରାଧଗୁଡ଼ିକରେ ପ୍ରାଥମିକ ଆକଳନ, ତଥା ଥଇଥାନ ବିଷୟ ଅନ୍ତର୍ଭୁକ୍ତ ଥିଲା । ଦ୍ୱିତୀୟ ପ୍ୟାନେଲରେ ଶିଶୁ କଲ୍ୟାଣ ସମିତିର କାର୍ଯ୍ୟକାରିତା, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିଶୁମାନଙ୍କର ଥଇଥାନ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଆଲୋଚନା ହୋଇଥିଲା । ତୃତୀୟ ପ୍ୟାନେଲରେ ପରିବାରକୁ ସୁଦୃଢ଼ କରିବା, ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ଫୋଷ୍ଟର କେୟାର ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା । ଚତୁର୍ଥ ପ୍ୟାନେଲରେ ଶିଶୁମାନଙ୍କ ପ୍ରତି ହେଉଥିବା ଅପରାଧର ନିରାକରଣ, ପୋଲିସ ଓ କୋର୍ଟର ଶିଶୁ-ଅନୁକୂଳ ପ୍ରକ୍ରିୟା ଏବଂ ପୀଡ଼ିତଙ୍କୁ ଆଇନଗତ ସହାୟତା ବିଷୟରେ ଆଲୋଚନା କରାଯାଇଥିଲା । ଶେଷରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର କିଶୋର ନ୍ୟାୟ କମିଟିର ସଦସ୍ୟ ବିଚାରପତି ଏମ୍‌ଏସ୍ ରମଣ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର, (ସବ୍ୟୁ): ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକଙ୍କ ସହଯୋଗରେ ଆୟୋଜିତ ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ତାହାର ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜାରି ରଖିଥିଲା । ଦ୍ୱିତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଥିଲେ ପ୍ରଖ୍ୟାତ ଓଡ଼ିଶୀ କଣ୍ଠଶିଳ୍ପୀ ଓ ପଣ୍ଡିତ ଗୁରୁ ରାମହରି ଦାସ, ଭୁବନେଶ୍ୱର ମଦର୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଶ୍ରୀମତୀ ପଲ୍ଲୀ ପଟ୍ଟନାୟକ, କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ଼.) ରବି ନାରାୟଣ ଶତପଥୀ, ବିଶିଷ୍ଟ ଶାସ୍ତ୍ରୀୟ ଓ ସୁଗମ ସଙ୍ଗୀତ କଣ୍ଠଶିଳ୍ପୀ ପାର୍ଥସାରଥୀ "ବାବୁ" ପାଣିଗ୍ରାହୀ ଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ବିଭାଗର ଡିନ୍ ଗୁରୁ ରତିକାନ୍ତ ମହାପାତ୍ର ।




ସନ୍ଧ୍ୟାର ସଙ୍ଗୀତ କାର୍ଯ୍ୟକ୍ରମ ସେନିଆ ମୈହାର ଘରାନାର ଜଣେ ବିଶିଷ୍ଟ ବାଦକ ପଣ୍ଡିତ ତେଜେନ୍ଦ୍ର ନାରାୟଣ ମଜୁମଦାରଙ୍କ ସରୋଦ ବଦନରୁ ଆରମ୍ଭ ହୋଇଥିଲା, ଯିଏ ତାଙ୍କ ସଙ୍ଗୀତରେ ଧ୍ରୁପଦ, ତନ୍ତ୍ରକାରୀ ଏବଂ ଗାୟକୀକୁ ସୁନ୍ଦର ଭାବେ ସମନ୍ୱୟ କରି ସରୋଦ ବଦନ କରିଥିଲେ । ପଦ୍ମଶ୍ରୀ ଏବଂ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ ଏହି ସରୋଦ ମହାରଥୀ ତାଙ୍କ ଧ୍ୟାନମଗ୍ନ ଏବଂ ସ୍ଥାପତ୍ୟଗତ ଭାବେ ସୁନିର୍ଦ୍ଦିଷ୍ଟ ପରିବେଷଣ ମାଧ୍ୟମରେ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ । ତାଙ୍କୁ ତବଲାରେ ସତ୍ୟଜିତ ତାଲଓ୍ୱାଲକର ସହଯୋଗ କରିଥିଲେ । ସନ୍ଧ୍ୟାର ଦ୍ୱିତୀୟାର୍ଦ୍ଧ ଏକକ ଓଡ଼ିଶୀ ନୃତ୍ୟକୁ ଉତ୍ସର୍ଗ କରାଯାଇଥିଲା, ଯେଉଁଥିରେ ପ୍ରଶଂସିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀମତୀ ଲିପ୍ସା ଶତପଥୀଙ୍କ କଳାତ୍ମକତା, ପ୍ରାଣବନ୍ତତା ଏବଂ ସୌନ୍ଦର୍ଯ୍ୟ ପ୍ରଦର୍ଶିତ ହୋଇଥିଲା । ତାଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ପଞ୍ଚଭୂତ ଯାହା ରାଗ ରାଗମାଳିକା ଓ ତାଳ ତାଳମାଳିକାରେ ନିବଦ୍ଧ ଥିଲା ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି କରିଥିଲେ । ତାଙ୍କର ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ଦେବଗାନ୍ଧାରୀ ପଲ୍ଲବୀ ଯାହାର ସଙ୍ଗୀତ ସଂଯୋଜନା ଗୁରୁ ରାମହରି ଦାସ, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ କରିଥିଲେ । ତାଙ୍କର ଅନ୍ତିମ ପ୍ରସ୍ତୁତିରେ ଥିଲା ଓଡ଼ିଆ ଅଭିନୟ କହିବାକୁ ଲାଜ ଯାହାର ସଙ୍ଗୀତ ସଂଯୋଜନା ସୁରମଣି ରମେଶ ଚନ୍ଦ୍ର ଦାସ, ତାଳ ସଂଯୋଜନା ଗୁରୁ ଗଙ୍ଗାଧର ପ୍ରଧାନ ଓ ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି କରିଥିଲେ । ତାଙ୍କୁ କଣ୍ଠରେ ରୂପକ କୁମାର ପରିଡ଼ା, ବେହେଲାରେ ଅଗ୍ନିମିତ୍ର ବେହେରା, ବଂଶୀରେ ସୌମ୍ୟ ରଞ୍ଜନ ଯୋଶୀ, ମର୍ଦ୍ଦଳରେ ସୀତାକାନ୍ତ ଜେନା ଏବଂ ମଞ୍ଜୀରାରେ ରୋହିତ ପ୍ରଧାନ ସହଯୋଗ କରିଥିଲେ । ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ ଦେବୀପ୍ରସାଦ ମିଶ୍ର କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ଡକ୍ଟର ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ ।

### ବିଏମ୍‌ସିର ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ

# ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଗୋଟିଏ ବୃକ୍ଷରୋପଣ କରନ୍ତୁ : ମେୟର

ଭୁବନେଶ୍ୱର (ସବ୍ୟୁ): ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି)-୨୦୨୬ ସପ୍ତାହ ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ହାତିଆଶୁଣି ସଂପଦ କେନ୍ଦ୍ର ନିକଟରେ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ



ଅତିଥି ଭାବେ ଯୋଗଦେଇ ମେୟର ସୁଲୋଚନା ଦାସ କହିଥିଲେ, ପ୍ରତ୍ୟେକ ବ୍ୟକ୍ତି ଯଦି ନିଜ ପାଇଁ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବେ ଏବଂ ତାର ଯତ୍ନ ନେବେ, ତେବେ ଭୁବନେଶ୍ୱର ମହାନଗର ନିଗମ ସବୁଜ ବନାନୀରେ ହସି ଉଠିବ । ବାୟୁ ପ୍ରଦୂଷଣ ରୋକିବା ପାଇଁ ବିଏମ୍‌ସି ବିଭିନ୍ନ ପଦକ୍ଷେପ ନେଇଥିବାରୁ ସମଗ୍ର ଦେଶରେ ସ୍ୱଚ୍ଛ ବାୟୁ ତାଲିକାର ଚତୁର୍ଥ ସ୍ଥାନରେ ରହିଛି । ଯଦି ଭୁବନେଶ୍ୱରବାସୀ ସମସ୍ତେ ସହଯୋଗର ହାତ ବଢାଇବେ, ନିଜ ଘର, ଆଖପାଖ ଓ ପଡିଆ ଜମିରେ ବୃକ୍ଷ ରୋପଣ କରି ତାର ଯତ୍ନ ନେବେ, ତାହେଲେ ଆମର ପର ପୀଢି ସ୍ୱଚ୍ଛ, ସବୁଜ, ସୁସ୍ଥ, ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ଭୁବନେଶ୍ୱର ଗଠନ ହୋଇପାରିବ । ବିଏମସି କମିଶନର ଚଞ୍ଚଳ ରାଣା କହିଥିଲେ, ପ୍ରତ୍ୟେକ ବ୍ୟକ୍ତି ବାୟୁ ପ୍ରଦୂଷଣ ରୋକିବା ଦିଗରେ କିପରି ସ୍ଥାୟୀ ଅଭ୍ୟାସ ଆପଣେଇବା ଉଚିତ । ପ୍ରଦୂଷଣ ମୁକ୍ତ ସ୍ଥାୟୀ ସହରୀ ଗତିଶୀଳତା ପାଇଁ ବିଏମ୍‌ସିର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ । ସହରକୁ ସ୍ୱଚ୍ଛ, ସବୁଜ ଓ ପ୍ରଦୂଷଣ ମୁକ୍ତ ଗଠନ କରିବା ପାଇଁ ନାଗରିକଙ୍କ ସହଭାଗିତା ନିହାତି ଆବଶ୍ୟକ ବୋଲି ସେ କହିଥିଲେ । ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ କହିଥିଲେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ସମଗ୍ର ଦେଶବ୍ୟାପି କରାଯାଉଛି । ବିଏମ୍‌ସି ପକ୍ଷରୁ ବାୟୁ ପ୍ରଦୂଷଣ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଅବଗତ କରାଇଥିଲେ ।

ସଂପ୍ରତି ସହରର ବିଭିନ୍ନ ସ୍ଥାନରେ ୧୫ ଟି ମିଆଓ୍ୱାକି ଜଙ୍ଗଲ ସୃଷ୍ଟି କରିବା ସହ ନଗର ବନ, ପାତ୍ରପଡ଼ା, ଓୟୁଏଟି ବାଉଁଶ ଫାର୍ମ, ପଳାଶୁଣି ଏମ୍‌ଆରଏଫ୍ ଏବଂ ଆଇସିଏଆର ଛକରେ ମୋଟ ପ୍ରାୟ ୬୦ ହଜାର ଚାରା ରୋପଣ କରାଯାଇଛି । ଏହି ଗତିକୁ ଜାରି ରଖି, ଚଳିତ ବର୍ଷ ହାତିଆଶୁଣି, ନଗର ବନ, ପାଇକରାପୁର, ଓୟୁଏଟି ବରମୁଣ୍ଡା ଏବଂ ଅନ୍ୟାନ୍ୟ ସ୍ଥାନରେ ୫୦ ହଜାରରୁ ଅଧିକ ବୃକ୍ଷ ରୋପଣ କରାଯାଇଛି । ଚଳିତ ବର୍ଷ ୧ ଲକ୍ଷ ଚାରା ରୋପଣ କରିବା ପାଇଁ ବିଏମ୍‌ସି ଲକ୍ଷ୍ୟ ରଖିଥିବା କୁହାଯାଇଛି । ସେହିପରି ସିଏସ୍‌ଆର ସହାୟତାରେ ୬ଟି ପ୍ରମୁଖ ଅଣ୍ଡରପାଶ ଏବଂ ମିଡିଆନରେ ସବୁଜୀକରଣ ଓ ତାର ରକ୍ଷଣାବେକ୍ଷଣ କରାଯାଉଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି ।

## ଅଧ୍ୟକ୍ଷ, ରାଜସ୍ୱ ସହାୟକଙ୍କ ବିରୋଧରେ ସରପଞ୍ଚ, ସମିତି ସଭ୍ୟ ମେଳି

ଗୋପ,(ସବ୍ୟୁ): ଗୋପ ବ୍ଲକ ଅଧ୍ୟକ୍ଷ ବ୍ଲକ ଉର୍ନ୍ନୟନ କାର୍ଯ୍ୟରେ ଅସହଯୋଗ କରିବା ସହିତ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କିତ ଫାଇଲ ଦସ୍ତଖତ ନକରିବା ଓ ବ୍ଲକ ରାଜସ୍ୱ ସହାୟକ କାର୍ଯ୍ୟାଳୟକୁ ବିଳମ୍ବରେ ବ୍ଲକ କାର୍ଯ୍ୟାଳକୁ ଆସିବା ସହିତ ଜନ ପ୍ରତିନିଧିମାନଙ୍କୁ ଦୃବ୍ୟବହାର କରିବା ଭଳି ସଙ୍ଗିନ ଅଭିଯୋଗ ନେଇ ରବିବାର ଦିନ ବ୍ଲକର ଏକାଧିକ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ ମାନେ ମେଳି ହୋଇ ପୁରୀ ଜିଲ୍ଲାପାଳଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ କରିଛନ୍ତି । ରବିବାର ପୂର୍ବାହ୍ନ ୧୧ ଟା ରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକାଧିକ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ବୈଠକ କରି ବ୍ଲକ ଅଧକ୍ଷା ଓ ରାଜସ୍ୱ ସହାୟକ ଗଣେଶ ପାତ୍ରଙ୍କ ବିରୁଦ୍ଧରେ ପୁରୀ ଜିଲ୍ଲା ପାଳଙ୍କୁ ଅଭିଯୋଗ କରିଛନ୍ତି ।

## ଧଉଳୀ ଗଣନାଟ୍ୟ ଯାତ୍ରା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ନୀଳମାଧବ ପୂଜକ ସଂଘ

ନୟାଗଡ଼ ,(ସବ୍ୟୁ): ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବଙ୍କୁ ଆକ୍ଷେପ କରି ଧଉଳୀ ଗଣନାଟ୍ୟ ପରିବେଷଣ କରିଥିବା ଏକ ଅଭାବନୀୟ ଦୃଶ୍ୟକୁ ନେଇ ପ୍ରଭୁ ଶ୍ରୀନୀଳମାଧବଙ୍କ ପୂଜକ ସମାଜର ସଦସ୍ୟମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଓଡିଶାର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀନୀଳମାଧବଙ୍କୁ ନେଇ ଧଉଳୀ ଗଣନାଟ୍ୟ ଯେଉଁ ଦୃଶ୍ୟ ପରିବେଷଣ କରିଛି ତାହା ଅତ୍ୟନ୍ତ ଦୁଃଖର ବିଷୟ ଅଟେ । ତେଣୁ ଯାତ୍ରା ପରିବେଷଣ କରିଥିବା ଧଉଳୀ ଗଣନାଟ୍ୟ ମାଲିକଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଭୁ ଶ୍ରୀନୀଳମାଧବଙ୍କ ପୂଜକ ସମାଜର ସଭାପତି ନିହାର ରଞ୍ଜନ ମିଶ୍ରଙ୍କ ସମେତ କଣ୍ଟିଲୋ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି । ତେବେ ଏ ସଂପର୍କରେ ଶ୍ରୀନୀଳମାଧବଙ୍କ ପୂଜକ ସମାଜର ପକ୍ଷରୁ ଆସନ୍ତାକାଲି ସୋମବାର ସଂପୃକ୍ତ ଧଉଳୀ ଗଣନାଟ୍ୟ ମାଲିକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନୟାଗଡ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇ ଦିଆଯିବ ବୋଲି ଶ୍ରୀନୀଳମାଧବଙ୍କ ପୂଜକ ସମାଜର ସଦସ୍ୟମାନଙ୍କ ଠାରୁ ପ୍ରକାଶ ।

### ସରକାରୀ କାର୍ଯ୍ୟାଳୟ ସାଇନବୋର୍ଡ ପରିବର୍ତ୍ତନ ହୋଇନି

# ସଂଶୋଧିତ ଇଂରାଜୀ ବନାନ ୭ ଦିନରେ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ଓଡ଼ିଆ ଉଚ୍ଚାରଣ ସହ ସମନ୍ୱୟ ରଖି ସଂଶୋଧିତ ହୋଇଥିବା ବିଭିନ୍ନ ସ୍ଥାନ ନାଁର ଇଂରାଜୀ ବନାନକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ସମାନ ଭାବେ ବ୍ୟବହାର ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ନିଜ ଜିଲ୍ଲାର ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନର ନାମଫଳକ ତଥା ସାଇନବୋର୍ଡ ଗୁଡ଼ିକରେ ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



ଗତ ଜୁନ୍ ୨୨ରେ ଓଡ଼ିଶା ସରକାରଙ୍କ ପ୍ରକାଶିତ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ସଂଶୋଧିତ ବନାନକୁ ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସାଇନ ବୋର୍ଡରେ ଏକ ମାସ ମଧ୍ୟରେ ଲାଗୁ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ସେହିପରି, ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ ୬ ମାସର ସମୟସୀମା ରଖାଯାଇଛି । ସରକାରଙ୍କ ଏହି ନିଷ୍ପତ୍ତି ଅନେକ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟକାରୀ ହୋଇଛି । ଏହାର ଅଂଶସ୍ୱରୂପ ଅନୁଗୁଳକୁ ଅନୁଗୋଳ, ବାଲେସୋରେକୁ ବାଲେଶ୍ୱର, କେନ୍ଦ୍ରାପରାକୁ କେନ୍ଦ୍ରାପଡ଼ା ଏବଂ କଟକ ଭାବେ ସଂଶୋଧିତ ଇଂରାଜୀ ବନାନରେ ବ୍ୟବହାର କରାଯାଉଛି ।

#### ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗର କଡ଼ା ନିର୍ଦ୍ଦେଶ

କେତେକ ସରକାରୀ କାର୍ଯ୍ୟାଳୟର ସାଇନ ବୋର୍ଡରେ ଏପର୍ଯ୍ୟନ୍ତ ପୁରୁଣା ଇଂରାଜୀ ବନାନ ବ୍ୟବହୃତ ହେଉଥିବା ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର ହୋଇଛି ।

ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସରକାରୀ ସାଇନ୍‌ବୋର୍ଡର ସମୀକ୍ଷା କରି ସଂଶୋଧିତ ଇଂରାଜୀ ବନାନର ସମାନ ଓ ସମୁଚିତ ବ୍ୟବହାର ସୁନିଶ୍ଚିତ କରିବାକୁ କୁହାଯାଇଛିଛ ଏଥିସହ ବେସରକାରୀ ଓ ଅଣ-ସରକାରୀ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ମଧ୍ୟ ଏହି ପରିବର୍ତ୍ତନକୁ ସକରାତ୍ମକ ଭାବେ ଗ୍ରହଣ କରି ସଂଶୋଧିତ ବନାନର ବ୍ୟାପକ ବ୍ୟବହାର ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଏହି କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସମ୍ପୂର୍ଣ୍ଣ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହ ଏ ସମ୍ପର୍କରେ ଏକ ସପ୍ତାହ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ।

## କନ୍ଧନୟାଗଡ଼ ରାଧାକୃଷ୍ଣ ସେବା ସଂସ୍ଥାର ନନ୍ଦୋତ୍ସବ

ଟାଙ୍ଗୀ,(ସବ୍ୟୁ): ମହାନ ସଂଗ୍ରାମୀ ଗ୍ରାମ କନ୍ଧ ନୟାଗଡ଼ରେ ଉତ୍ସାହ ଉଦ୍ଦୀପନା ମଧ୍ୟରେ ରାଧାକୃଷ୍ଣ ସେବା ସଂସ୍ଥା ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଷୋଡଶ ବାର୍ଷିକ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି । ଶନିବାର ଅପରାହ୍ନରେ ଏକ ରଙ୍ଗାରଙ୍ଗ ଆକର୍ଷଣୀୟ ଶୋଭାଯାତ୍ରା ସାରା ଗ୍ରାମ ପରିକ୍ରମା କରିବା ପରେ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିର ପାଶ୍ୱର୍ରେ ଏକ ସଭାରେ ମିଳିତ ହୋଇଥିଲେ । ବରିଷ୍ଠ ଆଇନଜୀବୀ ତଥା ଖାଉଟି ଅଦାଲତର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଧ୍ୟାତ୍ମିକ ସଭାରେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଶିଷ୍ଟ ସମାଜସେବୀ ସଂଗଠକ ଡା ସନ୍ତୋଷ କୁମାର ଲେଙ୍କା, ସାମାଜିକ କର୍ମୀ ପଦ୍ମନାଭ ବିଶ୍ୱାଳ ,ଲକ୍ଷ୍ମୀଧର ବେହେରା, କୃଷ୍ଣଗୋପାଳ ବାଚସ୍ପତି, ଅଖିଳ କୁମାର ବେହେରା, ଯୁବନେତା ପ୍ରଫୁଲ୍ଲ କୁମାର ନାୟକ ଓ ଜଳଧର ମହାରଣାପ୍ରମୁଖ ନିଜନିଜର ବକ୍ତବ୍ୟ ପ୍ରଦାନ କରି ସଂସ୍ଥାର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ।

### ଏଫସିଆଇ ଚାଷୀଙ୍କ ଚାଉଳ କ୍ରୟ ନକରିବା ନେଇ

# ସାଂସଦ ଗଣ ନୀରବ କାହିଁକି : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ଏଫସିଆଇ ଆମ କଥା ଶୁଣୁନି ତେଣୁ ଚାଉଳ ଉଠୁନି ବୋଲି ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟ ରାଜ୍ୟ ସରକାରଙ୍କ ଅପାରଗତାର ପରିଚୟ




। କୃଷକଙ୍କ ଦୁଃଖ କଷ୍ଟକୁ ନେଇ କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଏବଂ କଂଗ୍ରେସ ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ରାଜ୍ୟ ସରକାରଙ୍କ କୃଷକଙ୍କ ପ୍ରତି ହେଉଥିବା ଅବିଚାର ବିଷୟରେ ନିଜ ନିଜ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ନିଜ ପ୍ରତିକ୍ରିୟା ଉପସ୍ଥାପନ କରି ଓପିସିସି ଉପସଭାପତି ଶ୍ରୀ ପଟ୍ଟନାୟକ କହିଲେ, ଡବଲ ଇଞ୍ଜିନ ସରକାର ହେଲେ ରାମରାଜ୍ୟ ଗଠନ ହେବ ବୋଲି କହିଥିବା ସରକାର କ୍ଷମତାକୁ ଆସିଲା ପରେ କେନ୍ଦ୍ର ଆମକୁ ଉପେକ୍ଷା କରୁଛି ବୋଲି କହିବା, ସାଧାରଣ ଜନତାଙ୍କ ସହ ବିଶ୍ୱାସଘାତ ସଦୃଶ୍ୟ । ଏଫସିଆଇ ଚାଉଳ ଉଠାଉନି ଏବଂ ଆମ କଥାକୁ ଏଫସିଆଇ ବେଖାତିର କରୁଛି ବୋଲି ଯୋଗାଣ ମନ୍ତ୍ରୀ ସର୍ବ ସମ୍ମୁଖରେ କହିବା ଡବଲ ଇଞ୍ଜିନର ମୁଖା ଖୋଲି ଦେଇଛି । ଏଥିରୁ ସ୍ପଷ୍ଟ କେନ୍ଦ୍ର କେବଳ ଡବଲ ଇଞ୍ଜିନ ରାଜ୍ୟକୁ ଶୋଷଣ କରିବା ପାଇଁ ବ୍ୟବହାର କରୁଛି ।

ପଶ୍ଚିମାଞ୍ଚଳ ଓଡ଼ିଶାର ଭାତହାଣ୍ଡି, ତେବେ ସେଠାରେ କୃଷକଙ୍କ ଧାନ ବିକ୍ରି ନହୋଇ ପଡି ରହିବା ପରିତାପର ବିଷୟ । ପଶ୍ଚିମାଞ୍ଚଳର ସାଂସଦ ଏହି ବିଷୟକୁ ନେଇ ଚୁପ ରହିବା କୃଷକଙ୍କ ପାଇଁ ଅତ୍ୟନ୍ତ ଦୁଃଖର ବିଷୟ । ଅନ୍ୟ ପକ୍ଷରେ କିଷାନ ସେଲ ଅଧ୍ୟକ୍ଷ ଶ୍ରୀ ସାହୁ ଘୋଷଣା କରିଛନ୍ତି ଯେ, ଚାଷୀଙ୍କ ସୁରକ୍ଷା ବିଫଳତା, ଚାଉଳ ନ ଉଠିବା ପୁଣି ଖରିଫ ଋତୁର ଚାଉଳ କେମିତି ଉଠିବ ଆଦି ପ୍ରସଙ୍ଗକୁ ନେଇ କିଷାନ କଂଗ୍ରେସ ଆସନ୍ତା ସେପେଟମ୍ବର ୧୫ ରୁ ନଭେମ୍ବର ୧୫ ଗୋଟିଏ ମାସଧରି ପ୍ରତି ଜିଲ୍ଲାରେ ୨ ଦିନ ଲେଖାଏଁ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସାମ୍ବାଦିକ ସମ୍ମିଳନୀରେ ଓପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାଶ ମଧ୍ୟ ଉପସ୍ଥିତ ଥିଲେ ।

### ଜେନାପୁର ଥାନା ପୋଲିସର ବିଚିତ୍ର ନୀତି

# ଗିରଫ ଅଭିଯୁକ୍ତକୁ ଥାନାରୁ ଛାଡି ଦିଆଯିବା ପରେ ତୀବ୍ର ପ୍ରତିକ୍ରିୟା, କାହା ଚାପରେ ଚେପା ଜେନାପୁର ପୋଲିସ ?

ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲାର ଜେନାପୁର ଥାନାରେ ଏବେ ବିଚିତ୍ର ସ୍ଥିତି ଦେଖିବାକୁ ମିଳୁଛି। ଗତ ଅଗଷ୍ଟ ୩୧ ତାରିଖ ରାତିରେ ଏକ ହତ୍ୟା ଉଦ୍ୟମ ଘଟଣାରେ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତକୁ ତଦନ୍ତ ଅଧିକାରୀ ଗିରଫକରି ଥାନାକୁ ଆଣି କୋର୍ଟ ଚାଲାଣ ପାଇଁ ଉଦ୍ୟତ ହେବା ସମୟରେ ଆଇଆଇସି ଥାନାରେ ପହଞ୍ଚିବା ପରେ ସବୁ ଓଲଟପାଲଟ ହୋଇ ଯାଇଥିବା ଦେଖାଯାଉଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିବା ପରିବର୍ତ୍ତେ ସବୁ ନିୟମ କାନୁନକୁ ଦଳି ମକଚି ଦେଇ ଆଇଓ ଗିରଫ ଅଭିଯୁକ୍ତକୁ ଥାନାରୁ ଛାଡି ଦେଇଥିବା ଦେଖିବାକୁ ମିଳିଛି। ତଦନ୍ତ ପରେ ଘଟଣାର ସମ୍ବେଦନ ଶିଳତା ଓ ସତ୍ୟତାର ପ୍ରମାଣ ପାଇବା ପରେ ଆଇଓ ଅଭିଯୁକ୍ତକୁ ଗିରଫ କରି ୪/୫ଘଣ୍ଟା ଥାନାରେ ଅଟକରଖି କୋର୍ଟ ଚାଲାଣ ପାଇଁ ପେପର ପ୍ରସ୍ତୁତ କରୁଥିଲା ବେଳେ ହଠାତ କାହିଁକି ଓ କାହା ଚାପରେ ଅଭିଯୁକ୍ତକୁ ଥାନାରୁ ଛାଡିଦେଲେ ତାହା ଏବେ ସମଗ୍ର ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ପୋଲିସର ଏପରି ଦାୟିତ୍ୱ ହୀନତା ଓ ପକ୍ଷପାତିତା କାର୍ଯ୍ୟକୁ ନେଇ ଅଭିଯୋଗକାରୀ ଓ ତାଙ୍କ ପରିବାର ତିବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ତେବେ ଦୀର୍ଘ ଦିନର ଛୁଟି ସାରି ଥାନାକୁ ଫେରିଥିବା ଆଇଆଇସି ବା କେଉଁ ଉପରିସ୍ତ ଅଧିକାରୀଙ୍କ ହସ୍ତକ୍ଷେପ ଫଳରେ ବିଚରା ଆଇଓ ଗିରଫ କରିଥିବା ହତ୍ୟା ଉଦ୍ୟମକାରୀକୁ କୋର୍ଟ ଚାଲାଣ ପରିବର୍ତ୍ତେ ଅଗତ୍ୟା ଥାନାରୁ ଛାଡି ଦେବାକୁ ବାଧ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଜେନାପୁର ଥାନା ମର୍ଯ୍ୟାଦାପୁର ଗ୍ରାମର ରଶ୍ମି ରଞ୍ଜନ ତରାଇ ନିଜଗାଁ ପାଖ ବଜାରରେ ଏକ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ର ଖୋଲିଛନ୍ତି। ଗତ ଅଗଷ୍ଟ ୩୦ ତାରିଖରେ ଟଙ୍କା ଦେଣନେଣ ପାଇଁ ସେବା କେନ୍ଦ୍ରରେ ବହୁ ମହିଳା ଓ ସାଧାରଣ ଗ୍ରାହକଙ୍କ ଭିଡ ରହିଥିଲା। ଏହି ସମୟରେ କୃଷ୍ଣଚନ୍ଦ୍ର ତରାଇ ସେଠାରେ ପହଞ୍ଚି ଅଶୀଳ ଭାଷାରେ ଗାଳିଗୁଲଜ କରି ଉନ୍ମତକାଣ୍ଡ ଭିଆଇଥିଲେ। ଯାହାକୁ ରଶ୍ମିରଞ୍ଜନ ପ୍ରତିବାଦ କରିଥିଲେ। ଏହି ଘଟଣାକୁ ନେଇ ୩୧ ତାରିଖ ରାତିରେ ରଶ୍ମି ସେବା କେନ୍ଦ୍ର ବନ୍ଦକରି ଘରକୁ ଫେରୁଥିଲା ବେଳେ କୃଷ୍ଣଚନ୍ଦ୍ର ତରାଇ ଓ ତାଙ୍କ ପରିବାରର ଅନ୍ୟ ୪ଜଣ ମିଶି ଗାଁ ଦାଣ୍ଡରେ ତାଙ୍କୁ କ୍ରିକେଟ ବ୍ୟାଟ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ରଶ୍ମିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଚେତ ହୋଇ ପଡିଥିଲା ବେଳେ ତାଙ୍କ ପରିବାର ଲୋକେ ଉଦ୍ଧାରକରି ତାଙ୍କୁ ପ୍ରଥମେ ଧର୍ମଶାଳା ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏଥିସହ ଘଟଣା ପରଦିନ ସେପ୍ଟେମ୍ବର ୧ ତାରିଖରେ ରଶ୍ମିଙ୍କ କକା ନଦୀରୁ ଗାଧୋଇ ଘରକୁ ଆସୁଥିଲା ବେଳେ ଅଭିଯୁକ୍ତ ମାନେ ତାଙ୍କୁ ମଧ୍ୟ ମାଡମାରି ଗୁରୁତର କରିଥିଲେ। ଏବେ ରଶ୍ମିଙ୍କ ମୁଣ୍ଡରେ ୧୨ ଟି ଷ୍ଟିଚ ପଡିଥିବାରୁ ସେ ଗୁରୁତର ଅଛନ୍ତି ଓ ତାଙ୍କ କକାଙ୍କ ଅବସ୍ଥା ସ୍ଥିର ରହିଛି। ଉକ୍ତ ଘଟଣାକୁ ନେଇ ଜେନାପୁର ଥାନାରେ ଗତ ୧ ତାରିଖ ଦିନ ଏତଲା ଦାୟର ହୋଇଥିଲା। ଏତଲା ପାଇ ପୋଲିସ ବିଏନଏସର ୧୦୯(୧) ହତ୍ୟା ଉଦ୍ୟମ ସହ ୬ଟି ଦଫା ଲଗାଇ ଥାନା କେଶ ନମ୍ବର ୨୩୯/୨୬ରେ ମାମଲା ପଞ୍ଜିକରଣ କରିଥିଲା। ପରଦିନ ଯାଜପୁର ଏସପି ମଧ୍ୟ ଉକ୍ତ ଘଟଣାର ତଦନ୍ତକରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବା ପରେ ଏହି ମାମଲାର ତଦନ୍ତ ଅଧିକାରୀ ଏଏସଆଇ ପ୍ରଦୀପକୁମାର ସାହୁ ୩ ତାରିଖ ସକାଳୁ ଘଟଣାର ମୁଖ୍ୟ ଅଭିଯୁକ୍ତ ଜଗବନ୍ଧୁ ତରାଇକୁ ତାଙ୍କ ଘରୁ ଗିରଫକରି ଥାନାକୁ ଆଣିଥିଲେ। ସେହି ଦିନ ପ୍ରାୟ ୨ଟା ବେଳେ ଆଇଓ ଅଭିଯୋଗକାରୀ ଓ ଘଟଣାର ପ୍ରତ୍ୟକ୍ଷଦର୍ଶୀ ମାନଙ୍କୁ ଥାନାକୁ ଡକାଇ ସାକ୍ଷ୍ୟ ଗ୍ରହଣ କରିବା ହହିତ ବୟାନ ରେକର୍ଡ କରି ପ୍ରମାଣ ସଂଗ୍ରହ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ ପାଇଁ ଉଦ୍ୟତ ହୋଇଥିଲେ । ତେବେ ଦୀର୍ଘ ଦୀନଧରି ଛୁଟିରେ ଥିବା ଆଇଆଇସି ଥାନାରେ ପହଞ୍ଚିବା ପରେ ସବୁ ଓଲଟ ପାଲଟ ହୋଇଯାଇଥିଲା । ଅଭିଯୁକ୍ତକୁ ଥାନାରୁ ଛାଡିଦେବା ପରେ ଅଭିଯୋଗକାରୀ ଓ ତାଙ୍କ ପରିବାର ଥିନାରେ ପହଞ୍ଚି ଏ ସମ୍ପର୍କରେ ଆଇଆଇସି ନିରୁପମା ଜେନାଙ୍କୁ ସାକ୍ଷାତ କରି ପଚାରିବା ପରେ ସେ ଅଭିଯୋଗ କାରୀଙ୍କୁ ୨୪ ଘଣ୍ଟା ପରେ ଆସି ଦେଖାକର ବୋଲି କହି ଥାନାରୁ ବିଦା କରି ଦେଇଥିବା ଏତଲାକାରୀ ଓ ତାଙ୍କ ପରିବାର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଚାରିବା ପାଇଁ ଆଇଓଙ୍କୁ ଯୋଗାଯୋଗ କରାଯାଇଥିଲା, ହେଲେ ଏ ସମ୍ପର୍କରେ ଆଇଆଇସିଙ୍କୁ ପଚାର ବୋଲି ସେ କହିଥିଲେ। ତେବେ ଆଇଆଇସିଙ୍କୁ ପଚାରିବାରୁ ସେ ଛୁଟିରେ ଥିଲେ ତେଣୁ ଏ ସମ୍ପର୍କରେ ଆଇଓଙ୍କୁ ପଚାର ବୋଲି ସେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସଫେଇ ଦେଇଥିଲେ। ତେବେ ଅଭିଯୁକ୍ତକୁ ଥାନାରୁ ଛଡାଯିବା ଦିନ ଗତ ୩ ତାରିଖରେ ଆଇଆଇସି ଥାନାରେ ଥିଲେ ଓ ସେ ଛୁଟିରୁ ଫେରି ସେଦିନ ୧୨ଟା ମଧ୍ୟରେ ଥାନାରେ ପହଞ୍ଚି କାର୍ଯ୍ୟରେ ଯୋଗ ଦେଇଥିବା ଖବର ନେବାରୁ ଜଣାପଡିଛି ।



ସମ୍ବଲପୁରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

### ପଲ୍ଲୀବାଣୀ ମିଶନର ଇଣ୍ଡିଆନ୍ ଏବଂ ଓଡ଼ିଶା ଜର୍ଣ୍ଣାଲିଜିମ ଆୱାର୍ଡ

## ଦେଶରେ ସାମ୍ବାଦିକତାର ପରିଦୃଶ୍ୟ ବଦଳିଛି : ଆଲୋକ ମେହେଟ୍ଟା

ନୂଆଦିଲ୍ଲୀ, (ସବ୍ୟୁ): ଭାରତରେ ଏବେ ସାମ୍ବାଦିକତାର ପରିଦୃଶ୍ୟ ବଦଳିଯାଇଛି । ସମ୍ବାଦପତ୍ର କିମ୍ବା ଟିଭି ଚ୍ୟାନେଲମାନଙ୍କର ସମ୍ବାଦ ପରିବେଷଣରେ ଆଉ ଏକଚାଟିଆ ଆଧିପତ୍ୟ ରହିନାହିଁ । ୟୁଟ୍ୟୁବ, ଫେସବୁକ ଏବଂ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପାରମ୍ପରିକ ସମ୍ବାଦର ପରିଭାଷାକୁ ବଦଳାଇବା ସହିତ ଦ୍ରୁତ ଭାବରେ ଲୋକମାନଙ୍କ ନିକଟରେ ପହଞ୍ଚୁଛନ୍ତି । ଏଣୁ ପୂର୍ବାପେକ୍ଷା ସାମ୍ବାଦିକମାନଙ୍କୁ ଏବେ ଅଧିକ ଚାପଗ୍ରସ୍ତ ଏବଂ ଚ୍ୟାଲେଞ୍ଜ ସହିତ କାମ କରିବାକୁ ପଡୁଛି । କେବଳ ସେତିକି ନୁହେଁ ରାଜନୈତିକ ଚାପ ମଧ୍ୟ ଏହି ବୃତ୍ତିକୁ ଅଧିକ ଚ୍ୟାଲେଞ୍ଜପୂର୍ଣ୍ଣ କରିଥିବା ନେଇ ଦେଶର ବିଶିଷ୍ଟ ସାମ୍ବାଦିକ ଏବଂ ଲେଖକ ପଦ୍ମଶ୍ରୀ ଆଲୋକ ମେହେଟ୍ଟା, ଇଣ୍ଡିଆନ ଏବଂ ଓଡ଼ିଶା ଜର୍ଣ୍ଣାଲିଜିମ ଆୱାର୍ଡ ପ୍ରଦାନ ସମାରୋହରେ ବକ୍ତବ୍ୟ ଦେଇ ଏହା କହିଛନ୍ତି । ନୂଆଦିଲ୍ଲୀର ପ୍ରତିଷ୍ଠିତ ଏବଂ ପୁରାତନ ଓଡ଼ିଆ ସଂଗଠନ ପଲ୍ଲୀବାଣୀ ମିଶନ ପକ୍ଷରୁ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ପ୍ରଦତ୍ତ ଦ୍ୱିତୀୟ ଇଣ୍ଡିଆନ ଜର୍ଣ୍ଣାଲିଜିମ ଆୱାର୍ଡ ଏବଂ ନବମ ଓଡ଼ିଶା ଜର୍ଣ୍ଣାଲିଜିମ ଆୱାର୍ଡ ସମାରୋହରେ ଛଅ ଜଣ ପ୍ରତିଭାବାନ ସାମ୍ବାଦିକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସମାରୋହରେ ଅନ୍ୟତମ ଅତିଥି ବକ୍ତା ଭାବରେ ବିଶିଷ୍ଟ କୂଟନୀତିଜ୍ଞ ତଥା କବି ଅମରେନ୍ଦ୍ର ଖଟୁଆ ଏବଂ ସାହିତ୍ୟ ଆଜତକ୍ ର ସଂପାଦକ ଜୟପ୍ରକାଶ ପାଣ୍ଡେ ଯୋଗ ଦେଇ ସାହିତ୍ୟ ଏବଂ ସାମ୍ବାଦିକତା ପରସ୍ପର ପରିପୂରକ ଏବଂ ସାମ୍ବାଦିକତା କ୍ଷେତ୍ରରେ ସାହିତ୍ୟର ଅଗ୍ରଣୀ ଭୂମିକ ରହିଥିବା କହିଥିଲେ । ଇଣ୍ଡିଆନ ଜର୍ଣ୍ଣାଲିଜିମ ଆୱାର୍ଡରେ ସମ୍ମାନିତ ହୋଇଥିଲେ ନବୋଦୟ ଟାଇମ୍ସର କାର୍ଯ୍ୟନିର୍ବାହୀ ସଂପାଦକ ଅକୁ ଶ୍ରୀବାସ୍ତବ, ଜୀନ୍ଦଗୀ ଉଇଥ୍ ରିଚା ୟୁଟ୍ୟୁବ ଚ୍ୟାନେଲର ପ୍ରଯୋଜକ ଏବଂ ଉପସ୍ଥାପିକା ରିଚା ଅନିରୁଦ୍ଧ ଏବଂ ଏନଡିଟିଭିର ବୈଦେଶିକ ସଂକ୍ରାନ୍ତୀୟ ଏବଂ ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ସଂପାଦକ ଆଦିତ୍ୟରାଜ କୌଲ । ସେହିପରି ଓଡ଼ିଶା ଜର୍ଣ୍ଣାଲିଜିମ ଆୱାର୍ଡରେ ସମ୍ମାନିତ ହୋଇଥିଲେ ଦୈନିକ ସଂଚାରର ମୁଖ୍ୟ ସଂପାଦକ ଅଜୀତ କୁମାର ଦାଶ, କନକ ନ୍ୟୁଜର ଉପସ୍ଥାପିକା ବିଜୟଲକ୍ଷ୍ମୀ ରଥ ଏବଂ ପ୍ରମେୟର ଅନୁଗୋଳ ସଂସ୍କରଣର



ବ୍ୟୁରୋ ମୁଖ୍ୟ ଜଳଧର ପ୍ରଧାନ । ପୁରସ୍କାରପ୍ରାପ୍ତ ସାମ୍ବାଦିକମାନେ ମଧ୍ୟ ଏହି ମଞ୍ଚରେ ନିଜର ଅଭିଜ୍ଞତା ତଥା ସାମ୍ବାଦିକତା କ୍ଷେତ୍ରରେ ପ୍ରତିମୁହୂର୍ତ୍ତରେ ଘଟୁଥିବା ପରିବର୍ତ୍ତନ, ଆହ୍ୱାନ ଏବଂ ଭବିଷ୍ୟତର ଆଶା ଆଶଙ୍କାକୁ ନେଇ ମତପୋଷଣ କରିଥିଲେ । ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସ୍ୱାଗତ ଅଭିଭାଷଣ ଏବଂ ସମାରୋହର ଉଦ୍ଦେଶ୍ୟ ପ୍ରଦାନ କରିଥିବାବେଳେ ସଂପାଦକ ନବଜ୍ୟୋତି ଦାସ, ଇପ୍ସା ପ୍ରତିବିମ୍ବିତା ଷଡଙ୍ଗୀ, ଜୀତେନ୍ଦ୍ର ନାଥ ତ୍ରିପାଠୀ, ଦେବରାଜ ମହାନ୍ତି ଏବଂ ଶୁଭମ ସାସ୍ୱତ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ ଏବଂ ସଂଗଠନର କାର୍ଯ୍ୟକର୍ତ୍ତା ସଂଗ୍ରାମ ଧର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ପ୍ରଦୀପଙ୍କ ପୁଣ୍ୟତିଥିରେ ଆଲୋଚନା ଚକ୍ର

ଭୁବନେଶ୍ୱର, (ସବ୍ୟୁ): ମନୁଷ୍ୟ ର ଜୀବନ କେବଳ ସମାଜ ପାଇଁ ସମର୍ପିତ ହେଲେ ସେ କାଳଜୟୀ ହୁଏ ।ବସ୍ତୁବାଦ ଦୁନିଆଁ ରେ ଯେଉଁ ପ୍ରତିଯୋଗିତା ଦେଖାଦେଇଛି , ତାହା ମନୁଷ୍ୟ କୁ ଏକ କୃତ୍ରିମ ଜଞ୍ଜାଳମୟ ବିଶ୍ୱ ଭେଟି ଦବାକୁ ଯାଉଛି ବୋଲି ସମାଜସେବୀ ପ୍ରଦୀପ ମହାନ୍ତି ଙ୍କ ସପ୍ତମ ପୁଣ୍ୟ ତିଥି ଅବସରରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଦୂରସଂଚାର ନିଗମ ପ୍ରେକ୍ଷାଳୟ ରେ ଅନୁଷ୍ଠିତ ସଭାରେ ' ପ୍ରଦୀପ ଟିଏ ଆସ ଜାଳିବା,ପ୍ରଦୀପ ଟିଏ ହୋଇ ଜଳିବା ' ଶୀର୍ଷକ ବିଷୟବସ୍ତୁ ଉପରେ ଅତିଥି ମାନେ ପ୍ରଦୀପ ମହାନ୍ତି ଙ୍କ ସ୍ମୃତି ଚାରଣ ସଙ୍ଗେ ସଙ୍ଗେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସ୍ୱାମୀ ଶ୍ୟାମାନନ୍ଦ , ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମହେନ୍ଦ୍ର କୁମାର ମଲ୍ଲିକ,ଅତିଥି ଭାବେ ଯୋଗ ଦାନ କରିଥିବା ବେଳେ ଗୋପାଳ ଚନ୍ଦ୍ର ମିଶ୍ର ସଭା ପରିଚାଳନା କରି ଥିଲେ।ଏହାପରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା, ଏହି କାର୍ଯ୍ୟକ୍ରମ ରେ କବି ଡକ୍ଟର ପ୍ରସନ୍ନ ପାଟଶାଣୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଥିବା ବେଳେ ଡକ୍ଟର ଅମ୍ବରିଶ ଶତପଥୀ ମୁଖ୍ୟ ବକ୍ତା ଏବଂ ଡକ୍ଟର ମିହିର ପଟ୍ଟନାୟକ ସଭାପତିତ୍ୱ କରିଥିଲେ, କବୀ ଡକ୍ଟର ପ୍ରବୀଣା ପରିଡା ଓ ଶାନ୍ତି ମିଶ୍ର ସଂଯୋଜନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟ ରେ ରବି ନାରାୟଣ ହୋତା,ତପନ ସ୍ୱାଇଁ,ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଶିବାଜି ଚରଣ ପଣ୍ଡା,ପଲ୍ଲୀଶ୍ରୀ ମହାନ୍ତି,ଅମୂଲ୍ୟ ଦାସ,ପ୍ରଣବ ମହାନ୍ତି, ପ୍ରସନ୍ନ ଦାସ,ମଧୁମିତା ସା, ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରିଶେଷ ରେ କସ୍ତୁରି ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୧୩ରେ ହିନ୍ଦ୍ ମଜଦୁର ସଭାର ସାଂଗଠନିକ ନିର୍ବାଚନ ଓ ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର(ସବ୍ୟୁ): ଆସନ୍ତା ୧୩ତାରିଖରେ ହିନ୍ଦ୍ ମଜଦୁର ସଭା ଓଡ଼ିଶା ଶାଖାର ସାଂଗଠନିକ ନିର୍ବାଚନ ସହିତ ୧୫ତମ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ସଂଗଠନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ଘୋଷଣା କରାଯାଇଛି । ନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଫିସର ଭାବେ ଅବସରପ୍ରାପ୍ତ ଯୁଗ୍ମ ଶ୍ରମ ଆୟୁକ୍ତ ଲକ୍ଷ୍ମୀଧର





ରଥ, ଉପ ରିଟର୍ଣ୍ଣିଂ ଅଫିସର ଶକ୍ତିକାନ୍ତ ସାହୁ, ସଂଗଠନର ରାଜ୍ୟ ନେତୃବୃନ୍ଦ ବିରଜା କିଙ୍କର ନାୟକ, ମନୋ ରଞ୍ଜନ ମହାରଣା, ନବକିଶୋର ମଲ୍ଲିକ, ସଂଯୁକ୍ତା ମହଲ, ଏଚ୍ଏମ୍ଏସ୍ର କାର୍ଯ୍ୟାଳୟ ସଂପାଦକ ପ୍ରଦୀପ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗତ ଅଗଷ୍ଟ ୨୨ତାରିଖରେ ଏଚ୍ଏମ୍ଏସ୍ର ଜାତୀୟ ସାଧାରଣ ସଂପାଦକ ହରଭଜନ ସିଂହ ସିଦ୍ଧୁ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶା ଏଚ୍ଏମ୍ଏସ୍ ସଂଗଠନର ପୂର୍ବ କମିଟିକୁ ଭଙ୍ଗ କରି ନୂଆ କମିଟି ପାଇଁ ନିର୍ବାଚନ କରିବାକୁ ଘୋଷଣା କରିଥିଲେ। ସେହି ପରିପ୍ରେକ୍ଷୀରେ ଓଡ଼ିଶା ଶାଖାର ନିର୍ବାଚନ ପାଇଁ ପଥ ପରିଷ୍କାର ହୋଇଛି। ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ରିଟର୍ଣ୍ଣିଂ ଶ୍ରୀ ରଥ ସୂଚନା ଦେଇଛନ୍ତି ।

### କଂଟାଛକ-ପାନବରଜ ରାସ୍ତାରେ ଆବର୍ଜନା ପାଣି

## ଦୁର୍ଗନ୍ଧରେ ଅତିଷ୍ଠ ଅଞ୍ଚଳବାସୀ; ଡ୍ରେନକୁ ଶୌଚାଳୟ ପାଣି ସଂଯୋଗ ଅଭିଯୋଗ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହରର କଂଟାଛକ-ପାନବରଜ ରାସ୍ତାରେ ଡ୍ରେନର ଦୂଷିତ ପାଣି ରାସ୍ତା ଉପରେ ପ୍ରବାହିତ ହୋଇ ଜମି ରହିବା ଯୋଗୁଁ ଅଂଚଳବାସୀ ଅସ୍ୱାସ୍ଥ୍ୟକର ପରିବେଶରେ ଦିନ କାଟୁଛନ୍ତି। କଂଟାଛକ ଠାରୁ ପାନବରଜ ରାସ୍ତା ଦେଇ ଲୋକେଶ୍ୱର ଦେବ ମନ୍ଦିର ନିକଟ ପର୍ଯ୍ୟନ୍ତ ରାସ୍ତାରେ ଦୂଷିତ ପାଣି ଜମି ରହୁଥିବାରୁ ଦୁର୍ଗନ୍ଧ ସୃଷ୍ଟି ହେବା ସହ ଯାତାୟାତରେ ମଧ୍ୟ ସମସ୍ୟା ଦେଖାଦେଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପଲ୍ଲା ହନୁମାନ ମନ୍ଦିର ନିକଟରୁ ଆସିଥିବା ଏକ ଡ୍ରେନ କଂଟାଛକ ନିକଟରେ ଅସମ୍ପୂର୍ଣ୍ଣ ଭାବେ ରହିଛି। ଡ୍ରେନ୍ ର ପାଣି ଆଗକୁ ନିଷ୍କାସିତ ହେବା ପାଇଁ ସୁବ୍ୟବସ୍ଥିତ ପଥ ନଥିବାରୁ ଏହା ରାସ୍ତା ଉପରକୁ ଆସୁଥିବା ସେମାନେ କହିଛନ୍ତି। ପରବର୍ତ୍ତୀ ସମୟରେ ଏହି ପାଣି କଂଟାଛକ ରୁ ପାନବରଜ ରାସ୍ତା ଦେଇ ଲୋକେଶ୍ୱର ଦେବ ମନ୍ଦିର ନିକଟରେ ଜମା ହେଉଛି। ଦୀର୍ଘ ସମୟ ଧରି ଦୂଷିତ ପାଣି ଜମି ରହିବାରୁ ଅଂଚଳରେ ଦୁର୍ଗନ୍ଧ ବ୍ୟାପୁଛି। ଏହା ଯୋଗୁଁ



ରାସ୍ତାରେ ଯାତାୟାତ କରୁଥିବା ପଥଚାରୀଙ୍କ ସମେତ ନିକଟସ୍ଥ ଘରର ବାସିନ୍ଦାମାନେ ଅସୁବିଧାରେ ପଡୁଛନ୍ତି। ବର୍ଷା ହେଲେ ସ୍ଥିତି ଆହୁରି ଜଟିଳ ହୋଇପଡୁଥିବା ଅଭିଯୋଗ ହୋଇଛି। ବର୍ଷାଜଳ ସହ ଡ୍ରେନ ପାଣି ମିଶି ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ସମସ୍ୟା ବଢୁଛି। ଏହି ଅଂଚଳ ରେ ଡ୍ରେନ ରେ ଘରୋଇ ନିଷ୍କାସନ ପାଣି, ଏପରିକି କେତେକ ଘର ର ଶୌଚାଳୟ ପାଣି ସଂଯୋଗ କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। କେତେକ ସ୍ଥାନରେ ଡ୍ରେନ ପାଣି ସହ ମଳ ଭାସି ଆସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଲୋକେଶ୍ୱର ଦେବ ମନ୍ଦିର ନିକଟରେ ଦୂଷିତ ପାଣି ଜମି ରହିବାରୁ ମନ୍ଦିରକୁ ଯାଉଥିବା ଶ୍ରଦ୍ଧାଳୁମାନେ ମଧ୍ୟ ସମସ୍ୟାରେ ପଡୁଛନ୍ତି। ଦୁର୍ଗନ୍ଧମୟ ପରିବେଶ ଦେଇ ମନ୍ଦିରକୁ ଯିବାକୁ ପଡୁଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଧାର୍ମିକ ସ୍ଥଳ ନିକଟରେ ଏଭଳି ପରିବେଶ ରହିବା ଅନୁଚିତ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଡ୍ରେନ ଗୁଡ଼ିକର ନିୟମିତ ସଫେଇ ହେଉନଥିବାରୁ ଆବର୍ଜନା ଓ ପଙ୍କ ଜମି ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଫଳରେ ଡ୍ରେନ୍ ରେ ଯିବାକୁ ଥିବା ପାଣି ରାସ୍ତା ଉପରକୁ ଆସୁଛି। ଦୂଷିତ ପାଣି ରାସ୍ତା ଉପରେ ଦୀର୍ଘ ସମୟ ରହିବାରୁ ରାସ୍ତାର ଅବସ୍ଥା ମଧ୍ୟ ଖରାପ ହେଉଛି।

ଅଂଚଳବାସୀଙ୍କ କହିବାନୁଯାୟୀ, ଡ୍ରେନ ନିର୍ମାଣ ସହ ଏହାର ନିୟମିତ ରକ୍ଷଣାବେକ୍ଷଣ ଓ ସଫେଇ ଉପରେ ପୌରପରିଷଦ ଗୁରୁତ୍ୱ ଦେବା ଆବଶ୍ୟକ। କେବଳ ଡ୍ରେନ ନିର୍ମାଣ କରିଦେଲେ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ହେବ ନାହିଁ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରଥମେ ରାସ୍ତା ଉପରେ ଜମିଥିବା ଦୂଷିତ ପାଣି ନିଷ୍କାସନ କରିବା, ଡ୍ରେନ୍ ରେ ଜମିଥିବା ପଙ୍କ ଓ ଆବର୍ଜନା ସଫା କରିବା ସହ ପଲ୍ଲା ହନୁମାନ ମନ୍ଦିର ନିକଟରୁ କଂଟାଛକ ପର୍ଯ୍ୟନ୍ତ ଥିବା ଡ୍ରେନର ଅସମ୍ପୂର୍ଣ୍ଣ ଅଂଶ ଯାଂଚ କରି ଆବଶ୍ୟକ ନିର୍ମାଣ କରିବାକୁ ଦାବି ହୋଇଛି। ଏଥିସହ କଂଟାଛକ ରୁ ପାନବରଜ ରାସ୍ତା ଦେଇ ଲୋକେଶ୍ୱର ଦେବ ମନ୍ଦିର ପର୍ଯ୍ୟନ୍ତ ଏକ ସୁବ୍ୟବସ୍ଥିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ଡ୍ରେନ୍ କୁ ଘରୋଇ ଶୌଚାଳୟ ବା ନିଷ୍କାସନ ପାଣି ସହ ଅନିୟମିତ ଭାବେ ସଂଯୋଗ କରାଯାଇଛି କି ନାହିଁ, ତାହା ଯାଂଚ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ପୌର ପରିଷଦ ପକ୍ଷରୁ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟାର ପ୍ରକୃତ କାରଣ ଚିହ୍ନଟ କରିବା ସହ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବାକୁ ଅଂଚଳବାସୀ ଦାବି କରିଛନ୍ତି।

## ଅରଡ଼ିଆପଦାରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ

ଫୁଲନଖରା ,(ସବ୍ୟୁ):କଟକ ସଦର ଥାନା ଅନ୍ତର୍ଗତ ଅରଡ଼ିଆପଦା ଗ୍ରାମସ୍ଥିତ ଶ୍ରୀ ଶ୍ରୀ ରାଧାମାଧବ ମନ୍ଦିର ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପବିତ୍ର ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି । ଏହି ପବିତ୍ର ଅବସରରେ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଜମିଥିବା ବେଳେ ସମଗ୍ର ଅଞ୍ଚଳ ଭକ୍ତି ଓ ଆଧ୍ୟାତ୍ମିକତାର ରଙ୍ଗରେ ରଙ୍ଗାୟିତ ହୋଇଉଠିଥିଲା । ସନ୍ଧ୍ୟାରେ ଅରଡ଼ିଆପଦା, ଆମପଡ଼ାର ଦିଘରିଆ ସାହି ଏବଂ ନଗରୀ ଗ୍ରାମର ରଙ୍ଗଣୀ ସାହିର ସଙ୍କୀର୍ତ୍ତନ ଦଳମାନଙ୍କ ପକ୍ଷରୁ ଆକର୍ଷଣୀୟ ଓଡ଼ିଶୀ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା । ଗାୟକ ବରଦା ପ୍ରସାଦ ବେଉରା, ବିଚିତ୍ର ବେଉରା, ସଞ୍ଜୟ କୁମାର ବେହେରା ଓ ସୌମ୍ୟ ସୁଲଗ୍ନା ମହାନ୍ତିଙ୍କ ସୁମଧୁର ସଙ୍କୀର୍ତ୍ତନ ପରିବେଷଣ ସମଗ୍ର ପରିବେଶକୁ ଆହୁରି ଭକ୍ତିମୟ କରିଦେଇଥିଲା । ଏହି ଉତ୍ସବର ସଫଳ ଆୟୋଜନରେ ଗ୍ରାମର ମୁରବି ଲଳିତ କୁମାର ଦାଶ, ଅଜୟ କୁମାର ବେଉରା, ଶୈଳଜାନନ୍ଦ ସାହୁ, ଲିଙ୍ଗରାଜ ମହାନ୍ତି, ରଞ୍ଜିତ କୁମାର ବେଉରା, ଉପେନ୍ଦ୍ର ବେଉରା, ପ୍ରଭାକର ପାତ୍ର, ଧୀରେନ୍ଦ୍ର ନାଥ ଓ ମଙ୍ଗଳା ପ୍ରସାଦ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ ।

### ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅକାଳ ବିୟୋଗ

## ଦକ୍ଷ, ସଚ୍ଚୋଟ ଓ ସହଯୋଗୀ କର୍ମଚାରୀଙ୍କୁ ହରାଇଲୁ : ବିଇଓ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ବିଭୁଦତ ପଟ୍ଟନାୟକଙ୍କ ରବିବାର ଅପରାହ୍ଣ ପ୍ରାୟ ୩ଟା ସମୟରେ ଅକାଳ ବିୟୋଗ ଘଟିଛି। ତାଙ୍କ ମୃତ୍ୟୁ ଖବରରେ ଖୋର୍ଦ୍ଧା ବ୍ଲକର ଶିକ୍ଷକ ସମାଜ ଓ ଶିକ୍ଷା ବିଭାଗରେ ଶୋକର ଛାୟା ଖେଳିଯାଇଛି। ବିଭୁଦତ ଫେବୃଆରୀ ୨୦୨୧ରୁ ଶାଳେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଣ୍ଡାରୁ ଡେପୁଟେସନରେ ଆସି ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ନିଜର କାର୍ଯ୍ୟଦକ୍ଷତା, ସଚ୍ଚୋଟତା, ସମୟାନୁବର୍ତ୍ତିତା ଓ ସହଯୋଗୀ ମନୋଭାବ ଯୋଗୁଁ ସେ କାର୍ଯ୍ୟାଳୟର ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ଭଦ୍ର, ସରଳ ଓ ଅମାୟିକ ସ୍ୱଭାବର ବିଭୁଦତଙ୍କ ବିୟୋଗକୁ ସହକର୍ମୀମାନେ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋନାଲିସା ନାୟକ ଗୋପବନ୍ଧୁ ସରକାରୀ ଚିକିତ୍ସାଳୟରେ ପହଁଚି ବିଭୁଦତଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।



ସେ ଦିବଙ୍ଗତଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଜଣେ ଦକ୍ଷ, ସଚ୍ଚୋଟ, ସମୟାନୁବର୍ତ୍ତୀ ଓ ସହଯୋଗୀ କର୍ମଚାରୀଙ୍କୁ ଶିକ୍ଷା ବିଭାଗ ହରାଇଲା ବୋଲି କହିଥିଲେ। ଏହି ଅବସରରେ ବେଗୁନିଆ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ଖୋର୍ଦ୍ଧା ବ୍ଲକର ସମସ୍ତ ସିଆର୍‌ସିସି ଓ କାର୍ଯ୍ୟାଳୟ କର୍ମଚାରୀ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ସମ୍ପାଦକ ଅମୀୟ କୁମାର ପରିଡ଼ା, ଉପସଭାପତି ରଶ୍ମି ଦାସ, ଜ୍ୟୋତି ନାୟକ, ରବି ନାରାୟଣ ପଣ୍ଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଦିବଙ୍ଗତଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ଓଡ଼ିଶାରୁ ଚାଉଳ ଉଠାଉ ନାହିଁ ଏଫସିଆଇ

## ସମସ୍ୟାର ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର (ସବ୍ୟୁ): ବିଜେପି ସରକାରରେ ଓଡ଼ିଶାବାସୀ ବାରମ୍ବାର ଉପେକ୍ଷିତ ହେଉଛନ୍ତି। କେନ୍ଦ୍ର ସରକାର ଓଡ଼ିଶାକୁ ପୁଣି ଉପେକ୍ଷା କରିଥିବା ବେଳେ ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଉନାହିଁ। ଯାହା ଫଳରେ ରାଜ୍ୟର ମଣ୍ଡିରେ ଚାଉଳ ପଡି ରହିଥିବା ବେଳେ ଖରିପ ଧାନ ସଂଗ୍ରହ ବାଧା ପ୍ରାପ୍ତ ହେବାର ସମ୍ଭବନା ସୃଷ୍ଟି ହୋଇଛି। ଏନେଇ ବିଜେଡି ରାଜ୍ୟ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ପ୍ରେସ ବିବୃତ୍ତି ଜରିଆରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାଜ୍ୟରୁ ଏଫସିଆଇ ଚାଉଳ ନଉଠାଇବା ପ୍ରସଙ୍ଗରେ ସମବାୟ ମନ୍ତ୍ରୀ ଦେଇଥିବା ବୟାନ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ। ପୂର୍ବରୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ନିଜ ବକ୍ତବ୍ୟରେ କେନ୍ଦ୍ର ସରକାର ଆମ କଥା ଶୁଣୁ ନାହାନ୍ତି ବୋଲି କହି ନିଜ ଅସହାୟତା ପ୍ରକାଶ କରିଥିଲେ। ବର୍ତ୍ତମାନ ସମବାୟ ମନ୍ତ୍ରୀ ନିଜ ବକ୍ତବ୍ୟ ଜରିଆରେ ହତାଶଭାବକୁ ପରିପ୍ରକାଶ କରିଛନ୍ତି। ଡବଲ ଇଞ୍ଜିନ୍ ସରକାରରେ ଓଡ଼ିଶାର ଜଣେ ମନ୍ତ୍ରୀ ଭାବେ ନିଜେ ଉତ୍ତରଦାୟିତ୍ୱ ନେଇ ହକ୍ ହାସଲ କରିବା ପାଇଁ ଲଢେଇ କରିବା ବଦଳରେ କେନ୍ଦ୍ର ସରକାରଙ୍କ ନିକଟରେ ନିଜର ଅସହାୟତା ପ୍ରକାଶ କରିଛନ୍ତି ବୋଲି ଶ୍ରୀ ଦାସବର୍ମା ପ୍ରତିକ୍ରିୟାରେ କହିଛନ୍ତି। ସେ କହିଛନ୍ତି ଯେ, ମନ୍ତ୍ରୀଙ୍କ ଏହିପରି ବକ୍ତବ୍ୟ ପ୍ରଦାନ କରିବା ସାଢେ ୪ କୋଟି ଓଡିଶାବାସୀ ତଥା ଚାଷୀକୂଳଙ୍କ ପାଇଁ ଘୋର ଅପମାନ ଅଟେ। ଗତ ୨୦୨୪ ନିର୍ବାଚନ ସମୟରେ ଓଡିଆ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର କେନ୍ଦ୍ର ସରକାରଙ୍କ ନିକଟରେ ନିଜକୁ ସମର୍ପଣ କରିଛନ୍ତି। ଏଥିପାଇଁ ଓଡିଶାବାସୀ ଆପଣ ମାନଙ୍କୁ ଭୋଟ୍ ଦେଇଥିଲେ ବୋଲି ପ୍ରଶ୍ନ କରିଛନ୍ତି। ଓଡ଼ିଶାରୁ ନିର୍ବାଚିତ ୨୦ଜଣ ବିଜେପି ସାଂସଦ ମାନେ ଦିଲ୍ଲୀରେ କଣ କରୁଛନ୍ତି? ରାଜ୍ୟର ହକ ପାଇଁ ନଲଢ଼ି କେଉଁ କାରଣ ପାଇଁ ଚୁପ ବସିଛନ୍ତି? ଯଦି ଆଗାମୀ ଦିନରେ ଚାଷୀ କୂଳଙ୍କ ସମସ୍ୟାର ସମାଧାନ ନହୁଏ ତେବେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ଏବଂ ଚାଷୀ ମାନଙ୍କ ହକ୍ ପାଇଁ ଲଢେଇ କରିବ ବୋଲି କହିଛନ୍ତି।

## କଥକନୃତ୍ୟ ପଟ୍ଟୟସୀ ଡ଼କ୍ଟର ସଂଗୀତା ସାହୁଙ୍କୁ ଗୁରୁଗୌରବ ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ରୌପ୍ୟ ନଗରୀ ହଜାରବର୍ଷର କଟକ ସହରରେ ଓଡ଼ିଶାର ଏକମାତ୍ର କଥକ ନୃତ୍ୟ ଅନୁଷ୍ଠାନ ସଂଗୀତା କଥକ ଡ୍ୟାନ୍ସ ଏକାଡେମୀରେ ସାହସ୍ରାଧିକ ବିଦ୍ୟାର୍ଥୀ ମାନଙ୍କ ମାଧ୍ୟମରେ ଦେଶ ବିଦେଶରେ କଥକ ନୃତ୍ୟର ପ୍ରଚାର ପ୍ରସାର ଓ ସାମଗ୍ରିକ ଉନ୍ନତି ପାଇଁ ବିଶିଷ୍ଟ କଥକନୃତ୍ୟ ପଟ୍ଟୟସୀ ଡ଼କ୍ଟର ସଂଗୀତା ସାହୁଙ୍କୁ ଗୁରୁଦିବସ ଅବସରରେ ବିଦ୍ୟା ବିକାଶ ସମିତି, ଓଡିଶା ତରଫରୁ ବାର୍ଷିକ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନ ପ୍ରେକ୍ଷ୍ୟାଳୟରେ ମହାସମାରୋହରରେ ଅନୁଷ୍ଠିତ ହୋଇ ଥିବାବେଳେ ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ଶ୍ରୀମତୀ ନମ୍ରତା ଚଢା କଥକ ନୃତ୍ୟଙ୍ଗନା ଡ଼କ୍ଟର ସଂଗୀତା ସାହୁଙ୍କୁ ଗୁରୁ ଗୌରବ ସମ୍ମାନ ୨୦୨୬ ରେ ପୁଷ୍ପଗୁଚ୍ଛ, ଉତ୍ତରୀୟ, ସନନ୍ଦ, ମାନପତ୍ରରେ ସମ୍ମାନିତ କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ସଭାପତି ଡାକ୍ତର ରମେଶ ଚନ୍ଦ୍ର ଦାସ, ଡାକ୍ତର ସୁଦର୍ଶନ ପଟ୍ଟନାୟକ, ପ୍ରାଧ୍ୟାପକ



ସାନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ ଉପସ୍ଥିତ ରହି ସଂଗୀତାଙ୍କ ନୃତ୍ୟମୟ ଜୀବନକୁ ଭୂୟସୀ ପ୍ରଶଂସା କରିଥିଲେ.ଡ଼କ୍ଟର ସଂଗୀତା ସାହୁ ପଶ୍ଚିମ ବଙ୍ଗଳାର ଝିଅ ହୋଇ ଥିବା ବେଳେ କଟକର କଲେଜ ଛକର ବିଶିଷ୍ଟ ରାଜନୀତିଜ୍ଞ ତଥା ବ୍ୟବସାୟୀ ଖିରୋଦ ସାହୁଙ୍କ ମଧ୍ୟମ ପୁତ୍ର ଅରୁଣ ସାହୁଙ୍କୁ ବିବାହ କରି ଦୀର୍ଘ ପଚିଶ ବର୍ଷରୁ ଅଧିକ କାଳ ହେବ ଓଡ଼ିଶାରେ ପ୍ରଥମ ଓ ଏକମାତ୍ର କଥକ ନୃତ୍ୟାନୁଷ୍ଠାନ ମାଧ୍ୟମରେ ନୃତ୍ୟ ଶିକ୍ଷା ଦେଇଆସୁଛନ୍ତି. ଡ଼କ୍ଟର ସଂଗୀତା କଥକ ନୃତ୍ୟରେ ସ୍ୱର୍ଣ୍ଣପଦକ ବିଜୟିନୀ ହୋଇଥିବା ବେଳେ ଓଡିଶୀ ଓ କଥକ ନୃତ୍ୟରେ ଉଚ୍ଚତର ଗବେଷଣା କରି ଡ଼କ୍ଟରେଟ ଉପାଧି ପ୍ରାପ୍ତ ହୋଇଛନ୍ତି।

## ୧୯୦୫ରେ ସ୍ଥାପିତ ବିଦ୍ୟାଳୟରେ ଗୁରୁ ଦିବସ ପାଳନ

ଭୁନେଶ୍ୱର (ସବ୍ୟୁ): ୧୯୦୫ରେ ସ୍ଥାପିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନନ୍ଦନ





-୧, ତିର୍ତ୍ତୋଲ, ଜଗତସିଂହପୁର ଠାରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଜୟନ୍ତୀ ଓ ଗୁରୁ ଦିବସ ରେ ବିଦ୍ୟାଳୟ ପରିଚାଳନା କମିଟି ଓ ପଞ୍ଚସଖା ସେତୁ ସଭ୍ୟ-ସଭ୍ୟାଙ୍କ ଦ୍ୱାରା ପାଳିତ ହୋଇଯାଇଛି। ଉକ୍ତ ସଭାରେ ବିଦ୍ୟାଳୟର ପୁରାତନ ଛାତ୍ର ଶିକ୍ଷାବିତ୍ ଚଣ୍ଡୀ ପ୍ରସାଦ ମହାନ୍ତି, ଗୀତିକାର ଦେବୀଦତ୍ତ ମହାନ୍ତି ଓ ଭିନି ପ୍ରା. ଲି. ର ଓଡ଼ିଶା ଶାଖା ପ୍ରମୁଖ ସୁଶାନ୍ତ ଦାସ ଉପସ୍ଥିତ ଥିଲେ । ଛାତ୍ର ଛାତ୍ରୀଙ୍କ ଦ୍ୱାରା ଗୁରୁପୁଜନ ଓ ଗୁରୁବନ୍ଦନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଅତିଥିମାନେ ଶ୍ରେଷ୍ଠ ଗୁରୁ ରାଧାକ୍ରିଷ୍ଣନଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ଦେଇ ଛାତ୍ର ଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ଏହି ଉତ୍ସବ ରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ତମସା ସ୍ୱାଇଁ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଓ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ମହାନ୍ତିଙ୍କୁ ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା। ଇତି ଅବସର ରେ ବିଦ୍ୟାଳୟ ପରିସର ରେ ବୃକ୍ଷ୍ୟ ରୋପଣ ସହିତ ଅତିଥି , ଶିକ୍ଷକ - ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ଅମୀୟ କୁମାର ମହାନ୍ତି ବୃକ୍ଷ୍ୟ ଦାନ କରି ପରିବେଶ ସୁରକ୍ଷା ପାଇଁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ଗୁରୁଦତ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରୋଟାରୀ କ୍ଲବ୍ ରେ ଗୁରୁବନ୍ଦନା ଓ ସମ୍ବର୍ଦ୍ଧନା ଉତ୍ସବ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ରୋଟାରୀ କ୍ଲବ ପରିସରରେ ଗୁରୁ ଦିବସ ଅବସରରେ ଗୁରୁବନ୍ଦନା ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ର ସଦସ୍ୟମାନେ ନିଜ ଶିକ୍ଷାଗୁରୁ ତଥା ମାର୍ଗଦର୍ଶକମାନଙ୍କୁ ସମ୍ମାନ ଜଣାଇ ଗୁରୁ-ଶିଷ୍ୟ ପରମ୍ପରାର ମହତ୍ୱକୁ ସ୍ମରଣ କରିଥିଲେ। ଏହି ଅବସରରେ ରୋଟାରିଆନ ତଥା ପୂର୍ବତନ ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ନରସିଂହ ପ୍ରସାଦ ପଟ୍ଟନାୟକ, ଡ. ସୁବୋଧ ଜଗଦେବ, ପ୍ରଫେସର ସୁକାନ୍ତ ନାୟକ ଓ ମିହିର କୁମାର ନାୟକଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କ୍ଲବ୍ ର ସଦସ୍ୟମାନେ ସମ୍ବର୍ଦ୍ଧିତ ଗୁରୁମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଗୁରୁମାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ସମାରୋହରେ ଗୁରୁଙ୍କ ମହିମା ବର୍ଣ୍ଣନା କରି ସଦସ୍ୟମାନେ କହିଥିଲେ ଯେ, ଗୁରୁ ହେଉଛନ୍ତି ଜ୍ଞାନର ଆଲୋକବର୍ତ୍ତିକା। ସନ୍ଥ ତୁଳସୀଦାସଙ୍କ 'ରାମଚରିତ ମାନସ' ରେ ଗୁରୁଙ୍କ ମହତ୍ୱକୁ ଅତ୍ୟନ୍ତ ଶ୍ରଦ୍ଧାର ସହ ବର୍ଣ୍ଣନା କରାଯାଇଛି। ଗୁରୁ ଶିଷ୍ୟର ଜୀବନରୁ ଅଜ୍ଞାନତା ଓ ଅନ୍ଧକାର ଦୂର କରି ଜ୍ଞାନର ଅକ୍ଷୟ ଆଲୋକ ପ୍ରଜ୍ୱଳିତ କରିଥାନ୍ତି। ସଦସ୍ୟମାନେ ଆହୁରି କହିଥିଲେ ଯେ, ତୁଳସୀଦାସ ରାମଭକ୍ତି ମାଧ୍ୟମରେ ମାନବ ସମାଜକୁ ଜ୍ଞାନ, ନୀତି ଓ ଭକ୍ତିର ମାର୍ଗ ଦେଖାଇଥିବାବେଳେ ଜଣେ ଶିକ୍ଷକ ମଧ୍ୟ ନିଜ ଶିଷ୍ୟଙ୍କ ଜୀବନରେ ଜ୍ଞାନର ଦୀପ ପ୍ରଜ୍ୱଳିତ କରି ତାଙ୍କୁ ସଠିକ୍ ମାର୍ଗରେ ଆଗେଇ ନେଇଥାନ୍ତି। ତେଣୁ ଗୁରୁଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ପ୍ରକାଶ କରିବା ପ୍ରତ୍ୟେକ ଶିଷ୍ୟର କର୍ତ୍ତବ୍ୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସମାରୋହରେ ରୋଟାରୀ କ୍ଲବର ବହୁ ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇ ସମ୍ବର୍ଦ୍ଧିତ ଶିକ୍ଷାବିତ୍‌ମାନଙ୍କ ପ୍ରତି ଶ୍ରଦ୍ଧା ଓ କୃତଜ୍ଞତା ଜଣାଇଥିଲେ।

# ମାସିକ ଭଞ୍ଜ ସଙ୍ଗୀତ ଆସର

ଭଞ୍ଜନଗର,(ସବ୍ୟୁ): ସ୍ଥାନୀୟ ଡିଫେନ୍ସ କଲୋନୀ ସ୍ଥିତ ଲାବଣ୍ୟବତୀ କଳା ମଣ୍ଡପ ଠାରେ ଆନନ୍ଦ ସଙ୍ଗୀତାୟନ ଅନୁଷ୍ଠାନର ଗୁରୁ ପୂଜନ ଓ ୧୦୧ତମ ଭଞ୍ଜ ସଙ୍ଗୀତ ଆସର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଗୁରୁଚରଣ ପ୍ରଧାନ ଉଦ୍ ଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ପି ରାବଣାମ୍ମା ମଞ୍ଚାସୀନ ରହିଥିଲେ । ଅନୁଷ୍ଠାନର ପୁରୋଧା ଗୁରୁଶ୍ରୀ ଅଶୋକ ମହାପାତ୍ର



କିଭଳି ନିରବଚ୍ଛିନ୍ନ ଭାବେ ତାଙ୍କ ଅନୁଷ୍ଠାନ ୧୦୧ ତମ ମାସିକ ଭଞ୍ଜ ସଙ୍ଗୀତ ଆସର ଆୟୋଜନ କରି ଆସିଛି ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ । ପରେ ସମବେତ କଣ୍ଠ ସଙ୍ଗୀତରେ ବୈଦେହୀଶ ବିଳାସ ର ବିତଳକୁ ଆଲିଙ୍ଗନ, କରି ଜାହ୍ନବୀ ଶୋଭନ ଗାନ କରାଯାଇଥିଲା । ତାପରେ 'କଳା ଶ୍ରୀମୁଖ ହେ ନଗଲା ମୋହର ଦୁଃଖ', 'କାନ୍ତ ବିନା ଦିବା ରଜନୀ ସଜନୀ', 'କୁଞ୍ଜ ବନେ କଳା ନିଧି କଳା ନିଧି' ଓ 'ପ୍ରାଣ ମିତଣୀ ଗୋ ଯାହା ମୁଁ ଦେଖିଲି ଆଜ' ଆଦି ଗୋଟିଏ ପରେ ଗୋଟିଏ ଭଞ୍ଜ ସଙ୍ଗୀତ ଗାନ କରାଯାଇଥିଲା । ତେବେ ଗୁରୁଦିବସ ଅବସରରେ ଆୟୋଜିତ ଏହି ସଙ୍ଗୀତ ସନ୍ଧ୍ୟାକୁ ସମସ୍ତ କଣ୍ଠଶିଳ୍ପୀ ନିଜ ଗୁରୁଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିଲେ । ଅନୁଷ୍ଠାନର କଣ୍ଠଶିଳ୍ପୀ ରଶ୍ମିତା, ଶୁଭସ୍ମିତା, ଅଭିଷେକ, ଅଶୋକ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ । ଶେଷରେ ଅନୁରାଧା ମହାପାତ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଡୁମୀଙ୍କ ଏସ୍‌ଟି ମାନ୍ୟତା ଦାବିରେ କଳା ଦିବସ

ବାରିପଦା, (ସବ୍ୟୁ) : କୁଡୁମୀ ଜାତିକୁ ଅନୁସୂଚିତ ଜନଜାତି (ଏସ୍‌ଟି) ମାନ୍ୟତା ପ୍ରଦାନ ଦାବିରେ ରବିବାର ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ କୁଡୁମୀ ସେନା ପକ୍ଷରୁ କଳା ଦିବସ ପାଳିତ ହୋଇଛି । ୧୯୫୦ ମସିହା ସେପ୍ଟେମ୍ବର ୬ତାରିଖରେ କୁଡୁମୀ ଜାତିକୁ ଆଦିବାସୀ ତଥା ଏସ୍‌ଟି ବର୍ଗରୁ ବାଦ୍ ଦିଆଯାଇଥିବା ଦାବି କରି, ଏହାକୁ ଐତିହାସିକ ଅନ୍ୟାୟ ଭାବେ ଅଭିହିତ କରି ପ୍ରତିବର୍ଷ ଏହି ଦିନକୁ କୁଡୁମୀ ସେନା ପକ୍ଷରୁ କଳା ଦିବସ ଭାବେ ପାଳନ କରାଯାଉଛି । କୁଡୁମୀ ସେନାର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ମୟୂରଭଞ୍ଜ ସମେତ ଓଡ଼ିଶାରେ କୁଡୁମୀ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ୧୦ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିବା ଜଣାପଡ଼ିଛି । ବାରିପଦାରେ କଳା ଦିବସ ପାଳନ ଅବସରରେ କୁଡୁମୀ ସମ୍ପ୍ରଦାୟର ଶତାଧିକ ଲୋକ ନୁହେଁ, ବରଂ ସହସ୍ରାଧିକ ସଂଖ୍ୟାରେ ଲୋକ କଳା ଫିତା ପିନ୍ଧି



ଓ କଳା ପତାକା ଧରି ଏକତ୍ରିତ ହୋଇଥିଲେ । ସ୍ଥାନୀୟ ମଧୁବନ ପଡ଼ିଆରୁ ପାରମ୍ପରିକ ବାଦ୍ୟର ତାଳେତାଳେ ବିଭିନ୍ନ ସ୍ଲୋଗାନ ଦେଇ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେଠାରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କୁଡୁମୀ ସମ୍ପ୍ରଦାୟର ଏସ୍‌ଟି ମାନ୍ୟତା ଦାବି ସମ୍ପର୍କରେ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ । ପରେ କୁଡୁମୀ ସେନା ପକ୍ଷରୁ ଏକ ୬୦ ପୃଷ୍ଠା ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଜରିଆରେ ଜିଲ୍ଲାପାଳ ହେମକାନ୍ତ ସାଏଙ୍କୁ ପ୍ରଦାନ କରାଯାଇଥିଲା । କୁଡୁମୀ ସମ୍ପ୍ରଦାୟର ଦୀର୍ଘଦିନର ଦାବିକୁ ବିଚାରକୁ ନେଇ ଏସ୍‌ଟି ମାନ୍ୟତା ପ୍ରଦାନ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ଏହି ଅବସରରେ ଦାବି କରାଯାଇଥିଲା । ଏହି ବିଶାଳ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ କୁଡୁମୀ ସମ୍ପ୍ରଦାୟର ଯୁବକ, ଯୁବତୀ, ମହିଳା, ଛାତ୍ରଛାତ୍ରୀ ଓ ବରିଷ୍ଠ ନେତୃବୃନ୍ଦ ସାମିଲ ହୋଇଥିଲେ । କଳା ପତାକା ଓ ବିଭିନ୍ନ ଦାବି ସମ୍ବଳିତ ପ୍ଲାକାର୍ଡ ଧରି ସେମାନେ ଏସ୍‌ଟି ମାନ୍ୟତା ଦାବିରେ ନିଜର ଏକତା ଓ ପ୍ରତିବାଦ ପ୍ରକାଶ କରିଥିଲେ । କୁଡୁମୀ ସମ୍ପ୍ରଦାୟର ଏହି ଦୀର୍ଘଦିନର ଦାବି ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଗୁରୁତ୍ୱ ଦେଇ ପଦକ୍ଷେପ ନିଅନ୍ତୁ ବୋଲି କୁଡୁମୀ ସେନା ପକ୍ଷରୁ ଦାବି କରାଯାଇଛି ।

# ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ : କ୍ଷତିପୂରଣ ଦାବି

ପାରଳାଖେମୁଣ୍ଡି,(ସବ୍ୟୁ): ଗଜପତି ଜିଲା ପାରଳାଖେମୁଣ୍ଡି ସବଜେଲରେ ଜଣେ ବିଚାରାଧୀନ କଏଦୀଙ୍କ ଆକସ୍ମିକ ମୃତ୍ୟୁ ଘଟିଛି । ମୃତକ ହେଲେ ରାୟଗଡ଼ ବ୍ଲକ ଜିରାଙ୍ଗ ଗ୍ରାମର ରୁନା ବଡ଼ରଇତ । ପ୍ରାୟ ୪୫ ଦିନ ଧରି ସେ ଏକ ପୋକ୍ସୋ ମାମଲାରେ ବିଚାରାଧୀନ କଏଦୀ ଭାବେ ଜେଲରେ ଥିଲେ । ଜେଲରଙ୍କ ସୂଚନା ଅନୁଯାୟୀ, ରୁନା ଶନିବାର ରାତିରେ ଅନ୍ୟ କଏଦୀଙ୍କ ସହ ରାତ୍ରିଭୋଜନ ସାରି ବିଶ୍ରାମ ନେଉଥିବାବେଳେ ଅସୁସ୍ଥ ଅନୁଭବ କରିଥିଲେ । ଜେଲ ଫାର୍ମାସିଷ୍ଟ ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ରୁନାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ପରିବାରକୁ ପ୍ରଥମେ ରୁନାଙ୍କ ଅସୁସ୍ଥତା ଏବଂ ପରେ ମୃତ୍ୟୁ ସମ୍ପର୍କରେ ଜଣାଇ ଦିଆଯାଇଥିବା ଜେଲର କହିଛନ୍ତି ।ଅନ୍ୟପକ୍ଷରେ ପାରଳାଖେମୁଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ରୁନାଙ୍କ ମୃତ୍ୟୁକୁ ନେଇ ପରିବାର ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ରୁନାଙ୍କ ସ୍ତ୍ରୀଙ୍କ କହିବାନୁଯାୟୀ, ଗିରଫ ସମୟରେ ରୁନା ସୁସ୍ଥ ଥିଲେ । ଏପରିକି ପ୍ରାୟ ୧୫ ଦିନ ତଳେ ଜେଲରେ ଭେଟିବା ସମୟରେ ମଧ୍ୟ ତାଙ୍କର କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଥିବା ଜଣାପଡ଼ି ନ ଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି ।ରୁନାଙ୍କ ପରିବାରରେ ସ୍ତ୍ରୀ ଓ ଏକ ଛୋଟ ଝିଅ ଥିବାବେଳେ ତାଙ୍କ ସ୍ତ୍ରୀ ବର୍ତ୍ତମାନ ଗର୍ଭବତୀ ଥିବା ପରିବାର ପକ୍ଷରୁ କୁହାଯାଇଛି । ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଜୀବିକାକୁ ନେଇ ପରିବାର ଚିନ୍ତାରେ ପଡ଼ିଛି । ଜେଲ ହାଜତରେ ମୃତ୍ୟୁ ହୋଇଥିବାରୁ ଉପଯୁକ୍ତ କ୍ଷତିପୂରଣ ପାଇଁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି ।

# ଶ୍ରୀଚୈତନ୍ୟ ଆଶ୍ରମରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ

ଭଦ୍ରକ, (ସବ୍ୟୁ) : ଭକ୍ତି, ଆଧ୍ୟାତ୍ମିକତା ଓ ଭାରତୀୟ ସଂସ୍କୃତିର ଭାବମୟ ପରିବେଶରେ ଭଦ୍ରକସ୍ଥିତ ଶ୍ରୀଚୈତନ୍ୟ ଆଶ୍ରମ ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଆଶ୍ରମ ପରିସରରେ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ସମାଗମ ହୋଇଥିଲା ।ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଆଲୋଚନାଚକ୍ର ଆୟୋଜିତ ହୋଇଥିବାବେଳେ ଛାତ୍ରଛାତ୍ରୀଙ୍କ ପାଇଁ ବିତର୍କ ଓ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଶ୍ରୀକୃଷ୍ଣଙ୍କ ଜୀବନାଦର୍ଶ ଓ ଭାରତୀୟ ସଂସ୍କୃତିକୁ ନେଇ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ।କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ମଧ୍ୟରେ ଶ୍ରୀମଦ ଭଗବତ ଗୀତାର ନିଶୁଳ୍କ ବିତରଣ କରାଯାଇଥିଲା । ଗୀତାର ଜ୍ଞାନ, ନୈତିକ ଶିକ୍ଷା ଓ ଆଧ୍ୟାତ୍ମିକ ଚେତନାକୁ ସମାଜରେ



ପହଞ୍ଚାଇବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଅନୁଷ୍ଠାନରେ ଭଦ୍ରକ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ ଓ ଡେପୁଟି କଲେକଟର କାର୍ତ୍ତିକ ମଣ୍ଡଳ ଯୋଗଦେଇଥିଲେ ।ସଂଗ୍ରାମ ଆଚାର୍ଯ୍ୟ ସଭାପତିତ୍ୱ କରିଥିବାବେଳେ ଶ୍ରୀଚୈତନ୍ୟ ଆଶ୍ରମର ପରିଚାଳକ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିବଲ୍ଲଭ ଆଚାର୍ଯ୍ୟ ମହାରାଜ ଉପସ୍ଥିତ ଅତିଥି ଓ ଭକ୍ତବୃନ୍ଦଙ୍କୁ ଦଣ୍ଡବତି ପ୍ରଣାମ ଜଣାଇ ଆଶୀର୍ବଚନ ପ୍ରଦାନ କରିଥିଲେ । ଏହି ଅବସରରେ ଆଇନଜୀବୀ ସୂରଜ ସାହୁ ମଧ୍ୟ ଉପସ୍ଥିତ ଥିଲେ । ଅତିଥିମାନେ ଶ୍ରୀକୃଷ୍ଣଙ୍କ ଜୀବନାଦର୍ଶ, ଭଗବଦ ଗୀତାର ଚିରନ୍ତନ ବାଣୀ ଓ ଯୁବପିଢ଼ିଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଭଜନ, କୀର୍ତ୍ତନ ଓ ନାମସଙ୍କୀର୍ତ୍ତନରେ ସମଗ୍ର ଆଶ୍ରମ ପରିସର ଭକ୍ତିମୟ ହୋଇଉଠିଥିଲା ।ହଜାର ହଜାର ଲୋକଙ୍କ ଉପସ୍ଥିତି ଓ ଆନନ୍ଦମୟ ପରିବେଶ ମଧ୍ୟରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ସମାପିତ ହୋଇଥିଲା ।ଏହି ଅବସରରେ ଆଶ୍ରମ ପରିସରରେ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ସମାଗମ ହୋଇଥିଲା ।

# ଦୋକାନରୁ ନାଗସାପ ଉଦ୍ଧାର

ଧରାକୋଟ,(ସବ୍ୟୁ): ଧରାକୋଟ ବଜାର ମଧ୍ୟ ଭାଗରେ ଥିବା ସି ହେଚ ସୁବାସ ଚନ୍ଦ୍ର ପାତ୍ରଙ୍କ ମନୋହର ସାମଗ୍ରୀ ଦୋକାନରୁ ଏକ ପାଞ୍ଚ ଫୁଟ ଲମ୍ବର ନାଗସାପ ଉଦ୍ଧାର କରାଯାଇଛି । ରବିବାର ସନ୍ଧ୍ୟାରେ ହଠାତ ଦୋକାନ ସୋ କେସ ତଳୁ କିଛି ଅସ୍ୱାଭାବିକ ଶବ୍ଦ ଶୁଣିବା ପରେ ଦୋକାନ ମାଲିକ ଟର୍ଚ୍ଚ ମାରି ଦେଖିବା ବେଳେ ଏକ ନାଗସାପ ସେଠାରେ ରହିଥିବା ଦେଖି ତୁରନ୍ତ ଆସିକା ହେଲ୍ପ ଲାଇନ ସଦସ୍ୟ ବାଲାଜୀ ସଓ୍ୱାଇଁଙ୍କୁ ଖବର ଦେବା ପରେ ସେ ଦୋକାନ ଭିତରୁ ଚମ୍ପା ନାଗସାପ ଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ ।

# ପୂର୍ଣ୍ଣଚନ୍ଦ୍ର ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ଗୁରୁ ଦିବସ ପାଳିତ

ବାରିପଦା, (ସବ୍ୟୁ) : ପବିତ୍ର ଗୁରୁ ଦିବସ ଅବସରରେ ପୂର୍ଣ୍ଣଚନ୍ଦ୍ର ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ପରିସରରେ ଶ୍ରଦ୍ଧା, ଭକ୍ତି ଓ ଆନନ୍ଦମୟ ପରିବେଶ ମଧ୍ୟରେ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମଲୁକ ପୀଠ, ବୃନ୍ଦାବନର ପରମ ପୂଜ୍ୟ ତଥା ପ୍ରାତଃସ୍ମରଣୀୟ ଅନନ୍ତାନନ୍ଦ ଦାସ ଜୀ ମହାରାଜ ଅନୁଷ୍ଠାନରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜର ମୂଲ୍ୟବାନ ଓ ହୃଦୟସ୍ପର୍ଶୀ ବାଣୀ ମାଧ୍ୟମରେ ଅନୁଗ୍ରହୀତ କରିଥିଲେ । ଏଥିସହ ଛାତ୍ରଛାତ୍ରୀମାନେ ତାଙ୍କ ଆଶୀର୍ବାଦ ଲାଭ କରିଥିଲେ । ନିଜ ଅଭିଭାଷଣରେ ଅନନ୍ତାନନ୍ଦ ଦାସ ଜୀ ମହାରାଜ କହିଥିଲେ ଯେ, ଜୀବନରେ ସଫଳତା ଓ ଉନ୍ନତି ପାଇଁ ଛାତ୍ରଛାତ୍ରୀମାନେ ଗୁରୁ ଓ ପିତାମାତାଙ୍କ ଆଶୀର୍ବାଦ ନେବା ସହ ସେମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଭାବ ରଖିବା ଆବଶ୍ୟକ । ବଡ଼ମାନଙ୍କ ଆଜ୍ଞା ପାଳନ ଓ ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ହିଁ ଜୀବନର ଏକ ଶ୍ରେଷ୍ଠ ସେବା ବୋଲି ସେ ମତବ୍ୟକ୍ତ କରିଥିଲେ । ତାଙ୍କର ପ୍ରେରଣାଦାୟୀ ବାଣୀ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା । ଗୁରୁ ଦିବସ ଅବସରରେ ଛାତ୍ରଛାତ୍ରୀମାନେ ପାରମ୍ପରିକ ରୀତିରେ ଗୁରୁପୂଜା କରି ଶିକ୍ଷକମାନଙ୍କ ପ୍ରତି ନିଜର ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ । ଏଥିସହ ଶିକ୍ଷକମାନଙ୍କୁ ଆନନ୍ଦିତ କରିବା ପାଇଁ ବିଭିନ୍ନ ମନୋରଞ୍ଜନଧର୍ମୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପରିବେଷଣ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ଶିକ୍ଷକମାନଙ୍କ ସ୍ନେହପୂର୍ଣ୍ଣ ସହଭାଗିତାରେ ସମଗ୍ର କାର୍ଯ୍ୟକ୍ରମଟି ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା । ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ଗ୍ରୁପ୍‌ର ସଭାପତି ଇଂ. ପ୍ରଭାସ କୁମାର ଦାସ, ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଅଙ୍କିତା ବାରିକ, ଏକାଡେମିକ୍ ହେଡ୍ ଡ. ଆଦର୍ଶ ଶତପଥୀ, ପୂର୍ଣ୍ଣଚନ୍ଦ୍ର ଆଦର୍ଶ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ନିରୋଦ ଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ଲିପିକା ଦାସ, ଉପାଧ୍ୟକ୍ଷ ବିଶ୍ୱରଞ୍ଜନ ନାୟକ, ବାଣିଜ୍ୟ ବିଭାଗ ମୁଖ୍ୟ ରମାକାନ୍ତ ପାତ୍ର, କଳା ବିଭାଗ ମୁଖ୍ୟ ଲକ୍ଷ୍ମୀପ୍ରିୟା ଜେନାଙ୍କ ସମେତ ତିନି ଅନୁଷ୍ଠାନର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ଓ ଉତ୍ସାହରେ ଆୟୋଜିତ ଏହି ଗୁରୁ ଦିବସ କାର୍ଯ୍ୟକ୍ରମଟି ସୁନ୍ଦର ଓ ସଫଳ ଭାବେ ସମ୍ପନ୍ନ ହୋଇଥିଲା ।

# ଲକ୍ଷ ନିକେତନରେ ଶିକ୍ଷାଦାନର ଗୁରୁମନ୍ତ୍ର ଦେଲେ ଜିଲ୍ଲାପାଳ

ବ୍ରହ୍ମପୁର, (ସବ୍ୟୁ): ଗୁରୁଦିବସରେ ଜିଲାର ବ୍ରହ୍ମପୁରରେ ଥିବା ଲକ୍ଷନିକେତନରେ ଅଧ୍ୟନରତ ପ୍ରତିଭାବାନ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି ନିଜର ଅନୁଭୂତି ବାଣ୍ଟିଛନ୍ତି ଜିଲ୍ଲାପାଳ କୀର୍ତ୍ତି ଭାସନ ଭି. । ତାଙ୍କର ଏହି ସଫଳତା ପଛରେ ଗୁରିଜି ଓ ଗୁରୁମା ମାନଙ୍କ ପ୍ରେରଣା ଓ ଆଶୀର୍ବାଦ ଅବଦାନ ରହିଥିବା ସମ୍ପର୍କରେ ସୂଚନା ଦେଇଥିଲେ । ଛାତ୍ରୀଛାତ୍ରଙ୍କ ସଫଳତା ହିଁ ଗୁରୁଜୀମାନଙ୍କ ପାଇଁ ସର୍ବଶ୍ରେଷ୍ଠ ସମ୍ମାନ ବୋଲିୟୁପିଏସସି ପରୀକ୍ଷା ପାଇଁ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ କହିଥିଲେ । ଲକ୍ଷ୍ୟ ନିକେତନ ମାଧ୍ୟମରେ ପ୍ରଶାସନ ପକ୍ଷରୁ ମାଗଣାୟୁପିଏସସି କୋଚିଂ ପ୍ରଦାନ କରାଯାଉଥିବା ବେଳେ ଛାତ୍ରୀଛାତ୍ରଙ୍କୁ ସଠିକ ମାର୍ଗଦର୍ଶନ ଏବଂ ପ୍ରେରଣା ଯୋଗାଇ ଦିଆଯାଉଥିବା କହିଥିଲେ । ପ୍ରତି ସପ୍ତାହରେ କିମ୍ବା ୧୫ ଦିନରେ ଥରେ ଆଇଏଏସ, ଓଏଏସ ଏବଂ ଅନ୍ୟାନ୍ୟ ବରିଷ୍ଠ ସିଭିଲ ସର୍ଭିସ ଅଧିକାରୀମାନେ ବିଦ୍ୟାର୍ଥୀ ପମାନଙ୍କ ସହ ସିଧାସଳଖ ଆଲୋଚନା କରୁଛନ୍ତି । ଏହି କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସଫଳତାର ଯାତ୍ରା ନିମନ୍ତେ ଜିଲ୍ଲାପାଳ ବିଦ୍ୟାର୍ଥୀ ମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ପଢ଼ିବାର ରଣନୀତି, ସମୟ ପରିଚାଳନା ଏବଂ ସଫଳତାର ମୂଳମନ୍ତ୍ର ବିଷୟରେ ଛାତ୍ରଛାତ୍ରୀ ଙ୍କୁ ଅବଗତ କରାଯାଇଛି । ଏହି ଅବସରରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାର ଯୋଗ ଦେଇ ଛାତ୍ରୀଛାତ୍ର ଙ୍କୁ ଦିଗଦର୍ଶନ ଦେଇଥିଲେ । ସେହିପରି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା ଛାତ୍ରଛାତ୍ରୀଙ୍କ ଗହଣରେ ଉପସ୍ଥିତ ରହି ନିଜ ଅନୁଭୂତି



ବାଣ୍ଟିଥିଲେ । ସେହିପରି ଜିଲାପାଳ କୀର୍ତ୍ତି ଭାସନଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଯୋଗୁଁ ଅର୍ଥାଭାବରୁ କୋଚିଂ ପାଇ ପାରୁନଥିବା ଛାତ୍ରୀ ଛାତ୍ରୀ ନିଜ କ୍ୟାରିୟର ପ୍ରଭୃତିର ସୁଯୋଗ ପାଇପାରିବେ ବୋଲି କୁହାଯାଇଛି । 'ଲକ୍ଷ୍ୟ ନିକେତନ ' ଜରିଆରେ ସିଧାସଳଖ ସଫଳ ଅଧିକାରୀଙ୍କ ସହ ବାର୍ତ୍ତାଳାପ ଛାତ୍ରୀ ଛାତ୍ରଙ୍କ ମନୋବଳକୁ ଦିଗୁଣିତ କରିବ ବୋଲି ଉପସ୍ଥିତ ଅଧିକାରୀ ମାନେ କହିଥିଲେ ।

# ସୁବ୍ରତ ପଟ୍ଟନାୟକ ବୁଗୁଡ଼ା ଏନଏସି କଂଗ୍ରେସ ସଭାପତି

ବୁଗୁଡ଼ା, (ସବ୍ୟୁ) : ଭାରତୀୟ ଜାତୀୟ କଂଗ୍ରେସ ଦଳର ବୁଗୁଡ଼ା ଏନଏସି ସଭାପତି ଭାବେ ସୁବ୍ରତ କୁମାର ପଟ୍ଟନାୟକଙ୍କୁ ଦଳର ପ୍ରଦେଶ କଂଗ୍ରେସ କମିଟି ଚୟନ କରିଛନ୍ତି । ପୂର୍ବରୁ ସୁବ୍ରତ କର୍ମନିଷ୍ଠ ସଦସ୍ୟ ଭାବେ ବିଭିନ୍ନ ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସୁଥିବା ବେଳେ ତାଙ୍କର କାର୍ଯ୍ୟ ଦକ୍ଷତା ପାଇଁ ନଗର ସଭାପତି ଦାୟିତ୍ୱ ଦିଆ ଯାଇଛି। ପୂର୍ବରୁ ଏହି ପଦବୀରେ ମାନସ ରଞ୍ଜନ ଦାଶ ରହିଥିଲେ ଏବଂ ସେ ଜିଲ୍ଲା ସ୍ତରକୁ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିବା ଯୋଗୁଁ ବର୍ତ୍ତମାନ ଆଇନଜୀବୀ ସୁବ୍ରତ କୁମାର ପଟ୍ଟନାୟଙ୍କୁ ଏହି ଦାୟିତ୍ୱ ମିଳିବା ପରେ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳି ଯାଇଛି। ଜଣେ ଦକ୍ଷ ଯୁବ ସଂଗଠକ ଭାବେ ସେ ବେଶ ସୁଚାରୁ ରୂପେ ଦାୟିତ୍ୱ



ତୁଲାଇବେ ବୋଲି ଦଳ ପକ୍ଷରୁ ଆଶା କରାଯାଇଛି । ନଗର ସଭାପତି ଭାବେ ଚୟନ ହେବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାଯାଇଛି ।

# ବନ୍ୟା ପୀଡ଼ିତଙ୍କ ସହାୟତା ଓ ପିଆରଏମ୍‌କୁ ବସ୍ ସେବା ଦାବି କଲା ଦୁର୍ନୀତି ସଂଘର୍ଷ ମଞ୍ଚ

ବାରିପଦା, (ସବ୍ୟୁ): ଭଞ୍ଜପୁରଠାରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ବାରିପଦା ଶାଖା ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ମୁକ୍ତେଶ୍ୱର ଜୀଉଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତି, ପୀଡ଼ିତ ପରିବାରଙ୍କୁ ସରକାରୀ ସହାୟତା ଏବଂ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ଯାତାୟାତ ସୁବିଧା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ଉପସଭାପତି ହରିନାରାୟଣ ମିଶ୍ର, ସମ୍ପାଦକ ସୁନୀଲ କୁମାର ହୋତା, ଆଜୀବନ ସଦସ୍ୟ ଡଃ ଦିଲ୍ଲୀପ କୁମାର ପଣ୍ଡାଙ୍କ ସମେତ ରସାନନ୍ଦ ବେହେରା, ଭାନୁପ୍ରତାପ ଭଞ୍ଜଦେଓ, ରାମଚନ୍ଦ୍ର ବିନ୍ଧାଣୀ, ଆତୋଷ କୁମାର ସାହୁ, ଅରୁଣ କୁମାର ପଣ୍ଡା, ପରେଶ ଚନ୍ଦ୍ର ଧଳ, ରାମଚନ୍ଦ୍ର ଦାସ ଓ ବିଶ୍ୱରୂପ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ମତାମତ ରଖିଥିଲେ । ବୈଠକରେ ଜିଲ୍ଲାର ବନ୍ୟା ପୀଡ଼ିତ ଓ ବିପନ୍ନ ପରିବାରଙ୍କୁ ତୁରନ୍ତ ରିଲିଫ ସହାୟତା ପ୍ରଦାନ କରିବା ସହ ଭାଙ୍ଗିଯାଇଥିବା ଘରଗୁଡ଼ିକର ପୁନଃଥଇଥାନ ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ଓ ବିଭିନ୍ନ ତହସିଲଦାରଙ୍କୁ ଭେଟି ଦାବି ଉପସ୍ଥାପନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ଭାବେ ପହଞ୍ଚୁଛି କି ନାହିଁ, ସେଥିପ୍ରତି ସଂଘର୍ଷ ମଞ୍ଚ ପକ୍ଷରୁ ନିୟମିତ ନଜର ରଖାଯିବ ବୋଲି ସଦସ୍ୟମାନେ ମତ ପ୍ରକାଶ କରିଥିଲେ । ଏହାବ୍ୟତୀତ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସହରଠାରୁ ଦୂରରେ ଅବସ୍ଥିତ ଥିବାରୁ ରୋଗୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଯାତାୟାତରେ ଗୁରୁତର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ପ୍ରସଙ୍ଗ ଉଠିଥିଲା । ଏହି ସମସ୍ୟାର ସମାଧାନ ପାଇଁ ଅତିକମରେ ଦୁଇଟି ସରକାରୀ ବସ୍ ନିୟମିତ ଚଳାଚଳ କରାଇବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଶେଷରେ ସଭାପତି ମୁକ୍ତେଶ୍ୱର ଜୀଉ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇ ବୈଠକ ସମାପ୍ତ କରିଥିଲେ ।

# ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ଶୀଘ୍ର ପେନସନ ଯୋଜନା ଦାବି

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟର ଅବସରପ୍ରାପ୍ତ ଓ ଅବସର ନେବାକୁ ଥିବା ସାମ୍ବାଦିକମାନଙ୍କ ପାଇଁ ତୁରନ୍ତ ପେନସନ ଯୋଜନା ଲାଗୁ କରିବାକୁ ସିନିୟର ଜର୍ନାଲିଷ୍ଟସ ଆସୋସିଏସନ ଅଫ ଓଡ଼ିଶା ପୁଣିଥରେ ଦାବି କରିଛି । ଏଥିସହ ଓଡ଼ିଶା ହାଇକୋର୍ଟଙ୍କ ଅନୁକୂଳ ନିର୍ଦ୍ଦେଶ ଅନୁଯାୟୀ ଆଉ ବିଳମ୍ବ ନକରି ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ସଂଘ ଅନୁରୋଧ କରିଛି । ଦେଶର ପ୍ରାୟ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅବସରପ୍ରାପ୍ତ ଗଣମାଧ୍ୟମ କର୍ମୀଙ୍କ ପାଇଁ ପେନସନ ଯୋଜନା କିମ୍ବା ଅନୁରୂପ ଆର୍ଥିକ ସହାୟତା ପ୍ରଚଳିତ ରହିଛି । ଦୀର୍ଘ ବର୍ଷ ଧରି ସେବା ପ୍ରଦାନ କରିଥିବା ସାମ୍ବାଦିକମାନଙ୍କ ଅବସର ପରବର୍ତ୍ତୀ ସାମାଜିକ ସୁରକ୍ଷାର ଆବଶ୍ୟକତାକୁ ସ୍ୱୀକାର କରି ଏହି ବ୍ୟବସ୍ଥା କରାଯାଇଛି । ତେବେ ଓଡ଼ିଶାରେ ଏଯାଏ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଅବସରକାଳୀନ ପେନସନ ଯୋଜନା ଲାଗୁ ହୋଇନାହିଁ । ସଂଘର ସଭାପତି କାହ୍ନୁ ଚରଣ ନନ୍ଦ କହିଛନ୍ତି ଯେ, ସାମ୍ବାଦିକମାନେ ନିଜ ଜୀବନର ଉତ୍ପାଦନଶୀଳ ସମୟକୁ ଜନସାଧାରଣଙ୍କୁ ସୂଚନା ପ୍ରଦାନ, ନାଗରିକ ସମସ୍ୟାକୁ ସାମ୍ନାକୁ ଆଣିବା ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନକୁ ସୁଦୃଢ଼ କରିବାରେ ନିୟୋଜିତ କରିଥାନ୍ତି । ଅବସର





ପରେ ସେମାନଙ୍କୁ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ଛାଡ଼ି ଦିଆଯିବା ଉଚିତ ନୁହେଁ ।୨୦୨୨ ମସିହାରୁ ଏହି ଦାବି ନେଇ ସଂଘ ରାଜ୍ୟ ସରକାରଙ୍କ ସହ ଆଲୋଚନା ଓ ଯୋଗାଯୋଗ ଜାରି ରଖିଥିବା ବେଳେ ପରେ ବରିଷ୍ଠ ସାମ୍ବାଦିକମାନଙ୍କୁ ପେନସନ ସୁବିଧା ପ୍ରଦାନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଚଳିତ ବର୍ଷ ଜୁନ ମାସରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତିନି ମାସ ମଧ୍ୟରେ ଏ ସମ୍ପର୍କରେ ନୀତିଗତ ନିଷ୍ପତ୍ତି ନେବାକୁ କହିଥିଲେ । ୬୦ ବର୍ଷ ଓ ତଦୁର୍ଦ୍ଧ୍ୱର୍ ବୟସର ସାମ୍ବାଦିକମାନଙ୍କୁ ମାସିକ ପେନସନ ପ୍ରଦାନ ନେଇ ପ୍ରସ୍ତାବ ସରକାରଙ୍କ ସକ୍ରିୟ ବିଚାରାଧୀନ ଥିବା ହାଇକୋର୍ଟ ଦର୍ଶାଇଥିଲେ ବୋଲି କାହ୍ନୁ ଚରଣ ନନ୍ଦ କହିଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସଂଘ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଆରମ୍ଭ କରିବା ସହ ଯୋଗ୍ୟ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ଏହି ସୁବିଧା ପ୍ରଦାନ ପାଇଁ ଏକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଦାବି କରିଛି ।ବ୍ରହ୍ମପୁର ଠାରେ ଆୟୋଜିତ ସଭାରେ ସୁନୀଲ ମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । କେନ୍ଦ୍ରୀୟ ନେତୃତ୍ୱ ମଧ୍ୟରେ ଉପସଭାପତି ପ୍ରଦୀପ୍ତ ଚୌଧୁରୀ, ଉପଦେଷ୍ଟା ଦେବେନ୍ଦ୍ର ସିଂହ, କାର୍ଯ୍ୟକାରୀ ସଦସ୍ୟା ଦୀପ୍ତିମୟୀ କର, ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ସଂଗଠନ ସମ୍ପାଦକ ବିପ୍ଳବ ମହାନ୍ତି, ଶରତ ବେହେରା, ଅଜିତ ପଣ୍ଡା, ରବି ନାରାୟଣ ମିଶ୍ର, ଜ୍ୟୋତିରଞ୍ଜନ ଦାସ, ଗରୁଡ଼ଧ୍ୱଜ ଚୌଧୁରୀ, ସ୍ୱରୂପ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ପାଞ୍ଚଟି ଜିଲ୍ଲାରୁ ବରିଷ୍ଠ ସାମ୍ବାଦିକମାନେ ଏହି ବୈଠକରେ ଯୋଗ ଦେଇଥିଲେ ।ପ୍ରଶାନ୍ତ କୁମାର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଭୟ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନୀଲ ପାଢ଼ୀ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ।ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ପେନସନ ଯୋଜନା ଶୀଘ୍ର ଲାଗୁ କରିବା ଦିଗରେ ରାଜ୍ୟ ସରକାର ସକାରାତ୍ମକ ପଦକ୍ଷେପ ନେବେ ବୋଲି ଗରଅକ୍ସ ପ୍ରତିନିଧିମାନେ ଆଶା ପ୍ରକାଶ କରିଛନ୍ତି ।ଓଡ଼ିଶାର ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ପାଇଁ ଏକ ପ୍ରଭାବୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରତିଷ୍ଠା ନହେବା ପର୍ଯ୍ୟନ୍ତ ଏହି ଦାବି ଜାରି ରଖିବ ବୋଲି ସଂଘ ସ୍ପଷ୍ଟ କରିଛି ।

## ଡିସେମ୍ବର ୬ରୁ ମୟୂରଭଞ୍ଜ ମହୋତ୍ସବ

# ଛଉ ପଡ଼ିଆରେ ୧୦ ଦିନ ଧରି ଜମିବ ଆସର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା ଓ ଲୋକଜୀବନର ରହିଛି ଏକ ସ୍ୱତନ୍ତ୍ର ପରିଚୟ । ଏହି ସମୃଦ୍ଧ ପରମ୍ପରାକୁ ଲୋକଲୋଚନକୁ ଆଣିବା ସହ ଜିଲ୍ଲାର କଳାକାର, ଶିଳ୍ପୀ ଓ ସ୍ଥାନୀୟ ଉଦ୍ୟୋଗୀଙ୍କୁ ଏକ ବଡ଼ ମଞ୍ଚ ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ ହୋଇଆସୁଥିବା ମୟୂରଭଞ୍ଜ ମହୋତ୍ସବ ଚଳିତ ବର୍ଷ ୯ମ ବର୍ଷରେ ପଦାର୍ପଣ କରିଛି । ଆସନ୍ତା ଡିସେମ୍ବର ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ବାରିପଦାରେ ଏହି ମହୋତ୍ସବ ଆୟୋଜିତ ହେବ । ରବିବାର ବାରିପଦାସ୍ଥିତ ସ୍ୱସ୍ତିକ ମଣ୍ଡପଠାରେ ମୟୂରଭଞ୍ଜ ମହୋତ୍ସବ ଆୟୋଜକ କମିଟିର ଅଧ୍ୟକ୍ଷ ଅସିତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମହୋତ୍ସବର ତାରିଖ ଓ ବିଭିନ୍ନ କାର୍ଯ୍ୟକ୍ରମ ନେଇ ସୂଚନା ଦିଆଯାଇଥିଲା । ମହୋତ୍ସବର ପ୍ରଥମ ଦିନ ଡିସେମ୍ବର ୬ରେ ପ୍ରତିବର୍ଷ ଭଳି ଜିଲ୍ଲାର ବିଭିନ୍ନ ଅଞ୍ଚଳର କଳାକାରଙ୍କୁ ନେଇ ଏକ ଆକର୍ଷଣୀୟ "କାର୍ନିଭାଲ୍ ସୋ' ଆୟୋଜନ କରାଯିବ । ପାରମ୍ପରିକ ନୃତ୍ୟ ଓ ଗୀତର ତାଳେତାଳେ ଏହି ଶୋ' ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ ହୋଇ ଛଉ ପଡ଼ିଆ ପର୍ଯ୍ୟନ୍ତ ଯିବ । ଡିସେମ୍ବର ୭ରୁ ଐତିହାସିକ ଛଉ ପଡ଼ିଆରେ ଲଗାତାର ୧୦ ଦିନ ଧରି ମୁଖ୍ୟ ମହୋତ୍ସବ ଆୟୋଜିତ ହେବ । ପ୍ରତିଦିନ ସନ୍ଧ୍ୟାରେ ରହିବ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ । ଓଡ଼ିଆ ସଂସ୍କୃତି ସହ ମୟୂରଭଞ୍ଜର ସ୍ୱତନ୍ତ୍ର ଲୋକକଳା ଓ ଆଦିବାସୀ ପରମ୍ପରାକୁ ମହୋତ୍ସବରେ ପ୍ରମୁଖତା ଦିଆଯିବ । ଚଳିତ ବର୍ଷ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ ସହ ୩ ଦିନ ଓଡ଼ିଆ ଏବଂ ୨ ଦିନ କୁଡୁମାଲି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି । ଶେଷ ଦୁଇ ଦିନ ବଲିଉଡ୍ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମହୋତ୍ସବର ମୁଖ୍ୟ ଆକର୍ଷଣ ହେବ । ଆୟୋଜକ କମିଟି ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ବଲିଉଡ୍‌ର ସୁନାମଧନ୍ୟ ଗାୟିକା ଅନୁରାଧା ପୌଡ଼ୱାଲ ଓ ପ୍ରସିଦ୍ଧ ଗାୟକ ଅଭିଜିତ ଭଟ୍ଟାଚାର୍ଯ୍ୟ ମହୋତ୍ସବର ଶେଷ ଦିନରେ ସଙ୍ଗୀତ ପରିବେଷଣ କରିବେ । ଏହା ବାରିପଦାବାସୀଙ୍କ ସମେତ ଜିଲ୍ଲାବାସୀଙ୍କ ପାଇଁ ବିଶେଷ ଆକର୍ଷଣ ସୃଷ୍ଟି କରିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି । ମୟୂରଭଞ୍ଜର କଳା ଓ ସଂସ୍କୃତିକୁ ଅନ୍ୟ ଜିଲ୍ଲାର କଳା ସହ ଯୋଡ଼ିବା ଏବଂ ପରସ୍ପର ମଧ୍ୟରେ



କଳା-ସଂସ୍କୃତିର ଆଦାନପ୍ରଦାନ ପାଇଁ ଚଳିତ ବର୍ଷ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏଥିସହ ମହୋତ୍ସବ ପରିସରରେ ଜିଲ୍ଲାର ହସ୍ତଶିଳ୍ପ, କୁଟୀରଶିଳ୍ପ, ଖେଳନା, ପାରମ୍ପରିକ ପୋଷାକ, ଘରକରଣା ସାମଗ୍ରୀ ଆଦିର ବିପଣନ ପାଇଁ ୨୦୦ରୁ ଅଧିକ ଷ୍ଟଲ୍ ଖୋଲାଯିବ । ଦର୍ଶକମାନେ ମୟୂରଭଞ୍ଜର ପାରମ୍ପରିକ ଖାଦ୍ୟ "ମୁଢ଼ି-ମାଂସ' ସମେତ ବିଭିନ୍ନ ସ୍ଥାନୀୟ ବ୍ୟଞ୍ଜନର ସ୍ୱାଦ ମଧ୍ୟ ନେଇପାରିବେ । ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତିଙ୍କ ସୂଚନା ଅନୁଯାୟୀ, ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମହୋତ୍ସବ ପରିସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଚାଲିବ । ଯୁବପିଢ଼ିଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେଲ® ଜୋନ୍‌ର ବ୍ୟବସ୍ଥା କରାଯିବ । ମୟୂରଭଞ୍ଜର ପୁରୁଣା ଐତିହ୍ୟ ଓ ସ୍ମୃତିକୁ ଆଧାର କରି ଏହି ସେଲ® ଜୋନ୍ ପ୍ରସ୍ତୁତ କରାଯିବ । କେବଳ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୀମିତ ନ ରହି ମହୋତ୍ସବରେ କ୍ରୀଡ଼ାକୁ ମଧ୍ୟ ଗୁରୁତ୍ୱ ଦିଆଯିବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆକର୍ଷଣୀୟ ପୁରସ୍କାର ରାଶି ସହ ଜିଲ୍ଲାସ୍ତରୀୟ ଫୁଟବଲ୍ ଓ ଲାଖବିନ୍ଧା ପ୍ରତିଯୋଗିତା ଆୟୋଜନ କରାଯିବ । ବୈଠକରେ ପୂର୍ବତନ ବିଧାୟକ ବିଜୟ ନାୟକ, ବାରିପଦା ବାର ଆସୋସିଏସନ୍‌ର ସଭାପତି ଜ୍ୟୋତି ପ୍ରକାଶ ରଥ, ମୟୂରଭଞ୍ଜ ଠିକାଦାର ସଂଘର ସଭାପତି ପରେଶ ମହାନ୍ତ, ବିଭୁପ୍ରସାଦ ଦାସ, ସଞ୍ଜୀବ ଦ୍ୱିବେଦୀ, ସୁରଥ ପଟ୍ଟନାୟକ, ସବିତା ହାଁସଦାଃ, ଚନ୍ଦ୍ରକୁମାର ଶ୍ୟାମଳେନ୍ଦୁ ଦାସ, ବରିଷ୍ଠ ବ୍ୟବସାୟୀ ମୁରାରି ଶର୍ମା, ବିଶ୍ୱଜିତ୍ ନାୟକ, ସୌରଭ ପଟ୍ଟନାୟକ, କାବୁ ତ୍ରିପାଠୀ, ନରୋତ୍ତମ ପାଣିଗ୍ରାହୀ, ତାପସ ପାଢ଼ୀ, ଅମର ସେଠୀ, ସଞ୍ଜୀବ ରାଉତ, ବିପ୍ଳବ ଭଞ୍ଜନ ବୁଗୁଡ଼େଇ, କାଶୀନାଥ ରଣା, ତରୁଣ ମହାନ୍ତି, ଅମିତାଭ ସାହୁ, ରଞ୍ଜିତ ସାହୁ, ଅଭିଜିତ ମହାନ୍ତି, ସତ୍ୟସ୍ୱରୂପ ଦାଶ, ମନୀଷା ଦାସ ପଟ୍ଟନାୟକ, ଦିବ୍ୟକାନ୍ତ ଖୁଣ୍ଟିଆ, ଯୋଗେଶ ଅଗ୍ରୱାଲା, ରାକେଶ ସିଂ, ଅଞ୍ଜନ ବରାଳ, ଦକ୍ଷିଣା ମହାନ୍ତ, ସତ୍ୟମ୍ ପାଣି, ନିମାଇଁ ତ୍ରିପାଠୀ, ରାଜୀବ ଜେନା, ଅରୁଣ ବରାଡ଼, ଜିତେନ୍ଦ୍ର ହେମ୍ବ୍ରମ, ରବିନ୍ ମହାନ୍ତି, ପିଣ୍ଟୁ ମାଇତି, ରାକେଶ ବେହେରା, ବାଲୁନ ହାଁସଦାଃ, କନିକା ବୋଷ, ଅଭିଷେକ ବେହେରା ଓ ରାଜେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ମହୋତ୍ସବ କମିଟିର ମୁଖପାତ୍ର ସତ୍ୟଜିତ ସୋମଙ୍କ ସୂଚନା ଅନୁଯାୟୀ, ବୈଠକରେ ସମଗ୍ର ଜିଲ୍ଲାରୁ ୩୦୦ରୁ ଅଧିକ ପୁରୁଷ ଓ ମହିଳା ସଦସ୍ୟ ଯୋଗଦେଇଥିଲେ । ମହୋତ୍ସବକୁ ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା, ବାଣିଜ୍ୟ ଓ ସାମାଜିକ ଏକତାର ଏକ ବଡ଼ ମଞ୍ଚରେ ପରିଣତ କରିବା ପାଇଁ ଆୟୋଜକମାନେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ।

# ଯୁକ୍ତି ତର୍କରୁ ମାଂସ ହଣା କଟୁରୀରେ ଜ୍ୱାଇଁକୁ ହାଣିଲା ଶ୍ୱଶୁର

କାମାକ୍ଷାନଗର,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଜନ୍ତାରିବୋଲ ଗ୍ରାମରେ ଆଜି ଏମିତି ଏକ ଘଟଣା ସ୍ଥାନୀୟଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଶ୍ୱଶୁର ଘରକୁ ଆସିଥିବା ଜ୍ୱାଇଁକୁ ତାର ଶଶୁର ହାଣିପକାଇବା ଯୋଗୁ ତାକୁ ଗୁରୁତର ଅବସ୍ଥା ରେ କଟକ ସ୍ଥାନାନ୍ତର କରାଯାଇଛି। କାମାକ୍ଷାନଗର ଥାନା ଜନ୍ତାରିବୋଲ ଗ୍ରାମରେ ଅଭାବନୀୟ ଘଟଣା ଘଟିଯାଇଛି ।ଅନୁଗୁଳ ଜିଲ୍ଲା ପାଲଲହଡା ଅଞ୍ଚଳର ଅଜୁ ବାନରା ଗତକାଲି ନିଜ ଶଶୁର ଘର ଜନ୍ତାରିବୋଲ ଆସିଥିଲେ ।ଆଜି କୌଣସି କାରଣକୁ ନେଇ ଅଜୁ ଓ ତାଙ୍କ ଶଶୁରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଫଳରେ ଉତ୍ୟକ୍ତ ହୋଇ ଶଶୁର ଜଣକ ଏକ ମାଂସ କଟା ଧାରୁଆଅସ୍ତ୍ରରେ ଅଜୁଙ୍କ ବେକକୁ ହାଣି ପକାଇଥିଲେ ।ଫଳରେ ଅଜୁଙ୍କ ବେକର ପ୍ରାୟ



ଅର୍ଦ୍ଧାଧିକ ଅଂଶ ଝୁଲିପଡି ମାଂସ ସବୁ ଛିଡିଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅଜୁଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।ଅଜୁଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବାବେଳେ ଆକ୍ରମଣର କାରଣ ଜଣାପଡିନାହିଁ । ପୋଲିସ ନିକଟରେ ମଧ୍ୟ କୌଣସି ଅଭିଯୋଗ ହୋଇନଥିବାର ଜଣାପଡିଛି ।

# ପୂଜାମାହୋଲ ପାଇଁ ତାଳଚେର ଅଞ୍ଚଳ ଚଳଚଞ୍ଚଳ କିନ୍ତୁ ରାସ୍ତା ଅବସ୍ଥା ବେହାଲ

ତାଳଚେର,(ସବ୍ୟୁ) :ତାଳଚେର ପୌରପରିଷଦରେ ୨୧ଟି ଓ୍ୱାର୍ଡ଼ ରହିଥିବା ବେଳେ ସେହିଭଳି ବ୍ଲକରେ ୨୧ଟି ପଂଚାୟତ ରହିଛି । ଆଗକୁ ସରିଜି ପୂଜା ଆରମ୍ଭ ହେବାକୁ ଥିବା ବେଳେ ବର୍ତମାନ ରାସ୍ତା ଗୁଡ଼ିକର ଅବସ୍ଥା ଏପରି ହୋଇଛି ଯେ, ନକହିବା ଭଲ! ତାଳଚେର ବାଇପାସ ଦେଇ ଯାଇଥିବା ୧୪୯ ନଂ ଜାତୀୟ ରାଜପଥ ସଂପ୍ରସାରଣ ନେଇ ଧିମାଗତିରେ କାର୍ଯ୍ୟ ଚାଲୁଥିବା ବେଳେ ତାଳବେଡ଼ା ଠାରୁ ବହ୍ଲର, ବଅାଁରପାଳ ପଯ୍ୟନ୍ତ ରାସ୍ତା ଖାଲଖମା ସହିତ ଉଭୟପାଶ୍ୱର୍ରେ ବଡ଼ବଡ଼ ଗର୍ତ ଓ ନୂତନ ଭାବେ ନିର୍ମାଣ ହେଉଥିବା ଡ୍ରେନ ରାସ୍ତା ଠାରୁ ଉଚ୍ଚା ହେବା ଫଳରେ ସବୁ ସ୍ଥାନରେ ପାଣି ଜମି ଏକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହେଉଥିବା ଲକ୍ଷ୍ୟ କରାଯାଇଛି । ସେହିଭଳି ଉକ୍ତ ରାଜପଥରେ ଭାରୀଯାନ ଗୁଡ଼ିକ କ୍ଷୀପ୍ରଗତିରେ ଚଳପ୍ରଚଳ କରୁଥିବାରୁ ଧୂଳି, ଧୂଆଁ ଓ ପାଉଁଶ ଗୁଣ୍ଡରେ ଲୋକମାନେ ନାହିଁ ନଥିବା ସମସ୍ୟାରେ ଛନ୍ଦି ହୋଇପଡ଼ୁଛନ୍ତି । ଏପରି ପରିସ୍ଥିତିରେ ଲୋକେ କେଉଁ ପ୍ରକାର ପୂଜାକୁ ବୁଲି ଉପଭୋଗ କରିବେ ତାହା ସାଧାରଣରେ ଚର୍ଚ୍ଚା ହେଉଛି । ତାଳଚେର ବାଇପାସ୍ ଠାରୁ ଆରମ୍ଭକରି ହିଙ୍ଗୁଳା ରାସ୍ତା, ପବିତ୍ରମୋହନ ଛକ ଠାରୁ ବାଘୁଆବୋଲ ଦେଇ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ସମେତ ତାଳଚେର ଉପଖଣ୍ଡରେ ରହିଥିବା ସମସ୍ତ ରାସ୍ତା ଉପରେ ବର୍ଷାଜଳ ଚାଲୁଥିବାରୁ ରାସ୍ତା ଗୁଡ଼ିକ ଅତି ଶୋଚୀନ ହୋଇପଡ଼ିଛି । ତେବେ ଗ୍ରାମଚଂଳ ଓ ସହରାଚଂଳ ଲୋକମାନେ ପୂଜାମାହୋଲକୁ ଉପଭୋଗ କରିବେ ତାକୁ ନେଇ ସବୁଠି ଚର୍ଚ୍ଚା ଯୋର ଧରିଛି । ତେଣୁ ତୁରନ୍ତ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ଆରମ୍ଭ

# ରାଧାମାଧବ ହାଇସ୍କୁଲର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

ଆଠମଲ୍ଲିକ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତସ୍ଥିତ ପିଏମ ଶ୍ରୀ ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ତମ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ରବିବାର ବିଦ୍ୟାଳୟ ପରିସରରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଗୁଣ୍ଡିଚା ରାଣୀ ଖୁଣ୍ଟିଆ ଆବାହକ ଭାବେ ବୈଠକର ଆୟୋଜନ କରିଥିଲେ ।ବୈଠକରେ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଭବ୍ୟ ଓ ସ୍ମରଣୀୟ କରିବା ନେଇ ଆଲୋଚନା କରିଥିଲେ । ବିଦ୍ୟାଳୟର ୫୦ ବର୍ଷର ଗୌରବମୟ ଯାତ୍ରା, ଅତୀତର ସ୍ମୃତିକୁ ସାଇତି ରଖିବା ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ଏକାଠି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ସାଂସ୍କୃତିକ, ଶିକ୍ଷାମୂଳକ ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ ଆୟୋଜନ ନେଇ ଯୋଜନା କରାଯାଇଥିଲା । ବୈଠକରେ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ଦିଲ୍ଲୀପ କୁମାର ପ୍ରଧାନ, ଉପସଭାପତି ଭାବେ ଜୟକୃଷ୍ଣ ପ୍ରଧାନ ଓ ଲଳିତ କୁମାର ପ୍ରଧାନ, ସମ୍ପାଦକ ଭାବେ ନିରଜକାନ୍ତ ସାହୁ, ସହସମ୍ପାଦକ ଭାବେ ସାରଥି କୁମାର ସାହୁ ଓ ଶ୍ରୀକାନ୍ତ କୁମାର ରାଉତ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ପ୍ରଧାନ ଓ ଅକ୍ଷୟ କୁମାର ନାୟକ ମନୋନୀତ ହୋଇଛନ୍ତି ।ଉପଦେଷ୍ଟା ମଣ୍ଡଳୀରେ ନୃସିଂହ ଚରଣ ନାୟକ, ସୁକୁମାର ଚନ୍ଦ୍ର ଗଡ଼ତ୍ୟା, ସୁକଦେବ ସାହୁ, ସିଦ୍ଧେଶ୍ୱର ନାୟକ, ମଳୟ କୁମାର ପ୍ରଧାନ, ରଶ୍ମି ନାରାୟଣ ରାଜହଂସ, ରଶ୍ମି ନାରାୟଣ ସାହୁ, କୈଳାସ ଚନ୍ଦ୍ର ସାହୁ, ସଞ୍ଜୀବ କୁମାର ସାହୁ ଓ ତରଣୀ ସେନ ସାହୁ ରହିଛନ୍ତି ।ଆଗାମୀ ବୈଠକରେ ଉତ୍ସବର ରୂପରେଖ, ବିଭିନ୍ନ କାର୍ଯ୍ୟକ୍ରମ, ଅତିଥି ଆମନ୍ତ୍ରଣ ଓ ଅନ୍ୟାନ୍ୟ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦିଆଯିବ । ବିଦ୍ୟାଳୟର ୫୦ ବର୍ଷର ଗୌରବମୟ ଯାତ୍ରାକୁ ଉତ୍ସବ ମାଧ୍ୟମରେ ସ୍ମରଣୀୟ କରିବା ପାଇଁ ସମସ୍ତଙ୍କ ସହଯୋଗ ଓ ସହଭାଗିତା ଉପରେ ଗୁରୁତ୍ୱ ଦିଆଯାଇଛି ।

# କଣିହାଁରେ ପ୍ରଜାମଣ୍ଡଳର ୮୯ତମ ଜୟନ୍ତୀ ଉତ୍ସବ

କଣିହାଁ,(ସବ୍ୟୁ): ଅନୁଗୋଳ ଜିଲା କଣିହାଁସ୍ଥ ପ୍ରଜାମଣ୍ଡଳ ଭବନ ପରିସରରେ ତାଳଚେର ସଓ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ, କଣିହାଁ ଆନୁକୂଲ୍ୟରେ ପ୍ରଜାମଣ୍ଡଳର ୮୯ ତମ ଜନ୍ମ ଜୟନ୍ତୀ ରବିବାର ଦିନ ପାଳିତ ହୋଇଯାଇଛି । ତାଳଚେର ଉପଜିଲ୍ଲାପାଳ ତଥା ଟ୍ରଷ୍ଟର ଆବାହକ ଆଶିଷ ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଦିବସରେ ମୁଖ୍ୟ ଅତିଥି ଭାବରେ ଅନୁଗୋଳ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ପ୍ରଜାମଣ୍ଡଳ ଆନ୍ଦୋଳନ ଗଡ଼ଜାତ ଅଞ୍ଚଳରେ ଗଣତାନ୍ତ୍ରିକ ଅଧିକାର ପାଇଁ ଏକ ଐତିହାସିକ ଜନଆନ୍ଦୋଳନ ଥିଲା ବୋଲି କହିଥିଲେ । ଏହି ଅବସରରେ ୬ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ପ୍ରଜାମଣ୍ଡଳ ଭବନ ନିର୍ମାଣଏବଂ ଏନଫିପିସିଠାରୁ କଣିହାଁ ପର୍ଯ୍ୟନ୍ତ ରାସ୍ତାକୁ "ପ୍ରଜାମଣ୍ଡଳ ମାର୍ଗ' ଭାବେ ନାମିତ କରାଯିବ ବୋଲି ଘୋଷଣା କରିଥିଲେ । ଆସନ୍ତା ପ୍ରଜାମଣ୍ଡଳ ଦିବସ ପାଳନ ପାଇଁ ଟ୍ରଷ୍ଟରେ ଆଉ ବିବାଦ ରହିବ ନାହିଁ ଏକ ହୋଇ ପାଳନ କାରାଯିବ ବୋଲି ବିଧାୟକ ଶ୍ରୀ ମହାନ୍ତି କହିଥିଲେ । ଦିବସରେ ସମ୍ମାନିତ ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ପ୍ରଜା ଆନ୍ଦୋଳନ ଯୋଗୁ ଏଠି ରାଜତନ୍ତ୍ର ହଟି ଗଣତନ୍ତ୍ର ପ୍ରତିଷ୍ଠା ହୋଇଥିଲା । ମାତ୍ର ବର୍ତ୍ତମାନ ତାହାର ପୁନରାବୃତ୍ତି ହେଉଛି । ଅଞ୍ଚଳର ସାମୂହିକ ସ୍ୱାର୍ଥ ପାଇଁ ଏକଜୁଟ ହୋଇ କାମ କରିବା ସହ ସଂଗ୍ରାମ ପାଇଁ ଆହ୍ୱାନକରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଅନୁଗୋଳ ବିଧାୟକ ପ୍ରତାପ କୁମାର ପ୍ରଧାନ ଯୋଗଦେଇ ସାଧିନତା ସଂଗ୍ରାମରେ ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଅବଦାନ ଅତୁଳନୀୟ । ଆଜିର ଦିନରେ ତାଙ୍କର ଆଦର୍ଶକୁ ପାଥେୟ କଲେ ବିକାଶ ହୋଇପାରିବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଅଜୟ ସିଂହ ଯାଦବ ଯୋଗଦେଇ ସଂଗ୍ରାମୀଙ୍କ ସ୍ମୃତି ଚାରଣ କରି ଉକ୍ତ କାର୍ଯ୍ୟକ୍ରମ ପାଇଁ ସଦା ସର୍ବଦା ସହାୟତା ଜାରି ରହିବ ବୋଲି କହିଥିଲେ । ଅନ୍ୟତମ ଅତିଥି କଣିହାଁ କୋଇଲା କ୍ଷେତ୍ର ମହାପ୍ରବନ୍ଧକ(ଉତ୍ପାଦନ) ଦିନେଶ କୁମାର ମାଳି ଯୋଗଦେଇ ସଂଗ୍ରାମୀ ପବିତ୍ରମୋହନ ପ୍ରଧାନ ' ଭାରତ ରନି' ପାଇଁ ଦାବିଦାର ବୋଲି କହିଥିଲେ । ଦିବସରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ଓ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ଅମର ଆତ୍ମାର ସଦଗତି ନିମିତ୍ତ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଅତିଥି ମାନଙ୍କ ଦ୍ୱାରା ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀ ପରିବାରର ଶ୍ରୀମତୀ ବୁଧେଇ ସାହୁ, ଗୌରୀ ପ୍ରଧାନ ଓ ମାଳତୀ ପ୍ରଧାନଙ୍କୁ ସମ୍ମାନିତ କରାଯିବା ସହ ଉପସ୍ଥିତ ଥିବା ସଂଗ୍ରାମୀ, ସଂଗ୍ରାମୀଙ୍କ ପରିବାର, ସହିଦଙ୍କ ପରିବାରକୁ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ପବିତ୍ର ମୋହନ ପ୍ରଧାନ ଭାରତ ରନି କେ ଦାବିଦାର ପୁସ୍ତକ ଓ ସହିଦ ବିକା ସନ୍ଧାନେ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୂର୍ବରୁ କରାଯାଇଥିବା ବକ୍ତୃତା, ରଚନା ଓ ଦେଶାତ୍ମକ ବୋଧକ ଗୀତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ , କଣିହାଁ ବ୍ଲକରେ ମେଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି , ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ସଭା ପୂର୍ବରୁ ସମସ୍ତ ଅତିଥି ଏନଟିପିସି ବାଇପାସ ଛକ ଠାରେ ଥିବା ସହିଦ ସ୍ମୃତିସ୍ତମ୍ଭ, କଣିହାଁ ବ୍ଲକ କାର୍ଯ୍ୟାଳୟରେ ଥିବା ସ୍ମୃତିସ୍ତମ୍ଭ, ପିତ୍ରମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି, ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ଟ୍ରଷ୍ଟ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶିକ୍ଷୟତ୍ରୀ ନିରୁପମା ଷଡଙ୍ଗୀ ମଞ୍ଚ ପରିଚାଳନା କରିଥିଲେ । ଟ୍ରଷ୍ଟ ର ଆବାହକ ତଥା ତାଳଚେର ଉପଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ଗଣ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ସେବା ସମସ୍ୟାର ସମାଧାନ ପାଇଁ

# ଜନଜୀବନ ସୁରକ୍ଷା କମିଟି -ଜିଲ୍ଲା ମୁଖ୍ୟ ଚକିତ୍ସାଧିକାରୀ ଆଲୋଚନା

ଅନୁଗୋଳ , (ସବ୍ୟୁ) : ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଇବା ସହ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବାରେ ଲାଗିଛି । ଜିଲ୍ଲାର ସ୍ୱାସ୍ଥ୍ୟ ସେବା ସମସ୍ୟାର ସମାଧାନ ପାଇଁ ଆଜି ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ମୁଖ୍ୟ ଚକିତ୍ସାଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନଙ୍କୁ ସାକ୍ଷାତ କରି ଛଅ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ ସହ ଆଲୋଚନା କରିଛନ୍ତି । ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶିଆଲିଷ୍ଟ ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡ଼ା ଫାର୍ମ କୁ ସ୍ଥାନାନ୍ତର କରି ଏହାର ସମସ୍ତ ଜାଗା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡ୍ରେନେଜର ସୁବ୍ୟବସ୍ଥା କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ସୁପର ସ୍ପେଶିଆଲିଷ୍ଟ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦେଇ ରୋଗୀସେବା ଯୋଗାଇ ଦେବା, ଜିଲ୍ଲାର ସମସ୍ତ ଉପଖଣ୍ଡ ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ,ନର୍ସ ,କର୍ମଚାରୀ ପଦବୀ ପୂରଣ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ, ବର୍ଣ୍ଣୟୁନିଟ, ଇକୋ ମେସିନ ସ୍ଥାପନ କରିବା,ନିରାମୟରେ ସମସ୍ତ ଔଷଧ ଯୋଗାଇଦେବା ପ୍ରଭୃତି ଦାବି ସମ୍ପର୍କରେ ଆଲୋଚନ ହୋଇଥିଲା । ଆଇସିୟୁ ବର୍ଣ୍ଣୟୁନିଟ ଇକୋ ମେସିନ କାର୍ଯ୍ୟ କ୍ଷମ ହୋଇଛି, କୁକୁଡ଼ା



ଫାର୍ମ ର ସମସ୍ତ ଜାଗା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ପାଇଁ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉଛି ବୋଲି ଜିଲ୍ଲା ମୁଖ୍ୟ ଚକିତ୍ସାଧିକାରୀ ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡ୍ରେନେଜର ସୁବ୍ୟବସ୍ଥା ପାଇଁ ପି ଡବ୍ଲୁ ଡି କୁ ଅର୍ଥ ପ୍ରଦାନ କରାଯାଇଛି ଏବଂ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲ୍ଲା ଖଣିଜ ପାଣ୍ଠିରୁ ଡାକ୍ତର ନିଯୁକ୍ତି ଦିଆଯାଇଛି, ଯେଉଁଠି ଅଭାବ ରହିଛି ନୂଆ ଡାକ୍ତର ନିଯୁକ୍ତି ହେଲେ ଯୋଗାଇଦିଆଯିବ ପ୍ରତିଶ୍ରୁତି ଦେଇଛନ୍ତି ।ନିରାମୟରେ ଔଷଧ ଯୋଗାଇ ଦିଆଯାଉଛି,ଯାହା ମିଳୁନାହିଁ ତାହାକୁ ଯୋଗାଇ ଦେବା ବ୍ୟବସ୍ଥା କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି ।ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ସମସ୍ୟା ର ସମାଧାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶିଆଲିଷ୍ଟ ହସ୍ପିଟାଲରେ ପରିଣତ କରିବାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ଜିଲ୍ଲା ମୁଖ୍ୟ ଚକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି ।ଜିଲ୍ଲାର ସ୍ୱାସ୍ଥ୍ୟ ସେବା ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଆଜିର ପ୍ରତିନିଧି ମଣ୍ଡଳୀ ରେ ସାମିଲ ଥିବା କମିଟିର ଅନ୍ୟତମ ଆବାହକ ଅଭିମନ୍ୟୁ ସଓ୍ୱାଇଁ, ପଠାଣି ବରିହା, ତୀର୍ଥ ବାସୀ ଭୋଇ, ନିରୋଦ ପାଲ, ତ୍ରିଲୋଚନ ଜେନା,ହେମନ୍ତ କୁମାର ଦାସ, ରବୀନ୍ଦ୍ର ବେହେରା,ବେଣୁଧର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର

ଓଡାପଡା ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ୫୫ ନଂ ଜାତୀୟ ରାଜପଥ ବଳରାମପ୍ରସାଦ ଗ୍ରାମ ଠାରେ ଥିବା ସରକାରୀ ଯାତ୍ରୀ ବିଶ୍ରାମଗାରଟି ଗତ ଜୁଲାଇ ୧୬ ତାରିଖ ଦିନ ଭାଙ୍ଗି ରୁଜି ଯାଇ ବିପଦସଂଙ୍କୁଳ ଅବସ୍ଥାରେ ରହିଛି ।ଗତ ଜୁଲାଇ ମାସରେ ପ୍ରବଳ ବର୍ଷା



ଯୋଗୁଁ ସରପା ଯୋଡରେ ପ୍ରଚୁର ପରିମାଣରେ ପାଣି ଆସି ବନ୍ୟା ସୃଷ୍ଟି କରିଥିଲା ।ସେହି ବନ୍ୟାଜଳ ଯାତ୍ରୀ ବିଶ୍ରାମଗାରକୁ ବୁଡାଇ ଦେଇଥଲା ଫଳରେ ବିଶ୍ରାମଗାର ଘର ତଳୁ ମାଟି ତଡି ନେଇ ଭାଙ୍ଗିରୁଜି ଯାଇଥିଲା ।ସେହି ବନ୍ୟାଜଳ ଅନେକ ଘର, ମନ୍ଦିର ଓ ବିଦ୍ୟାଳୟ ମଧ୍ୟରେ ପଶି ଅନେକ କ୍ଷୟକ୍ଷତି କରିଥିବା ଦେଖିବାକୁ ମିଳିଥିଲା ।ଏହି ସବୁ ପ୍ରଶାସନିକ ଅଧିକାରୀ ମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା ମରାମତି ହୋଇ ପାରିନାହିଁ । ଯାତ୍ରୀ ବିଶ୍ରାମଗାରଟି କେଉଁ ମୁହୂର୍ତ୍ତରେ ଭୁଷୁଡି ପଡିବ ତାହା କହିହେବ ନାହିଁ ।ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ବଳରାମପ୍ରସାଦ ଗ୍ରାମବାସୀ ଦାବି କରିଛନ୍ତି ।

# ବଇଣ୍ଡାରେ ଜନ୍ମାଷ୍ଟମୀ

ବଇଣ୍ଡା,(ସବ୍ୟୁ) :ବଇଣ୍ଡା ରାଧାକୃଷ୍ଣ ମନ୍ଦିରରେ ଶୁକ୍ରବାର ଓ ଶନିବାର ୨ଦିନ ଧରି ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି । ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଆସିଥିଲେ । ଭଜନ ସନ୍ଧ୍ୟା ଭକ୍ତିଅର୍ଘ୍ୟ ଦୁଇ ଦିନ ଧରି ଚାଲୁ ରହିଥିଲା । କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶ ହୋଇ ନାଚିଥିଲେ । ପୂଜକ ମଦନ ମୋହନ ମିଶ୍ର ପୂଜା କରିଥିଲେ । ବଇଣ୍ଡା ଛକ ବିକାଶ ପରିଷଦ ସଭାପତି ରାଜ କୁମାର ଅଗ୍ରଓ୍ୱାଲ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ଗିରିଶ ଚନ୍ଦ୍ର ବେହେରା, ସଞ୍ଜୟ କୁମାର ସାହୁ, ପ୍ରଶ୍ନ ବେହେରା,ବିନୀତ ସାହା, ଜିତେନ୍ଦ୍ର ବେହେରାପ୍ରମୁଖ ସହଯୋଗ କରିଥିଲେ ।

# ଚୋରା କୋଇଲା ବେପାରୀ ସକ୍ରିୟ: ୪ ଟ୍ରକ ଜବତ

ତାଳଚେର,(ସବ୍ୟୁ) : ତାଳଚେର ଅଂଚଳରେ କୋଇଲା ଖଣି ଗୁଡ଼ିକରୁ ଦିନଦ୍ୱିପ୍ରହରେ ବେଧଡ଼କ ଭାବେ କୋଇଲା ଚୋରି ହେଉଥିବା ବେଳେ ଚୋରା ବେପାରୀ ସକ୍ରିୟ ହୋଇଥିବା ସ୍ପଷ୍ଟ ଜଣାପଡୁଛି । ଏହି ଚୋରା କାରବାରରେ ଅନ୍ତେ ବହୁତେ ସମସ୍ତଙ୍କର ହାତ ରହିଥିବା ଶୁଣାଯାଉଛି । କେତେ ବେଳେ ଖଣ୍ଡେଫାଳେ ନାମକୁ ମାତ୍ର ଚୋରା କୋଇଲା ଟ୍ରକ ଧରାପଡୁଥିବା ବେଳେ ଦୈନିକ ଖଣି ଗୁଡ଼ିକରୁ ଶହଶହ ଟ୍ରିପ କୋଇଲା ଚୋରିକରି ବାହାରକୁ ଚାଲଣ କରିବା ସହ ବେପାରୀମାନେ ତାଙ୍କର ଦୁଃସାହିକତା କାୟା ବିସ୍ତାର କରିଚାଲିଛନ୍ତି । ଏହା ଫଳରେ ଉଭୟ ସରକାରଙ୍କ ପ୍ରଚୁର ରାଜସ୍ୱ ହାନୀ ଘଟୁଛି । ଗତକାଲି ଭୂବନେଶ୍ୱରୀ କୋଇଲା ଖଣିରୁ କୋଇଲା ମାଫିଆମାନେ ଖଣିରେ ପ୍ରବେଶକରି କୋଇଲା ଚୋରି କରିବା ଘଟଣାରେ ୪ଟି ଟ୍ରକକୁ ଜବତ କରାଯାଇଛି । ସୂଚନା ମୂତାବକ, ଭୂବନେଶ୍ୱରୀ ଖଣିର କୋଇଲା ଷ୍ଟକକୁ ୪ଟି ଟ୍ରକ ଏକ ଲୋଡ଼ର ସାହାଯ୍ୟରେ ଚୋରି କରିବାକୁ ପଶିଥିଲେ । ଏଥିମଧ୍ୟରୁ ୩ଟି ଓଡ଼ି ୨୯ଡ଼ି ୨୧୯୫, ଓଡ଼ି୧୬ଡ଼ି ୬୨୯୨ ଏବଂ ଓଡ଼ି ୦୫ଏଡବ୍ଲ୍ୟ ୨୩୭୫ ଟ୍ରକରେ କୋଇଲା ବୋଝେଇ ହେଉଥିବା ବେଳେ ଆଉ ଗୋଟିଏ ଖାଲି ଟ୍ରକ ବୋଝେଇ କରିବାକୁ ଥିବା ଓଡ଼ି ୧୬ ଜି ୫୧୯୯ ହୋଇଥିବା ଜଣାପଡ଼ିଛି । ଏଥିରେ ସମ୍ପୃକ୍ତ ଥିବା ଲୋଡ଼ର ମେସିନକୁ କୋଲିୟରୀ ପୋଲିସ୍ ଜବତ କରିଥିବା ଘଟଣା ଚର୍ଚ୍ଚା ପରିସୀମା ଭିତରୁ ଆସିଛି । ତେବେ ଏହି ଗାଡ଼ି ଗୁଡ଼ିକ ଓ ସମ୍ପୃକ୍ତ ଲୋଡ଼ରଟି କାହାର ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ଏହାକୁ ନେଇ ବହୁ ତର୍କବିତର୍କ ଲାଗି ରହିଛି । ବିଶେଷ ସୂତ୍ରରୁ ପୋଲିସ୍ ଖବରପାଇ ହେଂସମୂଳ ଗ୍ରାମ ସ୍ଥିତ ଏଲଏନଟି ଛକ ଠାରେ ଟ୍ରକ ସହ ଲୋଡ଼ର ଓ ୩ଜଣ ଚାଳକଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି । ଟ୍ରକର ନଂ ପ୍ଲେଟ ବଦଳାଇ ଦୀର୍ଘଦିନ ହେବ ଖଣି ଭିତରୁକୁ ପ୍ରବେଶକରି କୋଲ ଷ୍ଟକଓ୍ୱାର୍ଡ଼ରୁ କୋଇଲା ଚୋରି ହେଉଥିବା ପୋଲିସ୍ ପ୍ରାଥମିକ ତଦନ୍ତରୁ ଜାଣିପାରିଛି ।

# ଭିଜିଲାନ୍ସ ଜାଲରେ ଡ୍ରେନେଜ ଏସଡିଓ

## କାମାକ୍ଷାନଗର ଜିରିଡାମାଳି ଶ୍ୱଶୁର ଘରେ ଚଢାଉ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଜିରିଡାମାଳିରେ ଥିବା କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗ ଏସଡିଓଙ୍କ ଶ୍ୱଶୁର ଘରେ ଆଜି ଭିଜିଲାନ୍ସ ବିଭାଗ ତରଫରୁ ଚଢାଉ କରାଯାଇଥିବାର ଜଣାପଡିଛି ।କେନ୍ଦ୍ରାପଡ଼ା ଡ୍ରେନେଜ ବିଭାଗର ଏସଡିଓ ଅନୁପମା ସାହୁ ନିଜ ଗାଡ଼ିରେ ୩ ଲକ୍ଷ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ତରଫରୁ ଧରାପଡିଛନ୍ତି । ଏହାକୁ ନେଇ ଆଜି କାମାକ୍ଷାନଗର ସହର ନିକଟବର୍ତ୍ତି ଜିରିଡ଼ାମାଳି ଗ୍ରାମରେ ଥିବା ଅନୁପମାଙ୍କ ଶଶ୍ୱର ଘରେ ଭିଜିଲାନ୍ସର ଏକ ଟିମ ଚଢାଉ କରିଛି । ଗତକାଲି ମଧ୍ୟରାତ୍ରିରୁ ଭିଜିଲାନ୍ସର ଏକ ଟିମ ଅନୁପମାଙ୍କ ଶଶ୍ୱର ଘରେ ପହଞ୍ଚି ରେଡ କରିବା ସହିତ ବିଭିନ୍ନ କାଗଜପତ୍ର ଯାଞ୍ଚ କରୁଛି ।ଗତକାଲି ରାତିରୁ ଭିଜିଲାନ୍ସ ଟିମ ଏଠାରେ ପହଞ୍ଚିଅନୁପମାଙ୍କ ଶଶୁରଙ୍କୁ ପଚରାଉଚୁରା କରିବା ସହିତ ବିଭିନ୍ନ କାଗଜପତ୍ର ଯାଞ୍ଚ କରୁଛନ୍ତି ।ତେବେ ଏଠାରୁ କଣ କଣ ଆୟ ବହିର୍ଭୁତ ସମ୍ପତ୍ତି ଠାବ ହୋଇଛି ସେ ନେଇ ଭିଜିଲାନ୍ସ ତରଫରୁ କୌଣସି ସୂଚନା ମିଳିନଥିଲେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ସିଜ କରି ତଦନ୍ତ କରୁଛି ।ଜିରିଡ଼ାମାଳିରେ ଥିବା ତାଙ୍କ ଶଶୁରଙ୍କ ଦୁଇଟି ଦୋକାନକୁ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରିଥିବା ବେଳେ ଅନେକ ବ୍ୟାଙ୍କ ପାସବୁକକୁ ଜବତ କରିଛନ୍ତ ।ବିଳମ୍ବିତ ରାତି ପ୍ରାୟ ୧୧:୩୦ରୁ ଭିଜିଲାନ୍ସ ଟିମ ଏଠାରେ ପହଞ୍ଚି ସକାଳ ପ୍ରାୟ ୧୧ ଟା ପର୍ଯ୍ୟନ୍ତ ତଦନ୍ତ କରିଛନ୍ତି ।

# ବଇଣ୍ଡାରେ ନନ୍ଦ ଉତ୍ସବ

ବଇଣ୍ଡା ,(ସବ୍ୟୁ) :କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ରାଧା କୃଷ୍ଣ ମନ୍ଦିର ପରିସର ରେ ନନ୍ଦ ଉତ୍ସବ କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ମନ୍ଦିର କମିଟି ଓ ଗ୍ରାମବାସୀ ଙ୍କ ପକ୍ଷରୁ ମନ୍ଦିର ବ୍ୟାପକ ସାଜସଜା କରାଯାଇଥିବା ବେଳେ ରାଧା କୃଷ୍ଣ ବେସ ହୋଇ ଶିଶୁ ମାନେ ନୃତ୍ୟ ପରିବେଷଣ କରିଥିଲେ । ଏ ପରିକି ପୂଜକ ମଦନ ମୋହନ ମିଶ୍ର ପ୍ରଭୁ ରାଧା କୃଷ୍ଣ ଙ୍କୁ ଯଥା ରୀତି ନୀତି ନିୟମ ଅନୁସାରେ ପୂଜା କରାଯାଇଥିଲା ।



ଏ ଥିସହ ଦୋଳି କରାଯାଇ ରାଧାକୃଷ୍ଣ ଙ୍କୁ ବସାଇବା ସହ ଦହିହାଣ୍ଡି ଭଙ୍ଗା ଯାଇଥିଲା । ଏଥିସହ ମନ୍ଦିର ନିକଟରେ ଭକ୍ତି ଅର୍ଘ୍ୟ ସଂଗଠନ ପକ୍ଷରୁ ଏକ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କଣ୍ଠଶିଳ୍ପୀ ନରେନ୍ଦ୍ର କୁମାର ବେହେରା , ରଶ୍ମିତା ମିଶ୍ର , ଅଶୋକ ମହାପାତ୍ର , ଇଶର ଶଙ୍ଖାରୀ , ମହେଶ ସାହା , ପ୍ରଶାନ୍ତ ମହାପାତ୍ର ଯୋଗ ଦେଇ ଭଜନ ପରିବେଷଣ କରିଥିଲେ ଗ୍ରାମର ରାଜ କୁମାର ଅଗ୍ରଓ୍ୱାଲା, ରାଜେନ୍ଦ୍ର ପ୍ରଧାନ , ଗିରିଶ ବେହେରା , ମାନସ ସାହୁ , ରବୀନ୍ଦ୍ର ସାହୁ , ଜିତେନ୍ଦ୍ର ବେହେରା , ପରୀକ୍ଷିତ ସାହୁ , ଲଛମନ ଦାସପ୍ରମୁଖ ସହଯୋଗ କରିଥିଲେ ।

# ସ୍ଥାୟୀ ଡାକ୍ତରର ପଦ ପୂରଣ ହେଉନାହିଁ , ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ

ଠାକୁରଗଡ ,(ସବ୍ୟୁ) :ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ କିଭଳି ସ୍ୱାସ୍ଥ୍ୟ ସେବା ପହଞ୍ଚିବ ସେ ନେଇ ରାଜ୍ୟ ସରକାର ବହୁ ଯୋଜନା ପ୍ରଚଳନ କରିଛନ୍ତି । ସମସ୍ତଙ୍କ ପରିବାର ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚିବ ସେ ନେଇ ସରକାର ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ତର୍ଜମା କରୁଛନ୍ତି । ହେଲେ ବହୁ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ପଦପୀ ଖାଲି ପଡିଥିବା ଯୋଗୁଁ ରୋଗୀ ସେବା ସଠିକ ଭାବରେ ମିଳୁନାହି । ଯେଉଁ ମେ ରୁ ଡାକ୍ତର ମାନେ ଉଚ ଶିକ୍ଷା ପଢିବା ପାଇଁ ଯାଉଛନ୍ତି ସେମାନଙ୍କ ବଦଳରେ ନୂତନ ଡାକ୍ତର ନିଯୁକ୍ତି କରୁନାହାନ୍ତି । ଏ ପରିକି ଅବସର ନେଉଥିବା କର୍ମଚାରୀ ଙ୍କ ବଦଳ ରେ ନୂତନ ନିଯୁକ୍ତି କରୁନାହାଁନ୍ତି। ଯାହା କି ଗ୍ରାମାଞ୍ଚଳରେ ଏବେ ସମ୍ପୂର୍ଣ୍ଣ ସଓ୍ୱାସ୍ଥ୍ୟ ସେବା ହୁଗୁଳା ହୋଇପଡିଛି । ଯାହା ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ରେ ନିଯୁକ୍ତ ହୋଇଥିବା ଡାକ୍ତର ଉଚ ଶିକ୍ଷା ପାଇଁ ଯାଇଥିବା ବେଳେ ତାଙ୍କ ବଦଳି କାହାକୁ ନିଯୁକ୍ତ କରାଯାଉନାହି । ଫଳରେ ରୋଗୀ ସେବା ବ୍ୟାଘାତ ହେଉଛି । ଏନେଇ ସ୍ଥାନୀୟ ଅଞ୍ଚଳ ବାସୀ ବହୁବାର ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହି । ଫଳରେ ଶନିବାର ଦିନ ଇ ମେଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଅଭିଯୋଗ କରିଛନ୍ତି । ଅଞ୍ଚଳବାସୀ ତାଙ୍କ ଅଭିଯୋଗ ରେ ଉଲେଖ କରିଛନ୍ତି ଯେ ବଇଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନୁନୁକାପଶି , ଗାଁ ବଇଣ୍ଡା , କଣ୍ଟେଇକୋଳିଆ , ଜାମୁନାଳୀ , ଲୁହାମୁଣ୍ଡା , ଆଠମଲ୍ଲିକ ବ୍ଲକ ର ପେଡିପଥର ଆଦି ୬ ଟି ପଞ୍ଚାୟତ ର ୩୫ ହଜାର ଲୋକେ ଚିକିସା ପାଇଁ ନିର୍ଭରଶୀଳ । ଜଙ୍ଗଲ ଅଧୁସିତ ଅଞ୍ଚଳ ର ବହୁ ଗ୍ରାମଗୁଡିକ ସାମାନ୍ୟ ଜର ହେଲେ ଏହି ମେ ଉପରେ ନିର୍ଭର କରୁଥିଲେ ମଧ୍ୟ ସେବା ପାଇ ପାରୁନାହନ୍ତି । ଜଣେ ଆୟୁସ ଡାକ୍ତର ନିଯୁକ୍ତି ହୋଇଥିବା ବେଳେ ଏମବିବିଏସ ଡାକ୍ତର ପଦ ଖାଲି ପଡିଛି । ଡାକ୍ତର ନିଯୁକ୍ତି ହୋଇ ଥିବା ବେଳେ ଉଚ ଶିକ୍ଷା ପାଇଁ ମେଡିକାଲ ରେ ଅନୁପସ୍ଥିତ ରହୁଥିବା ଯୋଗୁଁ ରୋଗୀ ମାନେ କମ୍ପାଉଣ୍ଡର ଙ୍କ ସାହା ଭରସା ରେ ରହୁଛନ୍ତି । ଡାକ୍ତର ନଥିବା ଯୋଗୁଁ ଗ୍ରାମାଞ୍ଚଳ ରୁ ଆସୁଥିବା ଗର୍ଭବତୀ ମହିଳା ମାନେ ପ୍ରସବ କରିବା ରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ସରକାରୀସ୍ୱାସ୍ଥ୍ୟ କେନ୍ଦ୍ର ରେ କର୍ମଚାରୀ ଅଭାବ ଯୋଗୁଁ ଅନେକ ଲୋକ ଘରେଇ କ୍ଲିନିକ ଗୁଡିକ ରେ ପଇସା ଖର୍ଚ୍ଚ କରି ଚିକିସା ହେଉଛନ୍ତି । ସାମାନ୍ୟ ଜର ହେଲେ ଲୋକେ ମାନେ ୩୫ କିମି କିଶୋରନଗର ନଚେତ ୭୦ କିମି ଅନୁଗୋଳ ଜିଲ୍ଲା ସଓ୍ୱାସ୍ଥ୍ୟ କେନ୍ଦ୍ର ଉପରେନିର୍ଭର କରୁଛନ୍ତି । ୫୫ ନମ୍ବର ଜାତୀୟ ରାଜପଥ କଡରେ ଏହି ମେ ପଡୁଥିବା ବେଳେ ଅନେକ ଦୁର୍ଘଟଣା ଗ୍ରସ୍ତ ହୋଇ ଗୁରୁତର ରୋଗୀ ଆସୁଥିବା ବେଳେ ଡାକ୍ତର ନଥିବା ଯୋଗୁଁ ଜିଲ୍ଲା ମେ କୁ ସଙ୍ଗେ ସଙ୍ଗେ ରେଫର୍ କରିଦିଆଯାଉଛି । ସେହିପରି ଡାକ୍ତର ଙ୍କ କ୍ୱାଟର୍ସ ଓ ଅନ୍ୟ କର୍ମଚାରୀଙ୍କ କ୍ୱାଟର୍ସ ଗୁଡିକ ବହୁ ବର୍ଷ ହୋଇଯାଇଥିବା ବେଳେ ବିପଦସଂକୁଳ ଅବସ୍ଥାରେ ରହିଛି । ଯାହା କି ଯେଉଁ ଡାକ୍ତର ଏଠାରେ ନିଯୁକ୍ତି ପାଉଛନ୍ତି ସେମାନ ଙ୍କ ରହିବାକୁ ଥିବା କ୍ୱାଟର୍ସ ନ ରହି ଅନ୍ୟ ସ୍ଥାନରେ ଭଡା ରେ ରହୁଥିବା ଯୋଗୁଁ ୨୪ ଘଣ୍ଟିଆ ସେବା ଲୋକେ ପାଇପାରୁନାହନ୍ତି । ନୂତନ ଏକ ସ୍ଥାୟୀ ଡାକ୍ତର ନିଯୁକ୍ତ ସହ ବଇଣ୍ଡା ମେ କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପରିଣତ କରିବା ପାଇଁ ଅଭିଯୋଗ ପତ୍ର ମାଧ୍ୟମରେ ବହୁ ବାର ବଇଣ୍ଡା ଗ୍ରାମବାସୀ ମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହି । ତୁରନ୍ତ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ଖାଲିପଡିଥିବା ଡାକ୍ତର ପଦ ପୂରଣ କରିବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ନଚେତ ଆଦାମୀ ଦିନରେ ଏକ ବଡ ଧରଣ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀମାନେ କଡା ଚେତାବନୀ ଦେଇଛନ୍ତି । ଏ ନେଇ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମଦନ ପ୍ରଧାନ କୁହନ୍ତି ସରକାର ନୂତନ ଡାକ୍ତର ନିଯୁକ୍ତି କରିବେ । ଖୁବ ଶୀଘ୍ର ବଇଣ୍ଡା ମେଡିକାଲ କୁ ଡାକ୍ତର ଯୋଗାଇ ଦିଆଯିବ ।

# ଆଇନଜୀବୀ ଜିତେନ୍ଦ୍ର ସାହୁ ପିସିସି ସମ୍ପାଦକ ହେଲେ

ଅନୁଗୋଳ,(ସବ୍ୟୁ) : ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ଅଲ ଇଣ୍ଡିଆ କଂଗ୍ରେସ କମିଟି ଅନୁଗୋଳର ଆଇନଜୀବୀ ଜିତେନ୍ଦ୍ର କୁମାର ସାହୁଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଭାବେ ମନୋନୀତ କରିଛନ୍ତି । ଏହା ପୂର୍ବରୁ ଶ୍ରୀ ସାହୁ ପୂର୍ବତନ ଉପ - ସଭାପତି , ଆଇନ ମହାବିଦ୍ୟାଳୟ , ଢେଙ୍କାନାଳ ପୂର୍ବତନ କାଉନସିଲର , ଅନୁଗୋଳ ପୌରପାଳିକା ପୂର୍ବତନ ସମ୍ପାଦକ , ଅନୁଗୋଳ ଓକିଲ ସଂଘ ପୂର୍ବତନ ସଭାପତି , ଅନୁଗୋଳ ଓକିଲ



ସଂଘପୂର୍ବତନ ସଭାପତି , ଅନୁଗୋଳ ଜିଲ୍ଲା କଂଗ୍ରେସ ଓବିସି ସେଲପୂର୍ବତନ ଉପ ସଭାପତି , ପ୍ରଦେଶ କଂଗ୍ରେସ ଓବିସି ସେଲସମ୍ପାଦକ , ପ୍ରଦେଶ କଂଗ୍ରେସ କମିଟିର ଦାୟିତ୍ୱ ସୁଚାରୁ ରୂପେ କାର୍ଯ୍ୟ ନିର୍ବାହ କରିଥିଲେ । ଏହି ନୂତନ ନିଯୁକ୍ତି ପାଇଁ ସେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇବା ସହିତ କଂଗ୍ରେସ ସଂଗଠନକୁ ଓଡିଶାରେ ମଜଭୁତ କରିବା ଦିଗରେ ପ୍ରୟାସ କରିବେ ବୋଲି କହିଛନ୍ତି ।

# ବୀଣାପାଣି ଯୁବକ ସଂଘର ନିଶା ମୁକ୍ତି ଅଭିଯାନ କାର୍ଯ୍ୟକ୍ରମ



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବିଶିଙ୍ଗା ଥାନା ଅଧୀନ ଆସ୍ତିଆ ସ୍ଥିତ ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ନିଶା ମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୀଣାପାଣି ଯୁବକ ସଂଘ ସଭାପତି ଶିବନାରାୟଣ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେତନଟୀ ଅବକାରୀ ବିଭାଗ ଭାରପ୍ରାପ୍ତ ଆନାଧିକାରୀ ପ୍ରଦୀପ କୁମାର ବେହେରା, ମୁଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବେତନଟୀ ସେବାକେନ୍ଦ୍ର ସଞ୍ଚାଳିକା ବନିତା ଭଉଣୀ , ସ୍ୱତନ୍ତ୍ର ସମ୍ମାନିତ ଅତିଥି ତଥା ମୁଖ୍ୟ ପୁରୋଧା ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା , ସମ୍ମାନିତ ଅତିଥି ଭାବେ ଆସ୍ତିଆ ସରପଞ୍ଚ ମିନତୀ ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ଯୁବ ସାଥିଦିକ ବ୍ରହ୍ମକୁମାର ସତ୍ୟପ୍ରକାଶ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ପ୍ରାରମ୍ଭିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସମାଜକୁ ନିଶାମୁକ୍ତ କରିବା ପାଇଁ ହେଲେ ପ୍ରଥମେ ମୁଁ ମୋ ନିଜକୁ ପରିବର୍ତ୍ତନର ସ୍ରୋତକୁ ଆଣି ନିଶାଠୁ ନିଜକୁ ଦୂରେଇବାର ଆବଶ୍ୟକତା ଅଛି ବୋଲି ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ରାଉତ ପ୍ରକାଶ କରିଥିଲେ । ଜଣେ ନାରୀ ସଚେତନ ହେଲେ ସମ୍ପୂର୍ଣ୍ଣ ପରିବାର ପରିବର୍ତ୍ତନ ସମ୍ଭବ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବେହେରା ନିଜର ଅଭିଭାଷଣରେ ପ୍ରକାଶ କରିଥିଲେ । ସମସ୍ତେ ଜୀବନରେ ଶ୍ରେଷ୍ଠତା, ପରୋପକାରୀତା , ପବିତ୍ରତା, ଦିବ୍ୟତା , ମହାନତା, ସତ୍ୟତା ଭଳି ଭଲ ଗୁଣକୁ ଧାରଣା କରି ନିଶା ଭଳି ଖରାପ ଗୁଣକୁ ତ୍ୟାଗ କରିବା । ଏଥି ପାଇଁ ଭଗବାନଙ୍କ ସ୍ମୃତିରେ ରହିଲେ ହିଁ ଏହା ସମ୍ଭବ ହୋଇ ପାରିବ ବୋଲି ମୁଖ୍ୟବକ୍ତା ବ୍ରହ୍ମାକୁମାରୀ ବନିତା ଭଉଣୀ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା , ଭାଇ , ଶିକ୍ଷାବିତ ଏବଂ ଯୁବଗୋଷ୍ଠୀ ଯୋଗଦାନ କରିଥିଲେ । ବ୍ରହ୍ମାକୁମାରୀ ବନିତା ଭଉଣୀ ଉପସ୍ଥିତି ସମସ୍ତଙ୍କୁ ସାମୁହିକ ନିଶାମୁକ୍ତ ପ୍ରତିଜ୍ଞା କରାଇଥିଲେ । ସମସ୍ତଙ୍କୁ ନିଶାଠୁ ଦୂରେଇ ରହିବା ପାଇଁ ପ୍ରଥମେ ନିଜେ ଉଦାହରଣ ହେବାର ଆବଶ୍ୟକତା ରହିଛି ବୋଲି ବେତନଟୀ ମଣ୍ଡଳ ଅଧ୍ୟକ୍ଷ ଜୀବନ କୁମାର ପରିଡା ନିଜ ଅଭିଭାଷଣରେ ପ୍ରକାଶ କରିବା ସହ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବୀଣାପାଣି ଯୁବକ ସଂଘର ପଦାଧିକାରୀଙ୍କ ସମେତ ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଟ୍ରାନ୍ସଫରର୍ମର କଏଲ ଚୋରି : ୮ ଗିରଫ



କରଞ୍ଜିଆ (ସବ୍ୟୁ): ଟ୍ରାନ୍ସଫରମର କଏଲ ଚୋରି ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ, ଛାଉ, ଚମ୍ପୁଆ ଘାଗରବେଡା, ବଡ଼କଦା ,ଠାକୁରମୁଣ୍ଡା ତଥା ଅନ୍ୟାନ୍ୟ ସ୍ଥାନରୁ ବିଭିନ୍ନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସ୍ୱତନ୍ତ୍ର ଦଳ ପ୍ରତିଷ୍ଠା କରି କରଞ୍ଜିଆ ପୋଲିସ ପାଞ୍ଚପୀଢ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲେ । ଏହି ସମସ୍ତ ସ୍ଥାନରୁ ୮ ଜଣ ଚୋରଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିବା ପାଞ୍ଚପୀଢ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ, କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ଯଶିପୁର ଥାନା ଭାରପ୍ରାପ୍ତ ଅଧିକାରୀ ରାଜେଶ କୁମାର ସେଠୀ, ବଡ଼କଦା ଥାନା ଭାରପ୍ରାପ୍ତ ଅଧିକାରୀ ଭାସ୍କର ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ସୂଚନା ଦେଇଛନ୍ତି ରାଇରଙ୍ଗପୁର ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର । ଟିପ୍ପୋଲିସ ସେକ୍ସନ ମ୍ୟାନେଜରଙ୍କ ପଞ୍ଚାମୁଣ୍ଡା ଟ୍ରାନ୍ସଫରମର କଏଲ ଚୋରି ଅଭିଯୋଗଙ୍କ ଆଧାର କରି କରଞ୍ଜିଆ ପୋଲିସର ଏକ ସ୍ୱତନ୍ତ୍ର ଦଳ ଘାଗରବେଡା ଥାନା ସଗଡା ଗ୍ରାମକୁ ଯାଇ ଅଏଲ ଚୋରି କରୁଥିବା ସମୟରେ ହାତ ଗୋଡ଼ ହରାଇଥିବା ଅରୂପ ଗିରିଙ୍କ ଠାରୁ ଏହାର କିଛି ପ୍ରମାଣ ପାଇ ବାରିପଦାର ପାଲବଣି, ଦାନ୍ତିଆମୁହାଁ, ଘାଗରବେଡା, ଚମ୍ପୁଆ ଓ ଯଶିପୁର ଅଞ୍ଚଳରୁ ୮ ଜଣ ଚୋରଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏହି ଦଳ ରାଇରଙ୍ଗପୁର ଓ କରଞ୍ଜିଆ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଟ୍ରାନ୍ସଫରମର କଏଲ ଚୋରି କରୁଥିବା ଜଣାପଡିଛି। ସେମାନଙ୍କ ନିକଟରୁ କଣ୍ଡକ୍ଟର ତାର ୨୧୦ କିଲୋ, ତମ୍ବା ତାର ୧୨୦ କିଲୋ, ୧୧ କେଭି ଓ ୩୩ କେଭି ଇନସୁଲେଟର ପିନ, କଟର ମେସିନ ୨ ଟା, କଟର ପ୍ଲାସ ୩ ଟା,ଲାଇନମେନ ହେଲମେଟ ୩ , ଜ୍ୟାକେଟ ୨, ମଟରସାଇକେଲ ୩ ଓ ମୋବାଇଲ ୧୦ ଟି ଜବ୍ଦ କରିଛି। ସମସ୍ତ ଗିରଫ ଙ୍କ ବିରୋଧରେ ପୂର୍ବରୁ ବହୁ କେଶ ରେ ଜଡିତ ରହି କୋର୍ଟ ଚାଲାଣ ମଧ୍ୟ ହୋଇଛନ୍ତି ବୋଲି ସେ ସୂଚନା ଦେଇଥିଲେ। କରଞ୍ଜିଆ ପୋଲିସ ର ଏହି ସଫଳତା ଆଗାମୀ ସମୟରେ ବହୁ ଚୋରି ଘଟଣାର ପର୍ଦ୍ଦାଫାଶ କରିବ ବୋଲି ସେ ଆଶାବାଦୀ ଅଛନ୍ତି ବୋଲି ସ୍ୱୀକାର କରିଛନ୍ତି । ସମସ୍ତ ଗିରଫ ଅଭିଯୁକ୍ତମାନଙ୍କୁ ଆସନ୍ତା କାଲି ସୋମବାର କୋର୍ଟ ଚାଲାଣ କରାଯିବା।

# ମିଳୁନି ପାଣି : ଗରା, ବାଲ୍ଟି, ହାଣ୍ଡି, ରଖି ରାସ୍ତା ଅବରୋଧ

ନୀଳଗିରି ,(ସବ୍ୟୁ): ପାନୀୟଜଳ ପାଇଁ ହାଣ୍ଡି, ଗରା, ବାଲ୍ଟି ରଖି ରାସ୍ତା ଅବରୋଧ। ସୂଚନା ଅନୁଯାୟୀ କେଶିପୁର ପଞ୍ଚାୟତ ଅଧିନ ୧୯ନଂ ରାଜ୍ୟ ରାଜପଥ ରାସ୍ତା ଭାଲୁକାପୋସୀ ଠାରେ ଶନିବାର ପୂର୍ବାହ୍ନ ରେ ଗରା, ବାଲ୍ଟି, ହାଣ୍ଡି ରଖି ରାସ୍ତା ଅବରୋଧ କରାଯାଇଥିଲା। କେଶିପୁର ପଞ୍ଚାୟତର ଚଣ୍ଡୀଗଡ଼, ପରାସିପାଲ, ବାଘସାହି, ହୁଡିସାହି, ଚଣ୍ଡୀଗଡ଼ ଛକ, ତରତରି, ଗ୍ରାମକୁ ପୂର୍ବରୁ ବସୁଧା ଯୋଜନାରେ ପାନୀୟଜଳ ଯୋଗାଇ ଦିଆଯାଇଥିଲେ ହେଁ ଗତ ଛଅ ମାସ ଧରି ଜଳଯୋଗାଣ ବନ୍ଦ ରହିଥିଲା। ସେଠାରେ ରାସ୍ତା ନିର୍ମାଣ କାମ ହେଉଥିବା ବେଳେ ପାଣି ପାଇପ ଫଟାଥିବା ସହ ପାଣି ଆସିବା ବନ୍ଦ ହୋଇଯାଇଥିଲା। ଫଳରେ ପାନୀୟଜଳ ପାଇଁ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଥିଲେ ସ୍ଥାନୀୟ ବାସିନ୍ଦା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ଏହାର ସମାଧାନ ହୋଇ ପାରି ନଥିଲା। ଶେଷରେ ଶହଶହ ମହିଳା ଗରା, ବାଲ୍ଟି, ହାଣ୍ଡି ରଖି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ରାସ୍ତା ଅବରୋଧ ଜାରି ରହିଥିଲା। ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଏସଡ଼ିଓ . ଓ ଦୁଇ କନିଷ୍ଠଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଉକ୍ତ ଗ୍ରାମରେ ବସୁଧା ଜଳ ଯୋଗାଣର ଲିଖିତ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ହେମ୍ବ୍ରମ୍, ସମାଜସେବୀ ଶ୍ରୀନିବାସ ବାଗ୍, ସୀତା ରାମ ବେହେରା, କରୁଣାକର ଦେହୁରୀ, ହେମନ୍ତ ପାତ୍ର,ମୁନା ପାତ୍ର, ନିରଞ୍ଜନ ଦେହୁରୀ, ଅରୁଣ ମାଝୀ, ଜତିନ୍ଦ୍ର ପାତ୍ର, ବାବୁଲି ପାତ୍ର ପ୍ରମୁଖ ଥିଲେ।

# ଯୋଗ ଶିକ୍ଷାକେନ୍ଦ୍ରରେ 'ଗୁରୁଦିବସ' ପାଳିତ




କେନ୍ଦୁଝର ,(ସବ୍ୟୁ): ପୁରୁଣାସହରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ପରିଚାଳିତ, ଯୋଗଶିକ୍ଷା କେନ୍ଦ୍ରରେ ଯୋଗ ଶିକ୍ଷାର୍ଥୀମାନେ 'ଗୁରୁଦିବସ' ପାଳନ କରିଥିଲେ। ଏହି ଅବସରରେ ଯୋଗ ଗୁରୁ ଶ୍ରୀମାନ ସୌମ୍ୟରଂଜନ ମହାନ୍ତଙ୍କୁ ଯୋଗ ଶିକ୍ଷାର୍ଥୀମାନେ ଫୁଲତୋଡ଼ା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ଗୁରୁବନ୍ଦନା କରିଥିଲେ। ପରେ ଜୀବନରେ ଗୁରୁଙ୍କ ଆବଶ୍ୟକତା କିପରି ଅର୍ନିର୍ଯ୍ୟ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗୁରୁଙ୍କର ରୂପ ଅନେକ ସିଏ ନିଜର ପୁଅଝିଅ, ପରିଜନ, ସାଥୀ, କୌଣସି ଏକ ସମୟର ସହଯାତ୍ରୀ କିମ୍ବା ଯେ କୌଣସି ବ୍ୟକ୍ତି ରୂପେ ନିଃସ୍ୱାର୍ଥପର ଭାବରେ ଆମକୁ ମାର୍ଗଦର୍ଶନ ଦିଅନ୍ତି। ସେ ହେଉଛନ୍ତି ପ୍ରକୃତ ଗୁରୁ ବୋଲି ଯୋଗ ଗୁରୁ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଯୋଗ ଶିକ୍ଷାର୍ଥୀ ଉପସ୍ଥିତ ଥିଲେ।

# ଗଣେଶ ପୂଜା ପାଳନ ଲାଗି ଶାନ୍ତି କମିଟି ବୈଠକ

ବାଲେଶ୍ୱର,(ସବ୍ୟୁ): ଆସନ୍ତା୧୪ ତାରିଖରେ ହେବାକୁ ଥିବା ଗଣେଶ ପୂଜାକୁ ପାରମ୍ପରିକ ରୀତିନୀତି, ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ପାଳନ ନିମନ୍ତେ ଜିଲ୍ଲାପାଳ, ବାଲେଶ୍ୱର ସୂର୍ଯ୍ୟବଂଶ ମୟୂର ବିକାଶଙ୍କ ଅଧକ୍ଷତାରେ ଗାନ୍ଧୀ ସ୍ମୃତି ଭବନଠାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲେଶ୍ୱର ସଦର ବିଧାୟକ, ପୌରାଧକ୍ଷା, ପୋଲିସ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଏବଂ ବିଭିନ୍ନ ଗଣେଶ ପୂଜା କମିଟିର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ବୈଠକରେ ପୂଜା ପାଇଁ ଆବଶ୍ୟକ ଅନୁମତି ଓ ଆପତ୍ତିବିହୀନ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ୮ରୁ ୧୦ ସେପଟେମ୍ବର ପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ ବୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ଶୋଭାଯାତ୍ରା ପାଇଁ ମଧ ଆବଶ୍ୟକ ଅନୁମତି ନେବାକୁ ପୂଜା କମିଟିଗୁଡ଼ିକୁ କୁହାଯାଇଛି। ପୂଜାମଣ୍ଡପରେ ଶବ୍ଦ ନିୟନ୍ତ୍ରଣ, ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ବ୍ୟବହାର ନ କରିବା, ରାସ୍ତା ଅବରୋଧ ନ କରିବା ଏବଂ ନିର୍ଦ୍ଧାରିତ ସ୍ଥାନରେ ମଣ୍ଡପ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ମଣ୍ଡପରେ ଅଗ୍ନିନିର୍ବାପକ ଯନ୍ତ୍ର, ପାଣି ଓ ବାଲିଭର୍ତ୍ତି ବାଲଟି ରଖିବାକୁ କୁହାଯାଇଛି। ଭସାଣି ସମୟରେ ମଦ୍ୟପାନ, ନିଶାଦ୍ରବ୍ୟ, ମାରଣାସ୍ତ୍ର, ଲାଠି, ବାଣ ଓ ଆତସବାଜି ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଛି। ସିସିଟିଭି ଓ ଡ୍ରୋନ୍ ମାଧମରେ ନିରୀକ୍ଷଣ ସହ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥା ସୁଦୃଢ଼ କରାଯିବ। ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ୧୬, ୧୮ ଓ ୨୧ ସେପଟେମ୍ବର ତାରିଖ ଧାର୍ଯ୍ୟ କରାଯାଇଛି। ସମସ୍ତ ପୂଜା କମିଟି ପ୍ରଶାସନକୁ ସହଯୋଗ କରି ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପୂଜା ଓ ଭସାଣି ଉତ୍ସବ ପାଳନ କରିବାକୁ ଆହ୍ୱାନ ଦିଆଯାଇଛି।

# ଜିଲ୍ଲା ପରିବହନ ବିଭାଗର ଗାଡି କାଗଜପତ୍ର ଯାଞ୍ଚ

ସୋର,(ସବ୍ୟୁ): ସୋର ଥାନା କଲେଜଛକ ନିକଟରେ ଜିଲ୍ଲା ପରିବହନ ବିଭାଗ ଏବଂ ସୋର ପୁଲିସ ପକ୍ଷରୁ ଗାଡି ମୋଟର ଗୁଡିକୁ ମିଳିତ ଯାଞ୍ଚ କରାଯାଇ ଅମାନିଆ ଗାଡି ଚାଳକଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଫାଇନ ଆଦାୟ କରାଯାଇଛି। ବାଲେଶ୍ୱର ପରିବହନ ବିଭାଗର କନିଷ୍ଠ ଯାନ ନିରୀକ୍ଷକ ଦେବସ୍ମିତା ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସୋର ପୁଲିସ ସହାୟତାରେ କଲେଜ ଛକରେ ଦୁଇ ଚକିଆ ଏବଂ ଚାରିଚକିଆ ଗାଡିର କାଗଜପତ୍ର ସମେତ ହେଲମେଟ, ଡ୍ରାଇଭିଙ୍ଗ ଲାଇସେନ୍ସ, ଇନସ୍ୟୁରାନ୍ସ ସମେତ ବିଭିନ୍ନ ପ୍ରକାର ଯାଞ୍ଚ କରିଥିଲେ। ଏହି ସମୟରେ ୨୭ ଜଣଙ୍କ ନିକଟରୁ ୧ ଲକ୍ଷ ୯୫ ହଜାର ଫାଇନ ଆଦାୟ କରାଯାଇଥିଲା। ଗାଡି କାଗଜପତ୍ର ସଠିକ ନଥିବାରୁ ଏକ ଜେସିବି ସମେତ ଅନ୍ୟ ଏକ ଚାରିଚକିଆ ଗାଡି ଜବତ କରାଯାଇଥିଲା।

# ପୋଲ ତଳକୁ ଖସି ବାଇକ ଆରୋହୀ ମୃତ

ନୀଳଗିରି, (ସବ୍ୟୁ): ନୀଳଗିରି ବ୍ଲକ ବରହମପୁର ଥାନା ସେରଗଡ଼ ଝରଣାଘାଟି ୧୯ନମ୍ବର ରାଜ୍ୟରାଜପଥ ଗୋହିରା ନିକଟରେ ଥିବା ପୋଲତଳକୁ ବାଇକ ଖସି ଚାଳକର ମୃତ୍ୟୁ ଘଟିଛି । ମୃତ ଚାଳକ ଜଣଙ୍କ ନୀଳଗିରି ଏନଏସି ଡାହାଣୀମରା ଅଞ୍ଚଳର ସୁନୀଲ ସିଂ ବୋଲି ଜଣାପଡିଛି । ସେ ଖନ୍ତାପଡା ଅଞ୍ଚଳରେ ରହୁଥିଲେ। ଦୀପକ କୁମାର ପାତ୍ରଙ୍କ ପଲସର ଗାଡି ମାଗି କୌଣସି କାମରେ ଶନିବାର ବରହମପୁର ଅଞ୍ଚଳକୁ କାମରେ ଯାଇଥିଲା ବେଳେ ପୋଲକୁ ଧକ୍କାଦେବା ଫଳରେ ପୋଲ ତଳକୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ସ୍ଥାନୀୟ ଲୋକେ ତୁରନ୍ତ ବରହମପୁର ପୋଲିସ ଖବର ଦେଇଥିଲେ। ବରହମପୁର ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବ ଜବତ କରି ପୋଷ୍ଟମୋଟମ ପାଇଁ ଶବକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକୁ ଜବତ କରି ବରହମପୁର ଥାନାକୁ ନେଇଥିଲେ।

# ବିଏସଇ ୫୦୦ ମୁମେଣ୍ଟମ୍ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

ଯୋଡା, (ସବ୍ୟୁ) : ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ବିଏସଇ ୫୦୦ ମୁମେଣ୍ଟମ ଭାଲ୍ୟୁ ଇଣ୍ଡେକ୍ସ ଫଣ୍ଡର ଲଞ୍ଚ ଘୋଷଣା କରାଯାଇଛି । ଏହା ହେଉଛି ଏକ ମୂଲ୍ୟ ଓ ଗତି ନିବେଶ ବିକଳ୍ପ ଯାହା ଗ୍ରାହକଙ୍କୁ ନିର୍ଦ୍ଧିଷ୍ଟ ୟୁନିଟ୍-ଲିଙ୍କ୍ଡ ଇନ୍ସୁରାନ୍ସ ପ୍ଲାନ (ୟୁଲିପ୍) ମାଧ୍ୟମରେ ଦୀର୍ଘକାଳିନ ଇକ୍ୱିଟି ସୁଯୋଗ ପାଇଁ ପହଞ୍ଚ ପ୍ରଦାନ କରିଥାଏ । ଏହି ଫଣ୍ଡ୍ ଗ୍ରାହକଙ୍କୁ ବିସ୍ତୃତ ବିଏସ୍ଇ ୫୦୦ ୟୁନିଭର୍ସରୁ ଚୟନ କରାଯାଇଥିବା ୫୦ଟି କମ୍ପାନୀର ଏକ ବିବିଧ ଶୃଙ୍ଖଳା ପାଇଁ ଏକ୍ସପୋଜର ଦେଇଥାଏ ଏବଂ ଆଇସିଆଇସିଆଇ ପ୍ରୁ ବିଏସଇ ୫୦୦ ମୁମେଣ୍ଟମ ଭାଲ୍ୟୁ ୫୦ କଷ୍ଟମାଇଜ୍ଡ ଇଣ୍ଡେକ୍ସକୁ ଅନୁସରଣ କରିଥାଏ । ଯଦି ଏକ ଷ୍ଟକକୁ ନିୟାମକୀୟ ନିର୍ଦ୍ଦେଶାବଳୀ କାରଣରୁ ଚୟନ କରାଯାଇନପାରେ ତେବେ ପରବର୍ତ୍ତୀ ଯୋଗ୍ୟ ଷ୍ଟକଗୁଡିକୁ ୫୦ଟି ଷ୍ଟକର ଏକ ଗୋଷ୍ଠୀ ବଜାୟ ରଖିବା ପାଇଁ ଚୟନ କରାଯିବ । ଏହି ଲଞ୍ଚ ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ନିବେଶ ଅଧିକାରୀ ମନିଷ କୁମାର କହିଛନ୍ତି, ବିଏସ୍ଇ ୫୦୦ ମୁମେଣ୍ଟମ ଭାଲ୍ୟୁ ୫୦ ଇଣ୍ଡେକ୍ସ ଫଣ୍ଡକୁ ଗ୍ରାହକଙ୍କୁ ଏକ ଶୃଙ୍ଖଳିତ ଓ ସ୍ୱଚ୍ଛ ନିବେଶ ରଣନୀତି ପାଇଁ ପହଞ୍ଚ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି । ଆକର୍ଷଣୀୟ ମୂଲ୍ୟାୟନ ମୂଲ୍ୟ ସହଜତା ଦେଇ ପାରୁଥିବା ବେଳେ ସକାରାତ୍ମକ ବେଗ ବର୍ଦ୍ଧିତ ବଜାର ଆତ୍ମବିଶ୍ୱାସକୁ ସୂଚିତ କରିପାରେ । ଏହି ରଣନୀତି ଏକ ବ୍ୟବସ୍ଥିତ ପଦ୍ଧତିକୁ ଅନୁସରଣ କରିଥାଏ ଏବଂ ଏହାକୁ ପ୍ରତ୍ୟେକ ତ୍ରୈମାସିକରେ ସମୀକ୍ଷା କରାଯାଇଥାଏ, ଯାହା ଏହି ପୋର୍ଟଫୋଲିଓକୁ ପରିବର୍ତ୍ତିତ ବଜାର ମୂଲ୍ୟାୟନ ଓ ଟ୍ରେଣ୍ଡ ସହ ବିକଶିତ ହେବା ପାଇଁ ଅନୁମତି ଦେଇଥାଏ ।

# ଓଭରବ୍ରିଜ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା

ଭଦ୍ରକ/ଧାମନଗର,(ସବ୍ୟୁ): ଧାମନଗର ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ଧାମନଗର ଛକ ଓଭରବ୍ରିଜ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଓଆର-୦୨-ଏଏଚ-୩୩୮ଏକ କାରରେ ଉଦଳା ଅଂଚଳର ୩ଜଣ ବ୍ୟକ୍ତି ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବାବେଳେ ଧାମନଗର ଛକ ନିକଟରେ ଏକ ପାସେଞ୍ଜର ଅଟୋର ଚାଳକ ବୁଲାଉଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା କାରଟି ଉକ୍ତ ଅଟୋକୁ ଧକ୍କା ଦେବା ଫଳରେ ଭାରସମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଡିଭାଇଡର ଓ ଷ୍ଟ୍ରିଟ ଲାଇଟ ଖୁଣ୍ଟକୁ କାରଟି ପିଟିଥିଲା। ଫଳରେ ଗାଡିଟି ସଂପୂର୍ଣ୍ଣ ଭାଙ୍ଗିରୁଜି ଯିବା ସହିତ ସେଥିରେ ଥିବା ତିନି ଜଣ ବ୍ୟକ୍ତି ଚାପିହୋଇ ରକ୍ତାକ୍ତ ଅବସ୍ଥାରେ ଆହତ ଅବସ୍ଥାରେ ରହିଯାଇଥିଲେ। ଭଣ୍ଡାରିପୋଖରୀ ଦମକଳବାହିନୀ ଘଟଣା ସ୍ଥଳରେ ପହଂଚି ଗ୍ୟାସ କଟର ସାହାଯ୍ୟରେ କାଟି ସେମାନଙ୍କୁ ଉଦ୍ଧାର କରିଥିଲେ। ପରେ ଗୁରୁତର ଅବସ୍ଥାରେ ତିନିଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଘଟଣାସ୍ଥଳରେ ଧାମନଗର ପୋଲିସ ପହଂଚି ଦୁର୍ଘଟଣାଗ୍ରସ୍ତ ଗାଡିଟିକୁ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

# ମହିଳାଙ୍କ ବେକରୁ ସୁନା ଚେନ ଲୁଟ

ସୋର , (ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ନିକଟରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ ଚିନ୍ତାଇ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି।ଅଭିଯୋଗ ଅନୁସାରେ ଗୋପାଳପୁର ଅଞ୍ଚଳର ସୋନାଲି ପାଲ ଶନିବାର ସନ୍ଧ୍ୟାରେ ତାଙ୍କ ସ୍ୱାମୀ ଦୟାନିଧି ଖଣ୍ଡୁଆଙ୍କ ସହିତ ବାଇକ ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ବାରିକପୁର ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ ୟାମାହା ଆର ୱାନ ଫାଇଭ ବାଇକରେ ପଛରୁ ଆସି ସୋନାଲି ବେକରେ ପିନ୍ଧିଥିବା ୮ ଗ୍ରାମ ଓଜନର ସୁନା ଚେନ ଟିକୁ ଛିନ୍ତାଇ କରି ବାଲେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ସୋନାଲି ଏ ବାବଦରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଥାନାରେ ଏକ ମାମଲା ରୁଜୁ କରିଛି।

# ନାବାଳିକାଙ୍କୁ ଦୁଷ୍କର୍ମ : ଦୁଇ ଗିରଫ

ସୋର,(ସବ୍ୟୁ): ସୋର ଥାନା ତଳନଗର ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ସୋର ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଗତ ୧ ତାରିଖରେ ଏହି ଅଞ୍ଚଳର ଜଣେ ନାବାଳିକା ତାଙ୍କ ବନ୍ଧୁଙ୍କ ସହିତ ନୀଳଗିରି ଥାନା ବିଶେଶ୍ୱର ପୀଠକୁ ବୁଲିବାକୁ ଯାଇଥିଲେ। ସେଠାରେ ତାଙ୍କ ବନ୍ଧୁ ତାଙ୍କୁ ଦୁଷ୍କର୍ମ କରିବା ପରେ ବିଳମ୍ବିତ ରାତିରେ ତଳନଗର ନିକଟରେ ଛାଡି ଦେଇଥିଲେ। ନାବାଳିକା ଜଣଙ୍କ ସେଠାରେ ଇତସ୍ତତଃ ଭାବେ ବୁଲୁଥିବା ବେଳେ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ସମ୍ପର୍କୀୟଙ୍କ ଘରେ ଛାଡିଥିଲେ। ଏନେଇ ନାବାଳିକା ଜଣଙ୍କ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୬୫୧/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।ପୁଲିସ ଏହି ଘଟଣାରେ ସମ୍ପୃକ୍ତ ବାହାନଗା ଅଞ୍ଚଳର ରାଜୀବ ସିଂ (୨୭) ଏବଂ ତାଙ୍କୁ ଏଥିରେ ସହଯୋଗ କରିଥିବା ଅଭିଯୋଗରେ ସେହି ଅଞ୍ଚଳର ସେକ ନାସିର ଅଲ୍ଲୀ(୨୭)କୁ ଗିରଫ କରିଥିଲେ। ସୋର ମେଡ଼ିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ ଶନିବାର ଅପରାହ୍ନରେ ବାଲେଶ୍ୱର ପୋକସୋ କୋର୍ଟକୁ ଚାଲାଣ କରାଯାଇଛି।

# ଲଗାଣ ବର୍ଷା ଜନଜୀବନ ବିପର୍ଯ୍ୟସ୍ତ

ଠାକୁରମୁଣ୍ଡା ,(ସବ୍ୟୁ): ଚଳିତ ଋତୁର ଲଗାଣ ବର୍ଷା ଯୋଗୁଁ, ଠାକୁରମୁଣ୍ଡା ପଞ୍ଚାୟତ ପଣସ ଡିହା ୱାର୍ଡ ନଂ -୧୦ ଏବଂ ଗୁଗୁଡ଼ିବେଡା ୱାର୍ଡ ନଂ ୮ ର ଘଣ ଘଣୀ ସାହିର ଜନଜୀବନ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ।ପଣସ ଡିହା ୱାର୍ଡ ନଂ -୧୦ ର ବଲ୍ଲଭ ନାଏକଙ୍କ ଘର ଭାଙ୍ଗି ପଡିଥିବାବେଳେ, ତାଙ୍କ ପରିବାର ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ସେହିପରି ୮ ନମ୍ବର ୱାର୍ଡ ଗୁଗୁଡ଼ିବେଡା ଘଣ ଘଣୀ ସାହିର ଘଣ ଘଣୀ କେନାଲ ପାଣି ୫୦ ଗୋଟି ପରିବାରଙ୍କ ଘର କେନାଲ ଖାଇ ବିପର୍ଯ୍ୟସ୍ତ ଅବସ୍ଥା ସୃଷ୍ଟି କରିଛି । ଏହି ସାହିର, କୁନୀ ସେଠି, ରଞ୍ଜନ ବେହେରା, ବାବୁଲୁ ବେହେରା, ନନ୍ଦକିଶୋର ବାରିକ, ପ୍ରଦ୍ୟୁମ୍ନ ବାରିକ, ସୁବୋଧ ବାରିକ, ଶଙ୍କର ସେଠି, ନିତ୍ୟାନନ୍ଦ ସେଠି,ବିଶ୍ୱନାଥ ସେଠି, ଦୋଳଗୋବିନ୍ଦ ସେଠି, ଉଦିଆ ସେଠି ପ୍ରମୁଖଙ୍କ ଘରକୁ ଘଣଘଣୀ କେନାଲ ଖାଇଚାଲିଛି । ଫଳରେ ଏହି ପରିବାରମାନେ ପ୍ରଶାସନକୁ ଏ ବାବଦରେ ପ୍ରତିକାର ପାଇଁ ଅନୁରୋଧ କରିବା ସହିତ ବିଶେଷ ଭାବେ ନିଜକୁ ଅସୁରକ୍ଷିତ ମନେ କରି ନାନାଦି ଦୁଶ୍ଚିନ୍ତାର ସହିତ କାଳାତିପାତ କରୁଛନ୍ତି । ଅତିଶୀଘ୍ର ପଣସ ଡିହା ୧୦ ନମ୍ବର ୱାର୍ଡର ବଲ୍ଲଭ ନାଏକଙ୍କୁ ଆବାସ ଗୃହ ପ୍ରଦାନ ସହିତ ଘଣଘଣୀ ସାହି ବାସିନ୍ଦାଙ୍କ ଦାବି ପୂରଣ କରିବାପାଇଁ ରଞ୍ଜନ ବେହେରା, ନନ୍ଦ କିଶୋର ବାରିକ, କୁନୀ ସେଠି ଓ ଅନ୍ୟମାନେ ଦାବି କରିଛନ୍ତି ।

# ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ଘଟଣା ବ୍ୟବଚ୍ଛେଦ ପାଇଁ ମାଟି ତଳୁ ଖୋଳି ଆଣିଲେ ୨ ମୃତଦେହ

ଭଦ୍ରକ,(ସବ୍ୟୁ): ମୃତ୍ୟୁର ୨ ଦିନ ପରେ ବ୍ୟବଚ୍ଛେଦ ପାଇଁ ମାଟି ତଳୁ ଖୋଳା ହେଲା ଶବ । ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସନ୍ଦେହ କରି ପରିବାର ଲୋକେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଶନିବାର ମୃତଦେହ ନେଇ ପହଞ୍ଚିଛନ୍ତି। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଈଶ୍ୱରପୁର ତିଆଡ଼ି ସାହିର ପ୍ରମିଳା ବାରିକଙ୍କ ଦେହ ଅସୁସ୍ଥ ହୋଇଥିଲା।ଆଖିକୁ ଦେଖା ନ ଯିବା ସହ ପାଟି ଶୁଖିଲା ହୋଇଯାଉଥିଲା। ପରିବାର ଲୋକେ ଗୁରୁବାର ସକାଳେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ମେଡିକାଲରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହକୁ ସତ୍କାର କରାଯାଇଥିଲା। କିନ୍ତୁ ଗୁରୁବାର ରାତିରେ ସେହି ଘରେ ସ୍ୱାମୀ ପରମାନନ୍ଦ ବାରିକ ଶୋଇଥିଲେ। ଶୁକ୍ରବାର ସକାଳୁ ପରମାନନ୍ଦଙ୍କର ସମାନ ଲକ୍ଷଣ ଦେଖାଯିବା ସହ ଅସୁସ୍ଥ ହୋଇଥିଲେ। ତାଙ୍କୁ ପ୍ରଥମେ ତିହିଡ଼ି ପରେ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକ ଯିବା ବାଟରେ ତାଙ୍କର ମଧ ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ପରମାନନ୍ଦଙ୍କ ମୃତଦେହ ରଖାଯାଇଛି। ତେବେ ଏହା ସାପକାମୁଡ଼ା ଲକ୍ଷଣ ହୋଇଥିଲା ବେଳେ ପରମାନନ୍ଦଙ୍କ ମାଟିଘର ବନ୍ୟାପାଣି ଘେରରେ ରହିଛି। ଶୋଇବା ଘରରେ ଏକାଧିକ ଗାତ ରହିଛି । ତେଣୁ ସର୍ପାଘାତରେ ଉଭୟଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ବୋଲି ତାଙ୍କ ଭିଣୋଇ କହିଛନ୍ତି । ପୋଲିସକୁ ଜଣାଇ ପ୍ରମିଳାଙ୍କ ମୃତଦେହକୁ ଖୋଳି ଆଣିଛନ୍ତି। ତେବେ ଉଭୟଙ୍କ ମୃତ୍ୟୁରେ ତାଙ୍କ ପରିବାର ବେସାହାରା ହୋଇପଡ଼ିଛି । ତାଙ୍କର ଦୁଇ ପିଲା ସହ ବୃଦ୍ଧ ପିତାମାତା ଅସହାୟ ହୋଇ ପଡ଼ିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ବାଲ୍ୟବିବାହ ମୁକ୍ତ ଅଭିଯାନ ଶୁଭାରମ୍ଭ

ଆଗରପଡ଼ା,(ସବ୍ୟୁ):ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟୁନିଫାଏଡ୍ ଆକ୍ସନ କାଉନସିଲ ଦ୍ୱାରା ବାଲିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ଅୟମାରମ୍ଭ ହୋଇଛି। ଏହି କାର୍ଯଯକ୍ରମରେ ବିଦ୍ୟାଳୟର ଶିକ୍ଷକ ବୃନ୍ଦ,ସମାଜସେବୀ,ସ୍ଥାନୀୟ ଲୋକପ୍ରତିନିଧି ଓ ଛାତ୍ରଛାତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯଯକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ ୟୁଏସିର ସମ୍ପାଦକ ନିମାଇଁ ନାରାୟଣ ଶତପଥୀ କରିଥିଲେ। ଆସିଆନା ସମ୍ପାଦିକା ସୋଫିଆ ଶେଖ୍,ପ୍ରଧାନଶିକ୍ଷକ ଅମୂଲ୍ୟ ପ୍ରଧାନ,ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଭ୍ୟ ପ୍ରଦୀପ୍ତ କର,ସମାଜସେବୀ ବନମାଳୀ ବେହେରା,ଗଣମାଧ୍ୟମ ପ୍ରତିନିଧି ପ୍ରଦ୍ୟୁମ୍ନ ପୁହାଣ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆରତଭଞ୍ଜନ ମହାପାତ୍ର ଓ ସୁଜ୍ଞାନ ମିଶ୍ର ପ୍ରମୁଖ କାର୍ଯଯକ୍ରମ ସମ୍ପାଦନାରେ ସହଯୋଗ କରିଥିଲେ।

# ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ନୂତନ ଢଙ୍ଗରେ ଗୁରୁଦିବସ ପାଳିତ

ବାଲେଶ୍ୱର,(ସବ୍ୟୁ): ଫକୀରମୋହନ (ଏଫଏମ)ବିଶ୍ୱବିଦ୍ୟାଳୟରେ ଗୁରୁଦିବସ ଏକ ନୂତନ ଚିନ୍ତାଧାରା ସହ ପାଳନ କରାଯାଇଛି। ପାରମ୍ପରିକ ଶୁଭେଚ୍ଛା ବିନିମୟ ସହିତ ଶିକ୍ଷକ-ଶିଷ୍ୟ ସମ୍ପର୍କ, ମୂଲ୍ୟବୋଧର ବିକାଶ ଏବଂ ଜ୍ଞାନଚର୍ଚ୍ଚାକୁ କେନ୍ଦ୍ର କରି ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଅଧ୍ୟାପକ ଓ ଅଧ୍ୟାପିକାମାନେ ନିଜର ଶିକ୍ଷାଦାନ ଅନୁଭୂତି ଓ ପ୍ରେରଣାଦାୟୀ ଅଭିଜ୍ଞତା ବାଣ୍ଟିଥିଲେ। ଏଥିସହ ଗୁରୁଦିବସକୁ କେବଳ ଔପଚାରିକତାରେ ସୀମିତ ନ ରଖି ଏହାକୁ ଶିକ୍ଷାତ୍ମକ ଚିନ୍ତନ ଓ ଆତ୍ମସମୀକ୍ଷାର ଏକ ମଞ୍ଚ ଭାବେ ପାଳନ କରାଯାଇଥିଲା। ନିଜ ଅଭିଭାଷଣରେ କୁଳପତି କହିଥିଲେ ଯେ, ଜଣେ ଶିକ୍ଷକ କେବଳ ପାଠ୍ୟକ୍ରମ ପଢ଼ାଇବାରେ ସୀମିତ ରହନ୍ତି ନାହିଁ ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗବେଷଣାମନସ୍କତା, ସମାଲୋଚନାତ୍ମକ ଚିନ୍ତନ, ନୈତିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧର ବିକାଶ କରିବାରେ ପ୍ରମୁଖ ଭୂମିକା ନିଭାନ୍ତି। ସେ ବିଶ୍ୱବିଦ୍ୟାଳୟର ଉନ୍ନତିରେ ସମସ୍ତ ଶିକ୍ଷକଙ୍କ ଅବଦାନକୁ ପ୍ରଶଂସା କରି ସେମାନଙ୍କୁ ଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। କାର୍ଯଯକ୍ରମରେ ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ-ଅଧ୍ୟାପିକା ମାନଙ୍କ ସକ୍ରିୟ ଅଂଶଗ୍ରହଣ ରହିଥିଲା।

# ଜିଲ୍ଲାପାଳଙ୍କ ସମେତ ୪ ଅଧିକାରୀଙ୍କ ଠାରୁ ଓଏଚଆରସିର ରିପୋର୍ଟ ତଲବ



ଆନନ୍ଦପୁର ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଞ୍ଚଳରେ ଜଣେ ୧୪ ବର୍ଷର ନାବାଳକ ଏକ ବାଲି ବୋଝେଇ ହାଇୱା ପାଲ ଢାଙ୍କୁ ଥିବା ୧୧ କେ.ଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହେବା ଏବଂ ପରବର୍ତ୍ତୀ ସମୟରେ ତାଙ୍କ ଡାହାଣ ହାତ କାଟିବାକୁ ପଡ଼ିବା ଘଟଣାକୁ ଓଡ଼ିଶା ମାନବାଧିକାର ଆୟୋଗ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି।ଏ ସଂକ୍ରାନ୍ତରେଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ପ୍ରିୟବ୍ରତ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ଓଡ଼ିଶା ମାନବାଧିକାର ଆୟୋଗଙ୍କ କେସ ନଂ. ୩୪୭୫/୨୦୨୬ରେ ଶୁଣାଣି ହୋଇଛି। ସୂଚନା ଅନୁଯାଇ ନନ୍ଦିପଦା ଥାନା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ସଦାନନ୍ଦ ସାହୁଙ୍କ ପୁଅ ସୋମ୍ୟଜିତ ସାହୁ (୧୪) ଗତ ମାର୍ଚ୍ଚ ମାସ ୧୧ ତାରିଖ ରେ ହାବଳେଶ୍ୱର ହାଇସ୍କୁଲ ନିକଟରେ ଏକ ବାଲି ବୋଝେଇ ହାଇୱା ଟ୍ରକରେ (ଓଡି- ୦୯ପି-୭୭୪୪) ପାଲ ଢାଙ୍କୁଥିବା ବେଳେ ୧୧ କେଭି ବିଦ୍ୟୁ ତାର ସଂସ୍ପର୍ଶରେ ଆସି ଗୁରୁତ୍ତର ଆହତ ହୋଇଥିଲେ ସୋମ୍ୟଜିତଙ୍କୁ ପରିବାର ଲୋକ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ପରବର୍ତ୍ତୀ ସମୟରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଆଇଏମଏସ ଓ ସମ ହସ୍ପିଟାଲକୁ ଉନ୍ନତ ଚିକିତ୍ସା ପାଇଁ ନିଆଯାଇଥିଲା। ନାବାଳକଙ୍କ ଡାହାଣ ହାତଟି ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ହାତଟିକୁ କାଟିବା ସହ ଡାକ୍ତରଖାନା ରେ ଦୀର୍ଘ ୪୦ ଦିନ ପରେ ଘରକୁ ଫେରିଥିଲେ ନାବାଳକଙ୍କୁ ରାତିରେ ଏଭଳି କାର୍ଯ୍ୟରେ ନିୟୋଜିତ କରିଥିବା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ଯୋଗେନ୍ଦ୍ର ବେହେରା ଓ ତାଙ୍କ ପୁଅ ସୁଭାଶିଷ ବେହେରାଙ୍କ ବିରୁଦ୍ଧରେ ନାବାଳକର ମା ସୌଦାମିନୀ ସାହୁ ଗତ ୧୩.୦୫.୨୦୨୬ ରିଖ ରେ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୌଦାମିନୀଙ୍କ ଅଭିଯୋଗ ଅନୁଯାଇ ତାଙ୍କ ଅଜାଣତରେ ଯୋଗେନ୍ଦ୍ରଙ୍କ ସାନପୁଅ ସୁଭାଶିଷ ଘଟଣା ଦିନ ନିଜ ମୋବାଇଲ ନଂ-୭୮୪୮୯୩୨୯୯ରୁ ସୋମ୍ୟଜିତ୍ତୁ ଫୋନ କରିବା ସହ ଟଙ୍କାର ପ୍ରଲୋଭନ ଦେଖାଇ ଗାଡିର ହେଲପର ହିସାବରେ ଡ଼ାକିନେଇଥିଲେ । ନାବାଳକର ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସ୍ୱାମୀ ଏକ ଗାଡି ଗ୍ୟାରେଜ କରି ପରିବାର ପ୍ରତିପୋଷଣ କରନ୍ତି ଡାକ୍ତରଖାନାରେ ପୁଅର ଚିକିତ୍ସା ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ଯୋଗେନ୍ଦ୍ର ଏବଂ ତାଙ୍କ ପୁଅ ସୁଭାଶିଷ ଆଉ ସହଯୋଗ କରୁନଥିବା ସୌଦାମିନୀ ଅଭିଯୋଗ କରିଛନ୍ତି । ପୁଅର ଚିକିତ୍ସା ପାଇଁ ଟଙ୍କା ମାଗିବାରୁ ଯୋଗେନ୍ଦ୍ର ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଉଥିବା ନିଜ ଅଭିଯୋଗରେ ଦର୍ଶାଇଛନ୍ତି ।ସୌଦାମିନୀଙ୍କ ଲିଖିତ ଅଭିଯୋଗ ଆଧାରରେ ନନ୍ଦିପଦା ଥାନା ପୁଲିସ ଅଭିଯୁକ୍ତ ଯୋଗେନ୍ଦ୍ର ଓ ତାଙ୍କ ପୁଅ ଶୁଭାଶିଷଙ୍କ ବିରୋଧରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟମାବଳୀ) ଆଇନ, ୧୯୮୬ର ଧାରା ୧୪(୧) ସମେତ ବିଭିନ୍ନ ଧାରାରେ ଏକ ମାମଲା (ନଂ - ୨୦୬/୨୦୨୬) ରୁଜୁ କରିଥିଲେ ମଧ ପୁଲିସ ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା ।ସୌଦାମିନୀଙ୍କ ଅଭିଯୋଗକୁ ଭିତ୍ତି କରି ଆଇନଜୀବୀ ତଥା ମାନବାଧିକାରକର୍ମୀ ଶ୍ରୀ ବିଶ୍ୱାଳ ଓଡ଼ିଶା ମାନବଧିକାର ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ନାବାଳକଙ୍କୁ ୩୦ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ସହ କରାଇବ୍ରାଞ୍ଚ ତଦନ୍ତ ଦାବିକରି ଆୟୋଗଙ୍କ ନିକଟରେ ମାମଲା ରୁଜୁ କରିଥିଲେ ମାମଲାର ଅଭିଯୋଗଗୁଡ଼ିକ ନାବାଳକଙ୍କ ମାନବାଧିକାରର ଉଲ୍ଲଂଘନକୁ ଦର୍ଶାଉଥିବା ମତ ପ୍ରକାଶ କରି ଓଡ଼ିଶା ମାନବାଧିକାର ଆୟୋଗ ଏହି ମାମଲାକୁ ଗ୍ରହଣ କରିଛନ୍ତି। ଆୟୋଗ କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, କେନ୍ଦୁଝର ଏସ୍ପି, ଜିଲ୍ଲା ଶ୍ରମ ଅଧିକାରୀ ଏବଂ ଟିପିଏନଓଡିଏଲ୍ର ସିଇଓଙ୍କୁ ଅଭିଯୋଗରେ ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକ ଉପରେ ନିଜ ନିଜ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ବିଶେଷକରି, ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି କ୍ଷତିପୂରଣ ପ୍ରଦାନ କରାଯାଇଛି କି ନାହିଁ, ସେ ସମ୍ପର୍କରେ ମଧ ରିପୋର୍ଟରେ ସ୍ପଷ୍ଟ ଭାବେ ଦର୍ଶାଇବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୦୪.୧୨.୨୦୨୬ ରେ ହେବ ବୋଲି ଆଦେଶରେ ଉଲ୍ଲେଖ ରହିଛି ।

# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କିଷାନ ରବି ୨୦୨୬-୨୭ କାର୍ଯ୍ୟକ୍ରମ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲାରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କିଷାନ ରବି ୨୦୨୬-୨୭ କାର୍ଯ୍ୟକ୍ରମ କଲେକ୍ଟରେଟ୍ ଅଡିଟୋରିୟମ୍ ହଲ୍ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ଟଙ୍କା ଓଡ଼ିଶାର ଚାଷୀମାନଙ୍କୁ ଡିବିଟି ମାଧମରେ ଆର୍ଥିକ ସହାୟତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ସହିତ ରାଜ୍ୟର ସମସ୍ତ ଜିଲ୍ଲା ଭର୍ଚୁଆଲ୍ ମାଧମରେ ଯୋଡ଼ି ହୋଇଥିଲେ। ବାଲେଶ୍ୱରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାଯ୍ୟକ୍ରମରେ ବସ୍ତାର ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କ ସହିତ ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ ଏବଂ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା ଉପସ୍ଥିତ ଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ଜେନା କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କିଷାନ ଯୋଜନା ମାଧମରେ ଚାଷୀମାନଙ୍କୁ ସିଧାସଳଖ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବାରୁ ଏହା କୃଷକମାନଙ୍କ ପାଇଁ ଉପଯୋଗୀ ହୋଇପାରିଛି। ବାଲେଶ୍ୱର ଜିଲ୍ଲାରେ ଚଳିତ ମୁଖ୍ୟମନ୍ତ୍ରୀ କିଷାନ ରବି ୨୦୨୬-୨୭ ପର୍ଯ୍ୟାୟରେ ମୋଟ ୩,୦୫,୦୨୫ ଜଣ ହିତାଧିକାରୀ ଆର୍ଥିକ ସହାୟତା ପାଇଲେ। ସେମାନଙ୍କ ଖାତାକୁ ଡିବିଟି ମାଧମରେ ମୋଟ ୬୧,୦୦,୫୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କୃଷି ବିଭାଗର ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ସାମ୍ବାଦିକ ଗଣ, କୃଷକ ଓ ହିତାଧିକାରୀମାନେ ଯୋଗଦେଇଥିଲେ।

## ସମ୍ପାଦକୀୟ



ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ସେ ହିଁ ଆଜିର ଆବଶ୍ୟକତା

ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦଙ୍କୁ ଯିଏ ଯାହା କହୁ ପଛେ, ସେ ଯେପରି ଭାରତ ପାଇଁ ଆବଶ୍ୟକତା ଥିଲେ, ତାହା ତାଙ୍କର ଏକ ଦଶନ୍ଧିର ଶାସନ କାଳ ମଧ୍ୟରେ ପ୍ରତିପାଦିତ ହୋଇଛି । ଏପରିକି କେନ୍ଦ୍ରରେ କ୍ଷମତାସୀନ ବିଜେପି ଦଳ ପାଇଁ ମଧ୍ୟ ସବୁଠାରୁ ବେଶୀ ଆବଶ୍ୟକତାରେ ମୋଦିଜୀ ପରିଣତ ହୋଇଛନ୍ତି । ଅତୀତ ଓଡ଼ିଶାରେ ଏକଦା ଅଶୀ ଦଶକରେ ବିକାଶ ପୁରୁଷ ବସନ୍ତ କୁମାର ବିଶ୍ୱାଳ ମଧ୍ୟ ସେପରି ଜଣେ ଆବଶ୍ୟକ ରାଜନେତା ଭାବେ ପଛରେ ପଡ଼ି ରହିଥିବା ଓଡ଼ିଶାର ବିକାଶ କରାଇ ପାରିଥିଲେ । ଏ କଥା ଓଡ଼ିଶାର ବିକାଶ ଇତିହାସକୁ ଅନୁଧ୍ୟାନ କଲେ ଯେ କେହି କହି ପାରିବେ । ଜଣେ ଧନୀ ଜମିଦାର ଘରର ପିଲା ହୋଇ ସେ ଜଣେ ସଫଳ ବ୍ୟବସାୟୀ ହୋଇଥିବାରୁ ନିର୍ମାଣ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଓ ଦୂରଦୃଷ୍ଟିକୁ ଓଡ଼ିଶାର, ବିଶେଷ କରି କଟକ ଓ ଭୁବନେଶ୍ୱରର ବିକାଶ କ୍ଷେତ୍ରରେ ପ୍ରୟୋଗ କରି ସଫଳତା ହାସଲ କରିଥିଲେ । ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ସେଥିପାଇଁ ତାଙ୍କ ସରକାରରେ ବସନ୍ତ ବାବୁଙ୍କୁ ହିଁ ଅନ୍ୟାନ୍ୟ ମନ୍ତ୍ରିମାନଙ୍କ ଅପେକ୍ଷା ଗୁରୁତ୍ୱ ଦେଇ ଆସିଥିଲେ । ଓଡ଼ିଶାର ବିକାଶ ସିନା ତଦ୍ୱାରା ସମ୍ଭବ ହୋଇଥିଲା, ମାତ୍ର ଅନ୍ୟ ସହଯୋଗୀ ମନ୍ତ୍ରିକତିପୟ ତାଙ୍କୁ ଈର୍ଷା କରିବାକୁ ଲାଗିଲେ । ମାତ୍ର ତାହାକୁ ସେ ଭ୍ରୂକ୍ଷେପ ନକରି ଉଭୟ ସରକାର ଓ କଂଗ୍ରେସ ଦଳକୁ ଲୋକପ୍ରିୟ କରାଇବା ଦିଗରେ ଉଦ୍ୟମ କରି ଆସିଥିଲେ ।

> **ଅତୀତ ଓଡ଼ିଶାରେ ଏକଦା ଅଶୀ ଦଶକରେ ବିକାଶ ପୁରୁଷ ବସନ୍ତ କୁମାର ବିଶ୍ୱାଳ ମଧ୍ୟ ସେପରି ଜଣେ ଆବଶ୍ୟକ ରାଜନେତା ଭାବେ ପଛରେ ପଡ଼ି ରହିଥିବା ଓଡ଼ିଶାର ବିକାଶ କରାଇ ପାରିଥିଲେ । ଏ କଥା ଓଡ଼ିଶାର ବିକାଶ ଇତିହାସକୁ ଅନୁଧ୍ୟାନ କଲେ ଯେ କେହି କହି ପାରିବେ । ଜଣେ ଧନୀ ଜମିଦାର ଘରର ପିଲା ହୋଇ ସେ ଜଣେ ସଫଳ ବ୍ୟବସାୟୀ ହୋଇଥିବାରୁ ନିର୍ମାଣ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଓ ଦୂରଦୃଷ୍ଟିକୁ ଓଡ଼ିଶାର, ବିଶେଷ କରି କଟକ ଓ ଭୁବନେଶ୍ୱରର ବିକାଶ କ୍ଷେତ୍ରରେ ପ୍ରୟୋଗ କରି ସଫଳତା ହାସଲ କରିଥିଲେ । ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ସେଥିପାଇଁ ତାଙ୍କ ସରକାରରେ ବସନ୍ତ ବାବୁଙ୍କୁ ହିଁ ଅନ୍ୟାନ୍ୟ ମନ୍ତ୍ରିମାନଙ୍କ ଅପେକ୍ଷା ଗୁରୁତ୍ୱ ଦେଇ ଆସିଥିଲେ ।**

ଶାଗଖିଆ ଓଡ଼ିଆ ପେଜଖିଆ ଓଡ଼ିଆକୁ ସହି ପାରେ ନାହିଁ । ଓଡ଼ିଆ କଙ୍କଡା, ଝୁଡ଼ି ତଳକୁ ଖସି ପଡ଼ି ଉପରକୁ ଉଠିବାକୁ ଚେଷ୍ଟା କଲେ, ଝୁଡ଼ି ତଳେ ଥିବା ଅନ୍ୟ କଙ୍କଡାଗୁଡ଼ିକ ତାକୁ ଉପରକୁ ଉଠିବାକୁ ଦିଅନ୍ତି ନାହିଁ । ସେଥିପାଇଁ 'ଓଡ଼ିଆ କଙ୍କଡ଼ା' କଥାର ଉଦାହରଣ ପ୍ରାୟ ଦିଆ ଯାଇଥାଏ । ସେ ଯାହା ହେଉ, ସେତେବେଳେ ଜାନକୀ–ବସନ୍ତ ଯୋଡ଼ି ବେଶ ଚର୍ଚ୍ଚାର ବିଷୟ ହୋଇଥିଲା । ଏବେ ଯେପରି ମୋଦି–ଶାହା ଯୋଡ଼ି ଚର୍ଚ୍ଚାର ବିଷୟ ହୋଇଛି ।

ବସନ୍ତ ବାବୁଙ୍କ ଅନେକ ଅବଦାନ ସମ୍ପର୍କରେ ଆଜିର ପୃଷ୍ଠାରେ ସୁଲେଖକ, ସୁବକ୍ତା ତଥା ଗାନ୍ଧିବାଦୀ ପ୍ରହଲାଦ କୁମାର ସିଂ ଏକ ସୁନ୍ଦର ଆଲେଖ୍ୟ ପ୍ରଦାନ କରିଛନ୍ତି 'ସମୟ'କୁ । ମୁମ୍ବାଇର ଓଡ଼ିଶା ଭବନ ସହ କମିଶନର ଭାବେ କେତେ ବର୍ଷ ତଳେ ଅବସର ଗ୍ରହଣ କରିଥିବା କୃପାନିଧି ବିଶ୍ୱାଳଙ୍କର ଲେଖାଟିଏ ବସନ୍ତ ବାବୁଙ୍କ ପଶ୍ଚିମ ଓଡ଼ିଶା ଦୃଷ୍ଟିକୋଣ ଉପରେ ଯାହା ଆଧାରିତ, ତାହା ମଧ୍ୟ 'ସମୟ' ପୃଷ୍ଠାରେ ପ୍ରକାଶ ପାଇଛି ।

ଏବେ ତ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ବୋଲି କୁହାଯାଉଛି । ଅର୍ଥାତ୍ କେନ୍ଦ୍ରରେ ମୋଦିଙ୍କ ସରକାର ଓ ଓଡ଼ିଶାରେ ମୋହନ ସରକାର । ଉଭୟ ବିଜେପି ଦଳର । ଓଡ଼ିଶାର ବିକାଶ ପାଇଁ ସେମାନେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ଏହା ସତ୍ତ୍ୱେ କେଉଁଠି କେମିତି ବାଧା ସୃଷ୍ଟି ହୋଇ ଓଡ଼ିଶାରେ ବିକାଶର ପଥକୁ ପ୍ରଶସ୍ତ କରି ପାରୁ ନାହିଁ । ସେ ବିଷୟରେ ଡବଲ ଇଞ୍ଜିନ ସରକାର ସମୀକ୍ଷା କରିବା ଆବଶ୍ୟକ । ତାହେଲେ ଯାଇଁ ୨୦୪୭ରେ ଭାରତ ସ୍ୱାଧୀନତାର ଏକଶତ ବର୍ଷରେ ବିକଶିତ ଭାରତରେ ପରିଣତ ହେବା ସହିତ ଓଡ଼ିଶା ମଧ୍ୟ ଆଉ ଦଶ ବର୍ଷ ପରେ ଓଡ଼ିଶା ରାଜ୍ୟ ଗଠନ ଶତବାର୍ଷିକର ସୁଫଳ ପାଇ ପାରିବ । ବସନ୍ତ ବାବୁ ଚାଲିଗଲେଣି ତେଇଶ ବର୍ଷ ତଳୁ । ତାଙ୍କ ଶ୍ରାଦ୍ଧ ଦିବସ– ଏଇ ସେପ୍ଟେମ୍ବର ସାତ ତାରିଖରେ ତାଙ୍କୁ 'ସମୟ' ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଆମର ।

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ସେ ବାକ୍ୟବୀର ନଥିଲେ, ଥିଲେ କର୍ମବୀର



**ପ୍ରହଲାଦ କୁମାର ସିଂହ**

'ଜୀଇଁ ରହେ ନାହିଁ କେହି / ଧରା ତଳେ ଯେହୁ କୀରତି ରଚଇ ସେହି ଏକା ଜୀଇଁଥାଇ'– ଆମ ରାଜ୍ୟ ଗାନ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଏହି ଉକ୍ତି ସବୁ କାଳ ପାଇଁ ପ୍ରଯୁଜ୍ୟ । ଜନ୍ମ ହେଉଥିବା ପ୍ରତିଟି ମଣିଷର ଦିନେ ନା ଦିନେ ମୃତ୍ୟୁ ହୁଏ । ତେବେ ତାଙ୍କ ଜୀବନକାଳ ଭିତରେ ସେ ଯଦି କିଛି କୀର୍ତ୍ତିକଳାପ ସୃଷ୍ଟି କରିଯାଇଥାନ୍ତି ତାହା ତାଙ୍କୁ ଅମର କରି ରଖେ । ଦେହାବସାନର ୨୩ବର୍ଷ ପରେ ଆଜି ବି ଅମର ହୋଇ ରହିଛନ୍ତି ବିକାଶ ପୁରୁଷ ବସନ୍ତ ବିଶ୍ୱାଳ ।

ଜଗତସିଂହପୁର ଜିଲ୍ଲାର ତୁଳାଙ୍ଗ ଗାଁରେ ତାଙ୍କର ଜନ୍ମ ୧୯୩୬ ଜୁଲାଇ ୨୩ ତାରିଖରେ । ରାଜଧାନୀ ଭୁବନେଶ୍ୱରରେ ତାଙ୍କର ମହାପ୍ରୟାଣ ଘଟିଲା ୨୦୦୩ ସେପ୍ଟେମ୍ବର ୭ ତାରିଖରେ । ୬୭ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଜଣେ ସଂଗଠକ, ରାଜନେତା, ପ୍ରଶାସକ ଓ ବିକାଶ ପୁରୁଷ ଭାବେ ସେ ଯେଉଁ ସ୍ୱର୍ଣ୍ଣିମ ସ୍ୱାକ୍ଷର ଛାଡ଼ି ଯାଇଛନ୍ତି ତାହାକୁ ସାରା ଓଡ଼ିଶା ଆଜି ବି ଝୁରୁଛି ।

ଏକ ସମ୍ଭ୍ରାନ୍ତ ପରିବାରରେ ତାଙ୍କର ଜନ୍ମ । ପାଠ ପଢ଼ିବା ବେଳୁ ସେ ସମାଜସେବା ଓ ରାଜନୈତିକ କ୍ଷେତ୍ର ପ୍ରତି ଆକୃଷ୍ଟ ଥିଲେ । ଗ୍ରାଜୁଏଟ୍ ହୋଇ ବାହାରିବା ପୂର୍ବରୁ ଜଣେ ସମର୍ପିତ କଂଗ୍ରେସ କର୍ମୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବସନ୍ତବାବୁ । କୁହାଯାଏ– ପ୍ରତିକୂଳ ପରିସ୍ଥିତି ସଫଳତାର ପାହାଚ ହେବାରେ ସହାୟକ ହୋଇଥାଏ । ଯେମିତି ନିଆଁରେ ପୋଡ଼ି ହେଲେ ସୁନାର ଶୁଦ୍ଧତା ଜଣାପଡ଼ିଥାଏ । ୧୯୭୭ର ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ସାରା ଦେଶରେ ଚରମ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ । ଏକଦା କ୍ଷମତା ରାଜନୀତିର କେନ୍ଦ୍ରବିନ୍ଦୁ ଥିବା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି ଏହି ନିର୍ବାଚନରେ କ୍ଷମତାଚ୍ୟୁତ ହୋଇଥାନ୍ତି । କେନ୍ଦ୍ର ଓ ଅନେକ ରାଜ୍ୟରେ ଗଢ଼ା ଯାଇଥାଏ ଜନତା ପାର୍ଟିର ସରକାର । ଇନ୍ଦିରାଙ୍କୁ ଗିରଫ କରିବା ସହିତ ତାଙ୍କ ବିରୋଧରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବାରୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହେଲା । ବେଳେ ବସନ୍ତବାବୁଙ୍କ ଭଳି ସେ ସମୟର ଯୁବନେତା ଆଗକୁ ବାହାରି ପ୍ରତିକୂଳ ସ୍ରୋତରେ କଂଗ୍ରେସର ଯାତ୍ରା ସଫଳ କରିବା ପାଇଁ ଅଣ୍ଟା ଭିଡ଼ିଲେ । ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ ଓ ଉପସଭାପତି ଆଦି ଦାୟିତ୍ୱ ଗ୍ରହଣ କରି ସେ ଦଳର କର୍ମୀମାନଙ୍କ ପ୍ରାଣରେ ପ୍ରେରଣା ସଂଚାର କଲେ । ଗୋଷ୍ଠୀ କନ୍ଦଳରୁ ଊର୍ଦ୍ଧ୍ୱରେ ରହି ଦୁର୍ବଳ କଂଗ୍ରେସ ସଂଗଠନକୁ ସବଳ କରିବା ପାଇଁ ସେ ଯେଉଁଭଳି ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ତାହା ଏବେ ଦୁର୍ଲଭ । ସମସ୍ତଙ୍କୁ ଏକାଠି କରି ଲଢ଼ିବା ଫଳରେ ୧୯୮୦ର ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଅଭୂତପୂର୍ବ ବିଜୟ ହାସଲ କଲା । ଏହି ନିର୍ବାଚନରେ ସାରା ଦେଶରେ କଂଗ୍ରେସକୁ ଜିଣାଇ ପୁଣି ଶ୍ରୀମତୀ ଇନ୍ଦିରା ଗାନ୍ଧି ଦେଶର ପ୍ରଧାନମନ୍ତ୍ରୀ ହେଲେ । ସେତେବେଳକୁ ବସନ୍ତବାବୁଙ୍କ ସାଙ୍ଗଠନିକ ଦକ୍ଷତା ସଂପର୍କରେ ଶ୍ରୀମତୀ ଗାନ୍ଧି ଅବହିତ ଥାନ୍ତି । ୧୯୮୦ ନିର୍ବାଚନରେ ବସନ୍ତବାବୁ ତିର୍ତ୍ତୋଲ ବିଧାନସଭା ଆସନରୁ ଜିଣିଲେ । ଏହା ଥିଲା ତାଙ୍କ ରାଜନୈତିକ ଜୀବନର ପ୍ରଥମ ପରୀକ୍ଷା । ପ୍ରଥମଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱଙ୍କ ଆଗ୍ରହକ୍ରମେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାରରେ ବସନ୍ତବାବୁଙ୍କୁ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମିଳିଥିଲା । ତାଳି ଓ ଗାଳିରୁ ଉପରେ ଥିବା ବସନ୍ତବାବୁ ନିନ୍ଦା ପ୍ରଶଂସାକୁ ଭ୍ରୂକ୍ଷେପ ନକରି ନିଜର କାମ ଏଭଳି ଢଙ୍ଗରେ କରିଯାଉଥିଲେ ଯେ ଲୋକେ ତାଙ୍କୁ ଶ୍ରଦ୍ଧାରେ କହୁଥିଲେ 'ବିକାଶ ପୁରୁଷ' ବୋଲି । ୧୯୮୦ରୁ ୧୯୮୫ ପର୍ଯ୍ୟନ୍ତ ସେ ପୂର୍ତ୍ତ, ନଗର ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ । ତାଙ୍କ ଉଦ୍ୟମରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷ ଜୀବନ୍ୟାସ ପାଇଲା। କେବଳ ଭୁବନେଶ୍ୱର କି କଟକ ନୁହେଁ, ସାରା ରାଜ୍ୟରେ ତାଙ୍କ ଉଦ୍ୟମ କ୍ରମେ ମାଳମାଳ ରାସ୍ତା, ପୋଲ ଆଦି ନିର୍ମାଣ ହେଲା । ସତେ ଯେମିତି ଓଡ଼ିଶା ଇତିହାସରେ ସେ ସମୟରେ ଆରମ୍ଭ ହୋଇଥିଲା ନିର୍ମାଣର ଯୁଗ । ତାଙ୍କ ଦୂରଦର୍ଶୀ ପରିକଳ୍ପନା ଥିଲା କଟକର ରିଙ୍ଗ ରୋଡ୍ ଓ ନୂଆ ସହର ସିଡିଏ । **ମହାନଦୀ ଓ କାଠଯୋଡ଼ି ନଦୀ କୂଳେ କୂଳେ ରିଙ୍ଗ ରୋଡ୍ ନିର୍ମାଣ କରାଯିବା ଫଳରେ ଗମନାଗମନରେ ସୁବିଧା ହେବା ସହିତ ବନ୍ୟା ଦାଉରୁ ହଜାର ବର୍ଷର ମହାନଗର କଟକ ସୁରକ୍ଷିତ ହୋଇପାରିଲା । ଏହି ଅବସରରେ ନଦୀ କୂଳରେ ଅବ୍ୟବହୃତ ହୋଇ ପଡ଼ିଥିବା ବିସ୍ତୀର୍ଣ୍ଣ ଜମିରେ ନୂଆ ସହର ସିଡିଏ ଗଢ଼ି ଉଠିଲା । ଆଜି କଟକ ମହାନଗରୀରେ ସିଡିଏର ଯେଉଁ ଚକଚକିଆ ସ୍ୱରୂପ ଦେଖାଯାଉଛି ତାହା ୭୦ ଦଶକ ବେଳକୁ ସେପରି ନଥିଲା ।** ୧୯୮୦ ବେଳକୁ ରାଜଧାନୀ ଭୁବନେଶ୍ୱରର ରାସ୍ତାଘାଟ ଅତି ଦୟନୀୟ ଅବସ୍ଥାରେ ଥାଏ । ବିକାଶ ପୁରୁଷ ବସନ୍ତ ବିଶ୍ୱାଳ ପୂର୍ତ୍ତ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଥିବାବେଳେ ରାଜଧାନୀ ଓ ତାର ଆଖପାଖ ଅଞ୍ଚଳରେ ଆଖିଦୃଶିଆ ବିକାଶ ଘଟିବା ସହିତ ରାସ୍ତାଘାଟର ମଧ୍ୟ ପରିବର୍ତ୍ତନ ହେଲା । ସେ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆପାର୍ଟମେଣ୍ଟ କଣ ଜଣାନଥିଲା । ଏଥିପାଇଁ ସେ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରି ରାଜଧାନୀ ଓ ତାର ଆଖପାଖ ଅଞ୍ଚଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନଭଶ୍ଚୁମ୍ବୀ ଆପାର୍ଟମେଣ୍ଟ ନିର୍ମାଣର ସ୍ୱପ୍ନକୁ ସାକାର କଲେ । ଭୁବନେଶ୍ୱରରେ ତାଙ୍କ ଉଦ୍ୟମରେ ବସିଲା ଭାରତୀୟ ସଡ଼କ କଂଗ୍ରେସ (ଆଇଆରସି)ର ସର୍ବଭାରତୀୟ ସମ୍ମିଳନୀ । ଏଥିରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କଠାରୁ ସେତେବେଳର କେନ୍ଦ୍ରମନ୍ତ୍ରୀ ସି.ଏମ୍. ଷ୍ଟିଫେନ୍ଙ୍କ ପର୍ଯ୍ୟନ୍ତ ଅନେକ ନେତା ଓ ବୈଷୟିକ ବିଶେଷଜ୍ଞମାନେ ଯୋଗ ଦେଇଥିଲେ । **ଏତେ ବଡ଼ ସମ୍ମିଳନୀରେ ଯୋଗ ଦେବାକୁ ଆସିଥିବା ସହସ୍ରାଧିକ ପ୍ରତିନିଧିଙ୍କ ରହଣୀ ଲାଗି ସେ ସମୟରେ ଭୁବନେଶ୍ୱରରେ ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିଲା । ଏହାକୁ ଆଖିଆଗରେ ରଖି ନୂଆପଲ୍ଲୀ ଅଞ୍ଚଳରେ ସେ ନିର୍ମାଣ କରାଇଲେ ଆଇଆରସି ଭିଲେଜ୍ । ଏହି ଅଞ୍ଚଳ ଏବେ ବିକଶିତ ଭୁବନେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇ ରହିଛି ।**

**ସେ ସମୟରେ ଭୁବନେଶ୍ୱର ଓ କଟକ ଆଦିରେ ବିବାହ, ବ୍ରତପୋନୟନ ଆଦି ସାମାଜିକ ଉତ୍ସବ ପାଇଁ କଲ୍ୟାଣ ମଣ୍ଡପଟିଏ ନଥିଲା । ଦୂରଦ୍ରଷ୍ଟା ବସନ୍ତବାବୁ ଭୁବନେଶ୍ୱର, କଟକ ସମେତ ରାଜ୍ୟର ଅନେକ ଅଞ୍ଚଳରେ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା କରାଇଥିଲେ ।** ଏହାଛଡ଼ା ରାଜଧାନୀର ଇନ୍ଦ୍ରଧନୁ ମାର୍କେଟ୍, ଅଶୋକା ମାର୍କେଟ୍, ରୁଚିକା ମାର୍କେଟ୍ ଆଦି ତାଙ୍କର ହାତଗଢ଼ା ବ୍ୟବସାୟିକ କେନ୍ଦ୍ର । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ତତ୍ତ୍ୱାବଧାନରେ ତାଙ୍କ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଯୋଗୁଁ ବିଡିଏ, ସିଡିଏ ଓ ଗୃହ ନିର୍ମାଣ ବୋର୍ଡର ଅନେକଗୁଡ଼ିଏ ହାଉସିଂ କଲୋନୀ ନିର୍ମିତ ହେଲା ଏବଂ ବହୁ ସ୍ଥାନରେ ଲୋକଙ୍କୁ ଘର ନିର୍ମାଣ ପାଇଁ ଜମି ଯୋଗାଣରେ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ହରେକୃଷ୍ଣ ମହତାବଙ୍କ ସମୟରେ ନିର୍ମାଣ କରାଯାଇଥିବା କଟକ ଶହୀଦ ଭବନର ନବୀକରଣ ସହିତ ରାଉରକେଲା, ପାରାଦୀପ, ବ୍ରହ୍ମପୁର, ସମ୍ବଲପୁର, ଭବାନୀପାଟଣା, ବଲାଙ୍ଗୀର, ଜୟପୁର ଆଦିରେ ସେ କରିଯାଇଥିବା କାମ ଆଜି ବି କଥା କହୁଛି ।

ବସନ୍ତବାବୁଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ସମୟରେ ହୋଟେଲ ଶିଳ୍ପରେ ଢେର ଉନ୍ନତି ଆସିବା ସହ ପର୍ଯ୍ୟଟନର ମଧ୍ୟ ବିକାଶ ଘଟିଥିଲା । ଅନେକ ଏନ୍ଏସିକୁ ସେ ମ୍ୟୁନିସିପାଲଟିରେ ପରିବର୍ତ୍ତନ କରିବା ସହିତ ଆଉ ଅନେକ ଅଞ୍ଚଳକୁ ପୌର ସଂସ୍ଥା ଭାବେ ସୃଷ୍ଟି କରିଥିଲେ । କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ୮୦ ଦଶକରେ ଜଗତସିଂହପୁର ସମେତ ଅନେକ ଅଞ୍ଚଳକୁ ଦୂରଦର୍ଶନ କାର୍ଯ୍ୟକ୍ରମର ପ୍ରସାରଣ ପାଇଁ ସେ ଯେଉଁଭଳି ପଦକ୍ଷେପ ନେଉଥିଲେ ତାହା ଅବିସ୍ମରଣୀୟ । କଟକ ତଳକୁ ମହାନଦୀ ଉପରେ ଆଉ କେଉଁଠି ପୋଲଟିଏ ନଥିଲା । ବସନ୍ତବାବୁଙ୍କ ଉଦ୍ୟମକ୍ରମେ ମହାନଦୀ ଉପରେ କୋଲରଠାରେ ଏକ ସୁଦୃଶ୍ୟ ପୋଲ ନିର୍ମିତ ହେବା ଫଳରେ ଗମନାଗମନ କ୍ଷେତ୍ରରେ ଏକ ପ୍ରକାର କ୍ରାନ୍ତି ଆସିଥିଲା । ଓଡ଼ିଶାର ଯେଉଁସବୁ ସ୍ଥାନ ବସନ୍ତବାବୁଙ୍କ ମନ୍ତ୍ରିତ୍ୱ ସମୟରେ ସେତୁ କି ରାସ୍ତାର ଶୁଭ ଦିଆଯାଉଥିଲା ସେହିଦିନ ସେ ଘୋଷଣା କରୁଥିଲେ ଏହା କେବେ ଉଦ୍ଘାଟନ ହେବ । କୋଣାର୍କରୁ ପୁରୀକୁ ସଡ଼କ ପଥରେ ଯାତାୟାତ କ୍ଷେତ୍ରରେ ନଦୀ ଥିଲା ପ୍ରତିବନ୍ଧକ । ତାଙ୍କ ଉଦ୍ୟମରେ ନୂଆ ସେତୁ ନିର୍ମାଣ କରାଯିବା ଫଳରେ ପୁରୀ–କୋଣାର୍କ ମଧ୍ୟରେ ସିଧାସଳଖ ସଡ଼କ ଯୋଗାଯୋଗ ସମ୍ଭବ ହେଲା ଏବଂ ପୁରୀ–ଭୁବନେଶ୍ୱର–କୋଣାର୍କକୁ ନେଇ ସ୍ୱର୍ଣ୍ଣ ତ୍ରିଭୁଜର ପରିକଳ୍ପନା ମଧ୍ୟ ସାକାର ହୋଇଥିଲା ।

ଅଷ୍ଟମ, ଦଶମ ଓ ଏକାଦଶ ବିଧାନସଭା ନିର୍ବାଚନରେ ସେ ତିର୍ତ୍ତୋଲ ଆସନରୁ ବିପୁଳ ଭୋଟ ବ୍ୟବଧାନରେ ଜିଣିଥିଲେ । ଏମିତିକି ୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଜନତା ଦଳ ରାଜ୍ୟରେ ୧୨୩ଟି ବିଧାନସଭା ଆସନ ଦଖଲ କରି ସରକାର ଗଢ଼ିଥିବାବେଳେ ବସନ୍ତବାବୁ କିନ୍ତୁ କଂଗ୍ରେସର ସେହି ଚରମ ଦୁର୍ଦ୍ଦିନ ଭିତରେ ତିର୍ତ୍ତୋଲ ଆସନରୁ ବିଜୟୀ ହୋଇଥିଲେ । ଯେଉଁ ଆସନରୁ ନିଶାମଣି ଖୁଣ୍ଟିଆ, ପ୍ରତାପ ମହାନ୍ତିଙ୍କ ଭଳି ନେତାମାନେ ନିର୍ବାଚିତ ହେଉଥିଲେ, ସେଠାରୁ ବସନ୍ତବାବୁ ବାରମ୍ବାର ଜିଣିବା ତାଙ୍କ ସାଂଗଠନିକ ଦକ୍ଷତା ଓ ଲୋକପ୍ରିୟତାର ପ୍ରମାଣ ଦିଏ । ସେ ସମୟରେ ତାଙ୍କୁ କଂଗ୍ରେସ ବିଧାୟକ ଦଳର ନେତା ଭାବେ କାର୍ଯ୍ୟ କରିବାକୁ ପଡ଼ିଥିଲା । ବିରୋଧୀ ଦଳରେ ଥାଇ ମଧ୍ୟ ସେ ବିକାଶର ରଥକୁ ଗଡ଼ାଇ ନେବାରେ ସଫଳ ହେଉଥିଲେ । ୧୯୯୫ରେ ସେ ତୃତୀୟଥର ପାଇଁ ତିର୍ତ୍ତୋଲ ବିଧାନସଭା କ୍ଷେତ୍ରରୁ ରେକର୍ଡ ପରିମାଣର ଭୋଟ ବ୍ୟବଧାନରେ ବିଜୟୀ ହୋଇ ଉପମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ଦକ୍ଷତାର ପ୍ରମାଣ ଦେଇଥିଲେ । ଜଳ ସଂପଦ, ଖଣି ଓ ଭୂତତ୍ତ୍ୱ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ରହି ସେ ବନ୍ୟା ନିୟନ୍ତ୍ରଣ, ଜଳସେଚନ, କୃଷି, ନଦୀବନ୍ଧ ସୁରକ୍ଷା, ସମବାୟ ଆଦି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ । ଖଣି ଚୋରି ରୋକିବା ପାଇଁ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଥିଲେ । ଓଡ଼ିଶାର ଖଣିଜ ସଂପଦ ଯେଉଁଭଳି ରାଜ୍ୟରେ ବିନିଯୋଗ ହୋଇପାରିବ ତାହାକୁ ଆଖି ଆଗରେ ରଖି ଶିଳ୍ପ ବିକାଶ ପାଇଁ ମଧ୍ୟ ତାଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ । ସରକାରୀ କଳ ଉପରେ ତାଙ୍କର ପ୍ରଭାବ ଯୋଗୁଁ ନିଜ ବିଭାଗ ଛଡ଼ା ଅନ୍ୟ ବିଭାଗରେ ସେ ସହଜରେ କାମ କରାଇ ପାରୁଥିଲେ ।

ଏବେ ରାଜ୍ୟରେ ୧୩ଟିଯାକ ଲୁଗାକଳ ଓ ସମସ୍ତ ସୂତାକଳ ସମେତ ଅଧିକାଂଶ ଶୀଳତଭଣ୍ଡାର ବନ୍ଦ ହୋଇ ପଡିଛି । ତେବେ ବସନ୍ତବାବୁଙ୍କ ଉଦ୍ୟମରେ ବିକାଶ କରାଯାଇଥିବା ଜଗତସିଂହପୁର ଜିଲ୍ଲାର 'ଶ୍ରୀଶାରଳା ସୂତାକଳ' ସମେତ ଅନ୍ୟ ବହୁ ସୂତାକଳ ସଫଳତାର ଶୀର୍ଷରେ ପହଞ୍ଚିଥିଲା । ଅନେକଗୁଡ଼ିଏ ଚିନିକଳ ଓ ଶୀତଳ ଭଣ୍ଡାର ମଧ୍ୟ ରାଜ୍ୟରେ ପ୍ରତିଷ୍ଠିତ ହୋଇଥିଲା । ଗୋ ସଂପଦର ସୁରକ୍ଷା ଓ ସମୃଦ୍ଧି ପାଇଁ ତାଙ୍କ ଅବଦାନ ଅବସ୍ମରଣୀୟ । ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟ ସମବାୟ ମହାସଂଘର ସଭାପତି ଓ ଉତ୍କଳ ଗୋମଙ୍ଗଳ ସମିତିର ଅଧ୍ୟକ୍ଷ ଭାବେ ବସନ୍ତବାବୁ ବେଶ୍ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ଏହାଛଡ଼ା ରାଷ୍ଟ୍ରଭାଷା ପ୍ରଚାର ସମବାୟ ସମିତି, ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍, ଓଡ଼ିଶା ହକି ଆସୋସିଏସନ୍, ଓଡ଼ିଶା ରାଜ୍ୟ ସ୍କାଉଟ୍ ଓ ଗାଇଡ୍, ଶାରଳା ସାହିତ୍ୟ ସଂସଦ ଭଳି ଅନେକ ସଂସ୍ଥାର ସେ ସଭାପତି ଭାବେ ପ୍ରଶଂସନୀୟ କାର୍ଯ୍ୟ କରିଯାଇଛନ୍ତି । ଭାରତୀୟ କୃଷି ମହାସଂଘ ଓ ଭାରତ ସ୍କାଉଟ୍ ଓ ଗାଇଡ୍ ସଂଗଠନର ସେ ମଧ୍ୟ ଦୀର୍ଘବର୍ଷ ଧରି କେନ୍ଦ୍ରୀୟ ଉପସଭାପତି ରହିଥିଲେ ।

ଝଙ୍କଡ଼ର ପ୍ରସିଦ୍ଧ ମା'ଶାରଳାଙ୍କ ପୀଠର ବିକାଶଠାରୁ ତିର୍ତ୍ତୋଲରେ ଶାରଳା ମହାବିଦ୍ୟାଳୟ ଗଢ଼ି ତୋଳିବାରେ ତାଙ୍କର ଅନବଦ୍ୟ ଅବଦାନ ରହିଛି । ଏହାଛଡ଼ା ଅନେକ ଦେବାଦେବୀଙ୍କ ପୀଠ ଏବଂ ଶିକ୍ଷାନୁଷ୍ଠାନ ଆଦିର ବିକାଶ ମଧ୍ୟ ତାଙ୍କ ହାତର ଅମୃତ ସ୍ପର୍ଶରେ ହୋଇଛି । ତାଙ୍କ ମାନସ ସନ୍ତାନ ଭାବେ ୩୦ବର୍ଷ ତଳେ ଜନ୍ମ ନେଇଥିଲା ପ୍ରଥମ ରଙ୍ଗିନ ଦୈନିକ ସମ୍ବାଦପତ୍ର 'ସମୟ' ବହୁ ଘାତପ୍ରତିଘାତ ଅତିକ୍ରମ କରି ଏବେ ବି ତାର ଯାତ୍ରାପଥରେ ଆଗେଇ ଚାଲିଛି । ଆଦିକବି ଶାରଳା ଦାସଙ୍କ ଅମୃତ ସ୍ମୃତିକୁ ସଜୀବ ରଖିବା ପାଇଁ ତାଙ୍କ ଉଦ୍ୟମକ୍ରମେ କଟକରେ ମୁଣ୍ଡ ଟେକିଛି 'ଶାରଳା ଭବନ', ଯାହା ଏବେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ସାଜିଛି । ଜାତୀୟ କବି ବୀରକିଶୋରଙ୍କ ପ୍ରେରଣାଦାୟୀ କବିତା ସବୁକୁ ସଂକଳିତ କରି ରାଷ୍ଟ୍ରଭାଷା ପ୍ରେସ୍‌ରେ ତାଙ୍କ ଉଦ୍ୟମରେ ପ୍ରକାଶ ପାଇଥିଲା 'ବୀରକିଶୋର ଗ୍ରନ୍ଥାବଳୀ'। ସାହିତ୍ୟ, ସଂସ୍କୃତି, ସମାଜସେବା, ଅଧ୍ୟାତ୍ମିକତା ଆଦି କ୍ଷେତ୍ରକୁ ସେ ଗୁରୁତ୍ୱ ଦେଉଥିଲେ ।

ତାଙ୍କ ଦେହାବସାନର ଇତିମଧ୍ୟରେ ୨୩ବର୍ଷ ଅତିକ୍ରମ କରିଗଲାଣି । ଏହି କାଳଖଣ୍ଡ ମଧ୍ୟରେ ଅନେକ ରାଜନେତା ଜନମାନସରୁ ଲିଭିଗଲେଣି । କିନ୍ତୁ ବିକାଶ ପୁରୁଷ ବସନ୍ତ ବିଶ୍ୱାଳଙ୍କୁ ଏବେ ବି ଓଡ଼ିଶା ମାଟି ଝୁରୁଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାଙ୍କ କାମ ସତେ ଯେମିତି କଥା କହୁଛି । ଦେଶ ବିଦେଶରେ ବି ସେ ଓଡ଼ିଶା ମାଟିର ଅସ୍ମିତାକୁ ବାଣ୍ଟିଛନ୍ତି। ସେ ଯେତେ କାମ ତାଙ୍କ ସ୍ୱଳ୍ପ ଜୀବନକାଳ ଭିତରେ କରିଯାଇଛନ୍ତି ସେସବୁର ତାଲିକା ଢେର ଲମ୍ବା। ସେ କଥାର ନୁହେଁ, ଥିଲେ କାମର ମଣିଷ ।

(ଜଣେ ବିଶିଷ୍ଟ ଲେଖକ)
ମୋ–୯୪୩୭୦୧୭୩୯୫

# ସମ୍ବଲପୁର ବିକାଶ ପାଇଁ ତାଙ୍କ ଦୃଷ୍ଟି



**କୃପାନିଧି ବିଶ୍ୱାଳ**

ବନ୍ୟାରୁ ଜନ୍ମ ନେଇଥିବା ଗୋଟିଏ ବିକାଶର କାହାଣୀ...ସେ ସମୟର ସମ୍ବଲପୁର ଆଜିର ସମ୍ବଲପୁର ପରି ନଥିଲା । ସହରଟି ଛୋଟ ଥିଲା, ଲୋକମାନଙ୍କ ଜୀବନ ଥିଲା ସରଳ । ସହରର ରାସ୍ତା, ବଜାର, ପଡ଼ା ଓ ଗଳି ସବୁକିଛିରେ ଥିଲା ଏକ ଅଲଗା ଆତ୍ମୀୟତା । ସେତେବେଳେ ଓଡ଼ିଶାର ରାଜନୀତିରେ ମଧ୍ୟ ଏକ ନୂଆ ସମୟ ଆରମ୍ଭ ହୋଇଥିଲା । ୧୯୮୦ ମସିହାରେ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ନୂତନ ସରକାର ଗଠିତ ହୋଇଥିଲା । ସମ୍ବଲପୁର ଅଞ୍ଚଳର ରାଜନୀତିରେ ମଧ୍ୟ ଅନେକ ପରିଚିତ ମୁହଁ ସକ୍ରିୟ ଥିଲେ ।

ଶ୍ରୀ ଉପେନ୍ଦ୍ର ଦୀକ୍ଷିତ ରାଜସ୍ୱ ମନ୍ତ୍ରୀ ଥିଲେ । ଶ୍ରୀ ହେମାନନ୍ଦ ବିଶ୍ୱାଳ ମନ୍ତ୍ରୀ ଥିଲେ । ଆଉ ରାଜ୍ୟର ସହରଗୁଡ଼ିକର ଭବିଷ୍ୟତ ଗଢ଼ିବାର ଦାୟିତ୍ୱ ଥିଲା ଜଣେ ଦୂରଦର୍ଶୀ ନେତାଙ୍କ କାନ୍ଧରେ, ସେ ଥିଲେ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ନଗର ଉନ୍ନୟନ ମନ୍ତ୍ରୀ । କିନ୍ତୁ ସେତେବେଳେ କିଏ ଜାଣିଥିଲା, ସମ୍ବଲପୁରର ଇତିହାସରେ ଏମିତି ଏକ ଦିନ ଆସିବ, ଯାହା ଏକ ଭୟଙ୍କର ବିପର୍ଯ୍ୟୟ ସହିତ ସହରର ଭବିଷ୍ୟତ ବିକାଶର ନୂଆ ଦିଗ ମଧ୍ୟ ଦେଖାଇଦେବ ! ୧୯୮୨ ମସିହାର କଥା...ଦିନଟି ଅନ୍ୟ ଦିନ ପରି ଆରମ୍ଭ ହୋଇଥିଲା । କିନ୍ତୁ ଆକାଶର ରୂପ ଧୀରେ ଧୀରେ ବଦଳିବାକୁ ଲାଗିଲା । କଳା ବାଦଲରେ ଆକାଶ ଭରିଗଲା । କିଛି ସମୟ ପରେ ଆରମ୍ଭ ହେଲା ବର୍ଷା । ପ୍ରଥମେ ସାଧାରଣ ବର୍ଷା ପରି ଲାଗୁଥିଲା । କିନ୍ତୁ ଧୀରେ ଧୀରେ ବର୍ଷାର ପ୍ରକୋପ ବଢ଼ିବାକୁ ଲାଗିଲା ।

ବର୍ଷା ଆଉ ଥମିଲା ନାହିଁ । ଘଣ୍ଟା ପରେ ଘଣ୍ଟା ବିତିଗଲା । ମାତ୍ର ଚାରି ଘଣ୍ଟା ମଧ୍ୟରେ ପ୍ରାୟ ୬୦୦ ମିଲିମିଟର ବର୍ଷା ! ସମ୍ବଲପୁର ସହର ଧୀରେ ଧୀରେ ପାଣି ଭିତରେ ବୁଡ଼ିବାକୁ ଲାଗିଲା । ଜିଲ୍ଲା ସ୍କୁଲ ଛକରୁ ଅଶୋକ ସିନେମା ହଲ୍ ପର୍ଯ୍ୟନ୍ତ, କାଳୀବାଡ଼ି, ପେନସନପଡ଼ା, କମିଶନ କଲୋନୀ ଚାରିଆଡ଼େ କେବଳ ପାଣି ଆଉ ପାଣି । ଲୋକମାନେ ଭୟଭୀତ ହୋଇ ପଡ଼ିଥିଲେ ।

ଘର ଭିତରେ ପାଣି ପଶିଗଲା । ରାସ୍ତା ଓ ନାଳର ତଫାତ ବୁଝିବା ମୁସ୍କିଲ ହୋଇପଡ଼ିଲା । କେଉଁଠି ଯିବେ, କେଉଁଠି ରହିବେ ଲୋକଙ୍କୁ କିଛି ବୁଝା ପଡୁନଥିଲା ।

ସେହି ସମୟର ଦୃଶ୍ୟ ଆଜି ମଧ୍ୟ ଆଖି ଆଗରେ ଭାସିଉଠେ । ଆମର ଅନେକ ସାଙ୍ଗସାଥୀ ନିଜ ପିଲାଛୁଆଙ୍କୁ କୋଳରେ ଧରି, ଯେମିତି ପ୍ରାଣ ବଞ୍ଚାଇବାର ଏକମାତ୍ର ଆଶା ନେଇ ଦୌଡ଼ି ଆସୁଥିଲେ । ଆମ ଘରଟି ପାହାଡ଼ ଉପରେ ଥିଲା । ସେହି ଉଚ୍ଚ ସ୍ଥାନଟି ସେଦିନ ଅନେକଙ୍କ ପାଇଁ ଆଶ୍ରୟସ୍ଥଳୀ ପାଲଟି ଯାଇଥିଲା ।

କେହି ଛୋଟ ପିଲାକୁ ଧରି ଆସୁଥିଲେ, କେହି ବୃଦ୍ଧ ବାପାମାଆଙ୍କୁ ନେଇ ଆସୁଥିଲେ । ସମସ୍ତଙ୍କ ମୁହଁରେ ଭୟ ଥିଲା, କିନ୍ତୁ ସେହି ଭୟ ଭିତରେ ଥିଲା ଗୋଟିଏ ଆଶା, ପାଣିରୁ ବଞ୍ଚିଯିବାର ଆଶା । ସେଦିନ ସମ୍ବଲପୁର କେବଳ ଏକ ସହର ନୁହେଁ, ଏକ ବିପର୍ଯ୍ୟସ୍ତ ପରିବାର ପରି ଲାଗୁଥିଲା । ସେହି ସମୟରେ ମନ୍ତ୍ରୀ ଉପେନ୍ଦ୍ର ଦୀକ୍ଷିତ ସର୍କିଟ ହାଉସରେ ଅବସ୍ଥାନ କରୁଥିଲେ ।

ବନ୍ୟା ଓ କ୍ଷୟକ୍ଷତିର ଖବର ତାଙ୍କ ପାଖରେ ପହଞ୍ଚିଲା । କିନ୍ତୁ ସେ କେବଳ ଖବର ଶୁଣି ସନ୍ତୁଷ୍ଟ ହେଲେ ନାହିଁ । ରାତିରେ ସେ ବାହାରିଲେ । ସାଙ୍ଗରେ ମୋତେ ସହଯୋଗ କରିବା ପାଇଁ ଗାଡିରେ ନେଇଗଲେ ।

ସହରର ଅବସ୍ଥା ନିଜ ଆଖିରେ ଦେଖିଲେ । ଜଳମଗ୍ନ ରାସ୍ତା, ଭୟଭୀତ ଲୋକ, କ୍ଷତିଗ୍ରସ୍ତ ଘର ସବୁକିଛିକୁ ନିକଟରୁ ଅନୁଧ୍ୟାନ କଲେ । ସେହି ରାତିରେ କେବଳ ବନ୍ୟାର କ୍ଷୟକ୍ଷତି ଦେଖାଯାଇ ନଥିଲା । ଦେଖା ଯାଇଥିଲା ସମ୍ବଲପୁର ସହରର ଭବିଷ୍ୟତ ପାଇଁ ଏକ ବଡ଼ ପ୍ରଶ୍ନ ।

ସହରର ଜଳନିଷ୍କାସନ ବ୍ୟବସ୍ଥା କିପରି ହେବ? ସହରର ରାସ୍ତା କିପରି ବିକଶିତ ହେବ ? ସହର ଭିତରେ ଥିବା ବସ୍‌ଷ୍ଟାଣ୍ଡ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ କିପରି ହେବ ?

ଏହି ସବୁ ପ୍ରଶ୍ନରୁ ଆରମ୍ଭ ହେଲା ସମ୍ବଲପୁରର ନୂଆ ବିକାଶ କାହାଣୀ । ସେତେବେଳେ ନଗର ଉନ୍ନୟନ ମନ୍ତ୍ରୀ ଥିଲେ ବସନ୍ତ କୁମାର ବିଶ୍ୱାଳ । ସହରର ସମସ୍ୟା ତାଙ୍କ ପାଇଁ କେବଳ ଏକ ଫାଇଲର ବିଷୟ ନଥିଲା । ସେ ଏହାକୁ ଭବିଷ୍ୟତର ଏକ ବଡ଼ ଚ୍ୟାଲେଞ୍ଜ ଭାବେ ନେଇଥିଲେ । ସମ୍ବଲପୁରର ଏହି ଅଭିଜ୍ଞତା ପରେ ସହରର ସାମଗ୍ରିକ ଉନ୍ନୟନ ପାଇଁ ଯୋଜନା ପ୍ରସ୍ତୁତ କରାଗଲା । ସରକାରୀ ସ୍ତରରେ ନିଷ୍ପତ୍ତି ହେଲା ସମ୍ବଲପୁରର ବିକାଶକୁ ଆଉ ଖଣ୍ଡ ଖଣ୍ଡ ଭାବେ ଦେଖାଯିବ ନାହିଁ । ଏକ ସମ୍ପୂର୍ଣ୍ଣ ସହର ଭାବେ ଏହାର ଭବିଷ୍ୟତ ପରିକଳ୍ପନା କରାଯିବ । ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା ।

କମିଶନର ଶ୍ରୀ ସୁନ୍ଦର ରାଜନ, ଜିଲ୍ଲାପାଳ ଶ୍ରୀ ଅଜିତ କୁମାର ତ୍ରିପାଠୀ ଏବଂ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଲଳିତମୋହନ ପଢ଼ିଆରୀଙ୍କ ସମେତ ଅନେକ ଅଧିକାରୀ ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଆଲୋଚନା ହେଲା । ଯୋଜନା ହେଲା । ଆଉ ତା'ପରେ ଆରମ୍ଭ ହେଲା ଏକ ବଡ଼ ପ୍ରସ୍ତୁତି ।

ସେହି ସମୟରେ ମୋତେ ମଧ୍ୟ ପୌରପରିଷଦର ଏହି ବିଶେଷ କାର୍ଯ୍ୟରେ ସହଯୋଗ କରିବାକୁ କୁହାଗଲା । ସେତେବେଳେ ମୁଁ ଜାଣିନଥିଲି ଯେ, ଏହି ଦାୟିତ୍ୱ ମୋ ଜୀବନର ଏକ ବଡ଼ ଅଭିଜ୍ଞତା ହୋଇ ରହିଯିବ ବୋଲି । ପ୍ରାୟ ଛଅ ମାସ ପୂର୍ବରୁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିବାକୁ ହେଲା । କାରଣ ନଗର ଉନ୍ନୟନ ସମ୍ପର୍କିତ ଏକ ବିଶାଳ ବୈଠକ ପାଇଁ ପ୍ରାୟ ୨୦୦ ଜଣ ଅତିଥି ସମ୍ବଲପୁରକୁ ଆସିବେ । ଦୁଇ ଦିନ ଧରି ସେମାନେ ରହିବେ, ଖାଇବେ ଓ ବୈଠକ କରିବେ । ସହରର ଭବିଷ୍ୟତ ନେଇ ଆଲୋଚନା କରିବେ ଏବଂ ଏହି ୨୦୦ ଜଣଙ୍କ ରହିବା, ଖାଇବା, ଯାତାୟାତ ଓ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା କରିବାକୁ ହେବ । ଏହା କୌଣସି ସାଧାରଣ କାମ ନଥିଲା । ସମ୍ବଲପୁର ପାନ୍ଥନିବାସର ସମ୍ମିଳନୀ କକ୍ଷକୁ ଏହି ଐତିହାସିକ ବୈଠକ ପାଇଁ ପ୍ରସ୍ତୁତ କରାଗଲା । ତାଙ୍କର ବିଭାଗକୁ ସରକାରଙ୍କ ପାଖକୁ ଚିଠି କରାଗଲା ।

ଦେଶର ବିଭିନ୍ନ ସ୍ଥାନରୁ ବିଶେଷଜ୍ଞମାନେ ଆସିବାର କଥା ଥିଲା । କେତେକ ବିଶିଷ୍ଟ ଇଞ୍ଜିନିୟରିଂ ଓ ନଗର ପରିକଳ୍ପନା ବିଶେଷଜ୍ଞଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଥିଲା । କିନ୍ତୁ ଗୋଟିଏ ସମସ୍ୟା ଥିଲା । ପାନ୍ଥନିବାସରେ ଏତେ ବଡ଼ ସଂଖ୍ୟକ ଅତିଥିଙ୍କ ରହିବା ଓ ଖାଇବାର ସୁବିଧା ନଥିଲା । ଜିଲ୍ଲାପାଳ ମହୋଦୟ ସ୍ପଷ୍ଟ କହିଦେଲେ, ଏଠାରେ ସମସ୍ତଙ୍କ ରହିବା ଓ ଖାଦ୍ୟ ବ୍ୟବସ୍ଥା ସମ୍ଭବ ନୁହେଁ ।

ତେବେ କଣ କରାଯିବ? ଅତିଥିମାନଙ୍କୁ ସର୍କିଟ ହାଉସରେ ରଖାଗଲା । କେତେକଙ୍କୁ ବିଭିନ୍ନ ସରକାରୀ ବଙ୍ଗଳାରେ ରହିବାର ବ୍ୟବସ୍ଥା ହେଲା । ଆଉ ଖାଇବା? ସେଥିପାଇଁ ରାଉରକେଲାରୁ ରୋଷେଇ ଓ ସର୍ଭିସ ଷ୍ଟାଫଙ୍କୁ ଅଣାଗଲା । ଟେଣ୍ଟ ହାଉସର ବିଭିନ୍ନ ସାମଗ୍ରୀରେ ଅସ୍ଥାୟୀ ରୋଷେଇ ବ୍ୟବସ୍ଥା କରାଗଲା । ଦିନରାତି ଦୌଡ଼ାଦୌଡ଼ି ।

କାହାର କେଉଁଠି ରହିବାର ବ୍ୟବସ୍ଥା? କାହା ପାଇଁ ଗାଡ଼ି? କେଉଁଠି ଖାଇବା? କେବେ ବୈଠକ? ସବୁକିଛି ଗୋଟିଏ ପରେ ଗୋଟିଏ ସମ୍ଭାଳିବାକୁ ପଡୁଥିଲା । ଶେଷରେ ସେହି ଦିନ ଆସିଲା । ନଗର ଉନ୍ନୟନ ମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ସମ୍ବଲପୁରରେ ପହଞ୍ଚିଲେ । ସେ ସମସ୍ତ ବ୍ୟବସ୍ଥା ବୁଲି ଦେଖିଲେ । ଅତିଥିମାନଙ୍କ ରହିବା ବ୍ୟବସ୍ଥା ଦେଖିଲେ । ଖାଦ୍ୟ ବ୍ୟବସ୍ଥା ଦେଖିଲେ । ବୈଠକର ଆୟୋଜନ ଦେଖିଲେ । ସବୁକିଛି ଦେଖି ସେ ଅତ୍ୟନ୍ତ ଖୁସି ହୋଇଥିଲେ ।

ଆୟୋଜନ ସହିତ ଜଡ଼ିତ ସମସ୍ତଙ୍କୁ ସେ ପ୍ରଶଂସା କରିଥିଲେ । ସେହି ପ୍ରଶଂସା ସେତେବେଳେ ଆମ ପାଇଁ ଥିଲା ଏକ ବଡ଼ ପୁରସ୍କାର । ସେହି ଦୁଇଦିନିଆ ବୈଠକ କେବଳ ଏକ ସରକାରୀ ସଭା ନଥିଲା । ସେଠାରେ ଆଲୋଚନା ହୋଇଥିଲା ସମ୍ବଲପୁରର ଭବିଷ୍ୟତ ନେଇ । ସହର କିପରି ବଢ଼ିବ? ରାସ୍ତା କିପରି ହେବ?

ଜଳନିଷ୍କାସନ ବ୍ୟବସ୍ଥା କିପରି ସୁଦୃଢ଼ ହେବ? ନୂତନ ଅଞ୍ଚଳର ବିକାଶ କିପରି ହେବ? ବସ୍‌ଷ୍ଟାଣ୍ଡ ଓ ଯାତାୟାତ ସମସ୍ୟାର ସମାଧାନ କିପରି ହେବ? ସମସ୍ତ ବିଧାୟକ, ଲୋକପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀମାନେ ସେଥିରେ ସାମିଲ ହୋଇଥିଲେ । ସମସ୍ତ ଖର୍ଚ୍ଚ ପାଇଁ ସେତେବେଳେ ଏକ ଲକ୍ଷ ଟଙ୍କା ସରକାରୀ ମଞ୍ଜୁର କରାଯାଇଥିଲା । ମୋ ପାଇଁ ସେହି ସମୟଟି ଥିଲା ଏକ ବଡ଼ ପରୀକ୍ଷା । କିନ୍ତୁ ସେହି ପରୀକ୍ଷା ମୋତେ ଜୀବନର ଏକ ଅମୂଲ୍ୟ ଅନୁଭୂତି ଦେଇଥିଲା । ବର୍ଷ ପରେ ବର୍ଷ ବିତିଗଲା ।

ଭୁବନେଶ୍ୱର ବଢ଼ିଲା । କଟକ ବଦଳିଲା । ନୂଆ ରାସ୍ତା, ସରକାରୀ ଭବନ, ନୂଆ ଯୋଜନା ଓ ସହରାଞ୍ଚଳର ବିସ୍ତାର ଧୀରେ ଧୀରେ ଓଡ଼ିଶାର ଚିତ୍ରକୁ ବଦଳାଇଦେଲା । ବିଭିନ୍ନ ସମୟରେ ବରିଷ୍ଠ ନେତାମାନଙ୍କ ମୁଖରୁ ଶୁଣିବାକୁ ମିଳୁଥିଲା ଯେ, ଭୁବନେଶ୍ୱରରେ ସରକାରୀ ସ୍ତରରେ ହୋଇଥିବା ଅନେକ ବିକାଶ ଯୋଜନା ପଛରେ ବସନ୍ତ କୁମାର ବିଶ୍ୱାଳଙ୍କ ଦୂରଦୃଷ୍ଟିପୂର୍ଣ୍ଣ ପରିକଳ୍ପନା ରହିଥିଲା । ମନ୍ତ୍ରୀ ବଟକୃଷ୍ଣ ଜେନା ମଧ୍ୟ ବିଭିନ୍ନ ସମୟରେ ଏହି କଥା ମୋତେ ତାଙ୍କ ସହିତ ଆଲୋଚନା ବେଳେ ଉଲ୍ଲେଖ କରୁଥିଲେ ।

**୧୯୮୦ରୁ ୧୯୮୫ ମଧ୍ୟରେ ନଗର ଉନ୍ନୟନ ମନ୍ତ୍ରୀ ଭାବେ ବସନ୍ତ ବାବୁଙ୍କ କାର୍ଯ୍ୟକାଳ କେବଳ ଏକ ମନ୍ତ୍ରୀଙ୍କ ଦାୟିତ୍ୱ ପାଳନର ସମୟ ନଥିଲା । ସେଥିଲା ଓଡ଼ିଶାର ସହରଗୁଡ଼ିକର ଭବିଷ୍ୟତକୁ ନେଇ ଭାବିବାର ସମୟ ।**

ଆଜି ଯେତେବେଳେ ଆମେ ନୂଆ ଭୁବନେଶ୍ୱରକୁ ଦେଖୁଛୁ, ବିସ୍ତାରିତ ସହରକୁ ଦେଖୁଛୁ, କଟକ ଓ ସମ୍ବଲପୁରର ବଦଳୁଥିବା ଚିତ୍ରକୁ ଦେଖୁଛୁ ସେତେବେଳେ ଆମେ ହୁଏତ ଭୁଲିଯାଉଛୁ ଯେ, ଏହି ସବୁ ବିକାଶର ପଛରେ କେତେ ଲୋକଙ୍କର ଦୂରଦୃଷ୍ଟି ଓ ସ୍ୱପ୍ନ ରହିଛି । ଏକ ସହର ଗୋଟିଏ ଦିନରେ ତିଆରି ହୁଏ ନାହିଁ । ସେଇ ସହର ପ୍ରଥମେ କାହାରି ମନରେ ସ୍ୱପ୍ନ ହୋଇ ଜନ୍ମ ନିଏ । ତା'ପରେ ହୁଏ ପରିକଳ୍ପନା ତା'ପରେ ପରିଶ୍ରମ । ତା'ପରେ ସେହି ସ୍ୱପ୍ନ ଧୀରେ ଧୀରେ ବାସ୍ତବ ରୂପ ନିଏ । ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ସେହିଭଳି ଜଣେ ସ୍ୱପ୍ନଦ୍ରଷ୍ଟା ଥିଲେ ।

ସମ୍ବଲପୁରର ଏକ ଭୟଙ୍କର ବନ୍ୟା ତାଙ୍କୁ କେବଳ ଏକ ବିପର୍ଯ୍ୟୟ ଦେଖାଇ ନଥିଲା । ସେହି ବିପର୍ଯ୍ୟୟ ମଧ୍ୟରେ ସେ ଦେଖିଥିଲେ ଏକ ନୂଆ ସହରର ସମ୍ଭାବନା । ସେହିଠାରୁ ଆରମ୍ଭ ହୋଇଥିଲା ବିକାଶର ନୂଆ ଚିନ୍ତା । ଆଜିର ନୂତନ ପିଢ଼ି ହୁଏତ ସେହି ସମୟକୁ ଦେଖିନାହାନ୍ତି । ସେହି ବନ୍ୟାର ଭୟ ଅନୁଭବ କରିନାହାନ୍ତି । ସେହି ଦୁଇଦିନିଆ ବୃହତ୍ ବୈଠକର ଦୌଡ଼ାଦୌଡ଼ି ଦେଖିନାହାନ୍ତି । ରାଜୀବ ଭାବନ,ସମବାୟ ଭବାନ, B D A କୋଠା...ହାଉସିଂ ବୋର୍ଡ କୋଠା, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖର ପୁର, ଅଞ୍ଚଳ କଟକ ସହର ଇତ୍ୟାଦି ତାଙ୍କର ଚେଷ୍ଟାର ଫଳ । ରାଉରକେଲା ଢେଙ୍କାନାଳ ଅନୁଗୁଳ ସହରକୁ ସମାନ ଦୃଷ୍ଟି ଦେଇଥିଲେ । କିନ୍ତୁ ଇତିହାସର ସେହି ଅଧ୍ୟାୟ ଜାଣିବା ଦରକାର । ସ୍ୱର୍ଗତ ବସନ୍ତ ବାବୁଙ୍କୁ ମନେ ରଖିବା ଦରକାର ।

ଅବସରପ୍ରାପ୍ତ ସହକାରୀ କମିଶନର
ମୋ–୯୮୧୯୯୬୪୫୧୭

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦିଲ୍ଲୀରେ...

ସୂଚନା ପାଇବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିବା ସହିତ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥିତି ଉପରେ କଡ଼ା ନଜର ରଖାଯାଉଥିବା ସେ କହିଛନ୍ତି । ଘଟଣାସ୍ଥଳରେ ଉପସ୍ଥିତ ଥିବା ସ୍ଥାନୀୟ ବିଜେପି ବିଧାୟକ ଅନିଲ ଶର୍ମା କହିଛନ୍ତି ଯେ ଧ୍ୱସ୍ତ କୋଠା ମଧ୍ୟରୁ କିଛି ଛାତ୍ର ଫୋନ୍ କରିଥିଲେ । ତେଣୁ ତା' ଭିତରେ ଆହୁରି ଅନେକ ଫସି ରହିଥିବା ଆଶଙ୍କା କରାଯାଉଛି ।ସେଠ୍ୟ ନିକେତନ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସକୁ ଲାଗି ରହିଛି । ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ଶିକ୍ଷାର୍ଥୀ ରହନ୍ତି । ତେଣୁ କୋଠା ଭୁଶୁଡ଼ି ପଡ଼ିଥିବା ଖବର ପାଇ ବହୁ ଛାତ୍ର ସଂଗଠନର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ ।

## ଇରାନ...

ଜାହାଜଗୁଡ଼ିକୁ ଧ୍ୱଂସ କରିଦେବୁ' । ଇରାନର ସରକାରୀ ଗଣମାଧ୍ୟମ ସଂସ୍ଥା 'ଆଇଆରଆଇବି' ରିପୋର୍ଟ କରିଛି ଯେ ଶନିବାର ଦିନ ଖାର୍ଗ ଦ୍ୱୀପ ନିକଟରେ ଥିବା ଟ୍ୟାଙ୍କର ଉପରେ ଆମେରିକା ଦ୍ୱାରା କରାଯାଇଥିବା ଆକ୍ରମଣରେ କୌଣସି ଜୀବନହାନି ଘଟିନାହିଁ । ଖାର୍ଗ ଦ୍ୱୀପରେ ଇରାନର ମୁଖ୍ୟ ତେଲ ରପ୍ତାନି ଟର୍ମିନାଲ୍ ଅବସ୍ଥିତ । ଦେଶର ପ୍ରାୟ ୯୦ ପ୍ରତିଶତ ଅଶୋଧିତ ତେଲ ଏହି ଦ୍ୱୀପ ଦେଇ ଯାଇଥାଏ ଏବଂ ମୁଖ୍ୟ ଭୂଭାଗରୁ ପାଇପ୍ ମାଧ୍ୟମରେ ଏହା ପରିବହନ କରାଯାଇଥାଏ ।ଆଇଆରଆଇବି'ର ରିପୋର୍ଟ ଅନୁଯାୟୀ, ଓମାନ ଉପସାଗରରେ ହୋଇଥିବା ଆକ୍ରମଣରେ ଦୁଇଟି ଟ୍ୟାଙ୍କରରେ ଥିବା କର୍ମଚାରୀମାନଙ୍କୁ ଲାଇଫ୍‌ବୋଟ୍ (ଉଦ୍ଧାରକାରୀ ଡଙ୍ଗା) ସାହାଯ୍ୟରେ ବାହାର କରାଯାଇଥିଲା । ଏଥିମଧ୍ୟରୁ ଗୋଟିଏ ଟ୍ୟାଙ୍କର ଖାଲି ଥିବାବେଳେ ଅନ୍ୟଟିରେ ତେଲ ବୋଝେଇ ହୋଇ ରହିଥିଲା ବୋଲି ଏଥିରେ କୁହାଯାଇଛି।କିଛି ଘଣ୍ଟା ପରେ, 'ଆଇଆରଆଇବି' ଖବର ଦେଇଥିଲା ଯେ ଇରାନର 'ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍' ସେହି ଅଞ୍ଚଳରେ ଆମେରିକା ବିରୋଧରେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଯେଉଁଥିରେ ହରମୁଜ୍ ପ୍ରଣାଳୀରେ ଥିବା ତିନୋଟି ତେଲ ଟ୍ୟାଙ୍କର ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଆମେରିକା ସହ ସମ୍ପୃକ୍ତ ଥିବା ତିନୋଟି ଜାହାଜ ଅନ୍ତର୍ଭୁକ୍ତ।'ଆଇଆରଆଇବି' ଅନୁଯାୟୀ, ଆଇଆରଜିସି କହିଛି ଯେ ଉକ୍ତ ତିନୋଟି ତେଲ ଟ୍ୟାଙ୍କର ପ୍ରଣାଳୀ ମଧ୍ୟ ଦେଇ "ଅନୁମୋଦିତ ନଥିବା" (ବେଆଇନ) ପଥ ବ୍ୟବହାର କରୁଥିଲେ ଏବଂ ଏହା ଅନ୍ୟ ଜାହାଜଗୁଡ଼ିକୁ ଏପରି ନ କରିବାକୁ ଚେତାବନୀ ଦେଇଛି ।

## ନାବାଳକ...

ଭର୍ତ୍ତି କରାଯାଇଥିଲା । ଏ ନେଇ ବାରମିତ୍ରପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସୋମବାର ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ବୋଲି କୁଆରମୁଣ୍ଡା ଫାଣ୍ଡି ପୁଲିସ ସୂଚନା ଦେଇଛି ।

## ବିଷାକ୍ତ...

ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତାଙ୍କ ସରକାର ଏଭଳି ଘଟଣାକୁ କଦାପି ବରଦାସ୍ତ କରିବେ ନାହିଁ ନାହିଁ ବୋଲି କହିଛନ୍ତି ।

## ସାଂଗଠନିକ...

ଲୋକଙ୍କ ବିଶ୍ୱାସଭାଜନ ହେବା ଆବଶ୍ୟକ ବୋଲି ଶ୍ରୀ ବଂଶଲ କହିଥିଲେ । ସରକାରଙ୍କ କାର୍ଯ୍ୟ ହେଉଛି ନୂଆ ଯୋଜନା ପ୍ରସ୍ତୁତ କରିବା, କିନ୍ତୁ ଏହାର ବ୍ୟାପକ ପ୍ରଚାର ଓ ପ୍ରସାର କରିବା କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ। ଡିଜିଟାଲ ଯୁଗରେ ସୋସିଆଲ ମିଡିଆର ଉପଯୋଗ କରି ବିରୋଧୀଙ୍କ ମିଥ୍ୟା ପ୍ରଚାରର ତଥ୍ୟ ଓ ସତ୍ୟ ଆଧାରିତ ଜବାବ ଦେବାକୁ ସେ କହିଥିଲେ। ଆଗାମୀ ଦିନରେ ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ, ନଗରପାଳିକା ଓ ସମବାୟ ନିର୍ବାଚନରେ ସଫଳତା ହାସଲ କରିବା ଦଳର ଲକ୍ଷ୍ୟ ବୋଲି ସେ କହିଥିଲେ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେ କହିଥିଲେ, ବିଜେପି କାର୍ଯ୍ୟରେ ବିଶ୍ୱାସ କରେ ଏବଂ ପ୍ରତିଶ୍ରୁତିର ମୂଲ୍ୟକୁ ସମ୍ମାନ ଦିଏ। ଗତ ସାଧାରଣ ନିର୍ବାଚନରେ ଦଳ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ ପୂରଣ କରୁଛି। ଓଡ଼ିଶାବାସୀ ଦଳ ଉପରେ ଆସ୍ଥା ପ୍ରକଟ କରିଥିବାରୁ ନେତୃତ୍ୱର ଦାୟିତ୍ୱ ଆହୁରି ବଢ଼ିଛି। ନିଜର ଆଚରଣ ଓ ଉଚ୍ଚାରଣରେ ସଂଯମ ରଖି ଆଗାମୀ ପିଢ଼ି ପାଇଁ କାର୍ଯ୍ୟ ଓ କ୍ଷେତ୍ର ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ ଶୋକ ପ୍ରସ୍ତାବ ପାରିତ ହେବା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା ହୋଇଥିଲା।

୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାରଙ୍କ ସଂକଳ୍ପକୁ ବୈଠକରେ ସ୍ୱାଗତ କରାଯାଇଥିଲା। ବୈଠକରେଉଲ୍ଲେଖକରାଯାଇଥିଲାଯେ,ରାଜ୍ୟସରକାରଚାଷୀଙ୍କଧାନକ୍ୱିଣ୍ଟାଲପ୍ରତି୩୧୦୦ଟଙ୍କା,'ସିଏମ୍‌କିଷାନ' ଯୋଜନାରେ ବାର୍ଷିକ ୪୦୦୦ ଟଙ୍କା ଏବଂ 'ସୁଭଦ୍ରା' ଯୋଜନାରେ ମହିଳାଙ୍କୁ ବାର୍ଷିକ ୧୦,୦୦୦ ଟଙ୍କାର ସହାୟତା ପ୍ରଦାନ କରୁଛନ୍ତି।ଆୟୁଷ୍ମାନ ଭାରତ-ଗୋପବନ୍ଧୁଜନଆରୋଗ୍ୟଯୋଜନା,ନୂତନଶିକ୍ଷାନୀତି,ଶିକ୍ଷାକ୍ଷେତ୍ରରେଟ୍ୟୁସନଫିଛାଡ଼, ଗ୍ରାମ୍ୟରାସ୍ତାନିର୍ମାଣ, ବସ୍ତ୍ରଶିଳ୍ପ ବିକାଶ, ଶିଳ୍ପପ୍ରକଳ୍ପ ଓ ନିଯୁକ୍ତି ସୃଷ୍ଟିଭଳି ପଦକ୍ଷେପକୁ ବୈଠକରେ ପ୍ରଶଂସା କରାଯାଇଥିଲା। ବୈଠକରେ କୁହାଯାଇଥିଲା ଯେ, ରାଜ୍ୟରେ ୧ କୋଟିରୁ ଅଧିକ ମହିଳାଙ୍କୁ 'ସୁଭଦ୍ରା' ଯୋଜନାରେ ସଶକ୍ତ କରାଯାଇଛି। ୯୨.୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରି ରାଜ୍ୟ ଇତିହାସରେ ରେକର୍ଡ ସୃଷ୍ଟି ହୋଇଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସର୍ବାଧିକ ଦୈର୍ଘ୍ୟର ରାସ୍ତା ନିର୍ମାଣ କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ହାସଲ କରିଥିବା ଦାବି କରାଯାଇଥିଲା। କଟକରେଆୟୋଜିତବୈଠକସ୍ଥଳରେଓଡ଼ିଆଭାଷା, ସଂସ୍କୃତିଓଅସ୍ମିତାଉପରେପ୍ରଦର୍ଶନୀଦେଖିବାକୁମିଳିଥିଲା। ଓଡ଼ିଶାରବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ, ବରପୁତ୍ର ଓ କବିମାନଙ୍କ ଫଟୋଚିତ୍ର ଏବଂ ବାର୍ତ୍ତାକୁ ସଭାସ୍ଥଳରେ ସ୍ଥାନ ଦିଆଯାଇଥିଲା। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶମୂଳକ ତଥା ଜନକଲ୍ୟାଣକାରୀ ଯୋଜନାର ବିସ୍ତୃତ ବିବରଣୀ ପ୍ରଦର୍ଶିତ ହୋଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡୀ, ରାଜ୍ୟ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ ଓ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତାକାଲି ଦ୍ୱିତୀୟ ଦିବସରେ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରାଯାଇ ପାରିତ ହେବ।

# ପୋଖରୀରେ ବୁଡ଼ି ୨ ନାବାଳିକା ଭଉଣୀଙ୍କ ମୃତ୍ୟୁ

ନୂଆପଡା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ତିଲେଇମାଲ ଗ୍ରାମରେ ଏକ ଅଭାବନୀୟ ଘଟିଛି । ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇଥିବା ଦୁଇ ଭଉଣୀଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତ ଦୁଇ ଭଉଣୀ ହେଲେ ତିଲେଇମାଲ ଗ୍ରାମର ନିଲକଣ୍ଠ ହଂସଙ୍କ ଝିଅ ଯଶୋଦା ହଂସ(୮) ଓ ଗୁପ୍ତେଶ୍ୱରୀ ହଂସ(୬) ।

ରବିବାର ପୂର୍ବାହ୍ଣ ପ୍ରାୟ ୧୧ଘଣ୍ଟା ସମୟ ବେଳେ ଦୁଇ ଭଉଣୀ ମା' ଉସାବତି ହଂସଙ୍କ ସହ ଗ୍ରାମର ଦରଲି ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ମା' ଗାଧିସାରି ଘରକୁ ଫେରିଥିଲେ, କିନ୍ତୁ ଦୁଇ ଭଉଣୀ ସେଠାରେ ପାଣିରେ ଖେଳି ରହିଯାଇଥିଲେ । ଅନେକ ସମୟ ଧରି ଘରକୁ ନଫେରିବାରୁ ବାପା ନୀଳକଣ୍ଠ ଖୋଜିବାକୁ ପୋଖରୀକୁ ଗଲେ । ପୋଖରୀ ହୁ ଦୁଇ ଭଉଣୀଙ୍କ କପ ପୋଖରୀ ହୁଡ଼ା ରହିଥିଲା, କିନ୍ତୁ ଦୁଇଝିଅଙ୍କୁ ପାଇନଥିଲେ । ଆଶଙ୍କାରେ ପୋଖରୀରେ ଖୋଜିଥିଲେ । ପାଣି ଭିତରୁ ଦୁଇ ଭଉଣୀଙ୍କୁ ମୃତଦେହ ବାହାର କରାଯାଇଥିଲା । ଖବରପାଇଁ ସିନାପାଲି ଥାନାଧିକାରୀ ମହେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା । ଉଭୟ ମୃତଦେହକୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପରବର୍ତ୍ତୀ ତଦନ୍ତ ଜାରି ରହିଛି ବୋଲି ଥାନା ସୂତ୍ରରୁ ପ୍ରକାଶ ।

# ଚୋରି ବୁଲେଟ ଉଦ୍ଧାର, ଅଭିଯୁକ୍ତ ଗିରଫ

ବାଲିପାଟଣା, (ସବ୍ୟୁ):ବାଲିପାଟଣା ଥାନା ଅନ୍ତର୍ଗତ ମୁଣ୍ଡହଣାପାଟଣା ଗ୍ରାମର ଶିଶିର ସାହୁଙ୍କର ବୁଲେଟ ମଟର ସାଇକେଲ ଗତ ୪ ତାରିଖ ରାତିରେ ଚୋରି ହୋଇ ଯାଇଥିଲା । ବହୁ ଖୋଜାଖୋଜି ପରେ ଗାଡି ର ପତ୍ତା ନ ମିଳିବାରୁ ଶିଶିର ଥାନାରେ ଏତଲା ଦେଇଥିଲେ । ବାଲିପାଟଣା ପୋଲିସ ଘଟଣାର ତଦନ୍ତ କରି ରବିବାର ଦିନ ମୁଣ୍ଡହଣାପାଟଣା ଗ୍ରାମର ରାକେତ ଦାସଙ୍କ ଠାରୁ ଏହାକୁ ଜବତ କରି ତାଙ୍କୁ ଗିରଫ କରିଛି ।ରାକେତ ବିରୁଦ୍ଧରେ ଚୋରି ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଆୟ ବର୍ହିଭୂତ ସମ୍ପତ୍ତି ଠାବ

# ଯନ୍ତ୍ରୀ ଅନୁପମା ସାହୁଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭୁବନେଶ୍ୱର, ୬।୯ (ସବ୍ୟୁ) : ୩ ଲକ୍ଷ ୧୫ ହଜାର ଟଙ୍କା ସହ ଗତକାଲି ସନ୍ଧ୍ୟାରେ ଧରାପଡ଼ିଥିବା କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁପମା ସାହୁଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ଚଢ଼ାଉ ବେଳେ ତାଙ୍କର ପୁଳା ପୁଳା ସଂପତ୍ତି ଠାବ କରିଛି ଭିଜିଲାନ୍ସ। ଅନୁପମା ସାହୁ ଗତକାଲି ତାଙ୍କ ଅଫିସ ଗାଡ଼ିରେ କେନ୍ଦ୍ରାପଡ଼ାର ନୟନ ବିହାର ସ୍ଥିତ ତାଙ୍କ ବାସଭବନକୁ ଫେରୁଥିବା ବେଳେ ମାର୍ଶାଘାଇ କ୍ରସିଂ ନିକଟରେ ଜାତୀୟ ରାଜପଥ ୫୩-ଏ'ରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ଯାଞ୍ଚ ବେଳେ ତାଙ୍କଠାରୁ ନଗଦ ୩ ଲକ୍ଷ ୧୫ ହଜାର ଟଙ୍କା ମିଳିଥିଲା। ସେ ଏତେ ଟଙ୍କା କେଉଁଠାରୁ ଆଣିଲେ, କେଉଁ ଉଦ୍ଦେଶ୍ୟରେ ସେ ଏହି ଟଙ୍କା ପାଖରେ ରଖିଛନ୍ତି- ଆଦି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ ଅନୁପମା ସାହୁ।

ଭିଜିଲାନ୍ସ ପକ୍ଷରୁ ଉକ୍ତ ଟଙ୍କା ସହିତ ତାଙ୍କ ସରକାରୀ ଗାଡ଼ିକୁ ଜବତ କରିଥିଲା ଭିଜିଲାନ୍ସ।ଏହା ପରେ କେନ୍ଦ୍ରାପଡ଼ାର ନୟନ ବିହାର ସ୍ଥିତ ଅନୁପମା ସାହୁଙ୍କ ବାସଭବନରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ସେଠାରୁ ଭିଜିଲାନ୍ସ ନଗଦ ୪ ଲକ୍ଷ ଟଙ୍କା ପାଇଥିଲା। ମୋଟ ଉପରେ ତାଙ୍କଠାରୁ ନଗଦ ୭ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯାଇଛି। ବିଭିନ୍ନ ଡିପୋଜିଟ୍ ବାବଦକୁ ସେ ୬୩ ଲକ୍ଷ ଟଙ୍କା ରଖିଛନ୍ତି। ଭୁବନେଶ୍ୱରରେ ତାଙ୍କର ଗୋଟିଏ ଫ୍ଲାଟ ଅଛି। ଢେଙ୍କାନାଳର କାମାକ୍ଷାନଗରରେ ଏକ ମାର୍କେଟ କମ୍ପ୍ଲେକ୍ସରେ ତାଙ୍କର ଗୋଟିଏ ଲୁହା ରଡ୍ ଓ ସିମେଣ୍ଟ ଗୋଦାମ ଅଛି। ବଲାଙ୍ଗିରରେ ତାଙ୍କର ଗୋଟିଏ ଦୋକାନ ଅଛି। ତାଙ୍କର ୫ଟି ପ୍ଲଟ୍ ଅଛି। ସେଥିରୁ ଭୁବନେଶ୍ୱର ଓ ଢେଙ୍କାନାଳରେ ଗୋଟିଏ ଲେଖାଏ ଥିବା ବେଳେ ଅନୁଗୋଳରେ ୩ଟି ଅଛି।ଗତକାଲି ତାଙ୍କଠାରୁ ଯେଉଁ ୩ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯାଇଛି, ତାହା ଲାଞ୍ଚ ଅର୍ଥ ବୋଲି ଭିଜିଲାନ୍ସ ଆଶଙ୍କା କରୁଛି। ଘଟଣାର ତଦନ୍ତ ଜାରି ରହିଛି। ଅନୁପମା ସାହୁ ୨୦୦୩ରେ ଅନୁଗୋଳ ଜଳସେଚନ ଡିଭିଜନରେ ଜଣେ କନିଷ୍ଠ ଯନ୍ତ୍ରୀ ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ତାଙ୍କର ପ୍ରାରମ୍ଭିକ ମାସିକ ଦରମା ୪୦୦୦ ଟଙ୍କା ଥିଲା। ୨୦୦୯ରେ ତାଙ୍କ ଚାକିରି ନିୟମିତ ହୋଇଥିଲା। ୨୦୧୬ ଡିସେମ୍ବର ମାସରେ ସେ ସହକାରୀ ଯନ୍ତ୍ରୀ ପଦକୁ ଉନ୍ନୀତ ହୋଇଥିଲେ ଓ ତାଙ୍କୁ ରେଙ୍ଗାଲି ଦକ୍ଷିଣ କେନାଲର ଢେଙ୍କାନାଳ ଡିଜାଇନ ଓ ମୋନିଟରିଂ ୟୁନିଟରେ ନିଯୁକ୍ତି ଦିଆଯାଇଥିଲା। ୨୦୨୫ ଅଗଷ୍ଟ ୧୨ ତାରିଖରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ସେହିଠାରେ କାମ କରୁଥିଲେ। ୨୦୨୬ ମାର୍ଚ୍ଚ ୨ ତାରିଖରେ ତାଙ୍କୁ କେନ୍ଦ୍ରାପଡ଼ା ଡ୍ରେନେଜ ଡିଭିଜନକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ବଦଳି କରାଯାଇଥିଲା। ସେବଠାରୁ ସେ ଏଠାରେ କାର୍ଯ୍ୟ କରିଆସୁଥିଲେ।

# ଭଦ୍ରକରୁ ଶୁଭାରମ୍ଭ ହେଲା ଓଡ଼ିଶୀ ପ୍ରତିଭାର ଅନ୍ୱେଷଣ

ଭଦ୍ରକ,(ସବ୍ୟୁ): ଓଡ଼ିଶୀ ନୃତ୍ୟର ନବ ପ୍ରତିଭାଙ୍କୁ ଚିହ୍ନଟ ଓ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ "ଓଡ଼ିଶୀ ପ୍ରତିଭାର ଅନ୍ୱେଷଣ' କାଯ୍ୟକ୍ରମର ଶୁଭ ଉଦଘାଟନ ସମାରୋହ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା,ସାହିତଯ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟନ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀସୂରଜ କହିଥିଲେ ଯେ,ଓଡ଼ିଶୀ ନୃତ୍ୟ ଅନ୍ୟନୃତ୍ୟ ଓ ସଙ୍ଗୀତ ପରି ନୁହେଁ । ଏହାର ନିଜସ୍ୱ ସଙ୍ଗୀତ,ନିଜସ୍ୱ ମୁଦ୍ରା,ନିଜସ୍ୱ ଭଙ୍ଗୀ ରହିଛି । ସବୁଠାରୁ ବଡ଼ କଥା ହେଲା ଏହି ନୃତ୍ୟର ଦୁଇ ହଜାର ବର୍ଷର ଇତିହାସ ରହିଛି । ଭଦ୍ରକ ଜିଲ୍ଲାର ବିଭିନ୍ନ ଅଂଚଳରୁ ୨୦ଜଣ ନବ ଓଡ଼ିଶୀ ନୃତ୍ୟ ଶିଳ୍ପୀଙ୍କୁ ଚୟନ କରାଯାଇଛି । ଓଡ଼ିଶୀ ନୃତ୍ୟ ବିଶେଷଜ୍ଞମାନଙ୍କ ଦ୍ୱାରା ସେମାନଙ୍କୁ ନିଶୁଳ୍କ ପ୍ରଶିକ୍ଷଣ ପ୍ରଦାନ କରାଯିବ,ଯାହାର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାର ବହନ କରିବେ ଏବଂ ପ୍ରତ୍ୟେକ ଶିଳ୍ପୀଙ୍କୁ ୨୦୦୦ଟଙ୍କା ସ୍କଲାରସିପ୍ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲାରୁ ଆରମ୍ଭ ହୋଇ ପର୍ଯ୍ୟାୟକ୍ରମେ ଅନ୍ୟ ଜିଲ୍ଲାମାନଙ୍କରେ ଜାରି ରହିବ ବୋଲି ମନ୍ତ୍ରୀ କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ,ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ,ଗୁରୁ ପଣ୍ଡିତ କେଶବ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ । ଏହି କାର୍ଯଯକ୍ରମକୁ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଆ ଭାଷା,ସାହିତଯ ଓ ସଂସ୍କୃତି ବିଭାଗ ମିଳିତ ଭାବେ ଆୟୋଜନ କରିଛନ୍ତି । ଶେଷରେ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ ଏବଂ ଚୟନ ହୋଇଥିବା ନୃତ୍ୟଶିଳ୍ପୀମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରାଯାଇଥିଲା ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରର ମାତୃ, ଶିଶୁ ସ୍ୱାସ୍ଥ୍ୟ ସଚେତନତା

ବାଲେଶ୍ୱର, (ସବ୍ୟୁ): ଏ ଫ ଏ ମ ( ଫ କୀ ର ମୋ ହ ନ ) ବିଶ୍ୱବିଦ୍ୟାଳୟର ସମାଜ କାର୍ଯ୍ୟବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟର ପୋଷ୍ୟଗ୍ରାମ ନୂଆପାଡ଼ାସ୍ଥିତ ନାୟୀକାଣୀ ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ପୋଷଣ ମାସ ସପ୍ତାହ ପାଳନ କରାଯାଇଛି । ମାତୃଓ ଶିଶୁ ସ୍ୱାସ୍ଥ୍ୟ ପ୍ରତି ସମୁଦାୟକୁ ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯଯକ୍ରମରେ ପୁଷ୍ଟିକର ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପରାମର୍ଶକ୍ରମେ ବିଭାଗର ସଂଯୋଜକ ଡକଟର ଗ୍ରେସ ବାହାଲେନ ମୁଣ୍ଡୁଙ୍କ ଉଦ୍ୟମରେ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି । ସହକାରୀ ଅଧ୍ୟାପିକା ରଶ୍ମିରେଖା ରାଉତଙ୍କ ପ୍ରତଯକ୍ଷ ତ%ାବଧାନରେ ଛାତ୍ରଛାତ୍ରୀମାନେ ଗର୍ଭବତୀ ଓ ସଦ୍ୟ ପ୍ରସୂତି ମହିଳାମାନଙ୍କୁ ସନ୍ତୁଳିତ ଆହାର, ମାତୃସ୍ୱାସ୍ଥ୍ୟର ଯନି ଓ ନବଜାତ ଶିଶୁର ସୁସ୍ଥ ବିକାଶ ସମ୍ପର୍କରେ ସବିଶେଷ ଅବଗତ କରାଇଥିଲେ । ଏହି ଅବସରରେ ବିଭାଗର ଛାତ୍ରଛାତ୍ରୀମାନେ ମୁଗ, ବୁଟ ଓ ଚିନାବାଦାମ ପରି ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ । ସେମାନେ ଗ୍ରାମରେ ଘରକୁ ଘର ବୁଲି ପରିବାରମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ଶାରୀରିକ ଓ ମାନସିକ ବିକାଶ ପାଇଁ କିପରି ଅତଯାବଶଯକ, ସେ ନେଇ ସଚେତନ କରିଥିଲେ । ସ୍ଥାନୀୟ ଅଙ୍ଗନଓ୍ୱାଡ଼ି କର୍ମୀ ଶ୍ରୀମତୀ ମମତାମୟୀ ଖମୁରାଇ କାର୍ଯଯକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ । ସମାଜ କାର୍ଯ୍ୟ ବିଭାଗ ସୂଚନା ଦେଇଛି ଯେ, ମାତୃସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କିତ ସଚେତନତାର ବାର୍ତ୍ତାକୁ ଅଧିକ ବ୍ୟାପକ କରିବା ପାଇଁ ଆଗାମୀ ତିନି ଦିନ ଧରି ବିଶ୍ୱବିଦ୍ୟାଳୟର ଅନ୍ୟ ପୋଷ୍ୟଗ୍ରାମଗୁଡ଼ିକରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ବିଶ୍ୱବିଦ୍ୟାଳୟର ଏଭଳି ସମୁଦାୟ ସେବାଭିତ୍ତିକ ପଦକ୍ଷେପ ଶିକ୍ଷାକୁ ସମାଜର କଲ୍ୟାଣ ସହ ଯୋଡ଼ିବାର ପ୍ରୟାସକୁ ଆହୁରି ସୁଦୃଢ଼ କରିଅଛି ।

# ଜିଲ୍ଲାପାଳଙ୍କ ସହ ଚରମ୍ପା ବରିଷ୍ଠ ନାଗରିକ ସଂଘର ଆଲୋଚନା

ଭଦ୍ରକ,(ସବ୍ୟୁ): ଚରମ୍ପା ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାମାନେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ସାକ୍ଷାତ କରି ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ସାଙ୍ଗଠନିକ ବିଷୟରେ ଆଲୋଚନା କରିଛନ୍ତି। ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘ ସଭାପତି ଗଗନ ବିହାରୀ ରାଉତ ଏରେଇଁ ପଞ୍ଚାୟତରେ ପ୍ରସ୍ତାବିତ ବରିଷ୍ଠ ନାଗରିକ କମ୍ୟୁନିଟି ସେଣ୍ଟର ନିର୍ମାଣ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ପଂଚାୟତ,ପ୍ରଶାସନ ଓ ସାଂସଦଙ୍କ ଅନୁଦାନ ସହ ସଂଘର ଅବଦାନରେ ପ୍ରକଳ୍ପଟି ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ପ୍ରକଳ୍ପର ଆବଶଯକ ପ୍ରକ୍ରିୟା ଶେଷ କରି ଶୀଘ୍ର ନିର୍ମାଣ କାର୍ଯଯ ଆରମ୍ଭ ପାଇଁ ଜିଲ୍ଲାପାଳ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେବେ ବୋଲି ଆଶ୍ୱାସନ ଦେଇଥିଲେ । ସଂଘ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ଜିଲ୍ଲାପାଳଙ୍କ ସକାରାତ୍ମକ ଆଭିମୁଖ୍ୟ ପାଇଁ କୃତଜ୍ଞତା ଜଣାଇଥିଲେ । ବରିଷ୍ଠ ଭବନ ମାଧ୍ୟମରେ ବରିଷ୍ଠ ନାଗରିକମାନେ ଭାଗବତ ପାଠ,ଖବରକାଗଜ ପଠନ,ଯୋଗ-ପ୍ରାଣାୟାମ ଓ ଭାବର ଆଦାନପ୍ରଦାନ ପାଇଁ ଏକ ସୁଯୋଗ ପାଇପାରିବେ ବୋଲି ସେ କହିଥିଲେ ।

# ନେକ୍ସସ ଏସପ୍ଲାନେଡ଼ର ଗଣେଶଙ୍କୁ ଘରକୁ ଆଣନ୍ତୁ ଅଭିଯାନ

ବାଲିଅନ୍ତା,(ସବ୍ୟୁ) : ନେକ୍ସସ ଏସପ୍ଲାନେଡ଼, ସହରର ପ୍ରମୁଖ ଲାଇଫଷ୍ଟାଇଲ ଏବଂ ସପିଙ୍ଗ ଗନ୍ତବ୍ୟସ୍ଥଳ, ଏହାର ସ୍ୱତନ୍ତ୍ର "ଗଣେଶଙ୍କୁ ଘରକୁ ଆଣନ୍ତୁ' ଅଭିଯାନ ଆରମ୍ଭ କରିଛି ।ଗତ ଦୁଇଦିନ ଧରି ନେକ୍ସସ ଏସପ୍ଲାନେଡ଼ର ଆଟ୍ରିୟମ ଏରିଆଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇ ଦର୍ଶକମାନେ ନିଜେ ପରିବେଶ-ଅନୁକୂଳିତ ଗଣେଶ ମୂର୍ତ୍ତି ତିଆରି କରି ବପ୍ପାଙ୍କୁ ନିଜ ଘରକୁ ନେବାର ସୁଯୋଗ ପାଇଥିଲେ । ଗଣେଶଙ୍କୁ ଘରକୁ ଆଣନ୍ତୁ' ବାପ୍ପାଙ୍କ ଆଗମନରେ ଏକ ବ୍ୟକ୍ତିଗତ ସ୍ପର୍ଶ ଯୋଡ଼ିଥାଏ, ଯାହା ପରିବାରଗୁଡ଼ିକୁ କେବଳ ଏକ ତିଆରି ହୋଇଥିବା ମୂର୍ତ୍ତି ଘରକୁ ନେବା ପରିବର୍ତ୍ତେ ନିଜେ ମୂର୍ତ୍ତି ଗଢ଼ିବାର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସୁଯୋଗ ଦେଇଥାଏ । ଏକାଠି ମୂର୍ତ୍ତି ଗଢ଼ିବା ଠାରୁ ଆରମ୍ଭ କରି ଏହାକୁ ଘରକୁ ନେବା ପର୍ଯ୍ୟନ୍ତ, ଏହି ଅନୁଭୂତି ମଲ ସୀମା ବାହାରେ ମଧ୍ୟ ପାର୍ବଣର ଆନନ୍ଦଦାୟକ ସ୍ମୃତି ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ, ମଲ ଏପରି ଏକ ସ୍ଥାନ ସୃଷ୍ଟି କରୁଛି ଯେଉଁଠାରେ ପରମ୍ପରା ଏବଂ ସୃଜନଶୀଳତା ଏକାଠି ହେଉଛନ୍ତି, ଯାହାକି ଦର୍ଶକମାନଙ୍କୁ ସେମାନଙ୍କ ଘରକୁ ବାପ୍ପାଙ୍କୁ ସ୍ୱାଗତ କରିବା ପାଇଁ ଏକ ସ୍ୱତନ୍ତ୍ର ଉପାୟ ପ୍ରଦାନ କରୁଛି ।

# ଭୂତକୋଠି ପାଲଟିଛି ୩ ଅଙ୍ଗନୱାଡ଼ି କେନ୍ଦ୍ର: କର୍ମୀଙ୍କ ଘରେ ପଢୁଛନ୍ତି ଶିଶୁ

କ ଣା ସ , ( ସ ବୁ ୍ୟ ) : ସରକାର କୋମଳମତି ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ଓ ସୁରକ୍ଷା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କୋଠା ଘର ନିର୍ମାଣ କରୁଛନ୍ତି, ହେଲେ ଯୋଜନାବୋର୍ଡର ଦୂରଦୃଷ୍ଟି ଅଭାବରୁ ତାହା ଏବେ ଅଲୋଡ଼ା ହୋଇପଡ଼ିଛି । ପୁରୀ ଜିଲ୍ଲା କଣାସ ବ୍ଲକ ବଡ଼ାଲ ପଞ୍ଚାୟତ ଅଡ଼ାଲ-ବଡ଼ାଲ ଗ୍ରାମରେ ନିର୍ମିତ ୩ଟି ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଏହାର ଜ୍ୱଳନ୍ତ ଉଦାହରଣ । ବଡାଲ ଗ୍ରାମର ଅଙ୍ଗନଓ୍ୱାଡ଼ି-୧, ୨ ଓ ଆଡାଲ ଗ୍ରାମର ୩ କେନ୍ଦ୍ର ପାଇଁ ଗୋଟିଏ ସ୍ଥାନରେ ହିଁ ତିନୋଟି କୋଠା ନିର୍ମାଣ କରାଯାଇଛି । ମାତ୍ର ଅଡ଼ାଲ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଖରା ଦିନେ ଚାଲୁଥିବା ବେଳେ ବର୍ଷାଦିନେ ପାଣି ବୁଡ଼ିରହିଥିବାରୁ କେନ୍ଦ୍ର ବନ୍ଦ ରହିଛି ।ଅନ୍ୟ ବଡାଲ ୧ ଓ ୨କେନ୍ଦ୍ର ନିର୍ମାଣ ଦିନଠାରୁ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ବି ଦିନ ଏହି ଗୃହଗୁଡ଼ିକରେ ପିଲାଙ୍କ ପାଠପଢ଼ା ହୋଇନାହିଁ କି କବାଟ ଖୋଲିନାହିଁ ।

କେନ୍ଦ୍ରଗୁଡ଼ିକୁ ଯିବା ଆସିବା ପାଇଁ ସଠିକ ରାସ୍ତା ନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ।ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ ଅଭାବରୁ ଏହି ଗୃହଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଚାରିପାଖରେ ଆନାବନା ଗଛଲତା ମାଡ଼ିଯିବା ସହ ସରୀସୃପଙ୍କ ଆଶ୍ରୟସ୍ଥଳ ଓ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିବାରୁ ୩ଟି ଯାକ କେନ୍ଦ୍ର ଏବେ "ଭୂତକୋଠି'ରେ ପରିଣତ ହୋଇଛି । ଫଳରେ ଅଙ୍ଗନଓ୍ୱାଡ଼ି କର୍ମୀଙ୍କ ଘରେ ବସି କୋମଳମତି ଶିଶୁମାନେ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି ।

ସରକାରୀ ଅର୍ଥର ଏଭଳି ଅପବ୍ୟୟ ଓ ପ୍ରଶାସନିକ ଅବହେଳାକୁ ନେଇ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏହି କେନ୍ଦ୍ରଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ସହ ଗୃହଗୁଡ଼ିକର ମରାମତି କରି ସଚଳ କରିବାକୁ ସାଧାରଣରେ ଦାବି ହୋଇଛି । ସେପଟେ କଣାସ ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି କହିଛନ୍ତି ଏହି ସମସ୍ୟା ଉପରେ ସେ ଅବଗତ ଅଛନ୍ତି । ସମସ୍ୟାର ସମାଧାନ ପାଇଁ କଣାସ ବିଡ଼ିଓ ଓ ସ୍ଥାନୀୟ ବିଧାୟକଙ୍କୁ ଜଣାଇଛନ୍ତି ।

e-mail: eephbhpt@gmail.com
GOVERNMENT OF ODISHA
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHABANIPATANA
13001/1762/2627
Parmanandpur, Railway Station Road, Bhabanipatana, Dist: Kalahandi, PIN -766002

NATIONAL COMPETITIVE BIDDING THROUGH e-Procurement
Identification No. SEPHD-BHPT-31 of 2026-27/ Dt. 05.09.2026
e-Procurement Notice

| | | |
|---|---|---|
| 01. | Name of the Work | : 1no Work. |
| 02. | Type of Bid. | : Double Bid System |
| 03. | Estimated Cost | : Rs 88.00 Lakhs |
| 04. | Period of Completion | : 04 (Four) Calendar Months |
| 05. | Date & Time of availability of bid document in the portal | : From 11.00 AM of dt.10.09.2026 to 5.00 PM of 24.09.2026 |
| 06. | Last date/time of receipt of bids in the portal | : 5.00 PM of 24.09.2026. |
| 07. | Date & Time of opening of technical bids | : At 11.30 AM of 25.09.2026 |
| 08. | Name and Address of the Officer Inviting Bid | : Additional Chief Engineer, P.H. Division, Bhabanipatana, Railway Station Road, At/Po-Parmanandpur, 766002 Dist- Kalahandi. |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/- Additional Chief Engineer, P.H. Division, Bhabanipatana
OIPR : 13001/13059/1/26-27/0004

OFFICE OF THE MUNICIPAL COUNCIL: RAYAGADA
DIST- RAYAGADA
13001/1767/2627
PIN CODE-765001, ODISHA
E-mail ID - raygadam.hud@od.gov.in

Letter No. 4329 Date: 02.09.2026

Sealed quotations are invited from the intending Suppliers/Firms/Steel fabricators having its workshop with valid GST and PAN to supply Push Cart to the office of the Rayagada Municipality for the F/Y 2026-27. The Bidder shall submit the application along with financial proposal on or before 11.09.26 till 1:00 PM by hand/post/courier. All the Quotations shall be opened on 11.09.26 at 4:00 PM in presence of bidder or their authorized representatives. The bidder is required to quote their rates Exclusive of all taxes (GST) and transportations. This office is not responsible for absence of any quotationers/bidder during opening of the quotations. The authority reserves the right to reject any or all quotations without assigning any reason thereof.

The applicant should deposit refundable EMD amounting to Rs. 2000/- through Demand draft in favour of Executive Officer, Rayagada Municipality and deposit an amount of Rs. 1,000/- towards non-refundable Tender paper cost in shape of DD/Office Money Receipt/ account Payee Cheque with Prescribed format Annexure I and II.

| Items | Component | Unit/capacity(min.req) |
|---|---|---|
| Push Cart | Height | 2 Feet |
| | Width | 2 Feet |
| | Length | 2 Feet |
| | Handle | 15 Inch |
| | Wheel & Accessories | 2 Pcs, Hub -2 Pcs - Bearing 2 Pcs, Wheel size- 25 Inch |
| | Plate | GI Steel 16gz |

Sd/- Executive Officer
Rayagada Municipality
OIPR : 13001/13150/1/26-27/0016

1001/143/2627
GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER [Agril.]
SUNDARAGADA DIVISION, SUNDARAGADA
Email: eeasundargarh@gmail.com
Government of Odisha "e" Procurement Notice
Bid Identification No. 01/EE(A) Sng of 2026-27 Dt. 03.09.2026

1. Number of works: 1 [One] No. of Works
2. Tendered Cost: Rs 15.88 Lakh
3. Period of completion: As mentioned in column- 07
4. Date & time of availability of bid document in the portal: Dt. 08.09.2026 at 11.00 AM
5. Last date & time for receipt of bids in the portal: Dt. 25.09.2026 up to 5.00 PM
6. Date & time of receipt of copies of uploaded documents, drafts, etc. in the tender box at the office of the undersigned: Dt. 08.09.2026 at 11.00 AM to Dt.28.09.2026 at 5.00 PM
7. Date of opening of bid: Dt. 29.09.2026 at 11.30 AM
8. Name & address of the officer Inviting Bid: Executive Engineer [Agril.], Sundaragada Division, Ranibagicha, Sundaragada,Odisha, PIN-770001

Further details can be seen from the e-procurement portal "http//tendersodisha.gov.in"

Sd/- Executive Engineer [Agril]
Sundaragada Division,
Sundaragada
OIPR : 1001/1489/1/26-27/0001

OFFICE OF THE SUPERINTENDING ENGINEER
R.W.S&S MECHANICAL DIVISION
D2/24, MANCHESWAR INDUSTRIAL ESTATE, BHUBANESWAR-10.
32001/813/2627
E-mail eemrwssbbsr9@gmail.com
Tender Call Notice (TCN)
BID IDENTIFIACTION NO. SEMBBSR/09/2026-27.

| | | |
|---|---|---|
| 1 | The Executive Engineer, RWS&S Mechanical Division, Bhubaneswar, on behalf of Panchayati Raj & Drinking Water Department, Governor of Odisha invites tender in double cover system in ONLINE MODE only for Outsourcing experienced drilling personnel of RWS&S Mechanical Sub-Division, Cuttack at Bhubaneswar for the year 2026-27. | |
| 2 | Nature of work | : Outsourcing experienced drilling personnel of RWS&S Mechanical Sub-Division, Cuttack at Bhubaneswar for the year 2026-27 |
| 3 | Number of works | : 01 (one) no |
| 4 | Estimated Cost | : Rs.13,65,312/- (Excluding GST) |
| 5 | Cost of Bid Document | : Rs. 6,000/- (Non refundable) (Rupees six thousand) only |
| 6 | EMD | : Rs.27,000/-(Rupees twenty seven thousand) only |
| 7 | Availability of Bid Documents in the portal for Online Bidding | : 11.09.2026 (10.00AM) to 30.09.2026. (05:00 PM) |
| 8 | Last day of seeking clarification | : On or before dt.19.09.2026 (Up to 05.00 P.M) |
| 9 | Last date/time for receipt of bid in the portal | : 30.09.2026 (up to 5.00 PM) |
| 10 | Date and place of openings of bid | : 03.10.2026 (12.30 P.M onwards in the office of the Undersigned) |
| 11 | The bidders have to participate in ONLINE Bidding only for which the bidder must possess compatible Digital Signature Certificate (DSC). Further details can be seen from the e-procurement portal http://tendersorissa.gov.in | |

Sd/- Executive Engineer, RWSS.
Mech Division Bhubaneswar
OIPR : 32001/32528/1/26-27/0014

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, କେନ୍ଦୁଝର-ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାୟକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### ସ୍ୱତନ୍ତ୍ର ପଣ୍ୟ ପରିବହନ କରିଡର ଭାରତର ପଣ୍ୟ ଗତିଶୀଳତାକୁ ରୂପାନ୍ତରିତ କରିବ

# ନୂତନ ପୂର୍ବ-ପଶ୍ଚିମ ସଂଯୋଗରୁ ଓଡ଼ିଶା ଲାଭବାନ ହେବ

ଭୁବନେଶ୍ୱର, (ସବ୍ୟୁ): ଦେଶର ପ୍ରମୁଖ ଶିଳ୍ପ କେନ୍ଦ୍ର, ଉତ୍ପାଦନ କେନ୍ଦ୍ର, ଲଜିଷ୍ଟିକ୍ସ କେନ୍ଦ୍ର ଏବଂ ବନ୍ଦରଗୁଡ଼ିକୁ ସଂଯୋଗ କରୁଥିବା ଏକ ଉଚ୍ଚ କ୍ଷମତାସମ୍ପନ୍ନ, ଦକ୍ଷ ଏବଂ ଦ୍ରୁତ ମାଲ ପରିବହନ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ରେଳବାଇ ଏହାର ସ୍ୱତନ୍ତ୍ର ମାଲ ପରିବହନ କରିଡର ନେଟୱାର୍କକୁ ସମ୍ପ୍ରସାରଣ କରୁଛି। ବର୍ତ୍ତମାନ, ସ୍ୱତନ୍ତ୍ର ମାଲ ପରିବହନ କରିଡର ନେଟୱାର୍କରେ ପୂର୍ବ ସ୍ୱତନ୍ତ୍ର ପଣ୍ୟ କରିଡର ଅନ୍ତର୍ଭୁକ୍ତ, ଯାହା ପଞ୍ଜାବର ନୂଆ ସାହନେୱାଲରୁ ବିହାରର ନୂଆ ସୋନନଗର ପର୍ଯ୍ୟନ୍ତ ପ୍ରାୟ ୧,୩୩୭ କିଲୋମିଟରଏବଂ ପଶ୍ଚିମୀ ସ୍ୱତନ୍ତ୍ର ପଣ୍ୟ କରିଡର (ଡଉରଉ), ଯାହା ଉତ୍ତରପ୍ରଦେଶର ନୂଆ ଦାଦ୍ରିଠାରୁ ମହାରାଷ୍ଟ୍ରର ନୂଆ ଜେଏନପିଟି ପର୍ଯ୍ୟନ୍ତ ପ୍ରାୟ ୧,୫୦୬ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ଦୁଇ କରିଡର ମିଳିତ ଭାବେ ପ୍ରାୟ ୨,୮୪୩ କିଲୋମିଟର ଏକ ନେଟୱାର୍କ ଗଠନ କରନ୍ତି। ଡେଡିକେଟେଡ ଫ୍ରେଟ କରିଡର ନେଟୱର୍କ(ଡିଏଫ୍‌ସି) ମାଲ ପରିବହନ ପାଇଁ ଏକ ସ୍ୱତନ୍ତ୍ର ଉଚ୍ଚ କ୍ଷମତାସମ୍ପନ୍ନ ରେଳ ଭିତ୍ତିଭୂମି ସୃଷ୍ଟି କରିଛି, ଯାହା ମାଲ ପରିବହନକୁ



ଅଧିକ ଦ୍ରୁତ ଏବଂ ନିର୍ଭରଯୋଗ୍ୟ କରିଛି। ପାରମ୍ପରିକ ରେଳପଥରୁ ମାଲବାହୀ ଟ୍ରେନ୍ଗୁଡ଼ିକୁ ଏହି ସ୍ୱତନ୍ତ୍ର କରିଡରକୁ ସ୍ଥାନାନ୍ତର କରିବା ଫଳରେ ବର୍ତ୍ତମାନର ରେଳ ନେଟୱର୍କ ଉପରେ ଭିଡ଼ ହ୍ରାସ ପାଉଛି ଏବଂ ଯାତ୍ରୀବାହୀ ଟ୍ରେନ ପରିଚାଳନା ପାଇଁ ଅତିରିକ୍ତ କ୍ଷମତା ସୃଷ୍ଟି ହେଉଛି।


ଏହି ନେଟୱର୍କର ଏକ ବଡ଼ ବିସ୍ତାର ଭାବେ ୨,୦୫୨ କିଲୋମିଟର ଲମ୍ବା ପ୍ରସ୍ତାବିତ ଡାଙ୍କୁନି-ସୁରତ ଡେଡିକେଟେଡ ଫ୍ରେଟ କରିଡର ଘୋଷଣା କରାଯାଇଛି। ଏହା ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଗୁଜରାଟକୁ ସଂଯୋଗ କରିବ। ପ୍ରସ୍ତାବିତ ଏହି କରିଡର୍ ପୂର୍ବ ଭାରତ ଏବଂ ଦେଶର ପଶ୍ଚିମାଞ୍ଚଳର ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପୂର୍ବ-ପଶ୍ଚିମ ମାଲ ପରିବହନ ସଂଯୋଗ ସୃଷ୍ଟି କରିବ। ଶକ୍ତିଶାଳୀ ପୂର୍ବ-ପଶ୍ଚିମ ମାଲ ପରିବହନ ସଂଯୋଗରୁ ଓଡ଼ିଶା ହେବ ଲାଭାନ୍ୱିତ। ଓଡ଼ିଶା ପାଇଁ ପ୍ରସ୍ତାବିତ ଡାଙ୍କୁନି-ସୁରତ ଡେଡିକେଟେଡ ଫ୍ରେଟ କରିଡର ବିଶେଷ ଗୁରୁତ୍ୱ ବହନ କରେ। ଖଣିଜ, ଖଣି, ଇସ୍ପାତ, ଶକ୍ତି ଏବଂ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଦେଶର ଏକ ପ୍ରମୁଖ କେନ୍ଦ୍ର ହୋଇଥିବାବେଳେ, ଦେଶର ବିଭିନ୍ନ ବଜାର ଓ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବ୍ୟାପକ ପରିମାଣରେ ମାଲ ପରିବହନ ହୋଇଥାଏ। ଏହି ନୂଆ କରିଡର୍ ପୂର୍ବ ଭାରତରୁ ପଶ୍ଚିମାଞ୍ଚଳର ବଜାରଗୁଡ଼ିକୁ ମାଲ ପରିବହନ ପାଇଁ ଏକ ଅତିରିକ୍ତ ସ୍ୱତନ୍ତ୍ର ମାର୍ଗ ପ୍ରଦାନ କରିବ। ଏହା ଜାତୀୟ ଲଜିଷ୍ଟିକ୍ସ ନେଟୱର୍କ ସହିତ ଓଡ଼ିଶାର ସଂଯୋଗକୁ ଆହୁରି ସୁଦୃଢ଼ କରିବ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ବ୍ରାହ୍ମଣପଡ଼ା ଗ୍ରାମର ବିଶିଷ୍ଟ ଶିକ୍ଷକ ତଥା ଛାତ୍ରବତ୍ସଳ ଗଣିତ ଶିକ୍ଷକ ଦାମୋଦର ମହାପାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଶ୍ରୀଯୁକ୍ତ ମହାପାତ୍ର ରାୟଚକ୍ରଧରପୁର ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୩୫ ବର୍ଷ ଧରି ନିଷ୍ଠାର ସହ ଅଧ୍ୟାପନା କରି ୨୦୦୩ ମସିହାରେ ଅବସର ଗ୍ରହଣ କରିଥିଲେ । ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ତାଙ୍କର ଶିକ୍ଷାଦାନ ଶୈଳୀ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଅବଦାନକୁ ଉତ୍ସବରେ ସ୍ମରଣ କରାଯାଇଥିଲା ।

# ସୁରେଖା ମହାପାତ୍ରଙ୍କ କବିତା ସଙ୍କଳନ "ଅନ୍ତରାଗ' ଲୋକାର୍ପିତ


ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ କବି ସୁରେଖା ମହାପାତ୍ରଙ୍କ ନୂତନ କବିତା ସଙ୍କଳନ "ଅନ୍ତରାଗ'ର ଲୋକାର୍ପଣ ଉତ୍ସବ ୫ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ସତ୍ୟନଗର ସ୍ଥିତ ବକୁଳ ଫାଉଣ୍ଡେସନ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହା ରାଜ୍ୟରେ ଅଳ୍ପ ସମୟ ମଧ୍ୟରେ ପୁସ୍ତକ ପ୍ରକାଶନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିବା ଚିତ୍ରା ପବ୍ଲିକେସନ ଦ୍ୱାରା ପ୍ରକାଶିତ ହୋଇଛି । ଏହି ଲୋକାର୍ପଣ ଉତ୍ସବର ପ୍ରାରମ୍ଭରେ ପୁସ୍ତକର ପ୍ରକାଶକ ତପନ ପଣ୍ଡା କହିଥିଲେ ଯେ, ଅନ୍ୟ ସମସାମୟିକ କବିମାନଙ୍କ




ତୁଳନାରେ ସୁରେଖାଙ୍କ କବିତା ସଂକଳନ "ଅନ୍ତରାଗ'ରେ ନିଜକୁ ବାରମ୍ବାର ନିରେଖି ଦେଖିବା, ଦ୍ୱନ୍ଦମାନଙ୍କୁ ସମୟ ଓ ନୈତିକତାର ମାପଦଣ୍ଡରେ ତଉଲିବା ଏବଂ ଏକ ନୂତନ ଦିଗବଳୟର ସଂରଚନା କରିବାର ପ୍ରୟାସ ଦେଖିବାକୁ ମିଳେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ମୂର୍ତ୍ତିଦେବୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ କବି ଓ ଦାର୍ଶନିକ ଡ. ହରପ୍ରସାଦ ଦାସ ଡିଜିଟାଲ ମାଧ୍ୟମ ଜରିଆରେ ନିଜ ବାର୍ତ୍ତା ପ୍ରଦାନ କରି କହିଥିଲେ, ସୁରେଖାଙ୍କ ସୃଜନଶୀଳତାର ଅନ୍ତଃକରଣରେ କବିତାର ସନ୍ଧାନ ପାଉଥିବା ସ୍ୱର୍ଶକାତରତା ଓ କବିତାକୁ ରଚିବାର କଳାତ୍ମକତା ଅଛି। ଏ କବିମାନସର ନିର୍ମାଣ ଯେଉଁ ଉପାଦାନ ଦ୍ୱାରା ସମ୍ଭବ ହୋଇଛି, ତାହା ଅଧ୍ୟାତ୍ମପ୍ରଣୋଦିତ ଜୀବନଦୃଷ୍ଟିଛ। ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ କୃତିବାସ ନାୟକ କହିଥିଲେ ଯେ, ସୁରେଖାଙ୍କ କବିତା ଗାଁର ଗନ୍ଧରୁ ସହରର ସ୍ୱାଦ ଯାଏଁ ପରିବ୍ୟାପ୍ତ ଏବଂ ଭାବ, ପ୍ରେମ, ଚିନ୍ତନ, ମନନ ଓ ଦର୍ଶନରେ ଋଦ୍ଧିମନ୍ତ । ସମ୍ମାନିତ ଅତିଥି ତଥା ଆକାଶବାଣୀର ଅବସର ପ୍ରାପ୍ତ ନିର୍ଦ୍ଦେଶକ ଯୁଗଳ କିଶୋର ପଣ୍ଡା ଅନ୍ତରାଗରେ ଥିବା ଜୀବନଦର୍ଶନକୁ ବ୍ୟକ୍ତି ଜୀବନରେ ପ୍ରତିଫଳିତ କରିବାକୁ ପରାମର୍ଶ ଦେଇଥିଲେ । ନିଜ ସୃଷ୍ଟି ସମ୍ପର୍କରେ କବି ସୁରେଖା ମହାପାତ୍ର କହିଥିଲେ, "ଅନ୍ତରାଗ' କେବଳ ଏକ କବିତା ସଙ୍କଳନ ନୁହେଁ, ଏହା ଦିଗବଳୟ ପାରିର ଏକ ଭାବପୂର୍ଣ୍ଣ ଯାତ୍ରା, ଯେଉଁଠାରେ ଯନ୍ତ୍ରଣା ସାହସରେ ପରିଣତ ହୁଏ, ଅନ୍ଧକାର ନିଜର ଆଲୋକ ଖୋଜିପାଏ ଏବଂ ପ୍ରତ୍ୟେକ ସମାପ୍ତି ଏକ ନୂତନ ଆରମ୍ଭର ସମ୍ଭାବନା ବହନ କରେ। କାର୍ଯ୍ୟକ୍ରମ ଶେଷରେ ସ୍ତମ୍ଭକାର ଗୌରଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବହୁ ବୁଦ୍ଧିଜୀବୀ, କବି ଓ ଚିନ୍ତାଶୀଳ ବ୍ୟକ୍ତି ଉପସ୍ଥିତ ଥିଲେ।

# ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତାକୁ ମଡ଼ାଇ ଲାଗୁଛି ଲାଇଟ ତୋରଣ

ଜଟଣୀ, (ସବ୍ୟୁ): ଓଡିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଖେଇ ଆସୁଥିବା ବେଳେ ବିଭିନ୍ନ ପୂଜା ମଣ୍ଡପ କମିଟି ପକ୍ଷରୁ ସାଜସଜ୍ଜା ଆରମ୍ଭ ହୋଇଗଲାଣି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କୁଦିଆରୀ ବଜାର ଅନ୍ତର୍ଗତ ଓଭର ବ୍ରିଜ ଗଡ଼ାଣି ଅଞ୍ଚଳରେ ରାସ୍ତା ଉପରେ ନିର୍ମାଣ ଚାଲିଛି ବେଆଇନ ବାଉଁଶ ତୋରଣ ଯେଉଁଥିରେ ଲାଗିବ ଲାଇଟ ତୋରଣ କ୍ଷ ଏହି ଓଭର ବ୍ରିଜଟି ସହର ଏକ ମୁଖ୍ୟ ରାସ୍ତା ଖୋର୍ଦ୍ଧାରୁ ପିପିଲିକୁ ସଂଯୋଗ କରୁଛି କ୍ଷ ପ୍ରତ୍ୟକ ଦିନ ଏହି ବ୍ରିଜ ଦେଇ ଶହ ଶହ ଭାରୀଯାନ ଠାରୁ ଆରମ୍ଭ କରି କାର, ଦୁଇ ଚକିଆ ଜାନ ଯିବା ଆସିବା କରିଥାଏ । ଏହି ତୋରଣ ନିର୍ମାଣ ଫଳରେ



ବର୍ତ୍ତମାନ ରାସ୍ତାର ଚଉଡା ସଂକୀର୍ଣ୍ଣ ହୋଇଯିବା ଫଳରେ ଏକା ସଙ୍ଗରେ ବ୍ରିଜ ଉପରେ ଦୁଇଟି ଗାଡି ଯିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହୋଉଥାନ୍ତି ଗାଡି ଚାଳକ । ଏହି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଲାଇଟ ତୋରଣ ପାଇଁ ଅନେକ ଗାଡି ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତୀ ଯାଇଥିବା ସୂଚନା ମିଳିଛି କ୍ଷ ବୁଦ୍ଧିଜୀବୀଙ୍କ ମତରେ ଜଟଣୀ ସହର ବର୍ତ୍ତମାନ ବିଭିନ୍ନ ସମସ୍ୟା ନେଇ ଗତି କରୁଛି । ଏପରିକି ରାସ୍ତା ଅବରୋଧ, ଡ୍ରେନ ଅବରୋଧ, ଅସ୍ୱଚ୍ଛତା ପରିମଳ ବ୍ୟବସ୍ଥା, ଟ୍ରାଫିକ ସମସ୍ୟା, ସହରରେ ଅବାଧରେ ନିଶା କାରବାର ଭଳି ଅନେକ ବେଆଇନ କାର୍ଯ୍ୟ । ଓଡିଶା ପ୍ରସିଦ୍ଧ ଗଣେଶ ପୂଜା ପାଇଁ ସହର ଚଳଚଞ୍ଚଳ । ପୂଜା ପୂର୍ବରୁ ଜଟଣୀ ପୌର ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ବ୍ୟବସାୟୀ ମହାସଂଘ ତରଫରୁ ସହରରେ ଶାନ୍ତି ଶୃଙ୍ଖଳାରେ କିପରି ପୂଜା ଅନୁଷ୍ଠିତ ହେବ ସେହି ପରିପ୍ରେକ୍ଷୀରେ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ତେବେ କେଉଁ ନିୟମ ଆଧାରରେ ଓଭର ବ୍ରିଜ ରାସ୍ତାର ଦୁଇ ପାର୍ଶ୍ୱରେ ବାଉଁଶ ନିର୍ମିତ ତୋରଣ ନିର୍ମାଣ ପାଇଁ ଟେଣ୍ଟ ମାଲିକକୁ କିଏ ଅନୁମତି ଦେଇଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନବ ନିର୍ମିତ ନୂତନ ରାସ୍ତାକୁ ଖୋଳି ବାଉଁଶ ନିର୍ମିତ ତୋରଣ ପାଇଁ ଅନୁମତି ମିଳିଲା କିପରି କ୍ଷ ଏଥିପ୍ରତି ପୂର୍ତ୍ତ ବିଭାଗ କରୁଛି କଣ ବୋଲି ତାକୁ ନେଇ ସାଧାରଣରେ ଆଲୋଚନା ହେଉଛି ।

# ନାଇଜର ପାଳନ କଲା ପ୍ରତିଷ୍ଠା ଦିବସ; ବିଜ୍ଞାନ ଶିକ୍ଷା ଓ ଗବେଷଣାରେ ଉତ୍କର୍ଷର ୨୦ ବର୍ଷ ପୂର୍ତ୍ତି

ଜଟଣୀ, (ସବ୍ୟୁ): ଜଟଣୀ ଠାରେ ଅବସ୍ଥିତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ବିଜ୍ଞାନ ଶିକ୍ଷା, ମୌଳିକ ଗବେଷଣା ଓ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଉତ୍କର୍ଷର ଯାତ୍ରାରେ ଏହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଚଳିତ ବର୍ଷର ପ୍ରତିଷ୍ଠା ଦିବସ ଅଧିକ ଗୁରୁତ୍ୱ ବହନ କରୁଛି, କାରଣ ନାଇଜର ଏହାର ପ୍ରତିଷ୍ଠାର ୨୦ତମ ବର୍ଷରେ ପ୍ରବେଶ କରିଛି। ଏହି ଅବସରରେ ବୈଜ୍ଞାନିକ ପ୍ରତିଭାର ବିକାଶ ଓ ଜ୍ଞାନର ସୀମାକୁ ଆହୁରି ବିସ୍ତୃତ କରିବା ପ୍ରତି ଦୁଇ ଦଶନ୍ଧି ଧରି ରହିଥିବା ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପାଳନ କରାଯାଉଛି। ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗ ଅଧୀନରେ ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ ଭାବେ ସ୍ଥାପିତ ନାଇଜର , ସମନ୍ୱିତ ବିଜ୍ଞାନ ଶିକ୍ଷା ଓ ଗବେଷଣାର ଏକ ଅଗ୍ରଣୀ କେନ୍ଦ୍ର ଗଢ଼ି ତୋଳିବାର ଲକ୍ଷ୍ୟ ନେଇ ୬ ସେପ୍ଟେମ୍ବର ୨୦୦୭ରେ ପ୍ରତିଷ୍ଠିତ ହୋଇଥିଲା। ଏହି ପ୍ରତିଷ୍ଠାନ ହୋମି ଭାଭା ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ସହ ଅନୁବନ୍ଧିତ ଏବଂ ଏହି ଦୁଇ ଦଶନ୍ଧି ମଧ୍ୟରେ ମୌଳିକ ବିଜ୍ଞାନରେ ଶିକ୍ଷା ଓ ଗବେଷଣାର ଏକ ଅଗ୍ରଣୀ ପ୍ରତିଷ୍ଠାନ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଛି।ଗତ ଦୁଇ ଦଶନ୍ଧି ମଧ୍ୟରେ ନାଇଜର ଏକ ନବପ୍ରତିଷ୍ଠିତ ଅନୁଷ୍ଠାନରୁ ଏକ ସକ୍ରିୟ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ପରିଣତ ହୋଇଛି। ଏହାର ସ୍ୱତନ୍ତ୍ର ପାଞ୍ଚ ବର୍ଷିଆ ସମନ୍ୱିତ କାର୍ଯ୍ୟକ୍ରମ, ଏକ ଦୃଢ଼ ଗବେଷଣା ପରିବେଶ ସହିତ ମିଶି, ଛାତ୍ରଛାତ୍ରୀମାନଙ୍କୁ ମୌଳିକ ବିଜ୍ଞାନର ବିଭିନ୍ନ କ୍ଷେତ୍ରକୁ ଗଭୀର ଭାବେ ଅଧ୍ୟୟନ କରିବା ସହିତ ଏକ ଆନ୍ତଃବିଷୟକ ଦୃଷ୍ଟିକୋଣ ବିକଶିତ କରିବାର ସୁଯୋଗ ପ୍ରଦାନ କରୁଛି। ଭୌତିକ, ରସାୟନ, ଗଣିତ, ଜୀବବିଜ୍ଞାନ, ଭୂବିଜ୍ଞାନ ଓ ଗ୍ରହ ବିଜ୍ଞାନ ସମେତ ସାମାଜିକ ବିଜ୍ଞାନ ଓ ମାନବୀୟ ବିଦ୍ୟା କ୍ଷେତ୍ରରେ ମଧ୍ୟ ନାଇଜରର ଶିକ୍ଷା ଓ ଗବେଷଣା କାର୍ଯ୍ୟକଳାପ ବ୍ୟାପ୍ତ ରହିଛି। ଚଳିତ ବର୍ଷର ପ୍ରତିଷ୍ଠା ଦିବସ ସମାରୋହରେ ଭାରତର ବୈଜ୍ଞାନିକ ପରିସରର ଦୁଇଟି ପରସ୍ପର ପୂରକ ଦିଗର ପ୍ରତିନିଧିତ୍ୱ କରୁଥିବା ଦୁଇଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗଦେଇଥିଲେ। ପ୍ରଫେସର ଦୀପକ ଧର, ଭାରତର ଅନ୍ୟତମ ପ୍ରମୁଖ ସିଦ୍ଧାନ୍ତିକ ପଦାର୍ଥ ବିଜ୍ଞାନୀ ତଥା ୨୦୨୬ ଡିରାକ୍ ମେଡାଲ୍ ଇନ୍ ଫିଜିକ୍ସରେ ସମ୍ମାନିତ, ପ୍ରତିଷ୍ଠା ଦିବସ ବ୍ୟାଖ୍ୟାନ ପ୍ରଦାନ କରିଥିଲେ।

### ଓଡ଼ିଶା ଟି-୨୦ ମୁଖ୍ୟମନ୍ତ୍ରୀ ଟ୍ରଫି

# ବିପ୍ଳବ ସାମନ୍ତରାୟଙ୍କୁ କଟକ-ପାନ୍ଥରର୍ସର ଅଧିନାୟକ ଦାୟିତ୍ୱ ଦେଲା 'ଭାରତ ମସଲା'

କଟକ,(ସବ୍ୟୁ): ବାରବାଟୀ ଷ୍ଟାଡ଼ିୟମରେ ସେପ୍ଟେମ୍ବର ୨୦ରୁ ଆରମ୍ଭ ହେବାକୁ ଯାଉଥିବା ଓ ଓଡ଼ିଶା ଟି-୨୦ ମୁଖ୍ୟମନ୍ତ୍ରୀ କ୍ରିକେଟ୍ ଟ୍ରଫିରେ ଭାଗ ନେଇଥିବା ୬ଟି ଦଳ ମଧ୍ୟରୁ କଟକ-ପାନ୍ଥରର୍ସକୁ ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ କିଣାଯାଇଥିଲା । ଏହି ପରିପ୍ରେକ୍ଷିରେ ଆଜି ଓସିଏ ପକ୍ଷରୁ ଖେଳାଳିମାନଙ୍କୁ



ଡ୍ରାଫ୍ଟ ଜରିଆରେ ଚୟନ କରାଯାଇଛି । ଏଥିରେ କଟକ-ପାନ୍ଥରର୍ସ ଏ-କାଟାଗୋରୀରେ କ୍ରିକେଟର୍ ବିପ୍ଳବ ସାମନ୍ତରାୟଙ୍କୁ ଅଧିନାୟକ ଭାବେ ଜୟ ଭାରତ ସ୍ପାଇସେସ୍ ଚୟନ କରିଛି । ସେହିପରି ସୌରଭ ଗୌଡ଼, ଶୁଭମ ଶତ୍ରୁଜିତ୍, କାର୍ତ୍ତିକ ବିଶ୍ୱାଳ, ପ୍ରଶାନ୍ତ ରଣାଙ୍କୁ ମଧ୍ୟ ଜୟ ଭାରତ ସ୍ପାଇସେସ୍ ଏ-କାଟାଗୋରୀରେ ଅର୍ନ୍ତଭୁକ୍ତ କରି ଚୟନ କରିଛି । ଡ୍ରାଫ୍ଟ ଚୟନରେ ବି-କାଟୋଗୋରୀରେ ଅଭିଷେକ ସିଂ, ପିୟୂସ ମନ୍ତ୍ରୀ, ପ୍ରିୟାଂଶୁ ମହାନ୍ତି ଓ ରାଜ୍ ଯାଦବ ଓ ସି-କାଟାଗୋରୀରେ ସୁବାଶିଷ ମଲ୍ଲିକ, ଅଭିରୂପ ଦାଶ, ସାର୍ଥକ ଏସ୍ ପ୍ରକାଶ, ଶିବୁନ୍ ନନ୍ଦ ଏବଂ ଡି କାଟାଗୋରିରେ ସୌମ୍ୟରଂଜନ ବିଶ୍ୱାଳ, ଏମ୍ ଗୌତମ ଗୋପାଳ ଓ ଡି ଆୟୁଷଙ୍କୁ ଖେଳାଳି ଭାବେ କମ୍ପାନୀ ପକ୍ଷରୁ ବଛାଯାଇଛି । ଏହି ଚୟନ ବେଳେ ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ନିର୍ଦ୍ଦେଶିକା ଏସ୍.ଏନ୍ ମିଲେନିୟମ୍, ଜିଏମ୍ ବିପିନ୍ ରାଉତ, ଜିଏମ୍ ଅରୁଣ ନାୟକ ଉପସ୍ଥିତ ରହି ଅଭିଜ୍ଞତା, ନେତୃତ୍ୱ ଦକ୍ଷତା ଓ ଯୁବ କ୍ରିକେଟରମାନଙ୍କୁ ମାର୍ଗଦର୍ଶନ କରିବାର କ୍ଷମତା କଟକ-ପାନ୍ଥରର୍ସ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ସମ୍ପଦ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା କହିଛନ୍ତି ଯେ, କଟକ-ପାନ୍ଥରର୍ସର ଉଦ୍ଦେଶ୍ୟ କେବଳ ଏକ ଟି-୨୦ ଦଳ ଗଠନ କରି ପ୍ରତିଯୋଗିତାରେ ଭାଗ ନେବା ନୁହେଁ; ବରଂ ଓଡ଼ିଶାର ମାଟିରେ ଲୁଚି ରହିଥିବା ପ୍ରତିଭାମାନଙ୍କୁ ଖୋଜି ବାହାର କରି ସେମାନଙ୍କୁ ଏକ ସୁଯୋଗ ଓ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରିବା । ସେ ଆହୁରି କହିଛନ୍ତି ଯେ, ଯୁବ ଖେଳାଳିଙ୍କ ପାଇଁ ଉଚ୍ଚମାନର କୋଚିଂ, ଫିଟନେସ୍ ଟ୍ରେନିଂ, ମ୍ୟାଚ୍ ଏକ୍ସପୋଜର୍, ମାନସିକ ପ୍ରସ୍ତୁତି ଓ ଆଧୁନିକ କ୍ରିକେଟ୍ ଟେକ୍ନିକ୍ ଉପରେ ଗୁରୁତ୍ୱ ଦିଆଯିବ । ପ୍ରତିଭାକୁ ସୁଯୋଗ ସହିତ ଯୋଡ଼ିବା ଏବଂ ଖେଳାଳିମାନଙ୍କୁ ପର୍ଯ୍ୟାୟକ୍ରମେ ଉଚ୍ଚସ୍ତରୀୟ କ୍ରିକେଟ୍ ପାଇଁ ପ୍ରସ୍ତୁତ କରିବା ଦୀର୍ଘମିଆଦୀ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି । କଟକ-ପାନ୍ଥରର୍ସରୁ

**୧୬ ଜଣ ଖେଳାଳୀ ହେଲେ ଚୟନ**

ଖେଳାଳିମାନଙ୍କୁ ବାଛିଥିଲେ । ହେଡ୍-କୋଚ୍ ଭାବେ ପ୍ରଭଞ୍ଜନ ମଲ୍ଲିକ୍ ଏବଂ ସହଯୋଗୀ କୋଚ୍ ଭାବେ ଦୀପକ ମଙ୍ଗରାଜଙ୍କୁ ଦୟିତ୍ୱ ଦାୟିତ୍ୱ ଦିଆଯାଇଛି । ଚୟନ ହୋଇଥିବା କ୍ରିକେଟରଙ୍କ ବାହାରିବାକୁ ଥିବା କ୍ରିକେଟର୍‌ମାନେ ଆଇପିଏଲ୍‌ରେ ଖେଳିବାର ସମସ୍ତ ସୁଯୋଗ ଜୟ ଭାରତ ସ୍ପାଇସେସ୍ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ପୁରୁଣା ଭୁବନେଶ୍ୱର ହାଟସାହିରେ ମାଟି ଅନୁକୂଳ



ଭୁବନେଶ୍ୱର, (ସବ୍ୟୁ): ଶନିବାର ସନ୍ଧ୍ୟା ୭ଟାରେ ପୁରୁଣା ଭୁବନେଶ୍ୱରର ପୁରାତନ ଅନୁଷ୍ଠାନ ସାର୍ବଜନୀନ ଦୁର୍ଗାପୂଜା ସମିତି ହାଟସାହି ପକ୍ଷରୁ ପବିତ୍ର ନନ୍ଦ ଉତ୍ସବ ଅବସରରେ ଚଳିତ ବର୍ଷର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଦେବୀ ମଣ୍ଡପ ଠାରୁ ଏକ ରୋଷାଣୀରେ ଘଣ୍ଟ ଘଣ୍ଟା ଓ ବାଜା ବଜେଇ ଦୟାନଦୀ ପଠା ସ୍ଥିତ ତାରେକେଶ୍ୱର ମହାଦେବ ମନ୍ଦିର ଠାରେ ବିଧି ଅନୁସାରେ ମାଟିପୂଜା କର୍ମ ଆରମ୍ଭ ହୋଇ ବୈଧିକନିତୀ ଅନୁସାରେ ମାଟି ଆଣି ଦେବୀ ମଣ୍ଡପ ଠାରେ ସ୍ଥାପନା କରାଯାଇଛି. ଏହି ଅବସରରେ ସମିତିର ସଭାପତି ରାଜେନ୍ଦ୍ର ସମର୍ଥଳ, ସମ୍ପାଦକ ବିଜେନ୍ଦ୍ର ମହାପାତ୍ର, ଉପସଭାପତି ପ୍ରସନ୍ନ ସିଂ, ସୁବାସ ମହାପାତ୍ର, ବିକାଶ ସହୁ ପ୍ରସନ୍ନ କୁମାର ରଥ, ସଞ୍ଜୟ ସହୁ, ତ୍ରିନାଥ ସିଂ, ହରିହର ସମର୍ଥକ୍ଷ, କାଶୀନାଥ ମହାପାତ୍ର, ସୁଜିତ କୁମାର ମହାନ୍ତି, ଶିକ୍ତ ସିଦ୍ଧାର୍ଥ ମହାନ୍ତି, ମଣ୍ଟୁ ମହାନ୍ତି,ପ୍ରଦୀପ ସିଂ, ରାଜେଶ ମହାପାତ୍ର, ରାମଚନ୍ଦ୍ର ସିଂ, ନିର୍ମଳ ଦେ, କାଳିଆ ମହାରଣା,ପ୍ରମୁଖ ଯୋଗାଦେଏଥିଲେ ।

# ରୋଟାରୀ ପକ୍ଷରୁ ନିଃଶୁଳ୍କ ଚକ୍ଷୁପରୀକ୍ଷା ଶିବିର

ଭୁବନେଶ୍ୱର (ସବ୍ୟୁ): ରୋଟାରୀ ଇ-କ୍ଲବ୍ ଅଫ୍ ମହୋଦଧି, ଭୁବନେଶ୍ୱର ତରଫରୁ ରୋଟାରୀ ଚକ୍ଷୁ ଚିକିତ୍ସାଳୟ, ଭୁବନେଶ୍ୱର ସାହାଯ୍ୟରେ ଖୋର୍ଦ୍ଧା ପଲ୍ଲାହାଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଏକ ଗୋଷ୍ଠୀ ଚକ୍ଷୁପରୀକ୍ଷା ଶିବିର ତା ୦୬. ୦୯. ୨୦୨୬ ଦିନ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାନୀୟ କାଉନସିଲର ଅମୀୟ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ୬୪ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଆଠ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ରୋଟାରୀ ଚକ୍ଷୁ ଚିକିତ୍ସାଳୟ ତରଫରୁ ସେମାଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ମାଗଣାରେ କରାଯିବ। ଏହି ଶିବିରରେ ରୋଟାରୀ ଇ-କ୍ଲବର ସଭାପତି ରୋଟାରୀଆନ୍ ରମେଶ ଚନ୍ଦ୍ର ସାହାଣୀ, ପୂର୍ବତନ ସଭାପତି ରୋଟାରୀଆନ୍ ସର୍ବେଶ୍ୱର ସାହୁ,



ପୂର୍ବତନ ସଭାପତି ରୋଟାରୀଆନ୍ ସଂଗ୍ରାମ କେଶରୀ ପଟ୍ଟନାୟକ, ପୂର୍ବତନ ସମ୍ପାଦକ ରୋଟାରୀଆନ୍ ରଜନୀକାନ୍ତ ପଟ୍ଟନାୟକ, ଉପସଭାପତି ରୋଟାରୀଆନ୍ ରାଜକୁମାର ସୂତାର ଓ ସଦସ୍ୟା ରୋଟାରୀଆନ୍ ମୌସୁମୀ ସାହୁ ଯୋଗ ଦେଇଥିଲେ। ରୋଟାରୀ ଚକ୍ଷୁ ଚିକିତ୍ସାଳୟ ତରଫରୁ ଚକ୍ଷୁ ନିରୀକ୍ଷକ ଦେବୀ ପ୍ରସାଦ ଶ୍ରୀଚନ୍ଦନ, ଭାଗ୍ୟଶ୍ରୀ ନାୟକ ଓ ବିଜୟ ସାହୁ ଚକ୍ଷୁ ପରୀକ୍ଷା କରିବା ସଙ୍ଗେ ସଙ୍ଗେ ଉତ୍ତମ ଚକ୍ଷୁ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ବିଦ୍ୟାଳୟର ସଭାପତି ଖଗେଶ୍ୱର ପାଲଟାସିଂହ ଓ ପ୍ରଧାନ ଶିକ୍ଷକ ବିମଳ ଚନ୍ଦ୍ର ରାଉତରାୟଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀମାନେ ଏଥିରେ ସହଯୋଗ କରିଥିଲେ।

### ଯୁବ ଭାରତୀୟଙ୍କ ମଧ୍ୟରେ ଯୋଜନାବଦ୍ଧ ଋଣ ନେବାର

# ଅଭିଜ୍ଞତା-ନେତୃତ୍ୱାଧୀନ ଖର୍ଚ୍ଚ ଭାରତରେ ବ୍ୟକ୍ତିଗତ ଋଣ ଦେବାର ଏକ ନୂତନ ଧାରା

ଭୁବନେଶ୍ୱର, (ସବ୍ୟୁ): ଭାରତରେ ବ୍ୟକ୍ତିଗତ ଋଣ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଇ ଗତି କରୁଛି। ବ୍ୟକ୍ତିଗତ ଋଣ, ଏକଦା ଜରୁରୀକାଳୀନ ପରିସ୍ଥିତି କିମ୍ବା ଆର୍ଥିକ ସଙ୍କଟ ସହିତ ଜଡିତ, ଆକାଂକ୍ଷା ଏବଂ ବ୍ୟବହାରିକ ଆବଶ୍ୟକତା ଉଭୟ ପୂରଣ କରିବା ପାଇଁ ଯୋଜନାବଦ୍ଧ ଆର୍ଥିକ ଉପକରଣ ଭାବରେ ବର୍ଦ୍ଧିତ ଭାବରେ ବ୍ୟବହାର କରାଯାଉଛି। ଏହି ପରିବର୍ତ୍ତନ ବିଶେଷ ଭାବରେ ଯୁବ ଗ୍ରାହକ ଏବଂ ଧନୀ ଋଣଗ୍ରହୀତାଙ୍କ ମଧ୍ୟରେ ଦୃଶ୍ୟମାନ ହେଉଛି, ଯେଉଁମାନେ ଦୀର୍ଘକାଳୀନ ନିବେଶକୁ ବାଧା ନ ଦେଇ ରଣନୀତିକ ଭାବରେ ଋଣ ବ୍ୟବହାର କରିବାରେ ଅଧିକ ଆରାମଦାୟକ ହେଉଛନ୍ତି। କୋଟକ ମହିନ୍ଦ୍ରା ବ୍ୟାଙ୍କର ବିଜନେସ୍ ହେଡ୍ - ପର୍ସୋନାଲ୍ ଲୋନ୍ ଅମିତ ପାଠକଙ୍କ ଅନୁଯାୟୀ, "ପରିବର୍ତ୍ତନ ଦୁଇଟି ସମାନ୍ତରାଳ ଧାରା ଦ୍ୱାରା ପରିଚାଳିତ ହେଉଛି: ଋଣଗ୍ରହୀତାଙ୍କ ଆଚରଣରେ ପରିବର୍ତ୍ତନ ଏବଂ ଏଆଇ -ନେତୃତ୍ୱାଧୀନ ଅଣ୍ଡରରାଇଟିଂର ବର୍ଦ୍ଧିତ ବ୍ୟବହାର। ଗ୍ରାହକଙ୍କ ଆଶା ଦ୍ରୁତ, ସୁଗମ ଏବଂ ଅଧିକ ନମନୀୟ ପ୍ରବେଶ ପାଇଁ ଋଣ ପ୍ରଦାନ ଆଡ଼କୁ ସ୍ଥାନାନ୍ତରିତ ହେବା ସହିତ, ବ୍ୟାଙ୍କଗୁଡ଼ିକ ଏକକାଳୀନ ସ୍ମାର୍ଟ ବିପଦ ମୂଲ୍ୟାୟନ ଏବଂ ଠକେଇ ଚିହ୍ନଟ କ୍ଷମତାରେ ନିବେଶ କରୁଛନ୍ତି। କ୍ଷଣିକ ନଗଦ ଆବଶ୍ୟକତା ସମୟରେ ନିବେଶକୁ ପରିଶୋଧ କରିବା ପରିବର୍ତ୍ତେ, ଅନେକ ତୁରନ୍ତ ତରଳତାକୁ ପ୍ରବେଶ ବଜାୟ ରଖି ଚକ୍ରବୃଦ୍ଧି ରିଟର୍ଣ୍ଣ ସଂରକ୍ଷଣ କରିବା ପାଇଁ ନମନୀୟ କ୍ରେଡିଟ୍ ଉତ୍ପାଦ ବ୍ୟବହାର କରୁଛନ୍ତି। ଏହା ମାନସିକତାରେ ଏକ ବ୍ୟାପକ ପରିବର୍ତ୍ତନକୁ ପ୍ରତିଫଳିତ କରେ ଯେଉଁଠାରେ କ୍ରେଡିଟ୍ ଆର୍ଥିକ ଚାପର ଏକ ସଙ୍କେତ ବାହାରେ ବୃଦ୍ଧି ପାଉଛି, ସ୍ମାର୍ଟ ଆର୍ଥିକ ଯୋଜନା ପାଇଁ ଏକ ଉପକରଣ ଭାବରେ ଦେଖାଯାଉଛି।

## ନନ୍ଦନକାନନରେ ଆନ୍ତର୍ଜାତୀୟ ଶାଗୁଣା ଦିବସ ପାଳିତ

ବାରଙ୍ଗ ,(ସବ୍ୟୁ): ବିଶ୍ୱବ୍ୟାପୀ ଶାଗୁଣା ସଂଖ୍ୟା ହ୍ରାସ ପାଇବାର କାରଣ, ଏହାର ସଂରକ୍ଷଣର ଆବଶ୍ୟକତା ଏବଂ ପରିବେଶ ସନ୍ତୁଳନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ ପାଳିତ ହୋଇଯାଇଛି ।ନନ୍ଦନକାନନସ୍ଥ ଶାଗୁଣା ଖୁଆଡ ନିକଟରେ ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ପର୍ଯ୍ୟଟକମାନଙ୍କୁ ପ୍ରତ୍ୟକ୍ଷ ଭାବେ ସାମିଲ କରାଯାଇ ଶାଗୁଣା ସମ୍ପର୍କିତ ବିଭିନ୍ନ ତଥ୍ୟ ପ୍ରଦାନ କରାଯାଇଥିଲା । ଶାଗୁଣା ପ୍ରଜାତିର ସଂରକ୍ଷଣ ସ୍ଥିତି ଉପରେ ସୂଚନା ବୋର୍ଡ ଲଗାଯାଇଥିଲା । ପ୍ରାଣୀ ରକ୍ଷକମାନେ ଶାଗୁଣାର ଖାଦ୍ୟ, ଯନି ଓ ପରିଚାଳନା ବିଷୟରେ ପର୍ଯ୍ୟଟକଙ୍କୁ ବୁଝାଇଥିଲେ ।ଏହି ଅବସରରେ ଶିକ୍ଷା ଅଧିକାରୀ ମିଳନ ପଣ୍ଡା ଛାତ୍ରଛାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ବିଭିନ୍ନ ଫଟୋଚିତ୍ର ମାଧ୍ୟମରେ ଶାଗୁଣାର ପ୍ରଜାତି, ବାସ୍ଥାନ ଓ ଗୁରୁତ୍ୱ ବିଷୟରେ ଅବଗତ କରାଇବା ସହ ଶାଗୁଣା ପ୍ରଜନନ କ୍ଷେତ୍ରରେ ନନ୍ଦନକାନନର ଭୂମିକା ଓ ଉଦ୍ୟମ ଉପରେ ଆଲୋକପାତ କରିଥିଲେ ।କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ପ୍ରତିଯୋଗିତା, ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ସ୍ଲୋଗାନ ପାଠ ଏବଂ ଅନ-ଦି-ସ୍ପଟ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଜଣ ପର୍ଯ୍ୟଟକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଓଡ଼ିଆ ଅଧ୍ୟାପକ ଓ ଓଡିଶୀ ନୃତ୍ୟଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀଙ୍କୁ ଗୁରୁ ଗୌରବ ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ହଜାରବର୍ଷର କଟକ ସହରର ଗୌରୀଶଙ୍କର ରାୟ ସମିଳନୀ କକ୍ଷରେ ଗୁରୁଦିବସ ଅବସରସରେ ଉତ୍କଳ ବିଦ୍ୟାଗୌରବ ପରିଷଦର ଅଷ୍ଟମ ବାର୍ଷିକ ସ୍ୱନକ୍ଷେତ୍ର ଉତ୍ସବରେ ଓଡିଶାର ବିଶିଷ୍ଟ ସୁନାମଧନ୍ୟ ଶିକ୍ଷା ଓ ନୃତ୍ୟ କ୍ଷେତ୍ରରେ ସାମଗ୍ରିକ ଅବଦାନ ପାଇଁ ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଟ ପ୍ରାଧ୍ୟାପକ ତଥା ଅନ୍ତରାଷ୍ଟ୍ରୀୟ ବିଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀଙ୍କୁ ପରମହଂସ ସ୍ୱାମୀଜୀ ବ୍ରହ୍ମଆନନ୍ଦ ସରସ୍ୱତୀ ମହାରାଜ ପୁଷ୍ପଗୁଚ୍ଛ ସନନ୍ଦ, ମାନପତ୍ର ଉତ୍ତରୀୟ ଦେଇ ଆଶୀର୍ବାଦତ୍ମକ ଆଧ୍ୟାତ୍ମିକ ସମ୍ବର୍ଦ୍ଧନା କରିଛନ୍ତି . ମଞ୍ଚରେ ସଭାପତି ପ୍ରଫେସର ଡ଼କ୍ଟର ନଟବର ଶତପଥି, ବିଶିଷ୍ଟ ଆଇନଜ୍ଞ ତଥା ସମାଜସେବୀ ଶ୍ରୀଯୁକ୍ତ ସୌରୀଚନ୍ଦ୍ର ମହାପାତ୍ର, ବରିଷ୍ଟ ସାମ୍ବାଦିକ ତଥା ସମାଜରପୂର୍ବତନ ସମ୍ପାଦକ ଡ଼କ୍ଟର ସତ୍ୟ ରାୟ, ଡାକ୍ତର ରବିରଞ୍ଜନ ସାହୁ, ପ୍ରାଧ୍ୟାପିକା ସାନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲା, ଡ଼କ୍ଟର କିଶୋର ଚନ୍ଦ୍ର ଦାସ, ଉପସ୍ଥିତ ରହି ଡ଼କ୍ଟର ସାହାଣୀଙ୍କ ଚିତ୍ତରଞ୍ଜନ ସାହାଣୀଙ୍କ ଜୀବନର ସ୍ୱତନ୍ତ୍ର ଗରିମା ଅଧ୍ୟାୟ ଯାହା ସମଗ୍ର ଓଡ଼ିଆ ଭାଷା



ଓଡ଼ିଆ ଭାଷା ସାହିତ୍ୟ ଓ ଓଡିଶୀ ନୃତ୍ୟର ସୁଦିଗ ପ୍ରଚାର ପ୍ରସାର କରି ଦେଶ ବିଦେଶରେ ଓଡ଼ିଶାର ନାମକୁ ଭାସ୍ୱରିତ କରି ଆସୁଥିବାର ଉଦ୍ୟମକୁ ଭୁୟସୀ ପ୍ରଶଂସା କରିଥିଲେ. ପ୍ରାଦେଶିକ, ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ଏକା ସାଙ୍ଗରେ ଗୋଟିଏ ମଞ୍ଚରେ ଓଡ଼ିଆ ସାହିତ୍ୟ ଓ ଓଡିଶୀ ନୃତ୍ୟର ନିଖୁଣ ପ୍ରଦର୍ଶନ ଡ଼କ୍ଟର ଭାଷୀ ଓ ନୃତ୍ୟ ରସିକ ବିଶ୍ୱବାସୀଙ୍କୁ ଆମୋହିତ କରୁଛି. ବିଶେଷ କରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ନୀଳାଦ୍ରି ବିଜେ, ସ୍ନାନ ଯାତ୍ରା, ଚନ୍ଦନ ଯାତ୍ରା, ଦୋଳ ଯାତ୍ରା, ଝୁଲଣ ଯାତ୍ରା ଓ ମହାପ୍ରଭୁଙ୍କ ଶେଷ ଦୁଇଥର ନବକଳେବର ଯାତ୍ରାରେ ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ ହେବ ନୃତ୍ୟ ସେବା ଯୋଗାଇ ଆସୁଛନ୍ତି ।


# ‘ଭଗ୍ନାବଶେଷ ତଳୁ ଆସିଲା ଛାତ୍ରଙ୍କ ଭିଡିଓ କଲ୍’



**ନୂଆଦିଲ୍ଲୀ:** ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଉଥ୍ କ୍ୟାମ୍ପସ ନିକଟସ୍ଥ ସତ୍ୟ ନିକେତନରେ ଏକ ବଡ଼ ଦୁର୍ଘଟଣା ଘଟିଛି । ତିନି ମହଲା ବିଶିଷ୍ଟ ଏକ ବିଲ୍ଡିଂ ଭାଙ୍ଗି ପଡ଼ିବାରୁ ଅନେକ ଛାତ୍ର ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ୧୧ ଜଣଙ୍କୁ ସୁରକ୍ଷିତ ବାହାର କରାଯାଇଛି । ଏହି ବିଲ୍ଡିଂଟି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସାଉଥ୍ କ୍ୟାମ୍ପସ ନିକଟରେ ଥିବାରୁ ବିଶ୍ୱବିଦ୍ୟାଳୟର ଅନେକ ଛାତ୍ର ସେଠାରେ ରହୁଥିବା ଆଶା କରାଯାଉଛି । ଏଭଳି ପରିସ୍ଥିତିରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସାଉଥ୍ କ୍ୟାମ୍ପସର ନିର୍ଦ୍ଦେଶକ ପ୍ରଫେସର ରଜନୀ ଆବ୍ବିଙ୍କ ବୟାନ ସାମ୍ନାକୁ ଆସିଛି । ସେ ଘଟଣାସ୍ଥଳରେ ଉପସ୍ଥିତ ରହି ଛାତ୍ରମାନଙ୍କ ସୁରକ୍ଷିତ ଉଦ୍ଧାର କାମନା କରିଛନ୍ତି । ଘଟଣା ଉପରେ ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା କେତେ ଜଣ ପିଲା ପୋତି ହୋଇ ଅଛନ୍ତି ତାହା ଜାଣିବା ସମ୍ଭବ ହୋଇନାହିଁ । ପ୍ରଶାସନର ସବୁଠାରୁ ବଡ଼ ଚିନ୍ତା ହେଉଛି ଭିତରେ ଥିବା ଛାତ୍ରମାନଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିବା । ଦମକଳର ଅନେକ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଛନ୍ତି । ପୋଲିସ ଏବଂ ପ୍ରଶାସନର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଅଛନ୍ତି । ଅପରାହ୍ନ ପ୍ରାୟ ୧:୩୦ ସମୟରେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପ୍ରଫେସର ରଜନୀଙ୍କ କହିବା ଅନୁଯାୟୀ, ବିଶ୍ୱବିଦ୍ୟାଳୟ ପ୍ରଶାସନ ସମସ୍ତ ସମ୍ପୃକ୍ତ କଲେଜଗୁଡ଼ିକୁ ଏହି ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛି । କଲେଜଗୁଡ଼ିକୁ ସେମାନଙ୍କର କେତେଜଣ ଛାତ୍ର ସମ୍ପୃକ୍ତ ବିଲ୍ଡିଂରେ ରହୁଥିଲେ ତାହା ଜାଣିବାକୁ କୁହାଯାଇଛି । ଏହା ସହିତ ସେଠାରେ ରହୁଥିବା ଛାତ୍ରମାନଙ୍କୁ ନିଜ ନିଜ କଲେଜକୁ ଫେରିବା ପାଇଁ କୁହାଯାଉଛି । ଯାହାଦ୍ୱାରା ଛାତ୍ରଙ୍କ ଉପସ୍ଥିତି ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିପାରିବ । ସେ କହିଛନ୍ତି ଯେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଥିବା ସମୟରେ ଖାତା ଅସଡ଼ା ତଳୁ ଏକ ଫୋନ୍ କଲ୍ ମଧ୍ୟ ଆସିଛି । ଏହା ବ୍ୟତୀତ ଭିତରୁ ଭିଡିଓ କଲ୍ ଆସିଥିବା ନେଇ ମଧ୍ୟ ସୂଚନା ମିଳିଛି । ଭଗ୍ନାବଶେଷ ତଳେ ଆହୁରି ଲୋକ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ତଥାପି, ଭିତରେ କେତେଜଣ ପିଲା ଫସି ରହିଛନ୍ତି ଏବଂ ସେମାନଙ୍କ ସ୍ଥିତି କ’ଣ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।



## ପ୍ରତ୍ୟେକ ଛାତ୍ରଙ୍କ ଜୀବନ ମୂଲ୍ୟବାନ, ସୁରକ୍ଷା ସୁନିଶ୍ଚିତ ହେଉ: ରାହୁଲ



**ନୂଆଦିଲ୍ଲୀ:** ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଛାତ୍ରମାନେ ରହୁଥିବା ଏକ ପିଜି ଘର ଭୁଶୁଡ଼ି ପଡ଼ିବା ଘଟଣାକୁ ନେଇ କେନ୍ଦ୍ରର ମୋଦୀ ସରକାରଙ୍କୁ ଟାର୍ଗେଟ୍ କରିଛି କଂଗ୍ରେସ । ଏହି ଘଟଣାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପ୍ରତ୍ୟେକ ଛାତ୍ରଙ୍କ ଜୀବନ ମୂଲ୍ୟବାନ ଏବଂ ସବୁ ପରିସ୍ଥିତିରେ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯିବା ଆବଶ୍ୟକ । ରବିବାର ଅପରାହ୍ନରେ ସତ୍ୟ ନିକେତନରେ ଥିବା ୫ ମହଲା କୋଠାଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଲୋକ ଭଙ୍ଗା କୋଠା ତଳେ ଫସି ରହିଥିବା ଅଧିକାରୀମାନେ କହିଛନ୍ତି । ଏହି ଅଞ୍ଚଳ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଉଥ୍ କ୍ୟାମ୍ପସ୍ ନିକଟରେ ଥିବାରୁ ଏଠାରେ ବହୁ ଛାତ୍ରାବାସ ଓ ଖାଦ୍ୟ ଦୋକାନ ରହିଛି । ଘଟଣାକୁ ନେଇ ‘ଏକ୍ସ’ରେ ହିନ୍ଦୀରେ ପ୍ରତିକ୍ରିୟା ଦେଇ ରାହୁଲ କହିଛନ୍ତି, ସତ୍ୟ ନିକେତନରେ କୋଠା ଭୁଶୁଡ଼ିବା ଖବର ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ । ଭଙ୍ଗା କୋଠା ତଳେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅନେକ ଛାତ୍ରଙ୍କ ସମେତ ଅନେକ ଲୋକ ଫସିଥିବା ରିପୋର୍ଟ ମିଳିଛି । ସେ ଉଦ୍ଧାରକାରୀ ଦଳକୁ ସମସ୍ତ ପ୍ରକାର ପ୍ରୟାସ କରି ପ୍ରତ୍ୟେକ ଛାତ୍ରଙ୍କ ନିକଟରେ ପହଞ୍ଚିବା ସହ ଆହତମାନଙ୍କୁ ତୁରନ୍ତ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି । ଘଟଣାସ୍ଥଳରେ କଂଗ୍ରେସ ଓ ଏନ୍‌ଏସ୍‌ୟୁଆଇ କର୍ମୀମାନେ ଉପସ୍ଥିତ ରହି ଆବଶ୍ୟକ ସହଯୋଗ ପାଇଁ ପ୍ରସ୍ତୁତ ଥିବା ରାହୁଲ କହିଛନ୍ତି ।

## ଗୋଆର ବିଜେପି କାର୍ଯ୍ୟକ୍ରମ ବାତିଲ କଲେ ଅମିତ ଶାହ

**ନୂଆଦିଲ୍ଲୀ:** ଦିଲ୍ଲୀର ସତ୍ୟ ନିକେତନରେ ଛାତ୍ରଙ୍କ ପିଜି ଥିବା କୋଠା ଭୁଶୁଡ଼ି ପଡ଼ିବା ଖବର ପାଇବା ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୋଆରେ ଧାର୍ଯ୍ୟ ବିଜେପି କାର୍ଯ୍ୟକ୍ରମ ବାତିଲ କରିଛନ୍ତି । ଶନିବାର ସନ୍ଧ୍ୟାରେ ତିନିଦିନିଆ ଗୋଆ ଗସ୍ତରେ ପହଞ୍ଚିଥିବା ଶାହ ପଶ୍ଚିମାଞ୍ଚଳ ପରିଷଦର ୨୮ତମ ବୈଠକରେ ଅଧ୍ୟକ୍ଷତା କରିବାର ଥିଲା ।



ରବିବାର ଚିମ୍ବେଲ୍ଲାରେ ନବନିର୍ମିତ ବିଜେପି ରାଜ୍ୟ କାର୍ଯ୍ୟାଳୟର ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ଦିଲ୍ଲୀ ଘଟଣା ପରେ ଏହାକୁ ବାତିଲ କରାଯାଇଛି । ଘଟଣାକୁ ନେଇ ଶାହ ‘ଏକ୍ସ’ରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ, ପୁଲିସ କମିଶନର ଓ ଏନ୍ଡିଆରଏଫ୍ ମହାନିର୍ଦ୍ଦେଶକଙ୍କ ସହ କଥା ହୋଇ ପରିସ୍ଥିତିର ସମୀକ୍ଷା କରିଥିବା କହିଛନ୍ତି । ଉଦ୍ଧାରକାର୍ଯ୍ୟ ଜୋରଦାର ଭାବେ ଚାଲିଥିବା ବେଳେ ଆହତଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯାଉଥିବା ସେ କହିଛନ୍ତି । ଏପର୍ଯ୍ୟନ୍ତ ୩ ଜଣ ଆହତ ହୋଇଥିବା ଖବର ମିଳିଛି । ଏମ୍ସ ଦିଲ୍ଲୀର ଟ୍ରମା ସେଣ୍ଟରରେ ତିନିଜଣଙ୍କୁ ଭର୍ତ୍ତି କରାଯାଇଥିବା ଏବଂ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବା ସୂତ୍ରରୁ ଜଣାପଡ଼ିଛି । ଘଟଣାସ୍ଥଳରେ ଡିଡିଏମ୍ଏ, ଏନ୍ଡିଆରଏଫ୍, ଦିଲ୍ଲୀ ଅଗ୍ନିଶମ ବାହିନୀ, ପୁଲିସ, ଏମ୍ସିଡି, କ୍ୟାଟ୍ସ ଓ ସିଭିଲ୍ ଡିଫେନ୍ସର ଟିମ୍ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଅଛନ୍ତି ।

## ୨୦୦ ବର୍ଷ ପୁରୁଣା ରାଜପ୍ରାସାଦ କିଣିଲେ ମାର୍କ ଜୁକରବର୍ଗ

**ନୂଆଦିଲ୍ଲୀ:** ମେଟା ସି.ଇ.ଓ. ମାର୍କ ଜୁକରବର୍ଗ ଏବଂ ତାଙ୍କ ପତ୍ନୀ ପ୍ରିସିଲା ଚାନ୍ ସେମାନଙ୍କର ବିଶାଳ ସମ୍ପତ୍ତି କଲେକ୍ସନରେ ଆୟରଲ୍ୟାଣ୍ଡର ୧୯୦ ବର୍ଷ ପୁରୁଣା ‘ଷ୍ଟ୍ରାନକାଲି କାସଲ’କୁ ସାମିଲ କରିଛନ୍ତି । ଏହି ରାଜପ୍ରାସାଦ ବ୍ୟତୀତ ବିଶ୍ୱସାରା ଜୁକରବର୍ଗଙ୍କର ଅନେକ ଦାମୀ ଓ ବିଳାସପୂର୍ଣ୍ଣ ସମ୍ପତ୍ତି ରହିଛି ।



### ମାର୍କ ଜୁକରବର୍ଗଙ୍କ ସମ୍ପତ୍ତି

ୱାଟରଫୋର୍ଡରେ ଥିବା ୪୪୦ ଏକର ପରିବ୍ୟାପ୍ତ ଏହି ପ୍ରାସାଦର ଆନୁମାନିକ ମୂଲ୍ୟ ୨୦ ରୁ ୩୦ ନିୟୁତ ୟୁରୋ । ୧୮୩୦ ମସିହାରେ ନିର୍ମିତ ଏହି ପ୍ରାସାଦକୁ ସେମାନେ ରହିବା ପାଇଁ ବ୍ୟବହାର କରିବେ । ହାୱାଇର କାୱାଇ ଦ୍ୱୀପରେ ଜୁକରବର୍ଗଙ୍କର ୧,୨୦୦ ଏକରରୁ ଅଧିକ ଜମି ରହିଛି । ସେଠାରେ ସେ ଏକ ବିଶାଳ କମ୍ପାଉଣ୍ଡ ସହ ସୁରକ୍ଷିତ ‘ଡୁମ୍ସଡେ’ ବଙ୍କର ତିଆରି କରୁଛନ୍ତି, ଯାହାର ମୋଟ ଖର୍ଚ୍ଚ ପ୍ରାୟ ୨୭୦ ନିୟୁତ ଡଲାର ଆକଳନ କରାଯାଇଛି । କାଲିଫର୍ଣ୍ଣିଆର ପାଲୋ ଆଲ୍ଟୋରେ ଜୁକରବର୍ଗଙ୍କର ୫ଟି ଘର ରହିଛି, ଯାହାର ମୋଟ ମୂଲ୍ୟ ୩୬.୨ ନିୟୁତ ଡଲାରରୁ ଅଧିକ । ଏହି ସ୍ମାର୍ଟ ହୋମରେ କଷ୍ଟମ୍ ଏଆଇ ଆସିଷ୍ଟାଣ୍ଟ ମଧ୍ୟ ରହିଛି । ୨୦୧୯ ରେ ସେ ଲେକ୍ ତାହୋ କୂଳରେ ଦୁଇଟି ବିଳାସପୂର୍ଣ୍ଣ ପ୍ରାସାଦ ପ୍ରାୟ ୫୯ ନିୟୁତ ଡଲାରରେ କିଣିଥିଲେ । ୱାଶିଂଟନ୍ ଡିସିରେ ୧୫,୦୦୦ ବର୍ଗଫୁଟର ଏକ ସୁନ୍ଦର ଭବନ ଏବଂ ଫ୍ଲୋରିଡାର ‘ଇଣ୍ଡିଆନ୍ କ୍ରିକ୍’ ଦ୍ୱୀପରେ ଏକ ସି-ଫେସିଂ ଆବାସ ସେ ନିଜ ନାମରେ କରିଛନ୍ତି । ସୂଚନାଯୋଗ୍ୟ ଯେ, ସାନ ଫ୍ରାନ୍ସିସ୍କୋରେ ଥିବା ତାଙ୍କର ଏକ ପୁରୁଣା ଟାଉନହାଉସକୁ ସେ ୨୦୨୨ ମସିହାରେ ୩୧ ନିୟୁତ ଡଲାରରେ ବିକ୍ରି କରିଦେଇଥିଲେ ।

## ଲଣ୍ଡନଗାମୀ ବିମାନର ବେଙ୍ଗାଲୁରୁରେ ଜରୁରୀ ଅବତରଣ



**ବେଙ୍ଗାଲୁରୁ:** ବେଙ୍ଗାଲୁରୁରୁ ଲଣ୍ଡନ ଯାଉଥିବା ଭର୍ଜିନ୍ ଆଟ୍ଲାଣ୍ଟିକ୍ର ଏକ ଯାତ୍ରୀବାହୀ ବିମାନରେ ଉଡ଼ାଣର କିଛି ସମୟ ପରେ ବୈଷୟିକ ତ୍ରୁଟି ଦେଖାଦେବାରୁ ରବିବାର ଏହାକୁ ବେଙ୍ଗାଲୁରୁ ବିମାନବନ୍ଦରକୁ ଫେରାଇ ଅଣାଯାଇଛି । ବିମାନଟି କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିବା ବେଙ୍ଗାଲୁରୁ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ୍ (ବିଆଇଏଏଲ) ସୂତ୍ରରୁ ଜଣାପଡ଼ିଛି । ବିମାନରେ ପ୍ରାୟ ୨୭୦ ଜଣ ଯାତ୍ରୀ ଥିଲେ ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି ।ସୂଚନା ଅନୁସାରେ, ବିମାନଟି ରବିବାର ସକାଳ ପ୍ରାୟ ୮ଟା ୨୦ରେ କେମ୍ପେଗୌଡ଼ା ବିମାନବନ୍ଦରରୁ ଲଣ୍ଡନ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା । ଉଡ଼ାଣର କିଛି ସମୟ ପରେ ବିମାନରେ ବୈଷୟିକ ସମସ୍ୟା ଦେଖାଦେଇଥିଲା । ଏହାପରେ ପାଇଲଟ୍ ବିମାନକୁ ତୁରନ୍ତ ବେଙ୍ଗାଲୁରୁକୁ ଫେରାଇ ଆଣିବା ପରିବର୍ତ୍ତେ ତୁମକୁର ନିକଟ ଆକାଶରେ ୩୦ ମିନିଟ୍ରୁ ଅଧିକ ସମୟ ଚକ୍କର କାଟିଥିଲେ । ପରେ ବିମାନଟିକୁ ପୁଣି ବେଙ୍ଗାଲୁରୁ ଅଣାଯାଇଥିଲା । ତେବେ ବିମାନରେ କେଉଁ ପ୍ରକାର ବୈଷୟିକ ତ୍ରୁଟି ଦେଖାଦେଇଥିଲା, ତାହା ତୁରନ୍ତ ଜଣାପଡ଼ିନାହିଁ । ଏ ସମ୍ପର୍କରେ ବିମାନବନ୍ଦର କର୍ତ୍ତୃପକ୍ଷ ତଥ୍ୟ ସଂଗ୍ରହ କରୁଛନ୍ତି ।

## ଗଭୀର ଖାଇକୁ ଖସିଲା ବସ୍; ଡ୍ରାଇଭରଙ୍କ ସମେତ ୨୫ ପିଲା ମୃତ



**ନୂଆଦିଲ୍ଲୀ:** ପଶ୍ଚିମ ଆଫ୍ରିକୀୟ ଦେଶ କେପ୍ ଭର୍ଡେର ଫୋଗୋ ଦ୍ୱୀପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଗୋଟିଏ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ଗଭୀର ଖାତକୁ ଖସିପଡ଼ିବା ଫଳରେ ପ୍ରାୟ ୨୫ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ସ୍କୁଲ ପିଲା ଏବଂ କିଶୋର-କିଶୋରୀ ଅଛନ୍ତି । ପ୍ରାୟ ୨୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ବସ୍‌ରେ ମୋଟ ୩୨ ଜଣ ଯାତ୍ରୀ ଥିଲେ । କେପ୍ ଭର୍ଡେର ଫୋଗୋ ଦ୍ୱୀପସ୍ଥିତ ପିକୋ ଡୋ ଫୋଗୋ ଆଗ୍ନେୟଗିରି ପାର୍ଶ୍ୱବର୍ତ୍ତୀ ରାସ୍ତାରେ ଶନିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି ।

**କିପରି ଘଟିଲା ଦୁର୍ଘଟଣା ?**

ସାଓ ଫିଲିପ୍ ସହରକୁ ବସରେ ପିଲାମାନଙ୍କୁ ନେଇ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ବସ୍ ଡ୍ରାଇଭର ନିଜେ ସ୍କୁଲ ପିଲାମାନଙ୍କ ପାଇଁ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଥିଲେ । ଯାତ୍ରା ଶେଷ କରି ଫେରୁଥିବା ବେଳେ ବସଟି ରାସ୍ତାରୁ ନିୟନ୍ତ୍ରଣ ହରାଇ ଏକ ପାହାଡ଼ିଆ ଓ ପଥୁରିଆ ଖାତ ଭିତରକୁ ଖସିପଡ଼ିଥିଲା । ଦୁର୍ଘଟଣାରେ ବସ୍ ଡ୍ରାଇଭରଙ୍କର ମଧ୍ୟ ମୃତ୍ୟୁ ଘଟିଛି । ଖାତଟି ଦୁର୍ଗମ ଅଞ୍ଚଳରେ ହୋଇଥିବାରୁ ଉଦ୍ଧାରକାରୀ ଦଳ ରାତିସାରା ପରିଶ୍ରମ କରି ମୃତଦେହ ଓ ଆହତମାନଙ୍କୁ ବାହାର କରିଥିଲେ । ଗୁରୁତର ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସାଧାରଣତଃ ଭଲ ରାସ୍ତାଘାଟ ପାଇଁ ଜଣାଶୁଣା ଏହି ଦ୍ୱୀପରାଷ୍ଟ୍ରରେ ଏଭଳି ବଡ଼ ସଡ଼କ ଦୁର୍ଘଟଣା ବିରଳ ।

## ଖୁବଶୀଘ୍ର କ୍ୟାବିନେଟ୍ ଅଦଳ ବଦଳ !



**ନୂଆଦିଲ୍ଲୀ:** କେନ୍ଦ୍ର ସରକାରରେ ମନ୍ତ୍ରୀମାନଙ୍କ କାର୍ଯ୍ୟକୁ ନେଇ ସୋମବାର ସନ୍ଧ୍ୟାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବୈଠକର ଅଧ୍ୟକ୍ଷତା କରିବେ । ଏଥିରେ କିଛି ମନ୍ତ୍ରଣାଳୟର କାର୍ଯ୍ୟ, ମନ୍ତ୍ରୀମାନଙ୍କ ସହ ଜଡ଼ିତ ପ୍ରଦର୍ଶନ ଉପରେ ଆଲୋଚନା ହେବ । ଏହି ବୈଠକକୁ ଆଗାମୀ ସମୟରେ ହେବାକୁ ଥିବା କ୍ୟାବିନେଟ୍ ଅଦଳବଦଳ ସହ ଯୋଡ଼ି ମଧ୍ୟ ଦେଖାଯାଉଛି । ଏହି ବୈଠକରେ ସାମାଜିକ ନ୍ୟାୟ ଏବଂ ଜନକଲ୍ୟାଣ ସହ ଜଡ଼ିତ କାମ ଉପରେ ବିଶେଷ ଧ୍ୟାନ ଦିଆଯିବ । ଏହି କାରଣରୁ ସେହି ରାଷ୍ଟ୍ରମନ୍ତ୍ରୀ ଏବଂ ସ୍ୱାଧୀନ ଦାୟିତ୍ୱ ଥିବା ରାଷ୍ଟ୍ରମନ୍ତ୍ରୀଙ୍କୁ ବି ଡକା ଯାଇଛି, ଯେଉଁମାନଙ୍କ ବିଭାଗ ସିଧା ସମାଜ କଲ୍ୟାଣ ସହ ଜଡ଼ିତ ରହିଛି । ରିପୋର୍ଟ ଅନୁସାରେ, ଆଗାମୀ ଦିନରେ ଅନ୍ୟ ମନ୍ତ୍ରାଳୟ ଏବଂ ମନ୍ତ୍ରୀମାନଙ୍କ ସହ ଧାରାବାହିକ ଭାବେ ଏହିପରି ବୈଠକ ହେବ । ସୋମବାର ବୈଠକରେ ମୁଖ୍ୟତଃ ଶିକ୍ଷା ମନ୍ତ୍ରଣାଳୟ, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ କୃଷି ମନ୍ତ୍ରଣାଳୟ ସାମିଲ ରହିବେ । ଏଥିରେ ଯୋଜନାଗୁଡ଼ିକ ତୃଣମୂଳ ସ୍ତରରେ କେତେ କାର୍ଯ୍ୟକାରୀ ହୋଇଛି ଏବଂ ମନ୍ତ୍ରୀମାନେ ନିଜ ଦାୟିତ୍ୱ କିପରି ତୁଲାଉଛନ୍ତି ତାର ସମୀକ୍ଷା କରାଯିବ । ବୈଠକରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶ ରହିବ ଉତ୍ତରଦାୟିତ୍ୱ । ଅର୍ଥାତ୍ ଯେଉଁ ମନ୍ତ୍ରୀଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି, ସେମାନଙ୍କ କାମ କିପରି ରହିଛି, ଯାହା ଉପରେ ଚର୍ଚ୍ଚା କରାଯିବ । ବିଭିନ୍ନ ମନ୍ତ୍ରଣାଳୟର କାର୍ଯ୍ୟକାରିତା ବୁଝିବା ପାଇଁ ସରକାର ଆଗାମୀ ଦିନରେ ଅନ୍ୟ ଏକ ରାଷ୍ଟ୍ରମନ୍ତ୍ରୀମାନଙ୍କ ଗୋଷ୍ଠୀ ସହିତ ସମାନ ବୈଠକ କରିପାରନ୍ତି । ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା ହେଉଥିବା ଏହି ବୈଠକଗୁଡ଼ିକୁ ସମ୍ଭାବ୍ୟ କ୍ୟାବିନେଟ୍ ପୁନର୍ଗଠନ ସହିତ ଯୋଡାଯାଉଛି । ତଥାପି, ଏପର୍ଯ୍ୟନ୍ତ କୌଣସି ସରକାରୀ ଘୋଷଣା କରାଯାଇ ନାହିଁ ।

## ୨୦୨୯ ସୁଦ୍ଧା ଭାରତ ନିଶାମୁକ୍ତ ହେବ: ଅମିତ ଶାହ

**ନୂଆଦିଲ୍ଲୀ:** ୨୦୨୯ ସୁଦ୍ଧା ଭାରତ ହେବ ନିଶା ମୁକ୍ତ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର କହିଛନ୍ତି ଯେ, ନରେନ୍ଦ୍ର ମୋଦୀ ସରକାର ୨୦୨୯ ସୁଦ୍ଧା ଭାରତକୁ ନିଶାମୁକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ନିଶାଦ୍ରବ୍ୟ ବିରୋଧରେ ଲଢ଼େଇକୁ ଜାତୀୟ ସୁରକ୍ଷା ପ୍ରାଥମିକତା ବୋଲି କହିଛନ୍ତି । ଗଣମାଧ୍ୟମକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ନିଶା ନିବାରଣ ବିରୋଧରେ ଲଢ଼େଇ ଏବେ ସମନ୍ୱିତ ଜାତୀୟ ଅଭିଯାନରେ ପରିଣତ ହୋଇଛି । ଶାହ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦ୍ଦେଶ୍ୟ, ୨୦୪୭ ସୁଦ୍ଧା ‘ନିଶାମୁକ୍ତ ଯୁବ ଶକ୍ତି’ ଭାରତକୁ ‘ବିକଶିତ ଭାରତ’ ଆଡକୁ ନେଇଯିବ । ସେ କହିଥିଲେ ଯେ, ସରକାର ନକ୍ସଲବାଦ ଓ ଆତଙ୍କବାଦ ବିରୋଧରେ ବ୍ୟବହାର କରିଥିବା ସମାନ ପଦ୍ଧତିରେ ନିଶା ନିବାରଣ ପାଇଁ ପ୍ରତିବଦ୍ଧ । ୨୦୧୪ ପୂର୍ବରୁ ନିଶାଦ୍ରବ୍ୟ ବିରୋଧରେ ଲଢ଼େଇ ମୁଖ୍ୟତଃ ଛୋଟ ୟୁନିଟ୍ ଏବଂ ପୃଥକ୍ ଭାବେ ପରିଚାଳିତ ହେଉଥିଲା ବୋଲି ଶାହ କହିଛନ୍ତି, ଏଜେନ୍ସିଗୁଡ଼ିକ ପ୍ରାୟତଃ ଛୋଟ ଅଭିଯୁକ୍ତମାନଙ୍କୁ ଧରିବା ଉପରେ ଧ୍ୟାନ ଦେଉଥିଲେ । ସେ କହିଛନ୍ତି ଯେ, ସରକାର ଏବେ ନିଶାଦ୍ରବ୍ୟ ବିରୋଧୀ ଲଢ଼େଇକୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ପ୍ରାଥମିକତା ଦେଉଛନ୍ତି । ଶାହ କହିଛନ୍ତି, ସରକାର ଏନ୍ସିଓଆର୍ଡି, ରାଜ୍ୟ ନିଶା ନିବାରଣ ଟାସ୍କ ଫୋର୍ସ ଓ ଏଜେନ୍ସିଗୁଡ଼ିକ ମଧ୍ୟରେ ମିଳିତ ସମନ୍ୱୟ ସହିତ ‘ମାନସ୍’ ହେଲ୍ପଲାଇନ୍ ପୁନଃଗଠିତ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ମାଧ୍ୟମରେ ଏହାର ନିଶା ନିବାରଣ ଅଭିଯାନକୁ ସୁଦୃଢ଼ କରିଛନ୍ତି । ଶାହ କହିଛନ୍ତି, ୩୭୦ ଧାରା ହଟିବା ପରେ ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ହ୍ରାସ ପାଇଛି । ବିଚ୍ଛିନ୍ନତାବାଦୀ ଭାବନା ମଧ୍ୟ ହ୍ରାସ ପାଇଛି ।

## ୧୧ରେ ଦିଲ୍ଲୀର ସବୁ ସ୍କୁଲ୍ ବନ୍ଦ

**ନୂଆଦିଲ୍ଲୀ:** ଆଗାମୀ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ରାଜଧାନୀ ଦିଲ୍ଲୀରେ ବ୍ୟାପକ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସେପ୍ଟେମ୍ବର ୧୧ ତାରିଖରେ ସମସ୍ତ ସ୍କୁଲ୍ ବନ୍ଦ ରହିବ । ଦିଲ୍ଲୀ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ସରକାରୀ ନିର୍ଦ୍ଦେଶନାମାରେ ଶନିବାର ଏହି ଛୁଟି ଘୋଷଣା କରାଯାଇଛି । ସ୍କୁଲ୍ ସହ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ ମଧ୍ୟ ସେପ୍ଟେମ୍ବର ୧୧ରେ ବନ୍ଦ ରହିବ । ବ୍ରିକ୍ସ ଶିଖର ସମ୍ମିଳନୀର ଠିକ୍ ପୂର୍ବଦିନ ଏହି ଛୁଟି ଘୋଷଣା କରାଯାଇଛି । ନୂଆଦିଲ୍ଲୀରେ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀକୁ ଦୃଷ୍ଟିରେ ରଖି ରାଜଧାନୀରେ ସୁରକ୍ଷା ଓ ଯାତାୟାତ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ବିଦେଶୀ ପ୍ରତିନିଧି ଓ ଅତିଥିମାନଙ୍କ ଗାଡ଼ି ଚଳାଚଳ ଏବଂ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଯାତାୟାତ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି । ଏଭଳି ପରିସ୍ଥିତିରେ ସ୍କୁଲ୍ ଓ ଶିକ୍ଷା ନିର୍ଦ୍ଦେଶାଳୟର କାର୍ଯ୍ୟାଳୟଗୁଡ଼ିକୁ ଗୋଟିଏ ଦିନ ପାଇଁ ବନ୍ଦ ରଖିବା ନିଷ୍ପତ୍ତି ନିଆଯାଇଛି । ସେପ୍ଟେମ୍ବର ୧୧ ଶୁକ୍ରବାର ପଡୁଥିବାରୁ ଏହା ପରେ ଦୁଇଦିନ ସପ୍ତାହାନ୍ତ ଛୁଟି ମଧ୍ୟ ରହିବ ।

## ଏଥେନ୍ସ ଏୟାର ଶୋ’ରେ ଗ୍ରୀକ୍ ଯୁଦ୍ଧବିମାନ ଦୁର୍ଘଟଣା, ୨ ପାଇଲଟ୍ ମୃତ

**ଏଥେନ୍ସ:** ଗ୍ରୀସର ଏଥେନ୍ସ ଫ୍ଲାଇଂ ୱିକ୍ ଅନ୍ତର୍ଜାତୀୟ ଏୟାର ଶୋ’ ଚାଲିଥିବା ବେଳେ ଶନିବାର ଏକ ଯୁଦ୍ଧବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଗ୍ରୀକ୍ ବାୟୁସେନାର ଦୁଇଜଣ ପାଇଲଟ୍ଙ୍କ ମୃତ୍ୟୁ ଘଟିଛି । ଗ୍ରୀସର ଜାତୀୟ ପ୍ରସାରଣ ସଂସ୍ଥା ଇଆର୍ଟି ଅନୁଯାୟୀ, ତାନାଗ୍ରା ଏୟାର ବେସ୍‌ରେ ଏହି ଦୁର୍ଘଟଣା ଘଟିଥିଲା । ଏୟାର ଶୋ’ରେ ଗ୍ରୀକ୍ ବାୟୁସେନାର ଫ୍ଲାଇଟ୍ ଡେମୋନଷ୍ଟ୍ରେସନ୍ ଆରମ୍ଭ ହେବାର କିଛି ମିନିଟ୍ ପରେ ଏଫ-୪ଇ ଫାଣ୍ଟମ୍ ୨ ଯୁଦ୍ଧବିମାନଟି ହଠାତ୍ ଉଚ୍ଚତା ହରାଇ ଡାହାଣକୁ ମୋଡ଼ ନେବା ସମୟରେ ତଳକୁ ଖସିପଡ଼ିଥିଲା । ଦୁର୍ଘଟଣାରେ ବିମାନଟି ଦୁଇ ଖଣ୍ଡ ହୋଇଯିବା ସହ ଘଟଣାସ୍ଥଳର ଦୁଇଟି ସ୍ଥାନରେ ଭୟଙ୍କର ନିଆଁ ଲାଗିଥିଲା । ସାମରିକ ସୂତ୍ର ଅନୁଯାୟୀ, ଦୁଇ ପାଇଲଟ୍ଙ୍କୁ ଦୁର୍ଘଟଣାସ୍ଥଳଠାରୁ କିଛି ଦୂରରେ ଅଚେତନ ଅବସ୍ଥାରେ ଠାବ କରାଯାଇଥିଲା ।

## ଉଦ୍ଧାର, ରିଲିଫ୍ କାର୍ଯ୍ୟର ସମୀକ୍ଷା କଲେ ନେପାଳ-ଦକ୍ଷିଣ କୋରିଆ



**କାଠମାଣ୍ଡୁ:** ଭୟଙ୍କର ବନ୍ୟାରେ ନେପାଳରେ ୧୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏବଂ ପ୍ରାୟ ୫ ହଜାର ଲୋକ ନିଖୋଜ ହେବା ପରେ ରବିବାର ନେପାଳ ଓ ଦକ୍ଷିଣ କୋରିଆ ମଧ୍ୟରେ ଉଦ୍ଧାର, ରିଲିଫ୍ ଓ ପୁନର୍ନିର୍ମାଣ କାର୍ଯ୍ୟ ନେଇ ଆଲୋଚନା ହୋଇଛି । କାଠମାଣ୍ଡୁରେ ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖନାଲ ଓ ଦକ୍ଷିଣ କୋରିଆର ବୈଦେଶିକ ମନ୍ତ୍ରୀ ଚୋ ହ୍ୟୁନ୍‌ଙ୍କ ମଧ୍ୟରେ ଏହି ଆଲୋଚନା ହୋଇଥିଲା । ନେପାଳ ବୈଦେଶିକ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁସାରେ, ଉଭୟ ମନ୍ତ୍ରୀ ବନ୍ୟା ପରେ ଚାଲିଥିବା ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ବିଶେଷକରି ନିଖୋଜ ଦକ୍ଷିଣ କୋରିଆ ନାଗରିକଙ୍କ ସନ୍ଧାନ ଉପରେ ଆଲୋଚନା ହୋଇଥିଲା । ତୁରନ୍ତ ମାନବିକ ସହାୟତା ସହ ନେପାଳର ପୁନର୍ନିର୍ମାଣ ଆବଶ୍ୟକତା ମଧ୍ୟ ଆଲୋଚନାର ମୁଖ୍ୟ ବିଷୟ ଥିଲା । ବନ୍ୟା ପରେ ଦକ୍ଷିଣ କୋରିଆ ଏକ ସଂସ୍ଥା ତ୍ୱରିତ ପ୍ରତିକ୍ରିୟା ଦଳ ଓ କୋରିଆ ବିପର୍ଯ୍ୟୟ ରିଲିଫ୍ ଦଳକୁ ନେପାଳ ପଠାଇଥିଲା । ଏଥିସହ ରିଲିଫ୍ ସାମଗ୍ରୀ ଓ ମାନବିକ ସହାୟତା ମଧ୍ୟ ଯୋଗାଇଛି । ଏଥିପାଇଁ ଖନାଲ ଦକ୍ଷିଣ କୋରିଆକୁ ଧନ୍ୟବାଦ ଜଣାଇଥିଲେ । ଖନାଲ କହିଥିଲେ ଯେ, ନେପାଳର ପ୍ରାଥମିକତା ହେଉଛି ଦୃଢ଼ ଓ ଦୀର୍ଘସ୍ଥାୟୀ ଭିତ୍ତିଭୂମିର ପୁନର୍ନିର୍ମାଣ । ଏଥିପାଇଁ ଦକ୍ଷିଣ କୋରିଆର ଆଗାମୀ ସହଯୋଗ ଜାରି ରହିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଚୋ ହ୍ୟୁନ୍ ନେପାଳର ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ନିର୍ମାଣରେ କୋରିଆ ସରକାର ସହଯୋଗ କରିବାକୁ ଇଚ୍ଛୁକ ବୋଲି କହିଥିଲେ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ନେପାଳ ଭଳି ଦେଶଗୁଡ଼ିକ ଭୋଗୁଥିବା କ୍ଷତି ପାଇଁ ବିଶ୍ୱ ସମୁଦାୟର ଐତିହାସିକ ଦାୟିତ୍ୱ ରହିଛି ବୋଲି ଚୋ କହିଥିଲେ । ଏହି ପ୍ରସଙ୍ଗକୁ ବିଶ୍ୱସ୍ତରୀୟ ମଞ୍ଚ, ବିଶେଷକରି ‘କୋପ୍’ରେ ଉଠାଇବା ପାଇଁ ନେପାଳ ଓ ଦକ୍ଷିଣ କୋରିଆ ମିଳିତ ଭାବେ କାମ କରିବେ ବୋଲି ସେ କହିଥିଲେ । ଏଥିସହ ନେପାଳକୁ ଅନ୍ତର୍ଜାତୀୟ ସମୁଦାୟ ପକ୍ଷରୁ ମିଳିବାକୁ ଥିବା ଆର୍ଥିକ ସହାୟତା ପ୍ରସଙ୍ଗ ମଧ୍ୟ ଦକ୍ଷିଣ କୋରିଆ ଉଠାଇବ ବୋଲି ସେ କହିଥିଲେ ।

# ଧୀରାଜ, ଅନିଲଙ୍କୁ ସରୋଜ ମହାସୁଆର ସମ୍ମାନ

ଭୁବନେଶ୍ୱର,୬।୯(ସବ୍ୟୁ): କଠିନ ପରିଶ୍ରମର ବିକଳ୍ପ ନାହିଁ, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ କୌଣସି କାଣ୍ଟଛାଣ୍ଟ ବାଟ ବି ନାହିଁ। ଏଣୁ ନିଷ୍ଠା, ଶୃଙ୍ଖଳା ଓ ଧୈର୍ଯ୍ୟର ସହ ଖେଳିଲେ କ୍ରିକେଟର ଉଚ୍ଚ ସ୍ତରରେ ପହଞ୍ଚି ହେବ ବୋଲି ମତପ୍ରକାଶ କରିଛନ୍ତି କ୍ରିକେଟର୍, ପ୍ରଶିକ୍ଷକ ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ଦୀର୍ଘ ୫ ବର୍ଷ ପରେ ଫେରିଥିବା ସରୋଜ ମହାସୁଆର କ୍ରିକେଟ୍ ପୁରସ୍କାର ପ୍ରଦାନ ଉତ୍ସବରେ ଯୁବ ଖେଳାଳିମାନଙ୍କୁ ଏଭଳି ମନ୍ତ୍ର ଦେଇଛନ୍ତି ଶ୍ରୀ ମହାପାତ୍ର। ଏଥି ସହିତ ପ୍ରତିଭାସମ୍ପନ୍ନ ବ୍ୟାଟର୍ ଅନିଲ ପରିଡ଼ାଙ୍କୁ ଶ୍ରେଷ୍ଠ ଯୁବ କ୍ରିକେଟର୍ ଏବଂ ରଣଜୀ ଟ୍ରଫି ଖେଳାଳିରୁ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ହୋଇଥିବା ଧୀରାଜ ସିଂହଙ୍କୁ ଶ୍ରେଷ୍ଠ ଅମ୍ପାୟାର ସମ୍ମାନ ପ୍ରଦାନ କରାଯାଇଛି। ୨୧ ବର୍ଷ ଧରି ପ୍ରଦାନ କରାଯାଉଥିବା ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଟାଉନ୍ କ୍ଲବ୍ର ସଭାପତି ତଥା ପୂର୍ବତନ କ୍ରୀଡ଼ାମନ୍ତ୍ରୀ ସୁରେଶ କୁମାର ରାଉତରାୟ, କ୍ରିକେଟ୍ ଦ୍ରୋଣାଚାର୍ଯ୍ୟ କିଶୋର ମାଣିଆ, ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ପି ଜୟଚନ୍ଦ୍ର, ଟାଉନ୍ କ୍ଲବ୍ ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର, କର୍ପୋରେଟର୍ ଚନ୍ଦ୍ରଶେଖର ମଲିଆ ପ୍ରମୁଖ ଅତିଥି ଥିଲେ। ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବକୁ କ୍ରୀଡ଼ା ସାମ୍ବାଦିକ ବିମଳ ରାଉଳ ସଞ୍ଚାଳନ କରିଥିଲେ।

ସୂଚନାଯୋଗ୍ୟ, ୨୦୨୫ରେ ସର୍ଭିସେସ୍ ବିପକ୍ଷ ରଣଜୀ ଟ୍ରଫି ପଦାର୍ପଣ ମ୍ୟାଚରେ ୯୯* ରନ୍ ପାଳି ଖେଳି ଆଗମନ କରିଥିବା ଅନିଲ ୪ଟି ପ୍ରଥମ ଶ୍ରେଣୀ ମ୍ୟାଚର ପ୍ରଭାବୀ ଢ଼ଙ୍ଗରେ ୮୪.୪୦ ହାରରେ ୪୨୨ ରନ୍ ସଂଗ୍ରହ କରିଛନ୍ତି। ୩ଟି ଅର୍ଦ୍ଧଶତକ ଏବଂ ନାଗାଲାଣ୍ଡ ବିପକ୍ଷରେ ୧୧୮* ରନର ଶତକୀୟ ପାଳି ବି ଖେଳିଛନ୍ତି। ଜୁଭେନାଇଲ୍ କ୍ଲବରୁ କ୍ରିକେଟ୍ ଜୀବନ ଆରମ୍ଭ କରି ଏହି ଡାହାଣହାତୀ ମଧ୍ୟକ୍ରମ ବ୍ୟାଟର୍ ବିନୁ ମଙ୍କଡ଼ ଟ୍ରଫି, କୁଚ ବିହାର ଟ୍ରଫି, ସିକେ ନାୟୁଡୁ ଟ୍ରଫି, ଷ୍ଟେଟ୍-ଏ ଟ୍ରଫି ଆଦି ବିଭିନ୍ନ ବୟସ ବର୍ଗ ଦଳର ନେତୃତ୍ୱ ନେଇ ଆଗକୁ ବଢ଼ିଥିଲେ।

ସେହିଭଳି ଓଡ଼ିଶା ବରିଷ୍ଠ ଦଳ ପାଇଁ ଗୋଟିଏ ଦଶନ୍ଧି (୨୦୦୮-୨୦୧୮) ଖେଳିବା ସହ ୫୧ ପ୍ରଥମ ଶ୍ରେଣୀ ମ୍ୟାଚରୁ ୧୧୯ ୱିକେଟ୍ ନେଇଥିଲେ ବାମହାତୀ ସ୍ପିନର୍ ଧୀରାଜ ସିଂହ। ଖେଳାଳି ଜୀବନ ପରେ ଧୀରାଜ ୨୦୨୩-୨୪ରୁ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ଭାବେ କାର୍ଯ୍ୟ କରି ଆସୁଛନ୍ତି। ସୁବ୍ରତ ଦାସ, ଅରୁଣ ବସା, ଦୁର୍ଗାଦତ୍ତ ଦାସଙ୍କ ପରେ ଚତୁର୍ଥ ଓଡ଼ିଆ ଭାବେ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ହୋଇ ବିରଳ କ୍ଲବ୍ରେ ରହିଛନ୍ତି। ଖେଳ ଜୀବନରେ ମଧ୍ୟ ଧୀରାଜ ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲୀ ଟ୍ରଫି ସହିତ ପୂର୍ବାଞ୍ଚଳ ପାଇଁ ଦଲିପ ଟ୍ରଫି ଦଳରୁ ଖେଳିବାର ଗୌରବ ରଖିଛନ୍ତି।

ସୂଚନାଯୋଗ୍ୟ, ଅମ୍ପାୟାର ସରୋଜ ମହାସୁଆର ୨୦୦୨ ମସିହାରେ କଟକରେ ଅନ୍ତଃଜିଲା ପ୍ରତିଯୋଗିତାର ଏକ ମ୍ୟାଚ୍ ପରିଚାଳନା କରି ଭୁବନେଶ୍ୱର ଫେରୁଥିବାବେଳେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ସ୍ମୃତିରେ ୨୦୦୪ରୁ ଯୁବ କ୍ରିକେଟର୍ ଏବଂ ୨୦୦୯ରୁ ଶ୍ରେଷ୍ଠ ଅମ୍ପାୟାର ସମ୍ମାନ ପ୍ରଦାନ କରାଯାଇ ଆସୁଛି।



## ଦୁଲୀପ ଟ୍ରଫି ଫାଇନାଲ

# ଇଶାନଙ୍କ ଶତକ, ପୂର୍ବାଞ୍ଚଳ ୩୮୫/୪

ଚେନ୍ନାଇ,୬।୯(ଏଜେନ୍ସି): ଦୁଲୀପ ଟ୍ରଫି ଫାଇନାଲରେ ପୂର୍ବାଞ୍ଚଳ ବ୍ୟାଟରଙ୍କ ବ୍ୟାଟ ଗର୍ଜିଛି। ଦକ୍ଷିଣାଞ୍ଚଳ ବିପକ୍ଷ ଟାଇଟଲ ଲଢ଼େଇର ପ୍ରଥମ ଦିନ ପୂର୍ବାଞ୍ଚଳ ପକ୍ଷରୁ ଅଧିନାୟକ ଇଶାନ କିଷାନ ୧୧୧ ରନର ଶତକୀୟ ଇନିଂସ ଖେଳିଥିବା ଅଭିମନ୍ୟୁ ଇଶ୍ୱରନ ୭୨, ଶିଖର ମୋହନ ୮୫ ଓ କୁମାର କୁସଙ୍ଗ୍ର ଅପରାଜିତ ୬୩ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ୭୯ ଓଭରରେ ୪ୱିକେଟ୍ ହରାଇ ୩୮୫ ରନର ବିଶାଳ ସ୍କୋର କରିନେଇଛି। ଦକ୍ଷିଣାଞ୍ଚଳର ଚାମା ମିଳିନ୍ଦ ସର୍ବାଧିକ ୨ ୱିକେଟ୍ ସଫଳତା ପାଇଥିଲେ।



ଚେନ୍ନାଇର ଏମ ଏ ଚିଦାମ୍ବରମ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଫାଇନାଲ ମ୍ୟାଚରେ ପୂର୍ବାଞ୍ଚଳ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ବିହାରର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଅଭିମନ୍ୟୁ ଇଶ୍ୱରନ ପାଳି ଆରମ୍ଭ କରିଥିଲେ। ବୈଭବ ଓ ଇଶ୍ୱରନଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୧୪.୪ ଓଭରରେ ୧୦୦ ରନର ପାଟନରସିପ ହୋଇଥିଲା। ବୈଭବ ୩୭ ବଲରୁ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୪୪ ରନ୍ କରିଥିଲେ। ମାତ୍ର ୬ ରନ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। କିନ୍ତୁ ଅଭିମନ୍ୟୁ ଇଶ୍ୱରନ ୮୬ ବଲରୁ ୭୨ ରନର ଅର୍ଦ୍ଧଶତକ ଇନିଂସ ଖେଳିଥିଲେ। ଶିଖର ମୋହନ ୧୨୦ ବଲରୁ ୮୫ ରନ କରି ଦଳୀୟ ସ୍କୋରକୁ ୨୪୦ ରନରେ ପହଞ୍ଚାଇଥିଲେ। ଅଧିନାୟକ ଇଶାନ କିଷାନ ୧୪ଟି ଚୌକା ଓ ଗୋଟିଏ ଛକା ସହାୟତାରେ ଅପରାଜିତ ୧୧୧ ରନ କରିଥିବା ବେଳେ ସାଥୀ ଖେଳାଳି କୁମାର କୁସଙ୍ଗ୍ର ୭୫ ବଲରୁ ୬୩ ରନ କରି ଅପରାଜିତ ଅଛନ୍ତି। ଦକ୍ଷିଣାଞ୍ଚଳର ଚାମା ମିଳିନ୍ଦ ଦୁଇଟି ଏବଂ ତ୍ରିପୁରନ ବିଜୟଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା।

ମ୍ୟାଚ ସମୟରେ ବୈଭବ ସୂର୍ଯ୍ୟବଂଶୀ ଓ ତିଳକ ବର୍ମାଙ୍କ ମଧ୍ୟରେ କଥା କଟାକଟି ଭିଡିଓ ଭାଇରାଲ ହେବାରେ ମିଳିଛି। ଗ୍ରାଉଣ୍ଡରେ ଦୁଇ ଖେଳାଳି ମଧ୍ୟରେ ଯୁକ୍ତିତର୍କ ଏବଂ ହାତାହାତି ଭଳି ସ୍ଥିତି ଉପୁଜିବାରୁ ଅମ୍ପାୟାରଙ୍କୁ ହସ୍ତକ୍ଷେପ କରିବାକୁ ପଡିଥିଲା। ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବୈଭବ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ଦୁଇଟି ଚୌକା ଓ ଗୋଟିଏ ଛକା ମାରି ଦଳକୁ ଏକ ବିସ୍ଫୋରକ ଦେଇଥିଲେ। ତେବେ ୧୧ତମ ଓଭରରେ ଉତ୍ତେଜନା ବଢ଼ିଥିଲା। ଅଧିନାୟକ ତିଳକ ବର୍ମା କ୍ରମାଗତ ଭାବେ ସ୍ଲେଜିଂ କରିବା ଆରମ୍ଭ କରିଥିଲେ। ଏହାପରେ ହାତାହାତି ପରିସ୍ଥିତି ହେବାରୁ ଅମ୍ପାୟାର ତୁରନ୍ତ ଉଭୟଙ୍କ ମଝିକୁ ଆସି ପରିସ୍ଥିତି ଶାନ୍ତ କରିଥିଲେ।

# ଅନୁରାଧା ବିଶ୍ୱାଳଙ୍କୁ 'ଓଡ଼ିଶା ସୃଜନ ଉତ୍କର୍ଷ ସମ୍ମାନ



ଭୁବନେଶ୍ୱର,୬।୯(ସବ୍ୟୁ): କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ଓଡ଼ିଶାର ପୂର୍ବତନ ଆଥଲେଟ୍ ତଥା ଅଲିମ୍ପିଆନ୍ ଡ. ଅନୁରାଧା ବିଶ୍ୱାଳଙ୍କୁ 'ଓଡ଼ିଶା ସୃଜନ ଉତ୍କର୍ଷ ସମ୍ମାନ-୨୦୨୧' ପ୍ରଦାନ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଦୀର୍ଘବର୍ଷର ଅବଦାନ ଓ ଓଡ଼ିଶାର କ୍ରୀଡ଼ାକୁ ଜାତୀୟସ୍ତରରେ ପରିଚିତ କରାଇବାରେ ତାଙ୍କ ଭୂମିକାକୁ ସମ୍ମାନ ଜଣାଇ ଏହି ପୁରସ୍କାର ଦିଆଯାଇଛି।

ଅନୁରାଧା ବିଶ୍ୱାଳ ଓଡ଼ିଶାର ଅନ୍ୟତମ ସଫଳ ଆଥଲେଟ୍ ଭାବେ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର କ୍ରୀଡ଼ା ଜୀବନ ଓ ସଫଳତା ରାଜ୍ୟର ଯୁବ କ୍ରୀଡ଼ାବିମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି।

# ପାରା ଭଲିବଲ: ପୁରୀ ଦଳଗତ ଚାମ୍ପିଅନ, ଜଗତସିଂହପୁର ରନର୍ସଅପ୍

ଭୁବନେଶ୍ୱର,୬।୯(ସବ୍ୟୁ): ଓଡ଼ିଶା ରାଜ୍ୟ ପାରା ଭଲିବଲ୍ ପ୍ରତିଯୋଗିତା ୨୦୨୬-୨୭ରେ ପୁରୀ ଜିଲ୍ଲାର ଦମଦାର ପ୍ରଦର୍ଶନ। ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଇଣ୍ଡୋର୍ ଷ୍ଟାଡିୟମରେ ଆୟୋଜିତ ପ୍ରତିଯୋଗିତା ସଫଳତାର ସହ ଶେଷ ହୋଇଛି। ପ୍ରତିଯୋଗିତାରେ ପୁରୀ ଜିଲ୍ଲା ଚାମ୍ପିଅନ୍ ହୋଇଥିବା ବେଳେ ଜଗତସିଂହପୁର ରନର୍ସଅପ୍ ଏବଂ ଖୋର୍ଦ୍ଧା ତୃତୀୟ ସ୍ଥାନ ହାସଲ କରିଛି। ରୋମାଞ୍ଚକର ଫାଇନାଲ୍ରେ ପୁରୀ ୩-୦ ସେଟରେ ଜଗତସିଂହପୁରକୁ ପରାସ୍ତ କରି ଟାଇଟଲ୍ ହାତେଇଥିଲା। ତୃତୀୟ ସ୍ଥାନ ପାଇଁ ମ୍ୟାଚରେ ଖୋର୍ଦ୍ଧା ୨-୧ ସେଟରେ ସୁନ୍ଦରଗଡ଼କୁ ହରାଇଥିଲା। ପ୍ରତିଯୋଗିତାରେ ବ୍ୟକ୍ତିଗତ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ପୁରୀର ତପସ ବେହେରା ଶ୍ରେଷ୍ଠ ସେଟର୍ ଏବଂ ଫାଇନାଲରେ ପୁରୀର ଜୱାନ୍ ଭୋଇ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ହୋଇଥିଲେ। ଜଗତସିଂହପୁରର ଦିବ୍ୟ ରଞ୍ଜନ ସାହୁ ଶ୍ରେଷ୍ଠ ଆଟାକର୍ ଏବଂ ସୁନ୍ଦରଗଡ଼ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ପୁରସ୍କାର ପାଇଥିଲା।

ସମାପନୀ ସମାରୋହରେ ମୁଖ୍ୟ ଅତିଥି କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ପାରା ସିଟିଂ ଭଲିବଲ୍ ଖେଳାଳିମାନଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଶାରୀରିକ ପ୍ରତିବନ୍ଧକତାକୁ ପଛରେ ପକାଇ ଖେଳାଳିମାନେ ଯେପରି ଦୃଢ଼ ମନୋବଳ, ଶୃଙ୍ଖଳା ଓ ଅଦମ୍ୟ ଉତ୍ସାହର ସହ ଖେଳ ପ୍ରଦର୍ଶନ କରିଛନ୍ତି, ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ବୋଲି ସେ କହିଥିଲେ।

ପାରା କ୍ରୀଡ଼ା କେବଳ ପ୍ରତିଯୋଗିତା ନୁହେଁ, ଏହା ସାହସ, ସଂଘର୍ଷ, ଆତ୍ମବିଶ୍ୱାସ ଓ 'ମୁଁ ପାରିବି'ର ଜୀବନ୍ତ ଉଦାହରଣ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ପାରା କ୍ରୀଡ଼ାବିତମାନଙ୍କୁ ରାଜ୍ୟ ସରକାର ସବୁବେଳେ ସହଯୋଗ କରିଆସିଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ଏହି ସହଯୋଗ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ।

ପ୍ରତିଯୋଗିତାକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ଖେଳାଳି, ପ୍ରଶିକ୍ଷକ, ଜିଲ୍ଲା ସଂଗଠନ, ଅଧିକାରୀ ଓ ସ୍ୱେଚ୍ଛାସେବୀଙ୍କୁ ଆୟୋଜକଙ୍କ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ଜ୍ୟୋତ୍ସ୍ନାଭ ତାଲୁକଦାରଙ୍କ ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର ନର୍ମ



ଖୋର୍ଦ୍ଧା, ୬।୯ (ସବ୍ୟୁ): ୧୬ ବର୍ଷୀୟ କ୍ୟାଣ୍ଡିଡେଟ୍ ମାଷ୍ଟର ଜ୍ୟୋତ୍ସ୍ନାଭ ତାଲୁକଦାର ହଙ୍ଗେରୀରେ କାନିଜସା ଓପନ୍ ୨୦୨୬ରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ କରିବା ସହିତ ଓଡ଼ିଶା ଚେସ୍ ପାଇଁ ଗୌରବ ଆଣିଛନ୍ତି। ଜ୍ୟୋତ୍ସ୍ନାଭ ପ୍ରାୟ ୨୪୧୧ ହାରାହାରି ରେଟିଂ ସହିତ ନଅଟି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସାମ୍ନା କରିଥିଲେ ଏବଂ ୯ଟି ଖେଳରୁ ୫ ପଏଣ୍ଟ ସ୍କୋର କରିଥିଲେ। ସେ ଇଣ୍ଟରନ୍ୟାସନାଲ ମାଷ୍ଟର୍ସ ଗୁଲରୁଖବେଗିମ୍ ଟୋଖିରଜୋନୋଭା ଏବଂ କ୍ଲାଉଡିଆ କୁଲୋନଙ୍କୁ ପରାସ୍ତ କରିଥିଲେ, ଏବଂ ସର୍ବିଆନ୍ ଗ୍ରାଣ୍ଡମାଷ୍ଟର ମିସା ପାପଙ୍କୁ ପରାସ୍ତ କରିଥିଲେ। ସେ ଏଫଏମ୍ ଆରାସ ଭର୍ଦାନୟାନ ଏବଂ ଆଇଏମ୍ ଫ୍ଲୋରିଆନ୍ ହୁଜବର୍ଟଙ୍କ ସମେତ ଶକ୍ତିଶାଳୀ ଟାଇଟଲ ଖେଳାଳିଙ୍କ ବିପକ୍ଷରେ ମଧ୍ୟ ଡ୍ର କରିଥିଲେ। ତାଙ୍କର ସାମଗ୍ରିକ ପ୍ରଦର୍ଶନ ଆଇଏମ ନର୍ମ ପାଇଁ ଆବଶ୍ୟକ ୨୪୫୦ ରୁ ଅଧିକ ସ୍ତରର ଥିଲା, ଯାହା ତାଙ୍କୁ ତାଙ୍କ କ୍ୟାରିୟରର ପ୍ରଥମ ଆନ୍ତର୍ଜାତୀୟ ମାଷ୍ଟର ନର୍ମ ପ୍ରଦାନ କରିଥିଲା। ତାଲୁକ ଦାର ଏହି ସଫଳତା ପାଇଁ ରାଜ୍ୟ ଚେସ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ସହ ସଭାପତି ସତ୍ୟ ରଂଜନ ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।

# ଯୋନେକ୍ସ-ସନରାଇଜ୍ ଇଷ୍ଟ ଜୋନ୍ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍ ଉଦଯାପିତ

ଭୁବନେଶ୍ୱର,୬।୯(ସବ୍ୟୁ): ପୋଖରୀପୁଟ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଯୋନେକ୍ସ-ସନରାଇଜ୍ ଇଷ୍ଟ ଜୋନ୍ ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପର ଉଦଯାପନ ହୋଇଛି। ବିଭିନ୍ନ ବର୍ଗରେ ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଖେଳାଳିମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ।

ପୁରୁଷ ସିଙ୍ଗଲ୍ସ ଫାଇନାଲ୍ରେ ଉତ୍ତରାଖଣ୍ଡର ଅଂଶ ନେଗୀ ଓଡ଼ିଶାର ଦିବ୍ୟମ କେଜରିୱାଲଙ୍କୁ ୧୫-୧୧, ୧୫-୨ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଦିବ୍ୟମ ରନର୍ସଅପ୍ ହୋଇଛନ୍ତି।

ଜୁନିୟର ବାଳିକା ସିଙ୍ଗଲ୍ସରେ ଓଡ଼ିଶାର ସ୍ୱାତି ନାୟକ ନିଜ ରାଜ୍ୟର ନିମିଶା ଓଝାଙ୍କୁ ୧୫-୧୨, ୧୫-୮ ପଏଣ୍ଟରେ ହରାଇ ଟାଇଟଲ୍ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଝାଡ଼ଖଣ୍ଡର ମନୀଷା ତିର୍କୀ ପଶ୍ଚିମବଙ୍ଗର ଇସିତା ବିଶ୍ୱାସଙ୍କୁ ୧୫-୧୨, ୧୫-୩ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ପୁରୁଷ ଡବଲ୍ସ ଫାଇନାଲର ଓଡ଼ିଶାର ଅଭିଜିତ ମହାରଣା-ତନ୍ମୟ ସାହୁ ଯୋଡ଼ି ପଶ୍ଚିମବଙ୍ଗର ଅଙ୍କିତ ମଣ୍ଡଳ-ଅସ୍ମିତ ଅଗ୍ରୱାଲଙ୍କୁ ୧୫-୮, ୧୫-୧୨ରେ ହରାଇ ଚାମ୍ପିଅନ ହୋଇଛନ୍ତି। ବାଳକ ଡବଲ୍ସରେ ଓଡ଼ିଶାର ଦିବ୍ୟମ କେଜରିୱାଲ-ଶୁଭ୍ରକେତନ ମଲ୍ଲିକ ଯୋଡ଼ି ଉତ୍ତରପ୍ରଦେଶର ଅଭିଷେକ କୁଶ୍ୱାହା-ଶିବମ ଯାଦବଙ୍କୁ ୧୫-୯, ୧୫-୬ରେ ପରାସ୍ତ କରି ଟାଇଟଲ୍ ଜିତିଛନ୍ତି। ବାଳିକା ଡବଲ୍ସରେ



ଆକ୍ଷିତା ମନରଲ-ସମ୍ଭାବି ରାଉଥାନ ଯୋଡ଼ି ୧୫-୧୦, ୧୫-୯ରେ ଉତ୍ତରପ୍ରଦେଶର ଆଦିତ୍ୟ ଯାଦବ-ରିଧିମା ସିଂ ଯୋଡ଼ିକୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସିନିୟର ମିକ୍ସଡ୍ ଡବଲ୍ସରେ ଓଡ଼ିଶାର ଜଗଦୀଶ କଲଗା-ହର୍ଷିତା ରାଉତ ଯୋଡ଼ି ଝାଡ଼ଖଣ୍ଡର ପ୍ରିୟାଂଶୁ ତିର୍କୀ-ଅନନ୍ୟା ସିଂହଙ୍କୁ ୧୫-୧୩, ୧୫-୮ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଅନ୍ୟପକ୍ଷରେ ଜୁନିୟର ମିକ୍ସଡ୍ ଡବଲ୍ସରେ ଓଡ଼ିଶାର ସୌମ୍ୟଜିତ ସାହୁ-ଅସ୍ୱୀକା ମିଶ୍ର ଯୋଡ଼ି ଉତ୍ତରପ୍ରଦେଶର ଅଭିଷେକ କୁଶ୍ୱାହା-ରିଧିମା ସିଂ ଯୋଡ଼ିଠାରୁ ୧୧-୧୫, ୧୬-୧୪, ୧୩-୧୫ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ମହିଳା ଡବଲ୍ସରେ ଉତ୍ତରପ୍ରଦେଶର ଆଦିତ୍ୟ ଯାଦବ-ରିଧିମା ସିଂ ଯୋଡ଼ି ଉତ୍ତରାଖଣ୍ଡର ସ୍ନେହା ରାଜୱର-ଉନ୍ନତି ବିଷ୍ଟଙ୍କୁ ୧୦-୧୫, ୧୫-୭, ୧୫-୧୨ରେ ହରାଇ ଚାମ୍ପିଅନ ହୋଇଛନ୍ତି। ଉଦଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗର ଆୟୁକ୍ତ ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଯୁଗ୍ମ ସଚିବ ଅମିତ ନାୟକ, କ୍ରୀଡ଼ା ବିଭାଗର ଓଏସଡି ସୋନାଲି ଚାନ୍ଦ, ଓସ୍ୱା ସମ୍ପାଦକ ନିଳିନ କୁମାର, ଉପସଭାପତି କାର୍ତ୍ତିକ ଦାସ, ସୁରେଶ ଚନ୍ଦ୍ର ପଣ୍ଡା, ପ୍ରଦୀପ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ମନୋରଞ୍ଜନ ପଣ୍ଡା, କମଳ ଦାସ ଓ ସୁରୁଲାଲ ମାଟାରି ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବିଭିନ୍ନ ବର୍ଗର ଚାମ୍ପିୟନ, ରନର୍ସଅପ୍ ଓ ତୃତୀୟ ସ୍ଥାନ ଅଧିକାରୀ ଖେଳାଳିମାନଙ୍କୁ ଟ୍ରଫି, ପ୍ରମାଣପତ୍ର ସହ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ପ୍ରଦାନ କରି ସମ୍ମାନିତ କରିଥିଲେ।


ଦଶାହରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗୀୟା ସବିତା ମିଶ୍ର
ଭଗବାନପୁର ଶାସନ,
ହିନ୍ଦୋଳ, ଢେଙ୍କାନାଳ


# ପ୍ରଫେନାଲ ପ୍ରିମିଅର୍ ଲିଗର ଶୁଭାରମ୍ଭ


ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.


ଭୁବନେଶ୍ୱର,୬।୯(ସବ୍ୟୁ): ବିଗତ ତିନି ବର୍ଷ ଧରି ସଫଳତାର ସହିତ ଆୟୋଜିତ ହୋଇ ଆସୁଥିବା ଓଡିଶା ପ୍ରଫେସନାଲ ପ୍ରିମିୟର ଲିଗର ଚତୁର୍ଥ ସଂସ୍କରଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବର୍ଷ ଡ଼ିସେମ୍ବର ମାସରେ ଆୟୋଜିତ ହେବାକୁ ଯାଉଛି। ରାଜ୍ୟର ଆଗ ଧାଡ଼ିର ଅର୍ଥ ବିଶେଷଜ୍ଞ ମାନେ ଏବଂ ବଡ଼ ବଡ଼ କମ୍ପାନୀ କାର୍ଯ୍ୟରତ ଅର୍ଥବିତ୍ ବୁଦ୍ଧିଜୀବୀମାନେ ମିଳିତ ଭାବେ ଏକ ବିଶିଷ୍ଟ ଧରଣର କ୍ରିକେଟ ଲିଗ୍ ର ଆୟୋଜନ କରନ୍ତି। ଏହି ଆୟୋଜିତ ଲିଗ୍ ହେଉଛି ପ୍ରଫେସନାଲ୍ ପ୍ରିମିୟର ଲିଗ୍ (ପିପିଏଲ୍)। ଏହାର ଚତୁର୍ଥ ସଂସ୍କରଣର ହେବାର ସ୍ଥିର କରାଯାଇଛି। ଏହା ଏକ ଉତ୍ସାହଜନକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାହା କେବଳ ଅର୍ଥବିତ୍ ଆକାଉଣ୍ଟାଣ୍ଟସ୍ (ସିଏ), କମ୍ପାନୀ ସେକ୍ରେଟାରୀସ୍ (ସିଏ ଏସ୍), ଏବଂ କଷ୍ଟ ଆଣ୍ଡ ୱାର୍କସ୍ ଆକାଉଣ୍ଟାଣ୍ଟସ୍ (ସିଡବ୍ଲୁଏଏସ୍) ପାଇଁ ଡିଜାଇନ୍ କରାଯାଇଛି। ଏହି ବର୍ଷ ପ୍ରତିଯୋଗିତାରେ ପାଞ୍ଚଟି ଦଳ ଭାଗ ନେଇଛନ୍ତି: ମାର୍କେଟ୍ ମିଷ୍ଟର୍ସ, କ୍ୟାପିଟାଲ୍ ଚ୍ୟାଲେଞ୍ଜର୍ସ, ଆକାଉଣ୍ଟସ୍ ଆର୍ମି, ଟ୍ୟାକ୍ସ ଟାଇଟାନ୍ସ ଏବଂ ଫାଇନାନ୍ସ ଗ୍ଲାଡିଏଟର୍ସ ନାମରେ ଖେଳ ଆରମ୍ଭ ହେବ। ପ୍ରତ୍ୟେକ ଦଳ ନିଜ ନିଜ କ୍ଷେତ୍ରରେ ନିଜର ଅନନ୍ୟ ଦକ୍ଷ ଖେଳାଳି, ଯାହା ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଏବଂ ସୌହାର୍ଦ୍ଦ୍ୟରେ ପରିପୂର୍ଣ୍ଣ ଏକ ପରିବେଶ ସୃଷ୍ଟି କରିଥାଏ। ରନ ଏବଂ ୱିକେଟର ଉତ୍ସାହ ବ୍ୟତୀତ, ପିପିଏଲ୍ କ୍ରିକେଟର ମୂଳ ଲକ୍ଷ୍ୟକୁ ପୂରା କରିବାର ଆଶା ରଖିଛି। ବୃତ୍ତିଗତମାନଙ୍କ ମଧ୍ୟରେ କ୍ରୀଡାଭାବ, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ପାରସ୍ପରିକ ସମ୍ମାନକୁ ପୋଷଣ କରିବ। ପ୍ରଥମ ତିନୋଟି ସଂସ୍କରଣର ସଫଳତା ଉପରେ ଆଧାରିତ, ପ୍ରଫେସନାଲ୍ ପ୍ରିମିୟର ଲିଗ୍ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ଭାବରେ ବିକଶିତ ହେବାରେ ଲାଗିଛି ଯାହା ବୃତ୍ତିଗତ ସମ୍ପର୍କ, ଫିଟନେସ୍ ଏବଂ ନିରପେକ୍ଷ ଖେଳକୁ ସୁଗମ ଭାବରେ ଦର୍ଶାଏ। ଏହି ପ୍ରତିଯୋଗିତାରେ ଜିତିବା ଟିମକୁ ୫୦,୦୦୦ଟଙ୍କାର ପୁରସ୍କାର ରାଶି ପ୍ରଦାନ ସହ ଦ୍ୱିତୀୟ ସ୍ଥାନରେ ଥିବା ଟିମକୁ ୨୫,୦୦୦ର ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରତି ବର୍ଷ ପରି ଏଥର ମଧ୍ୟ ପ୍ଲେୟାରମାନଙ୍କର ଅକ୍ସନ ଆଜି ତଥା ୬ ସେପ୍ଟେମ୍ବର ୨୦୨୬ରେ କଟକଠାରେ ଆୟୋଜିତ କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟର ଓଡ଼ିଶାର ସମସ୍ତ ଚାଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟସ୍ ଏବଂ କମ୍ପାନୀ ସେକ୍ରେଟାରୀର ଖେଳାଳି ମାନେ ଅଂଶ ଗ୍ରହଣ କରିବେ। ଏଥିରେ ପ୍ରାୟତଃ ୮୦ଜଣ ଖେଳାଳି ପାଞ୍ଚଟି ଟିମରେ ଭାଗ ନେବେ। ଏହା ସମ୍ପୂର୍ଣ୍ଣ ରୂପେ ଆଇପିଏଲ ଢାଞ୍ଚାରେ ଆଇସିସି ର ସମସ୍ତ ନିୟମାବଳୀ ଅନୁଯାୟୀ ଆୟୋଜନ କରାଯାଉଛି। ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ ଓସିଏ ସ୍ୱୀକୃତି ପ୍ରାପ୍ତ ଖେଳ ପଡିଆ ଓ ଓସିଏ ସ୍ୱୀକୃତି ପ୍ରାପ୍ତ ଅମ୍ପେୟାରଙ୍କ ଦ୍ୱାରା ପରିଚାଳିତ ହେବ




ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି